ବର୍ଷ-୫୩ : ସଂଖ୍ୟା-୫ ମେ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୪ ଏପ୍ରିଲ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଏକାଗ୍ରତା | ··· | ଶ୍ରୀମା | ··· | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ସପ୍ତଦଶ ଅଧ୍ୟାୟ) | | | | |
| ଦେବ ଓ ଅସୁର | ··· | ଶେଖ ଅବଦୁଲ କାଶମ | ··· | ୭ |
| କୃପାର ମହକ (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୬) | ··· | ··· | ··· | ୧୧ |
| ଶ୍ରୀମାଙ୍କ ସହ କଥୋପକଥନ | ··· | ··· | ··· | ୧୪ |
| ଜିଜ୍ଞାସା ଓ ଆଲୋକପାତ | ··· | ରାମକୃଷ୍ଣ ଦାସ | ··· | ୧୫ |
| ବିମର୍ଷ ବିଜୟ (କବିତା) | ··· | ସନ୍ତୋଷ ରଥ | ··· | ୧୯ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ | ... | ପ୍ରପତ୍ତି | ... | ୨୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୧) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୩ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୮) | ··· | ସାହାନା ଦେବୀ | ··· | ୨୬ |
| ସମତା ସମ୍ପର୍କରେ (୨) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୨୮ |
| ଅନନ୍ତ ଯାତ୍ରା ପଥେ (କବିତା) | ··· | ଦୀପ୍ତି ମିଶ୍ର | ··· | ୩୪ |
| କବି ନିଶିକାନ୍ତ (୨୦) | ··· | ··· | ··· | ୩୫ |
| ସ୍ମୃତି ଆଲେଖ୍ୟ | ··· | ··· | ··· | ୩୯ |
| ଛତ୍ରପତି ଶିବାଜିଙ୍କୁ ଗୁରୁଦତ୍ତ ପ୍ରସାଦ | ··· | ··· | ··· | ୪୧ |
| ମାଆ, ମାଟି, ମଣିଷ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୪୨ |
| ଏକଦମ୍ ମୂଳକଥା | ··· | ପ୍ରସାଦ ତ୍ରିପାଠୀ | ··· | ୪୩ |
| ମୁକ୍ତିଦାତା ପର୍ସିୟସ୍ | ··· | ପ୍ରତିଭା ଦାସ | ··· | ୪୬ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ସାଧ୍ୟ ଅସାଧ୍ୟ | ··· | ମନୋଜ ଦାସ | ··· | ୫୧ |
| ତୁଷାର କଣା ଓ ଲାଲ ଗୋଲାପ | ··· | ··· | ··· | ୫୩ |
| ଦିବ୍ୟ ଶକ୍ତିକୁ ସ୍ୱୀକାର ଅସ୍ୱୀକାର | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ଏ ପୃଥିବୀର ଅଗଣନ ଉପାଦାନକୁ ତୁମେହିଁ କରୁଛ ସଚଳ, ତୁମେହିଁ କରୁଛ ଆଲୋଡ଼ିତ ଏବଂ ମନ୍ଥନ, ଯଦ୍ୱାରା ସେମାନେ ସେମାନଙ୍କ ଆଦିମ ଅନ୍ଧକାର, ପ୍ରାଗୈତିହାସିକ ମହାବିଶୃଙ୍ଖଳା ଭିତରୁ ଚେତନା ଏବଂ ଜ୍ଞାନର ପୂର୍ଣ୍ଣାଲୋକକୁ ହେବେ ଜାଗରିତ । ଏବଂ ତୁମେ ଏସବୁ ଉପାଦାନକୁ ମନ୍ଥନ କରିବା ନିମନ୍ତେ ବ୍ୟବହାର କର ତୁମର ପରମ ପ୍ରେମ । ଏବଂ ତୁମର ଅନନ୍ତ, ଅମାପ ହୃଦୟରୁହିଁ ଏହି ଅକ୍ଷୟ ପ୍ରେମର ଖରସ୍ରୋତ ହୁଏ ଉତ୍ସାରିତ । ତୁମ ହୃଦୟହିଁ ମୋର ନିବାସ, ତୁମ ହୃଦୟହିଁ ମୋ ସତ୍ତାର ବାସ୍ତବତା । ତୁମରି ହୃଦୟରେ ମୁଁ ସୁଖାଶ୍ରିତ ଏବଂ ମୁଁ ହୋଇଯାଇଛି ତୁମରି ହୃଦୟ ।

ଶାନ୍ତି, ସବୁରି ଉପରେ ଶାନ୍ତି ।

ମେ ୨୮, ୧୯୧୪ — ଶ୍ରୀମା



# ୨୪ ଏପ୍ରିଲ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ

Harmony and beauty of the mind and soul,
harmony and beauty of the thoughts and feelings,
harmony and beauty in every outward act and movement,
harmony and beauty of the life and surroundings,
this is the demand of Mahalakshmi.

– Sri Aurobindo

ମନ ଓ ଅନ୍ତରାତ୍ମାର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ,
ଚିନ୍ତା ଓ ଅନୁଭବର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ,
ପ୍ରତ୍ୟେକ ବାହ୍ୟ କର୍ମ ଓ ଗତିର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ,
ଜୀବନ ଓ ପରିବେଶର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ,
ଏହିସବୁ ହେଲା ମହାଲକ୍ଷ୍ମୀଙ୍କର ଦାବି ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୬)

## ଶ୍ରୀଅରବିନ୍ଦ

One sees it circling faithful to its task,
Tireless in an assigned tradition's round;
In decayed and crumbling offices of Time
It keeps close guard in front of custom's wall,
Or in an ancient Night's dim environs
It dozes on a little courtyard's stones
And barks at every unfamiliar light
As at a foe who would break up its home,
A watch-dog of the spirit's sense-railed house
Against intruders from the Invisible,
Nourished on scraps of life and Matter's bones
In its kennel of objective certitude.

ଜଣେ ତା'କୁ ଆପଣାର କର୍ମଭାର ପ୍ରତି ବିଶ୍ୱସ୍ତ ରହି ବୃତ୍ତାକାରରେ ଘୂରି ବୁଲୁଥିବାର ଦେଖିପାରିବ, ଏକ ନ୍ୟସ୍ତ ପରମ୍ପରାର ଆବର୍ତ୍ତନରେ ସେ କ୍ଳାନ୍ତିହୀନ; କାଳର ଅବକ୍ଷୟପ୍ରାପ୍ତ ଓ ଭୁଶୁଡ଼ି ପଡ଼ୁଥିବା କାର୍ଯ୍ୟାଳୟଗୁଡ଼ିକରେ ତାହା ସତର୍କ ପ୍ରହରା ଦେଉଥାଏ ଲୋକାଚାରର ପ୍ରାଚୀର ସମ୍ମୁଖରେ, ଅଥବା ଏକ ସୁପ୍ରାଚୀନ ନିଶିର ନିଷ୍ପ୍ରଭ ପରିବେଷ୍ଟନୀରେ ସେ ଘୁମାଉ ଥାଏ କ୍ଷୁଦ୍ର ଏକ ଅଙ୍ଗନର ଶିଳାରାଶି ଉପରେ ଏବଂ ଭୁକି ଉଠୁଥାଏ ପ୍ରତିଟି ଅପରିଚିତ ଆଲୋକ ଉଦ୍ଦେଶ୍ୟରେ । ସେଇ ଆଲୋକ ଯେମିତି ତା'ର ଶତ୍ରୁ ଯିଏ ତା'ର ଘରଟିକୁ ଭାଙ୍ଗି ପକାଇବ, ଆତ୍ମାର ଇନ୍ଦ୍ରିୟ-ବାଡ଼ାଘେରା ନିବାସର ସେ ଏକ ପ୍ରହରୀ-ସାରମେୟ, ଅଦୃଶ୍ୟଲୋକାଗତ ଅନଧିକାରୀ ଆଗନ୍ତୁକମାନଙ୍କ ବିରୋଧରେ ସେ ରଖିଥାଏ ସତର୍କ ନଜର, ସ୍ଥୂଳବସ୍ତୁନିଷ୍ଠ ନିଶ୍ଚୟତାର ଗୃହ-କୋଟରରେ ଜୀବନର ଉଚ୍ଛିଷ୍ଟ କଣିକାରାଜି ଓ ଜଡ଼ସତ୍ତାର ଅସ୍ଥିଚୟକୁ ଆହାର କରି ପରିପୁଷ୍ଟ ସେ ।

And yet behind it stands a cosmic might:
A measured Greatness keeps its vaster plan,
A fathomless sameness rhythms the tread of life;
The stars' changeless orbits furrow inert Space,
A million species follow one mute Law.

ଏବଂ ତଥାପି ତା' ପଶ୍ଚାତରେ ଦଣ୍ଡାୟମାନ ଥାଏ ଏକ ମହାଜାଗତିକ ପରାକ୍ରମ : ଏକ ସୁପରିମିତ ମହାନତା ରଖିଥାଏ ତା'ର ବୃହତ୍ତର ପରିକଳ୍ପନା, ଏକ ଅତଳ ସମତ୍ୱ ପ୍ରାଣର ପଦକ୍ଷେପକୁ ଛନ୍ଦାୟିତ କରେ; ନକ୍ଷତ୍ରମାଳାର ଅପରିବର୍ତ୍ତନୀୟ ପରିକ୍ରମଣ-ପଥଚୟ କର୍ଷଣ କରେ ନିଷ୍ପ୍ରାଣ ମହାକାଶକୁ, ଏକହିଁ ମୂକ ବିଧାନକୁ ଅନୁସରଣ କରନ୍ତି ଲକ୍ଷ ଲକ୍ଷ ପ୍ରଜାତି ।

A huge inertness is the world's defence,
Even in change is treasured changelessness;
Into inertia revolution sinks,
In a new dress the old resumes its role;
The Energy acts, the stable is its seal:
On Shiva's breast is stayed the enormous dance.

ବିଶାଳ ଏକ ଜଡ଼ତ୍ୱହିଁ ଜଗତର ରକ୍ଷାବର୍ମ, ଏପରିକି ପରିବର୍ତ୍ତନ ଭିତରେ ବି ସାଇତା ହୋଇ ରହିଥାଏ ପରିବର୍ତ୍ତନହୀନତା; ବିପ୍ଳବ ବୁଡିଯାଏ ଜଡ଼ତାର ଗର୍ଭକୁ, ନୂତନ ବେଶପୋଷାକରେ ପୁରାତନ ତାହାର ଭୂମିକାର ପୁନରାରମ୍ଭ କରେ; ମହାଶକ୍ତି କ୍ରିୟା କରୁଥାଏ, ସୁସ୍ଥିର ସତ୍ତା ତାହାର ସ୍ୱୀକୃତି-ମୋହର : ଶିବଙ୍କ ବକ୍ଷଦେଶରେ ଅବସ୍ଥିତ ଥାଏ ସୁବିପୁଳ ନୃତ୍ୟ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଏକାଗ୍ରତା

## ଶ୍ରୀମା

### ମନୋଯୋଗର ଏକାଗ୍ରତା

ଜୀବନରେ ତୁମେ ଯାହା କରିବାକୁ ଇଚ୍ଛା କର ନା କାହିଁକି, ଗୋଟିଏ କଥା ଅନିବାର୍ଯ୍ୟ ବୋଲି ଜାଣିବ ଏବଂ ତାହା ହେଉଛି **ସବୁକଥା**ର ଭିତ୍ତିଭୂମି, ସେଇଟି ହେଉଛି ତୁମ ମନୋଯୋଗକୁ ଏକାଗ୍ର କରିବାର ସାମର୍ଥ୍ୟ । ଯଦି ତୁମେ ତୁମ ଏକାଗ୍ରତାର ଓ ଚେତନାର ସମସ୍ତ ସୂତ୍ରକୁ ଗୋଟିଏ ବିନ୍ଦୁରେ ଏକତ୍ର କରିପାରିବ ଏବଂ ଏକ ନିରବଚ୍ଛିନ୍ନ ସଂକଳ୍ପ ଦ୍ୱାରା ସେଇ ଏକାଗ୍ରତାକୁ ଧାରଣ କରି ପାରିବ, ତା'ହେଲେ **କୌଣସି ବିଷୟ** ତାକୁ ପ୍ରତିରୋଧ କରିପାରିବ ନାହିଁ – ପାର୍ଥିବ ବା ଜଡ଼ ଜଗତର ବିକାଶଠାରୁ ଆରମ୍ଭ କରି ଉଚ୍ଚତମ ଆଧ୍ୟାତ୍ମିକ ବିକାଶ ପର୍ଯ୍ୟନ୍ତ ଏହା ସବୁ କ୍ଷେତ୍ରରେ ସତ୍ୟ । ସବୁ କ୍ଷେତ୍ରରେ ଏକାଗ୍ରତାହିଁ ମୂଳ, କିନ୍ତୁ ଏହି ଶୃଙ୍ଖଳାକୁ ଅବିଶ୍ରାନ୍ତ ଭାବେ ରକ୍ଷା କରିବାକୁ ପଡ଼ିବ, ଏବଂ ଅଖଣ୍ଡ ଭାବରେ ରକ୍ଷା କରିବାକୁ ପଡ଼ିବ ।

ଏକାଗ୍ରତାର ଭେଦନକ୍ଷମ ଶକ୍ତି ପାଇଁ କୌଣସି ଆଧ୍ୟାତ୍ମିକ ପ୍ରତିବନ୍ଧକ ନାହିଁ । ଉଦାହରଣ ସ୍ୱରୂପ, ଚୈତ୍ୟସତ୍ତାର ଆବିଷ୍କାର, ଅନ୍ତର୍ନିହିତ ଦିବ୍ୟ ଚେତନା ସହିତ ମିଳନ, ଊର୍ଦ୍ଧ୍ୱସ୍ଥ ବଳୟଗୁଡ଼ିକ ପ୍ରତି ଉନ୍ମୀଳନ – **ସବୁକିଛି** ଅର୍ଜନ କରାଯାଇପାରେ ଏକ ଗଭୀର ଏବଂ ଦୁର୍ବାର ଏକାଗ୍ରତାର ଶକ୍ତି ଦ୍ୱାରା – କିନ୍ତୁ ଏହା କିପରି କରିବାକୁ ହେବ ତାହା ଜଣେ ଜାଣିବା ଉଚିତ ।...

ସେହି ଗୁଣ ଦ୍ୱାରା ତୁମେ ଜଣେ ସର୍ବୋତ୍ତମ ଖେଳାଳି ହୋଇପାରିବ, ତୁମେ ଜଣେ ସର୍ବୋତ୍ତମ ଛାତ୍ର ହୋଇପାରିବ, ତୁମେ ଜଣେ ବଡ଼ କଳାବିତ୍ ହୋଇ ପାରିବ, ତୁମେ ଜଣେ ପ୍ରତିଭା ସମ୍ପନ୍ନ ସାହିତ୍ୟିକ ବା ବୈଜ୍ଞାନିକ ହୋଇ ପାରିବ, ଏବଂ ଜଣେ ମହାନ୍ ସନ୍ଥ ବି ହୋଇ ପାରିବ । ଏବଂ ସମସ୍ତଙ୍କ ଭିତରେ ବି ସବୁକିଛି ହେବା ଲାଗି ଏକ କ୍ଷୁଦ୍ରତମ ଆରମ୍ଭ-ସୂତ୍ର ରହିଛି – ସମସ୍ତଙ୍କୁ ଏହା ଦିଆଯାଇଛି, କିନ୍ତୁ ଲୋକେ ଏହାକୁ କର୍ଷଣ କରନ୍ତି ନାହିଁ ।

### ଏକାଗ୍ରତା

*ପ୍ରଶ୍ନ : ଏକାଗ୍ରତା କହିଲେ କ'ଣ ବୁଝାଏ ?*

ଶ୍ରୀମା : ଚାରିଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଥିବା ଚେତନାର ସୂତ୍ରଗୁଡ଼ିକୁ ଗୋଟିଏ କେନ୍ଦ୍ରକୁ ବା ଗୋଟିଏ ଧାରଣାକୁ ଫେରାଇ ଆଣିବାହିଁ ଏକାଗ୍ରତା । ଯେଉଁମାନେ ପରିପୂର୍ଣ୍ଣ ଏକାଗ୍ରତା ଅର୍ଜନ କରି ପାରିଛନ୍ତି, ସେମାନେ ଯେଉଁ କାମ ହାତକୁ ନିଅନ୍ତି, ସେଥିରେ ସଫଳତା ଅର୍ଜନ କରନ୍ତି । ସେମାନେ ସର୍ବଦା ଦ୍ରୁତ ଅଗ୍ରଗତି କରିଥା'ନ୍ତି । ଠିକ୍ ମାଂସପେଶୀର ବିକାଶ ଭଳି ତୁମେ ଏହି ପ୍ରକାର ଏକାଗ୍ରତାର ବିକାଶ ମଧ୍ୟ କରିପାରିବ; ଏହାକୁ ଶିକ୍ଷା କରିବାକୁ ହେଲେ ଜଣେ ବିଭିନ୍ନ ପ୍ରକାରର ପଦ୍ଧତି ବା ପ୍ରଣାଳୀ ଗ୍ରହଣ କରିପାରେ । ଆଜି ଆମେ ଜାଣୁ, ଉଦାହରଣସ୍ୱରୂପ ସବୁଠାରୁ ଦୟନୀୟ ଦୁର୍ବଳ ଲୋକଟିଏ ମଧ୍ୟ ଶୃଙ୍ଖଳା ଓ ସାଧନା ଦ୍ୱାରା ଅନ୍ୟ ଯେକୌଣସି ଲୋକ ପରି ସବଳ ଓ ଦୃଢ଼ ହୋଇପାରେ । ଅସ୍ଥିର, ଦୋଦୁଲ୍ୟମାନ ଅବସ୍ଥାରେ ଧପ୍‌ଧପ୍ ହୋଇ ଜଳୁଥିବା ମହମବତୀ ପରି ତୁମର ଚିତ୍ତ ଚଞ୍ଚଳ ଓ ଆନ୍ଦୋଳିତ ହେବା ଉଚିତ ନୁହେଁ ।

ସଂକଳ୍ପ ଓ ଏକାଗ୍ରତାର କ୍ଷମତାକୁ ସାଧନ କରିବା ଉଚିତ; ଏହା କେବଳ ଏକ ନିୟମିତ ପ୍ରଣାଳୀର ପ୍ରଶ୍ନ, ନିୟମିତ ଅଧ୍ୟବସାୟର ପ୍ରଶ୍ନ । ତୁମେ ଯଦି ଇଚ୍ଛା କରିବ, ନିଶ୍ଚୟ ପାରିବ ।

କିନ୍ତୁ ତୁମ ଚିନ୍ତାରେ ଏଭଳି ଏକ ଭାବ – 'ଏସବୁର କ'ଣ ଦରକାର ?' ଆସି ତୁମର ସଙ୍କଳ୍ପ ଶକ୍ତିକୁ ଦୁର୍ବଳ କରି ନଦେଉ । ଜଣେ ଗୋଟିଏ ପ୍ରକାର ଚରିତ୍ର ବା ପ୍ରକୃତି ନେଇ ଜନ୍ମ ହୋଇଛି – ଏବଂ ସେ ତା' ପ୍ରକୃତିକୁ ପରିବର୍ତ୍ତନ କରିପାରିବ ନାହିଁ – ଏପରି ଏକ ଧାରଣା ନିଶ୍ଚୟ ନିର୍ବୋଧତା ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ସପ୍ତଦଶ ଅଧ୍ୟାୟ)

## ଦେବ ଓ ଅସୁର

**ଶେଖ ଅବଦୁଲ କାଶମ**

ପରମ ପୁରୁଷ ହେଉଛନ୍ତି ସକଳ କର୍ମ ଓ ପ୍ରକ୍ରିୟାର ଅଧୀଶ୍ୱର । ତାଙ୍କର ଭାଗବତ ସଙ୍କଳ୍ପ ଦ୍ୱାରା ସକଳ କର୍ମ ପରିଚାଳିତ ଓ ନିୟନ୍ତ୍ରିତ ହୁଏ । ପ୍ରକୃତିର ଗୁଣସମୂହ ଏହି ଜଗତକୁ ଚାଳିତ କରୁ ନାହିଁ, ଏଗୁଡ଼ିକ କେବଳ ନିମ୍ନସ୍ତରୀୟ ପ୍ରକାଶ । ଆମର ସାଧାରଣ ପ୍ରକୃତି ଏହି ଗୁଣଗୁଡ଼ିକୁ ଯନ୍ତ୍ର ରୂପେ ବ୍ୟବହାର କରୁଛି । ମାତ୍ର ଏସବୁର ପ୍ରକୃତ ପରିଚାଳକ ହେଉଛି ଭାଗବତ ଅଧ୍ୟାତ୍ମ ସଂକଳ୍ପ ଯାହା ନିମ୍ନସ୍ତରୀୟ ବିଧାନଗୁଡ଼ିକୁ ବ୍ୟବହାର କରୁଛି, କିନ୍ତୁ ନିଜେ ଗୁଣଗୁଡ଼ିକ ଦ୍ୱାରା ସୀମାବଦ୍ଧ ନୁହେଁ । ନିମ୍ନସ୍ତରୀୟ ସାଧାରଣ ପ୍ରକୃତିର ପ୍ରତ୍ୟେକ ବିଷୟ ପୁରୁଷୋତ୍ତମଙ୍କ ଅଧ୍ୟାତ୍ମ ଶକ୍ତିରୁ ଉଦ୍ଭୂତ (ମତ୍ତଃ ପ୍ରବର୍ତ୍ତତେ) । ସାତ୍ତ୍ୱିକ ଜ୍ୟୋତିଃ ଓ ପ୍ରସନ୍ନତା, ରାଜସିକ ପ୍ରବୃତ୍ତି ଓ ତାମସିକ ଜଡ଼ତା ଆତ୍ମାର ମୂଳଶକ୍ତି ମଧ୍ୟରୁ ନିଃସୃତ ହୋଇଛି । ମାତ୍ର ତାହା ଅପୂର୍ଣ୍ଣ ଓ ବିକୃତ ରୂପ ଧାରଣ କରିଛି ଏବଂ ଆମ୍ଭେମାନେ ସେହି ଅପୂର୍ଣ୍ଣତା ଓ ବିକୃତି ମଧ୍ୟରେ ବାସ କରୁଛୁ । କିନ୍ତୁ ଯେତେବେଳେ ଆମ୍ଭେମାନେ ଆତ୍ମାରେ ବାସ କରିବାକୁ ଆରମ୍ଭ କରୁ, ଏହି ସକଳ କ୍ରିୟା ସଂପୂର୍ଣ୍ଣ ଭିନ୍ନ ରୂପ ଧାରଣ କରନ୍ତି ଏବଂ କ୍ରମଶଃ ଆମର ଚେତନା ଉତ୍ତରିତ ହେବା ଫଳରେ ଆମେ ଦିବ୍ୟ ପ୍ରକୃତି ମଧ୍ୟରେ ପ୍ରବେଶ ଲାଭ କରୁ ।

ପ୍ରକୃତିର ନିମ୍ନସ୍ତରୀୟ ଧାରାରୁ ଅଧ୍ୟାତ୍ମ ସତ୍ତା ବା ଆତ୍ମାର ଅମୃତ ଧର୍ମ ଭିତରକୁ ବିକଶିତ ହୋଇ ଯିବାକୁ ହେଲେ ଏକ କ୍ରମ ପରିବର୍ତ୍ତନ ମଧ୍ୟଦେଇ ଅଗ୍ରସର ହେବାକୁ ପଡ଼ିବ । ଏଥିରେ ସତ୍ତ୍ୱଗୁଣର ପ୍ରାଥମିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସତ୍ତ୍ୱଗୁଣ ହେଉଛି ଜ୍ୟୋତିଃ ଓ ତୃପ୍ତିର ଶକ୍ତି । ଏହା ନିଜର ଶକ୍ତିମୟ ଆତ୍ମବିସ୍ତାର ଦ୍ୱାରା ଅନ୍ୟ ଦୁଇ ଗୁଣକୁ ପରିବର୍ତ୍ତନ କରିପାରେ ତଥା ନିଜକୁ ଅତିକ୍ରମ କରି ଆପଣାର ମୂଳ ଉତ୍ସରେ ବିଲୀନ ହୋଇପାରେ । ସତ୍ତ୍ୱଗୁଣର ବିଶେଷତ୍ୱ ହେଲା ଏହା ସ୍ଥିରତା ଓ ଜ୍ଞାନ ଦିଗରେ ଅଗ୍ରସର ହୁଏ ଏବଂ ତାହାର ଉଚ୍ଚତମ ସୋପାନରେ ଏହା ଅଧ୍ୟାତ୍ମ ଜ୍ୟୋତିଃ ଓ ଆନନ୍ଦକୁ କେତେକ ପରିମାଣରେ ପ୍ରତିଫଳିତ କରିପାରେ । ଅନ୍ୟ ପକ୍ଷରେ ରଜଃ ଓ ତମଃ ଗୁଣ ସତ୍ତ୍ୱଗୁଣର ବିନା ସହାୟତାରେ ଉଚ୍ଚତର ସ୍ଥିତିକୁ ପରିବର୍ତ୍ତିତ ହୋଇପାରେ ନାହିଁ । ସତ୍ତ୍ୱଗୁଣହିଁ ଉଚ୍ଚତର ପ୍ରକୃତି ଓ ନିମ୍ନତର ପ୍ରକୃତି ମଧ୍ୟରେ ପ୍ରଥମ ଯୋଗସୂତ୍ର । ରଜଃ ଦିବ୍ୟ ସଙ୍କଳ୍ପର ସକ୍ରିୟତା ମଧ୍ୟକୁ ପରିବର୍ତ୍ତିତ ହେବା ଲାଗି ସାତ୍ତ୍ୱିକ ଶକ୍ତିର ସାହାଯ୍ୟ ନେଇଥାଏ । ସେହିପରି ତମଃ ଦିବ୍ୟ ସ୍ଥିରତା ଓ ଶାନ୍ତିରେ ପରିବର୍ତ୍ତିତ ହେବା ପାଇଁ ସତ୍ତ୍ୱଗୁଣ ଦ୍ୱାରା ପ୍ରଭାବିତ ହେବା ଆବଶ୍ୟକ । ତମଃକୁ ସତ୍ତ୍ୱ ଦ୍ୱାରା ଅନୁଶାସିତ ହେବାକୁ ପଡ଼ିବ । ତାମସିକ ଓ ରାଜସିକ ଅଯୋଗ୍ୟତାରୁ ଉଦ୍ଧାର ପାଇବାକୁ ହେଲେ ଆମ୍ଭମାନଙ୍କ ଭିତରେ ସତ୍ତ୍ୱଗୁଣର ଅଭିବୃଦ୍ଧି ସାଧନ କରିବା ନିହାତି ଆବଶ୍ୟକ । ଯେତେବେଳେ ଅଧ୍ୟାତ୍ମ ଜ୍ୟୋତିଃ, ଶାନ୍ତି ଓ ପ୍ରସନ୍ନତାରେ ଆମର ସତ୍ତ୍ୱ ପରିପୂର୍ଣ୍ଣ ହୋଇଯାଏ ସେତେବେଳେ ପ୍ରକୃତିର ରୂପାନ୍ତର ସାଧନ ଦିଗରେ ଦୃଢ଼ଭିତ୍ତି ସ୍ଥାପିତ ହୋଇଯାଏ ।

ଗୁଣଗୁଡ଼ିକର ପ୍ରଭେଦ ଅନୁସାରେ ଗୀତା ମୁଖ୍ୟତଃ ଦୁଇ ପ୍ରକାର ସ୍ୱଭାବ ବା ଦୁଇପ୍ରକାର ପ୍ରାଣୀର ସୃଷ୍ଟି ବିଷୟରେ ଆଲୋଚନା କରିଛି । ଗୋଟିଏ ହେଉଛି ଦେବ ସ୍ୱଭାବ ଯାହା ସାତ୍ତ୍ୱିକ ଗୁଣରେ ପରିପୂର୍ଣ୍ଣ ଏବଂ ଅନ୍ୟଟି ହେଉଛି ଅସୁର ସ୍ୱଭାବ ଯାହା ରାଜସିକ ଓ ତାମସିକ ଗୁଣରେ ପରିପୂର୍ଣ୍ଣ (ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ) । ଦୈବୀ-ପ୍ରକୃତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରେ ଥାଏ ଜ୍ଞାନ, ଆତ୍ମସଂଯମ, ପର-ହିତୈଷଣା ଏବଂ ପୂର୍ଣ୍ଣତା ଦିଗରେ ସାତ୍ତ୍ୱିକ ପ୍ରବୃତ୍ତିର ପ୍ରାବଲ୍ୟ । ଆସୁରିକ ସ୍ୱଭାବର ବ୍ୟକ୍ତିମାନଙ୍କ ଭିତରେ ଥାଏ ଅହଙ୍କାର, ଗର୍ବ, ପ୍ରଚଣ୍ଡ ଭୋଗ-ବାସନା, ସ୍ୱାର୍ଥ, ଅଧିକାର ପ୍ରବଣତା ଓ ନିର୍ଦ୍ଦୟତା । ଭାରତୀୟ ଧର୍ମରେ ମନୁଷ୍ୟମାନଙ୍କୁ ଦେବତା ବା ଦାନବର ପ୍ରତିନିଧି ରୂପେ ଦୁଇଟି ଭାଗରେ ବିଭକ୍ତ

କରାଯାଇଛି । ବୈଦିକ ପରିକଳ୍ପନାରେ ଜ୍ୟୋତିଃର ସନ୍ତାନ ଓ ରାତ୍ରିର ସନ୍ତାନମାନଙ୍କ ମଧ୍ୟରେ କ୍ରମାଗତ ଯୁଦ୍ଧ ସଂଘଟିତ ହେଉଥିବାର ବିଷୟ ଅନ୍ତର୍ଭୁକ୍ତ ହୋଇଛି । ଜୋରୋୟାଷ୍ଟର (Zoroaster)ଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମରେ ମଧ ଏପରି ଦୁଇ ବିପରୀତ ସ୍ୱଭାବ ପ୍ରତୀକାତ୍ମକ ଭାବରେ ନିର୍ଦ୍ଧାରିତ ହୋଇଛି । ରାମାୟଣ ଓ ମହାଭାରତ ମହାକାବ୍ୟ ଦ୍ୱୟରେ ଆମେ ଦୈବୀଗୁଣସମ୍ପନ୍ନ ଚରିତ୍ର ଏବଂ ଆସୁରିକ ସ୍ୱଭାବର ଚରିତ୍ରମାନଙ୍କ ମଧ୍ୟରେ ବିରାଟ ସଂଘର୍ଷର ବିବରଣ ପ୍ରାପ୍ତ ହେଉ ।

ଅର୍ଜୁନ ହେଉଛନ୍ତି ଦୈବୀପ୍ରକୃତି ବିଶିଷ୍ଟ ଚରିତ୍ର । ତାଙ୍କର ଜନ୍ମ ହୋଇଛି ଦେବ ଶ୍ରେଣୀରେ । ସ୍ୱୟଂ ଭଗବାନ୍ ତାଙ୍କ ରଥରେ ସାରଥି ରୂପେ ଆରୂଢ଼ ହୋଇଛନ୍ତି । ଧର୍ମରାଜ୍ୟ ସ୍ଥାପନ ଏବଂ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ନିମିତ୍ତ ସେ ଭଗବତ୍ ନିର୍ଦ୍ଦେଶ କ୍ରମେ ଯୁଦ୍ଧ ପାଇଁ ପ୍ରବୃତ୍ତ ହୋଇଛନ୍ତି । ତାଙ୍କ ଭିତରେ ସାତ୍ତ୍ୱିକଗୁଣର ବିଶେଷ ବିକାଶ ଘଟିଥିବାରୁ ସେ ବର୍ତ୍ତମାନ ତ୍ରିଗୁଣରୁ ମୁକ୍ତି ଲାଭ କରିବାକୁ ସମର୍ଥ । ସାତ୍ତ୍ୱିକ ପ୍ରକୃତିକୁ ଅତିକ୍ରମ କରି ଏକ ଉଚ୍ଚ ରୂପାନ୍ତର ପାଇଁ ତାଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ ।

ସମଗ୍ର ମାନବଜାତିକୁ ଦେବ ଓ ଅସୁର ଏ ଦୁଇଟି ଶ୍ରେଣୀରେ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ବିଭକ୍ତ କରାଯାଇ ପାରିବ ନାହିଁ । ପୃଥିବୀରେ ଅଧିକାଂଶ ହେଉଛନ୍ତି ତାମସିକ ମନୁଷ୍ୟ । ସେମାନେ ଦେବ ବା ଅସୁର କୌଣସିଟିର ଅନ୍ତର୍ଭୁକ୍ତ ନୁହନ୍ତି; ଯଦିଓ ସ୍ୱଳ୍ପ ମାତ୍ରାରେ ଉଭୟ ଶ୍ରେଣୀର ଗୁଣ ସେମାନଙ୍କ ଭିତରେ ଦେଖାଯାଇ ପାରେ । ସ୍ୱଭାବତଃ ମନୁଷ୍ୟ ହେଉଛି ଗୋଟିଏ ମିଶ୍ର-ପ୍ରକୃତି ବିଶିଷ୍ଟ ଜୀବ । ସେ ପ୍ରଧାନତଃ ରଜୋତାମସିକ କିଂବା ସତ୍ତ୍ୱ-ରାଜସିକ ହୋଇପାରେ । ଯେତେବେଳେ ତା' ଭିତରେ ସତ୍ତ୍ୱଗୁଣର ବିକାଶ ଘଟେ ସେତେବେଳେ ସେ ଦେବତୁଲ୍ୟ ହୋଇଯାଏ ଏବଂ ଯେତେବେଳେ ତା' ଭିତରେ ରଜୋଗୁଣର ପ୍ରାବଲ୍ୟ ଦେଖାଯାଏ ସେତେବେଳେ ସେ ଅସୁର ପାଲଟି ଯାଏ ।

ଦୈବୀପ୍ରକୃତିରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ଭିତରେ ଯେଉଁ ଲକ୍ଷଣସବୁ ପ୍ରକାଶିତ ହୁଏ ତାହା ହେଲା – ଆତ୍ମସଂଯମ, ତ୍ୟାଗ, ଧର୍ମଭାବ, ଶୁଚିତା ଓ ନିର୍ମଳତା, ସରଳତା ଓ ଅକପଟତା, ସତ୍ୟ, ଶାନ୍ତି, ଆତ୍ମତ୍ୟାଗ, ସର୍ବଭୂତରେ ଦୟା, ନିରଭିମାନତା, ଶିଷ୍ଟାଚାର, କ୍ଷମା, ଧୈର୍ଯ୍ୟ, ନିଷ୍ଠା, ଚାଞ୍ଚଲ୍ୟହୀନତା, ସ୍ଥିରତା, ତେଜ ଓ ଆତ୍ମଶକ୍ତି, ଦୃଢ଼ ସଂକଳ୍ପ, ନିର୍ଭୀକତା, ନ୍ୟାୟ-ପରାୟଣତା, ଅହିଂସା ଇତ୍ୟାଦି । ଏପରି ବ୍ୟକ୍ତି ଜ୍ଞାନପିପାସୁ ଓ ଜ୍ଞାନଯୋଗୀ ହୋଇଥା'ନ୍ତି । ଅନ୍ୟ ପକ୍ଷରେ ଆସୁରିକ ପ୍ରକୃତିବିଶିଷ୍ଟ ବ୍ୟକ୍ତିଙ୍କଠାରେ ଯେଉଁ ଲକ୍ଷଣସବୁ ଦେଖାଯାଏ ତାହା ହେଲା – କାମନା, କ୍ରୋଧ, ମୋହ, ଅହଂସର୍ବସ୍ୱତା, ଲୋଭ, ଧୂର୍ତ୍ତତା, କପଟତା, ବିଶ୍ୱାସଘାତକତା, ସ୍ୱେଚ୍ଛାକୃତ ହିଂସା, ଦମ୍ଭ, ଦର୍ପ, ଆତ୍ମାଭିମାନ ଓ ମିଥ୍ୟାଚାର । ଏପରି ବ୍ୟକ୍ତିମାନେ ପୃଥିବୀରେ ଧ୍ୱଂସଲୀଳା କରନ୍ତି, ଯାବତୀୟ ଅନିଷ୍ଟ ଓ ଅଶୁଭର ମୂଳକାରଣ ହୋଇଥା'ନ୍ତି । ନିଜର ଲାଳସା ଓ ତୃପ୍ତି ନିମନ୍ତେ ଯେକୌଣସି ମନ୍ଦ କାର୍ଯ୍ୟ କରିବାକୁ ସେମାନେ ପଶ୍ଚାତ୍ପଦ ହୁଅନ୍ତି ନାହିଁ । ସେମାନେ ଈଶ୍ୱରଙ୍କ ବିଧାନକୁ ମାନନ୍ତି ନାହିଁ, ସତ୍ୟର ବିରୁଦ୍ଧାଚରଣ କରିବାରେ ଆତ୍ମତୃପ୍ତି ଅନୁଭବ କରନ୍ତି । ସେମାନେ ଶାନ୍ତି, ଶୃଙ୍ଖଳା ଓ ସଙ୍ଗତିର ପରିପନ୍ଥୀ । ଆତ୍ମବଡ଼ିମା ଓ ଦମ୍ଭୋକ୍ତି ପ୍ରକାଶ କରୁଥା'ନ୍ତି, ମାତ୍ର ଭୟହିଁ ସେମାନଙ୍କୁ କବଳିତ କରି ରଖିଥାଏ । ଶୌଚ ଓ ସଦାଚାରରୁ ସେମାନେ ଦୂରରେ ରହିଥା'ନ୍ତି । ଅନ୍ୟାୟ ଭାବେ ଧନ ଅର୍ଜନ କରି ଆପଣାର ସ୍ୱାର୍ଥସାଧନରେହିଁ ସେମାନେ ମଜ୍ଜି ରହିଥା'ନ୍ତି । ସେମାନେ ଭାବନ୍ତି – ''ଆଜି ମୋର ଏତିକି ଲାଭ ହେଲା, ପରେ ମୋର ଏହି ମନୋରଥ ପୂର୍ଣ୍ଣ ହେବ, ଆଜି ମୋର ଏତେ ଧନ ଅଛି, କାଲି ମୁଁ ଆହୁରି ଲାଭ କରିବି । ମୁଁ ଏହି ଶତ୍ରୁକୁ ନିହତ କରିଛି, ଅବଶିଷ୍ଟଙ୍କୁ ମୁଁ ନିହତ କରିବି । ମୁଁ ମନୁଷ୍ୟମାନଙ୍କ ଅଧିପତି ଓ ବିଧାତା; ମୁଁ ଶୁଦ୍ଧ, ପୂର୍ଣ୍ଣ, ବଳବାନ୍, ସୁଖୀ, ଭାଗ୍ୟବାନ୍, ସକଳ ଭୋଗର ମୁଁ ଅଧିକାରୀ, ମୁଁ ଧନବାନ୍, ମୁଁ କୁଳବାନ୍, ମୋ ପରି ଆଉ କିଏ ଅଛି ? ମୁଁ ଯଜ୍ଞ କରିବି, ଦାନ କରିବି, ଉପଭୋଗ କରିବି ।'' ଏହିପରି ନାନା ଅହଂମୂଳକ ଓ ଦର୍ପସୂଚକ ଭାବନା ଦ୍ୱାରା ସେମାନେ ବିଭ୍ରାନ୍ତ ଓ ମୋହଗ୍ରସ୍ତ ହୋଇଥା'ନ୍ତି (ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ) । ଭଗବାନଙ୍କୁ ଅବଜ୍ଞା କରି ସେମାନେ ଧ୍ୱଂସମୁଖକୁ ଠେଲି ହୋଇଯା'ନ୍ତି । ପାପଲିପ୍ତ ହୋଇ ବାରଂବାର ସେମାନେ ଅସୁରଯୋନିରେ ନିକ୍ଷିପ୍ତ ହୁଅନ୍ତି । ପରିଶେଷରେ ଅଧମଗତିହିଁ ସେମାନଙ୍କୁ ପ୍ରାପ୍ତ ହୁଏ –

''ଆସୁରୀଂ ଯୋନିମାପନ୍ନା ମୂଢ଼ା ଜନ୍ମନି ଜନ୍ମନି ।
ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ॥''
(ଗୀତା-୧୬/୨୦)

ଭୌତିକ ଜଗତରେ ଭଗବାନ୍ କାହାରିକୁ ଦେବ ବା ଅସୁର ରୂପେ ସୃଷ୍ଟି କରି ନାହାନ୍ତି । ଏଠାରେ ସକଳ ଜୀବହିଁ ଭଗବାନଙ୍କ ସନାତନ ଅଂଶ । ଦେବ ହେଉ ବା ଅସୁର ସମସ୍ତେହିଁ ଉଦ୍ଧାର

ପାଇ ପାରିବେ । ସବୁଠାରୁ ବଡ଼ ପାପୀ ମଧ୍ୟ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିପାରେ । ପ୍ରକୃତି ମଧ୍ୟରେ ଜୀବର କ୍ରମବିବର୍ତ୍ତନ ନାନା ସଙ୍କଟ ମଧ୍ୟଦେଇ ସଂଘଟିତ ହୁଏ । ସ୍ୱଧର୍ମ ଓ ସ୍ୱଭାବ ଦ୍ୱାରା ନିୟନ୍ତ୍ରିତ କର୍ମ, ଏ ଦୁଇଟି ପ୍ରଧାନ ଶକ୍ତି ଜୀବର ବିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯଦି ଜୀବର ଆତ୍ମ-ଅଭିବ୍ୟକ୍ତିରେ କୌଣସି ବିଶୃଙ୍ଖଳା ତାକୁ ତା'ର ସ୍ୱଧର୍ମରୁ ବିଚ୍ୟୁତ କରେ, ଯଦି ରାଜସିକ ଗୁଣସମୂହ ପ୍ରାଧାନ୍ୟ ଲାଭ କରିବା ଫଳରେ ସାତ୍ତ୍ୱିକ ଶକ୍ତିର କ୍ଷୟ ଘଟେ ତାହା ହେଲେ ନିମ୍ନପ୍ରକୃତିର ବିକୃତିସମୂହ ଅତ୍ୟଧିକ ବୃଦ୍ଧି ପ୍ରାପ୍ତ ହୁଏ । ଏପରି ସ୍ଥଳେ ବ୍ୟକ୍ତି ଯଦି ଅସତ୍ୟ ଓ ଅଜ୍ଞାନର ପଥ ତ୍ୟାଗ ନ କରେ ତା'ହେଲେ ତା' ଭିତରେ ଅସୁରର ପୂର୍ଣ୍ଣ ଆବିର୍ଭାବ ହୁଏ ଏବଂ ବ୍ୟକ୍ତି ଅଧୋଗତି ପ୍ରାପ୍ତ ହୁଏ । ଏହି ଅବସ୍ଥାହିଁ ନରକ । ଅନ୍ୟ ସମ୍ଭାବନାଟି ମଧ୍ୟ ରହିଛି, ଅର୍ଥାତ୍ ଯଦି ବ୍ୟକ୍ତି ସଚେତନ ହୋଇ ଜ୍ୟୋତିଃର ପଥକୁ ଫେରି ଆସେ ଏବଂ ଭଗବାନଙ୍କୁ ଆନ୍ତରିକ ଭାବେ ଭକ୍ତି କରେ ତା'ହେଲେ ସେ ଅଧମତମ ଓ ପ୍ରଚଣ୍ଡତମ ଦୁରାଚାରୀ ହୋଇଥିଲେ ସୁଦ୍ଧା ଉଦ୍ଧାର ପାଇଯାଏ ।

ରାଜସିକ ପ୍ରକୃତି ଚରମ ସୀମାରେ ପହଞ୍ଚିଲେ ତାହା ଆସୁରିକ ପ୍ରକୃତିରେ ପରିଣତ ହୁଏ । ଯେଉଁମାନେ ଆସୁରିକ ପ୍ରକୃତି ଦ୍ୱାରା ବଶୀଭୂତ ହୋଇଥା'ନ୍ତି ସେମାନଙ୍କର ବୁଦ୍ଧି, ବିବେକ ଅପହୃତ ହୋଇଥାଏ । କାମ, କ୍ରୋଧ ଓ ଲୋଭ ଦ୍ୱାରା ସେମାନେ ଚାଳିତ ହୋଇଥା'ନ୍ତି । ଏହି ତିନୋଟି ପ୍ରବୃତ୍ତି ରାଜସିକ ଅହଂର ଶକ୍ତି । ଏଗୁଡ଼ିକ ନରକର ତ୍ରିବିଧ ଦ୍ୱାର ବୋଲି ଗୀତାରେ କୁହାଯାଇଛି –

''ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥''
(୧୬/୨୧)

ରାଜସିକ ପ୍ରକୃତିର ଉଗ୍ରତା ପ୍ରଶମିତ ହେବା ପରେ ତାମସିକ ପ୍ରକୃତି ବ୍ୟକ୍ତିକୁ କବଳିତ କରିପାରେ । ଏପରି କ୍ଷେତ୍ରରେ ବ୍ୟକ୍ତି ଦୌର୍ବଲ୍ୟ, ଅବସାଦ, ଅନ୍ଧକାର ଓ ଅସାମର୍ଥ୍ୟ ମଧ୍ୟରେ ପତିତ ହୁଏ । ଏହି ଦୟନୀୟ ଅବସ୍ଥାରୁ ମୁକ୍ତ ହେବାକୁ ହେଲେ ଉପରୋକ୍ତ ତିନୋଟି ପ୍ରବୃତ୍ତିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ଏବଂ ନିଜ ଭିତରେ ସତ୍ତ୍ୱଗୁଣର ବିକାଶ ସାଧନ କରିବାକୁ ହେବ । ଶାସ୍ତ୍ରରେ ସତ୍ୟ ଓ ଧର୍ମର ଯେଉଁ ବିଧାନ ଲିପିବଦ୍ଧ ହୋଇଛି ତାହାର ଅନୁସରଣ କରିବା ଦ୍ୱାରା ବ୍ୟକ୍ତି ନିଜର ତଥା ସମାଜର କଲ୍ୟାଣ ସାଧନ କରି ପାରିବ । ଋଷି, ମୁନି ଓ ପ୍ରଜ୍ଞାଶୀଳ ଅଧ୍ୟାତ୍ମ ସାଧକମାନଙ୍କ ଅନ୍ତର୍ବୋଧ ଓ ଅଭିଜ୍ଞତାରୁ ନିର୍ଯାସ ନେଇ ବିଭିନ୍ନ ଶାସ୍ତ୍ର ରଚିତ ହୋଇଛି । ସେଥିରେ ଜୀବନର ବିଜ୍ଞାନ, ନୈତିକ ବିଧାନ, ସାମାଜିକ ଆଦର୍ଶ ଓ ଉଚ୍ଚତର ଆଧ୍ୟାତ୍ମିକ ମାର୍ଗଦର୍ଶନ ଉପଲବ୍ଧ ଅଟେ । ସହଜାତ ପ୍ରବୃତ୍ତି ଓ କାମନାର ବଶବର୍ତ୍ତୀ ନ ହୋଇ ଆମେ ଯଦି ସତ୍ୟ, ଧର୍ମ, ଜ୍ଞାନ ଓ ଆଧ୍ୟାତ୍ମିକ ଆଦର୍ଶ ଅନୁସରଣ କରୁ ତାହାହେଲେ ଆମର ଜୀବନ ଦିବ୍ୟ ହୋଇ ପାରିବ ଏବଂ ପ୍ରକୃତ ସୁଖ ବା ଆନନ୍ଦ ଆମକୁ ପ୍ରାପ୍ତ ହେବ ।

ତ୍ରିଗୁଣର କ୍ରିୟା ଭଗବାନଙ୍କ ଦ୍ୱାରାହିଁ ପରୋକ୍ଷ ଭାବେ ପରିଚାଳିତ ହେଉଥାଏ । ଗୁଣଗୁଡ଼ିକର ପାରସ୍ପରିକ କ୍ରିୟା ମାଧ୍ୟମରେ ମନୁଷ୍ୟର ବିବର୍ତ୍ତନ ସଂଘଟିତ ହୁଏ । ସୁତରାଂ ଗୁଣଗୁଡ଼ିକର କ୍ରିୟା ଭିତରେ ଜଡ଼ିତ ହୋଇ ରହିବା ହେଉଛି ମାନୁଷୀ ଚେତନାର ଉତ୍ତରଣ କ୍ଷେତ୍ରରେ ଏକ ପ୍ରସ୍ତୁତି ପର୍ବ; ଏହା ବ୍ୟକ୍ତି ପାଇଁ ଶିକ୍ଷା ଗ୍ରହଣର ଏକ ଅତ୍ୟାବଶ୍ୟକ ପର୍ଯ୍ୟାୟ । ମାନବ ଜୀବନ ମଧ୍ୟରୁ ପାଶବିକତାର ସମୂଳ ଉତ୍ପାଟନ ପାଇଁ ତଥା ଭଗବାନଙ୍କ ଦିଗରେ ଯାବତୀୟ ଊର୍ଦ୍ଧ୍ୱମୁଖୀ ପ୍ରୟାସ ସକାଶେ ସତ୍ତ୍ୱଗୁଣର ସମ୍ପୂର୍ଣ୍ଣ ବିକାଶ ଅପରିହାର୍ଯ୍ୟ, କାରଣ ଏହା ରଜୋଗୁଣ ଓ ତମୋଗୁଣର ଅଧୀନତାରୁ ମୁକ୍ତି ଆଣିଦିଏ । ଆଧ୍ୟାତ୍ମିକ ଜୀବନର ପ୍ରାଥମିକ ପର୍ଯ୍ୟାୟରେ ଜ୍ଞାନ, ସଙ୍ଗତି, ଶୁଚିତା ଆଦି ସାତ୍ତ୍ୱିକଗୁଣର ଆଚରଣ ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ଏଥିପାଇଁ ଶାସ୍ତ୍ରର ଦିଗ୍‌ଦର୍ଶନ ଓ ପ୍ରେରଣା ନିଶ୍ଚିତ ଭାବେ ସହାୟକ ହୁଏ । ଅବଶ୍ୟ ଏକ ଉଚ୍ଚତର ସୋପାନରେ ପାଦ ଦେବା ସକାଶେ ଶାସ୍ତ୍ରକୁ ମଧ୍ୟ ଅତିକ୍ରମ କରି ଯିବାକୁ ପଡ଼ିପାରେ ।

ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବା ବେଳେ ଆସୁରିକ ଶକ୍ତିଗୁଡ଼ିକ (ଯଥା : ଅସୁର, ରାକ୍ଷସ, ପିଶାଚ ଇତ୍ୟାଦି) ଅନ୍ତରାୟ ସୃଷ୍ଟି କରିଥା'ନ୍ତି । ମାତ୍ର ସେମାନଙ୍କ ବିରୋଧ ବ୍ୟକ୍ତି ଭିତରେ ଲୁକ୍‌କାୟିତ ଥିବା ଦୋଷଦୁର୍ବଳତାଗୁଡ଼ିକୁ ପ୍ରକାଶିତ କରି ଦେଉଥିବାରୁ ତଥା ତା'ର ସର୍ବୋତ୍ତମ ଶକ୍ତିସାମର୍ଥ୍ୟକୁ ଜାଗ୍ରତ କରି ଆଣୁଥିବାରୁ ତାହା ସାଧନାରେ ସହାୟକ ସାବ୍ୟସ୍ତ ହୁଏ । ସତ୍ତ୍ୱଗୁଣର ପ୍ରଭାବ ଦ୍ୱାରା ଏବଂ ସହାୟତା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଦ୍ୱାରା ଆସୁରିକ ଶକ୍ତିମାନଙ୍କ ଉପରେ ବିଜୟ ଲାଭ କରାଯାଇପାରେ । ଭଗବାନ୍ ଆସୁରିକ ଶକ୍ତିମାନଙ୍କୁ ତାଙ୍କ କାର୍ଯ୍ୟ କରିବାକୁ ସେତେଦିନ ପର୍ଯ୍ୟନ୍ତ ଅନୁମତି ଦେଉଥିବେ ଯେତେଦିନ ପର୍ଯ୍ୟନ୍ତ ପାର୍ଥିବ ଜୀବନ

ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୋଇ ନାହିଁ । ଆଧାର ମଧ୍ୟରେ ସତ୍ତ୍ୱଗୁଣ ପ୍ରତିଷ୍ଠିତ ହୋଇଗଲା ପରେ ଚେତନାରେ ଊର୍ଦ୍ଧ୍ୱାରୋହଣ ଅଧିକ ସହଜ ହୋଇ ଯାଏ । ସତ୍ତ୍ୱଗୁଣ ଭିତରେ ଏପରି କିଛି ଅଛି ଯାହା ଏହି ସତ୍ତ୍ୱଗୁଣକୁ ଅତିକ୍ରମ କରି ଆଧାତ୍ମିକ ଚେତନା ରାଜ୍ୟରେ ପ୍ରବେଶ କରାଇ ଦିଏ ।

ପ୍ରଥମେ ଯୁକ୍ତି ଓ ବୁଦ୍ଧିସମ୍ମତ ସଂକଳ୍ପ ଦ୍ୱାରା ଆତ୍ମସଂଯମ ଅଭ୍ୟାସ କରିବାକୁ ହେବ । ଶାସ୍ତ୍ରର ନିର୍ଦ୍ଦେଶ ଅନୁସରଣ କରି ନିଜର ଆଚରଣ ଓ କର୍ମକୁ ଶୁଦ୍ଧ କରିବାକୁ ହେବ । ଦୈବୀ ସମ୍ପଦ ମୁକ୍ତି ନିମନ୍ତେ ପଥ ପରିଷ୍କାର କରେ ଏବଂ ଆସୁରୀ ସମ୍ପଦ ବନ୍ଧନର କାରଣ ହୋଇଥାଏ । ତେଣୁ ଦୈବୀ ପ୍ରକୃତିର ଆହରଣ ଓ ବିକାଶ ସାଧନ ଜୀବନର ପ୍ରଧାନ ଧ୍ୟେୟ ହେବା ଉଚିତ । ଦୈବୀଗୁଣ ସମୂହର ଅଧିକାରୀ ହେବା ପରେ ଜଣେ ଅଧ୍ୟାତ୍ମ ଜୀବନଯାପନ ପାଇଁ ଯୋଗ୍ୟ ହୋଇ ଉଠେ । ସାତ୍ତ୍ୱିକ ପ୍ରକୃତିରେ ନିଜକୁ ପ୍ରତିଷ୍ଠିତ କରିବା ପରେ ସେହି ସାତ୍ତ୍ୱିକ ପ୍ରକୃତିକୁ ଅତିକ୍ରମ କରିବାକୁ ପଡ଼େ । ତା'ହେଲେ ଯାଇ ଜଣେ ଅଧ୍ୟାତ୍ମ ପ୍ରକୃତିର ଅଧିକାରୀ ହୋଇ ପାରିବ ବା ଅଧ୍ୟାତ୍ମ ରୂପାନ୍ତର ସାଧନ କରି ପାରିବ । ଆମର ପରମ ଲକ୍ଷ୍ୟ ହେଲା ଆତ୍ମାର ମୁକ୍ତି ତଥା ସମଗ୍ର ଜୀବନର ଦିବ୍ୟ ରୂପାନ୍ତର । ଏଥିପାଇଁ ଆମକୁ ସର୍ବଧର୍ମ ପରିତ୍ୟାଗପୂର୍ବକ କେବଳ ଭଗବାନଙ୍କ ଶରଣାଗତ ହେବାକୁ ପଡ଼ିବ । ଭାଗବତ ସଂକଳ୍ପ ଅନୁଯାୟୀ କର୍ମ କଲେ ଆମେ ମୁକ୍ତ ଭାଗବତ ପ୍ରକୃତିରେ ବାସ କରିବାକୁ ସମର୍ଥ ହୋଇ ପାରିବା ।

(କ୍ରମଶଃ)

❑❑❑

# କୃପାର ମହକ

## ଗୋପାଳକୃଷ୍ଣ ପଟ୍ଟନାୟକ

ପ୍ରସାରି ରମ୍ୟ କିରଣ ପ୍ରାଚୀ ଚକ୍ରବାଳେ
କରୁଣା ପ୍ରଦୀପ ତବ ଦିକି ଦିକି ଜଳେ ।

ତା' ପ୍ରଭା ମଣ୍ଡଳେ ତୁମ ସ୍ୱରୂପ ବିମ୍ବିତ
ଯେହ୍ନେ ଜୋଛନା ବଳୟେ ଚାନ୍ଦ ସୁଶୋଭିତ ।

ସେ ଜ୍ୟୋତିଃ ମାନବ ପ୍ରାଣୁ ବିନାଶି ତିମିର,
ସଞ୍ଚାଳିତ କରେ ଦିବ୍ୟ ଚେତନା ନିର୍ଝର ।

ମାନୁଷୀ ଜୀବନେ ତୁମେ ଆଶାର ଆଲୋକ
ତବ କୃପା ପୁଷ୍ପେ ଭରି ଏ ସଂସାର ବୃକ୍ଷ ।

ମୋର ଏ ଜଡ଼ ଶରୀର ତୁମରି ମନ୍ଦିର
ଶ୍ରୀପଦ ପଲ୍ଲବ ପ୍ରାପ୍ତି ଲକ୍ଷ୍ୟ ଜୀବନର ।

ହୃଦ କନ୍ଦରେ ବିରାଜ ସାଜି ମୋର ପ୍ରାଣ
ତୁମରି ବିହୁନେ ମୁହିଁ ଅସ୍ତିତ୍ୱ ବିହୀନ ।

ଏ ଦେହ ରଥେ ଆରୋହୀ କରୁଛ ବିହାର
ମୋ ନେତ୍ରେ ଦେଖୁଛ ତୁମ ରଚିତ ସଂସାର ।

ତବ ପ୍ରୀତି ଫୁଟି ଉଠେ ମୋ ପ୍ରାଣ ସତ୍ତାରେ
'ହସଫୁଲ' ହୋଇ ଫୁଟ ଶରୀର ଲତାରେ ।

ପ୍ରାଣ ସଞ୍ଚାରିତ କର ନିଶ୍ୱାସ ରୂପରେ
ରୁଧିର ହୋଇ ବହୁଛ ଶିରା-ପ୍ରଶିରାରେ ।

ତବ କୃପାରୁ ଜୀବନ ଫୁଲ ଫଳେ ଭରା
କରିଅଛ ଧରଣୀକୁ ଅମୃତ ସଲିଳା ।

ତୁମ କରୁଣା ବିନା ମୋ ପରିଚୟ ନାହିଁ
ସଦା ଆଶିଷ ବରଷା କର ମହାମାୟୀ ।



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୬)

### 'ଦୁର୍ଘଟଣା' ପରେ (ପୂର୍ବାର୍ଦ୍ଧ) :

ନୀରଦବରଣଙ୍କର ବର୍ଣ୍ଣନାରୁ : ''ଦୁର୍ଘଟଣା ଘଟିବାର ଦୁଇ ଘଣ୍ଟା ବିତି ଗଲାଣି । ଇତି ମଧ୍ୟରେ ସାରା ଆଶ୍ରମରେ ସମ୍ବାଦଟି ଖେଳି ଯାଇଥିଲା । ବିନା ମେଘରେ ବଜ୍ରପାତ ! ଏକ ଅପ୍ରତ୍ୟାଶିତ ମର୍ମଭେଦୀ ସମ୍ବାଦ । ଗୁରୁଦେବଙ୍କର ଶ୍ରୀତନୁରେ ଏଇ ଗୋଟିଏ ମାତ୍ର ଆଘାତରେ ଶହ ଶହ ଭକ୍ତବୃନ୍ଦଙ୍କର ସକଳ ଆଶା ଓ ଆସ୍ପୃହାର ଆନ୍ତର ଅଗ୍ନି ମୁହୂର୍ତ୍ତକରେ କୁଆଡ଼େ ନିର୍ବାପିତ ହୋଇଗଲା । ଘଟଣାର ସତ୍ୟତା ଜାଣିବା ଉଦ୍ଦେଶ୍ୟରେ ସମସ୍ତ ଅନ୍ତେବାସୀ ତଥା ଆଗତ ଦର୍ଶନାର୍ଥୀ ଆଶ୍ରମ ପ୍ରାଙ୍ଗଣରେ ଏକତ୍ରିତ ହୋଇ ଯାଇଥିଲେ ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଗଭୀର ବିଷଣ୍ଣ ହୃଦୟରେ ସମବେତ ବ୍ୟାକୁଳ ପ୍ରାର୍ଥନା ଜଣାଉଥିଲେ ପ୍ରଭୁଙ୍କର ଆଶୁ ଆରୋଗ୍ୟ ଲାଭ ପାଇଁ । ତା'ପରେ ଭାରାକ୍ରାନ୍ତ ହୃଦୟରେ ନୀରବରେ ନିଜ ନିଜ ସ୍ଥାନକୁ ବାହୁଡ଼ିଲେ । କୁମାରୀ ଉଇଲସନ୍ ମଧ୍ୟ ଏହି ମର୍ମନ୍ତୁଦ ଘଟଣାକୁ ବିଧିର ବିଧାନ ବୋଲି ଶାନ୍ତ ଓ ବିନମ୍ର ହୃଦୟରେ ଗ୍ରହଣ କରି ନେଲେ । ଅପାର ଅନନ୍ତ କରୁଣାମୟୀ ଶ୍ରୀମା ସନ୍ଧ୍ୟାବେଳେ ବିଫଳ ମନୋରଥ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଲେ । ସ୍ୱଭାବତଃ ତାଙ୍କର ମନ୍ଦମଧୁର ହୃଦୟଜିଣା ଦିବ୍ୟ ସ୍ମିତହାସ୍ୟ ଏବଂ ପ୍ରଣାମ ସମୟରେ ତାଙ୍କର କୋମଳ ସ୍ପର୍ଶର ଅବର୍ଣ୍ଣନୀୟ ଦିବ୍ୟ ସ୍ପନ୍ଦନରେ ଭକ୍ତବୃନ୍ଦଙ୍କର ଅବସାଦଗ୍ରସ୍ତ ସ୍ଥିତି ଅବିଳମ୍ବେ ଅନ୍ତର୍ହିତ ହୋଇ ଯାଇଥିଲା ।

''ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ ତାଙ୍କର ନିକଟ ସାନ୍ନିଧ୍ୟରେ ରହିଥିବା ପରିଚର୍ଯ୍ୟାକାରୀ ରୂପେ ଆମ ସମସ୍ତଙ୍କର ତାଙ୍କ ଉପରେ ସଜାଗ ଦୃଷ୍ଟି ରଖିବା ବ୍ୟତୀତ ଅନ୍ୟ କୌଣସି କାମ ନଥିଲା । ବ୍ୟକ୍ତିଗତ ଭାବରେ ମୁଁ ଏଇ ଅବସରରେ ଘଟି ଯାଇଥିବା ଘଟଣାଟି ସମ୍ବନ୍ଧରେ ଗଭୀରଭାବେ ମନୋନିବେଶ ନକରି ରହି ପାରିଲି ନାହିଁ । ସ୍ମରଣରେ ଆସିଲା, ଶ୍ରୀଅରବିନ୍ଦ ଥରେ ମୋ ପାଖକୁ ଲେଖିଥିଲେ ଯେ ଯଦିଓ ରୋଗବ୍ୟାଧି ଓ ମୃତ୍ୟୁ ଉପରେ ନିୟନ୍ତ୍ରଣ ଆଣିବା ସକାଶେ ସେ ଯଥେଷ୍ଟ ଦକ୍ଷତା ଅର୍ଜନ କରି ପାରିଥିଲେ, ତଥାପି ଦୁର୍ଘଟଣାସବୁ ଘଟିବା ସମ୍ଭବ । ତା'ପରେ ଏହି ଭାବନା ଆସିଲା ଯେ ସମ୍ପୂର୍ଣ୍ଣ ଏକାନ୍ତବାସରେ ରହି, ସମସ୍ତ ବାହ୍ୟ ସମ୍ଭାବ୍ୟ ଆକସ୍ମିକ ଦୈବ-ଦୁର୍ବିପାକ ବା ଘଟଣାରୁ ବେଶ୍ ସୁରକ୍ଷିତ ରହି ନିଜର ଆଭ୍ୟନ୍ତରରେ ମହାଜାଗତିକ ଶକ୍ତିରାଜି ଉପରେ ପ୍ରଭୁତ୍ୱ ଥାଇ ମଧ୍ୟ ଅପ୍ରତ୍ୟାଶିତ ଭାବରେ ତାଙ୍କର ଏହି ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବା ମୋର ଧାରଣାତୀତ ହୋଇ ଉଠିଥିଲା । (ଅବଶ୍ୟ ଗୁରୁଦେବ ପରେ ତାଙ୍କର 'କଥୋପକଥନ' ସମୟରେ ଆମକୁ ଏହି ଆକସ୍ମିକ ମହାଘଟଣାଟି କେଉଁ ଉଦ୍ଦେଶ୍ୟରେ ଏବଂ କେଉଁ କାରଣରୁ ଘଟିଥିଲା ସେ ସମ୍ବନ୍ଧେ ବୁଝାଇ ଦେଇଥିଲେ ।) ଏହି ମହାଜାଗତିକ ଶକ୍ତିଗୁଡ଼ିକ ନିଶ୍ଚିତ ରୂପେ ଅତ୍ୟନ୍ତ ଧୂର୍ତ୍ତ ଥିଲେ, ଚାତୁର୍ଯ୍ୟର ସହିତ କର୍ମ ସମ୍ପାଦନ କରିବାର ମୁହୂର୍ତ୍ତଟିକୁ ସ୍ଥିର-ନିଶ୍ଚିତ କରି ନେଇଥିଲେ – ଯେତେବେଳେ ଶ୍ରୀମା ଏକାନ୍ତରେ ବିଶ୍ରାମରତ ଏବଂ ଦେବଗଣ ନିଦ୍ରିତ । କିନ୍ତୁ ମହାନିଶ୍ଚେତନାର ମହାଶକ୍ତିରାଜି ସେମାନଙ୍କର ପୈଶାଚିକ ବିପଦ ଘଟାଇବା ସକାଶେ ରହିଥିଲେ ଉନ୍ନିଦ୍ର । ବାସ୍ତବରେ ସେହି ମୁହୂର୍ତ୍ତଟି ଥିଲା ଅପ୍ରତ୍ୟାଶିତ ମୁହୂର୍ତ୍ତ ।

''ନମ୍ର କମ୍ର ସକାଳର ନିର୍ମଳ ଆଲୋକ ରଶ୍ମିର ଆଭାରେ ଶ୍ରୀଅରବିନ୍ଦ ତାଙ୍କର ଶଯ୍ୟାରେ – କହିବାକୁ ଗଲେ ନିଶ୍ଚଳ ଓ ଶାନ୍ତ ଭାବରେ ଶୋଇ ରହିଥିବାର ପରିଷ୍କାର ଦେଖିଲି । ମୁହୂର୍ତ୍ତକ ସକାଶେ ମୋର ଏକ ଭାବନା ଆସିଲା – ଗତକାଲି ସାରା ରାତି ଅନିଦ୍ରା ରହିଥିବାରୁ ଏବେ ସାମାନ୍ୟ ସୁଖନିଦ୍ରା ଉପଭୋଗ କରୁଛନ୍ତି ନିଶ୍ଚୟ ଅଥବା ଅସ୍ଥିଭଙ୍ଗଜନିତ ଦାରୁଣ ଯନ୍ତ୍ରଣାକୁ ଅବିଚଳିତ ଭାବରେ ତାଙ୍କର ଦିବ୍ୟ ସମତ୍ୱରେ ସହ୍ୟ କରି ଚାଲିଛନ୍ତି ! ମୋର ଉପରୋକ୍ତ ଦ୍ୱିତୀୟ ଭାବନାଟି ଥିଲା ପ୍ରକୃତ କଥା । (ପରବର୍ତ୍ତୀ କାଳରେ ସେ 'କଥୋପକଥନ'ରେ ଏକଥା ଆମକୁ କହିଥିଲେ ।) ତାଙ୍କର ଏହି ଆପାତ ପ୍ରତୀୟମାନ ଗଭୀର ସମାଧିସ୍ଥ ଦିବ୍ୟ ମୁଖଶ୍ରୀରେ ଜାଗ୍ରତ୍ ଅବସ୍ଥାର ସାମାନ୍ୟ ଦ୍ୟୁତି ପ୍ରତିଭାତ ହୋଇ ଉଠୁଥିଲା କେବଳ ସେଇ ମୁହୂର୍ତ୍ତରେ ଯେତେବେଳେ ଶ୍ରୀମା ପ୍ରବେଶ କରି ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଭଲମନ୍ଦ ପଚାରୁ ଥିଲେ ଏବଂ ତାଙ୍କୁ

କିଛି ଫଳରସ ପିଇବାକୁ ଦେଉଥିଲେ । ଏଇ ଘଟଣା ପରଠାରୁ ମୁଁ ବାର ବର୍ଷ ଧରି ନିତି ତାଙ୍କର ନିକଟ ସାନ୍ନିଧ୍ୟରେ ବିତାଇବାର ଏବଂ ତାଙ୍କର ପ୍ରକୋଷ୍ଠଟିକୁ ମଧ୍ୟ ବେଶ୍ ଘନିଷ୍ଠ ଭାବରେ ନିରୀକ୍ଷଣ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲି ।

''ସେତେବେଳେ ଶ୍ରୀଅରବିନ୍ଦ ଯେଉଁ ଖଟ ତଥା ଆସବାବପତ୍ର ବ୍ୟବହାର କରୁଥିଲେ ସେସବୁ ଥିଲା ସାଧାରଣ କାଠରେ ନିର୍ମିତ । ଖଟଟି ଅପେକ୍ଷାକୃତ ବଡ଼ ଓ ପ୍ରଶସ୍ତ ଥିଲା; ମଥା ଆଡ଼କୁ ସେଇଟିକୁ କିଞ୍ଚିତ୍ ଉଠାଣିଆ କରି ରଖା ଯାଇଥିଲା, ତାଙ୍କର ସମଗ୍ର ଶରୀରଟି ସେଇ ଖଟର ପ୍ରାୟ ସମସ୍ତ ଅଂଶକୁ ଆବୃତ କରି ପାରୁଥିଲା । ତାଙ୍କର ଦିବ୍ୟ ଅବୟବଟି ସମ୍ବନ୍ଧେ ଏତିକି ଉଲ୍ଲେଖ କରିପାରେ — ଉଦାର ପ୍ରଶସ୍ତ ବକ୍ଷ, ମହିମମୟ ସୁଷ୍ଠୁ ମୁଖାକୃତି, ମସ୍ତିଷ୍କର ମଧ୍ୟଭାଗରେ ସୀମନ୍ତ କଟାଯାଇଥିବା ଚିକ୍କଣ ରେଶମୀ କେଶଗୁଚ୍ଛ । ପ୍ରକୋଷ୍ଠଟିରେ ଶୋଭା ପାଉଥିବା ଅନ୍ୟାନ୍ୟ ଆସବାବପତ୍ର କହିଲେ ଅତ୍ୟନ୍ତ ସାଧାରଣ, କହିବାକୁ ଗଲେ ଏକେବାରେ ବିଳାସବିହୀନ — ଚଟାଣରେ ଏକ ଗାଲିଚା, ପୂର୍ବ ପ୍ରାନ୍ତରେ କି ପଶ୍ଚିମ ପ୍ରାନ୍ତରେ ପେଟି-ବାକ୍ସ କାଠରେ ନିର୍ମିତ ଗୋଟିଏ ଛୋଟ ଟେବୁଲ ଏବଂ ମଧ୍ୟସ୍ଥଳରେ ଅର୍ଦ୍ଧବୃତ୍ତାକାରର ଅପେକ୍ଷାକୃତ ବଡ଼ ଟେବୁଲ ରହିଥିଲା । ଏହି ଟେବୁଲଗୁଡ଼ିକ ମଧ୍ୟରୁ କୌଣସି ଏକ ଟେବୁଲ ଉପରେ କେତୋଟି ନୋଟ୍‌ବୁକ୍, ବିକ୍ଷିପ୍ତ ଭାବରେ ସ୍ଥାନ ପାଇଥିବା ବିଭିନ୍ନ ସାଇଜର କାଗଜପତ୍ର । ଗୋଟିଏ ବଡ଼ ଆଲମାରିରେ ଅଳ୍ପ କିଛି ପୁସ୍ତକ — ସବା ଉପର ଥାକଟିରେ 'ଆର୍ଯ୍ୟ' ପତ୍ରିକାର ବନ୍ଧେଇ ପତ୍ରିକାସବୁ, ତା' ତଳ ଥାକଟିରେ ସେକସ୍‌ପିଅର୍ ଏବଂ ଶେଲିଙ୍କର ସାହିତ୍ୟ ସଂଗ୍ରହ ଏବଂ ରାଧାକୃଷ୍ଣନ୍, ଜେମସ୍ କୋଜିନ୍ ଇତ୍ୟାଦି ଲେଖକଙ୍କର ତାଙ୍କୁ ଉପହାର ସ୍ୱରୂପ ମିଳିଥିବା ବିଭିନ୍ନ ଗ୍ରନ୍ଥ ରଖାଯାଇଥିଲା । ଏତଦ୍‌ବ୍ୟତୀତ ଦୁଇଟି ତୈଳଚିତ୍ର, ଗୋଟିଏ ଚୀନ୍‌ଦେଶୀୟ ଏବଂ ଅନ୍ୟଟି ହାତରେ ଶୋଭା ପାଉଥିବା ଗୋଟିଏ ପଦ୍ମପୁଷ୍ପ ସହିତ ଅମିତାଭ ବୁଦ୍ଧଙ୍କର ଛବି ଏବଂ ଅଳ୍ପ କେତୋଟି କାଷ୍ଠ ନିର୍ମିତ ବିଶେଷ କଳାକୃତି ଥିବା ଖୋଦିତ ବସ୍ତୁ ରଖାଯାଇଥିଲା । ପରିଶେଷରେ ଶ୍ରୀଅରବିନ୍ଦଙ୍କର ଶଯ୍ୟାର ବିପରୀତ ପାର୍ଶ୍ୱରେ ଶ୍ରୀମା'ଙ୍କ ନିମିତ୍ତ ଏକ ଗଦିଯୁକ୍ତ ଚଉକି । କେବଳ ବିଳାସିତାର ନିଦର୍ଶନ ସ୍ୱରୂପ ରହିଥିଲା ପାର୍ଶ୍ୱ ପ୍ରକୋଷ୍ଠଟିରେ ଥିବା ଏକ ଆଭିଜାତ୍ୟ ଉପକରଣ — ଲମ୍ବା ବେତର ଚେୟାର; ଯେଉଁଥିରେ ସମୟେ ସମୟେ ଶ୍ରୀଅରବିନ୍ଦ କିଛିକ୍ଷଣ ସକାଶେ ଶୋଇ ରହି ବିଶ୍ରାମ ନେଉଥିଲେ । ପରବର୍ତ୍ତୀକାଳରେ* ତାଙ୍କ କକ୍ଷଟିର ଏହି ଅସଲ ରୂପରେ ଏପରି ଅଦଳ-ବଦଳ ଘଟିଛି ଯେ ବର୍ତ୍ତମାନ (୧୯୭୨) ମୋର ସ୍ମରଣରେ ଥିବା କ୍ଷୀଣ ଧାରଣାରୁ ଏସବୁ ବର୍ଣ୍ଣନା କରିଛି ମାତ୍ର ।

''(ଏବେ ଆମେ ଆମର ସେଇ ଦିନର ଘଟଣାର ବର୍ଣ୍ଣନାକୁ ଫେରି ଆସୁଛୁ ।) ଡାକ୍ତର ମଣିଲାଲ ତାଙ୍କର ପ୍ରାତଃଭୋଜନ ପରେ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ତାଙ୍କୁ ପଚାରିଲେ, 'କିପରି ଅନୁଭବ କରୁଛନ୍ତି !' ଶ୍ରୀଅରବିନ୍ଦଙ୍କର କୌଣସି ଅଭିଯୋଗ ନଥିଲା ଏବଂ ଉତ୍ତରଟି ଥିଲା ସଂକ୍ଷିପ୍ତ । ଠିକ୍ ପରେ ପରେ କାଡ଼ାଲୋର୍ ହସ୍‌ପିଟାଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ୍ ଡଃ ରାଓ ଆସି ପହଞ୍ଚିଲେ । ଶ୍ରୀଅରବିନ୍ଦଙ୍କର ପଡ଼ି ଯାଇଥିବାର ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ସେ ପ୍ରସ୍ତାବ ଦେଲେ ଯେ ମାଡ୍ରାସ୍ (ତଦାନୀନ୍ତନ ମାନ୍ଦ୍ରାଜ)ରୁ ଜଣେ ଅର୍ଥୋପେଡ଼ିକ୍ ସର୍ଜନଙ୍କୁ ଡକାଇ ଆଣି ତାଙ୍କର ପରାମର୍ଶ ଲୋଡ଼ିବା ଆବଶ୍ୟକ । ମାଡ୍ରାସରେ ତାଙ୍କର ଜଣେ ବନ୍ଧୁ ଅଛନ୍ତି ଯିଏକି ଏଇ ଧରଣର ଚିକିତ୍ସା-ଶାସ୍ତ୍ରରେ ବିଶାରଦ । ଶ୍ରୀମା ଡାକ୍ତର ରାଓଙ୍କର ପ୍ରସ୍ତାବ ଅନୁମୋଦନ କରିବାରୁ ସେ ତତ୍‌କ୍ଷଣାତ୍ ମାଡ୍ରାସ ଗଲେ ।

''ଏଇ ଅବସରରେ ଆମମାନଙ୍କର କେବଳ ଅପେକ୍ଷା କରିବା ବ୍ୟତୀତ ଆଉ କିଛି କରିବାର ନଥିଲା । ପୂର୍ବାହ୍ନରୁ ଦ୍ୱିପ୍ରହର, ତା'ପରେ ଅପରାହ୍ନ ହେଲା । ଆମେମାନେ ବାରଂବାର ଘଣ୍ଟାକୁ ଅନାଉ ଥିଲୁ, କେତେବେଳେ ଡଃ ରାଓଙ୍କର ଆଗମନ ଘଟିବ । କୌଣସି ମୁହୂର୍ତ୍ତରେ ମୋଟର ଗାଡ଼ିର ଶବ୍ଦ କାନରେ ବାଜିବା ମାତ୍ରେ ଆମେ ଝରକା ପାଖକୁ ଦୌଡ଼ି ଯାଉଥିଲୁ । ୧୯୩୮ରେ ପଣ୍ଡିଚେରୀର ପରିବେଶ, ପରିସ୍ଥିତି ସମ୍ପର୍କରେ ଏବେ କେହି ବି କଳ୍ପନା କରି ପାରିବେ ନାହିଁ । ସେତେବେଳେ ପଣ୍ଡିଚେରୀରେ ଥିବା କାର୍ ସଂଖ୍ୟା ହାତରେ ଗଣି ହେଉଥିଲା ଏବଂ ସେଗୁଡ଼ିକ ପୁଣି କ୍ୱଚିତ୍ ରାସ୍ତାକୁ ବାହାରୁ ଥିଲେ । ତେଣୁ କୌଣସି ଗାଡ଼ିର ହର୍ଣ୍ଣ କାନରେ ବାଜିବା ମାତ୍ରେ ଆମେ ଝରକା ପାଖକୁ ଦୌଡ଼ିଯାଇ ଖୁବ୍ ଶୀଘ୍ର ଠକି ଯାଉଥିଲୁ; ବିଶେଷ କରି ଯେତେବେଳେ ଆମମାନଙ୍କର ଉତ୍କଣ୍ଠାଭରା

* ଶ୍ରୀଅରବିନ୍ଦଙ୍କ କକ୍ଷଟିର ଆମୂଳଚୂଳ ମରାମତି ଓ ପରିବର୍ତ୍ତନ ସମ୍ବନ୍ଧେ 'ନବପ୍ରକାଶ', ଫେବ୍ରୁଆରୀ ୨୦୨୧, ପୃ. ୧୭-୧୮ ଦ୍ରଷ୍ଟବ୍ୟ; 'ପଣ୍ଡିଚେରୀରେ ଶ୍ରୀଅରବିନ୍ଦ' (୯୩) ।

ପ୍ରତ୍ୟାଶାର ସୀମା ନଥିଲା । ଏ ସମ୍ବନ୍ଧରେ ବେଶ୍ ଭୁକ୍ତଭୋଗୀ ଏବଂ ଅନୁଭବୀ ଡଃ ମଣିଲାଲ ପିତୃସୁଲଭ ମୃଦୁ ଭର୍ତ୍ସନା ସହ ସାନ୍ତ୍ୱନା ଦେଇ କହୁଥିଲେ – ଏପରି ଅସ୍ଥିର ହୁଅନ୍ତୁ ନାହିଁ ।... ଶ୍ରୀଅରବିନ୍ଦ, ଯିଏକି ଡାକ୍ତରଙ୍କର ଚିକିତ୍ସାଧୀନ ଦିବ୍ୟ ବ୍ୟକ୍ତି, ସେ ତାଙ୍କର ପ୍ରଶସ୍ତ ଶଯ୍ୟାରେ ଧୀରସ୍ଥିର ଭାବରେ, ଆପାତ ପ୍ରତୀୟମାନ ବେଶ୍ ସ୍ୱଚ୍ଛନ୍ଦରେ ଶୋଇ ରହିଥା'ନ୍ତି । ସାମୟିକ ଭାବରେ ଡଃ ମଣିଲାଲଙ୍କର ପ୍ରଶ୍ନସବୁରେ କେବଳ 'ହଁ' କି 'ନା' ଉତ୍ତର ଦେଉଥିଲେ । ବାକୀ ଆମ ସମସ୍ତଙ୍କର ସତେ ଯେପରି ତାଙ୍କ ସାମନାରେ କୌଣସି ଅସ୍ତିତ୍ୱ ନଥିଲା ! ପୁନଶ୍ଚ ଶ୍ରୀମା ଯେତେବେଳେ ମଝିରେ ମଝିରେ ତାଙ୍କ ସମୀପରେ ଉପସ୍ଥିତ ହୋଇ ସ୍ମିତହାସ୍ୟରେ ପଚାରୁଥା'ନ୍ତି, 'ଆପଣଙ୍କୁ କଷ୍ଟ ହେଉଛି ?', କେବଳ ସେଇ ମୁହୂର୍ତ୍ତରେହିଁ ତାଙ୍କର ସଦା-ନିରୁଦ୍‌ବେଗ ମୁଖମଣ୍ଡଳରେ କିଞ୍ଚିତ୍ ଭିନ୍ନତା ପରିଲକ୍ଷିତ ହେଉଥିଲା ।

''ସନ୍ଧ୍ୟା ସମୟରେ ଡଃ ରାଓ ମାଡ୍ରାସରୁ ତାଙ୍କର ଅର୍ଥୋପେଡ଼ିକ୍ ସର୍ଜନ ବନ୍ଧୁଙ୍କ ସହିତ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ପ୍ରବେଶ କଲେ । ଆସିବାରେ ଏତେ ବିଳମ୍ବ ହେବାର କାରଣ ସ୍ୱରୂପ ଡଃ ରାଓ କହିଲେ ଯେ ଆମେ ଆମ ସାଥିରେ ଜଣେ ଅଭିଜ୍ଞ ରେଡ଼ିଓଲୋଜିଷ୍ଟଙ୍କୁ ଆଣିବାକୁ ଚାହିଁଥିଲୁ । ବହୁ କଷ୍ଟରେ ତାଙ୍କର ସାକ୍ଷାତ୍ ପାଇଲୁ ଏବଂ ତାଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇବା ପରେ ସେ ଆସିବାକୁ ରାଜି ହୋଇ କହିଲେ, 'ଆପଣମାନେ ଏବେ ଯାଆନ୍ତୁ; ମୁଁ ଖୁବ୍ ଶୀଘ୍ର ଆପଣଙ୍କୁ ଅନୁସରଣ କରିବି ।'

''ପ୍ରକୋଷ୍ଠଟିରେ ଏବେ ସମସ୍ତେ ସକ୍ରିୟ ହୋଇ ଉଠିଲେ । ଶ୍ରୀଅରବିନ୍ଦଙ୍କ ଗୋଡ଼ରୁ ପ୍ଲାଷ୍ଟର ଛାଞ୍ଚଟିକୁ କାଟି ବାହାର କରି ଦିଆ ହେଲା । ଅସ୍ଥିଭଙ୍ଗ ହୋଇଥିବାର ନିଦାନ (ଡାୟୋଗ୍ନୋସିସ୍)ଟି ନିଶ୍ଚିତ ରୂପେ ଠିକ୍, କିନ୍ତୁ ଦକ୍ଷତାପୂର୍ବକ ଏ କାମରେ ହସ୍ତକ୍ଷେପ କରିବା ପୂର୍ବରୁ ଏକ୍ସରେ ଛବିସବୁର ସାହାଯ୍ୟ ନିମିତ୍ତ ଆମକୁ ଅପେକ୍ଷା କରିବାକୁ ହେବ । ଇତି ମଧ୍ୟରେ ଶ୍ରୀମା ବିଶେଷଜ୍ଞ ସର୍ଜନଙ୍କୁ ଘଟିଥିବା ଦୁର୍ଘଟଣା-ଜନିତ ସମସ୍ୟାଟିର ବିଭିନ୍ନ ସମ୍ଭାବନା, ପୂର୍ବାଭାସସୂଚକ ଗତିବିଧି, ଚିକିତ୍ସାର ଏକାଧିକ ପଦ୍ଧତି ଇତ୍ୟାଦି ସମ୍ବନ୍ଧେ ବିଭିନ୍ନ ଜଟିଳ ବା ଦୁର୍ବୋଧ ପ୍ରଶ୍ନ ପଚାରିଲେ । ବିଶେଷଜ୍ଞ ସର୍ଜନ ଶ୍ରୀମା'ଙ୍କର ଚିକିତ୍ସାଶାସ୍ତ୍ର ସମ୍ବନ୍ଧରେ ପ୍ରଭୂତ ମାତ୍ରାରେ ପ୍ରାୟୋଗିକ ଜ୍ଞାନ ଥିବାର ଦେଖି ବିସ୍ମୟ ଓ ଆନନ୍ଦରେ ଅଭିଭୂତ ହୋଇ ଉଠିଲେ । ପକ୍ଷାନ୍ତରରେ ଶ୍ରୀଅରବିନ୍ଦ ତାଙ୍କ ଶଯ୍ୟା ଉପରେ ଆଉଜି ବସି ଦୁହିଁଙ୍କ ମଧ୍ୟରେ ହେଉଥିବା ପ୍ରଶ୍ନୋତ୍ତରସବୁକୁ ସାକ୍ଷୀ ସ୍ୱରୂପ ଶୁଣୁଥିବା ବେଳେ ଥରେ ସର୍ଜନଙ୍କ ମୁହଁକୁ ତ ଥରେ ଶ୍ରୀମା'ଙ୍କ ମୁହଁକୁ ଅନାଉ ଥିଲେ ଏବଂ ପ୍ରତ୍ୟେକ ପ୍ରଶ୍ନ ଓ ଉତ୍ତରକୁ ଏକାଗ୍ର ଚିତ୍ତରେ ମନୋଯୋଗୀ ହୋଇ ବୁଝୁଥିଲେ, କିନ୍ତୁ ଶବ୍ଦଟିଏ ବି ଉଚ୍ଚାରଣ କରୁ ନଥିଲେ । ଏହି ପ୍ରଶ୍ନୋତ୍ତର-ପର୍ବ ସମାପ୍ତ ହେବା ପରେ ସର୍ଜନଙ୍କ ମତାମତ ଅନୁଯାୟୀ ଶ୍ରୀଅରବିନ୍ଦଙ୍କର ଗୋଡ଼ରେ ହେବାକୁ ଯାଉଥିବା ଚିକିତ୍ସା ସମ୍ପର୍କରେ ଶ୍ରୀମା ତାଙ୍କୁ ବୁଝାଇ ଦେଲେ ।... ଏ ସମ୍ବନ୍ଧରେ ସିଦ୍ଧାନ୍ତ ନେବାର ସମସ୍ତ ଦାୟିତ୍ୱ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ଭାବରେ ଶ୍ରୀମା'ଙ୍କ ଉପରେ ନ୍ୟସ୍ତ କଲେ । ନିଶ୍ଚିତ ରୂପେ ଶ୍ରୀମାହିଁ ଥିଲେ ଏ ସମ୍ବନ୍ଧରେ ଉତ୍କୃଷ୍ଟ ନିର୍ଦ୍ଦେଶିକା । ଶ୍ରୀଅରବିନ୍ଦଙ୍କର ଏହି ଧରଣର ନିଷ୍କ୍ରିୟ ଭୂମିକା ମୋ ପାଇଁ ବେଶ୍ ଆମୋଦପ୍ରଦ ଥିଲା । ଯିଏକି (ଆଶ୍ରମର) ରୋଗୀମାନଙ୍କ ସମ୍ବନ୍ଧରେ ମୋର ପଚାରିଥିବା ପ୍ରଶ୍ନସବୁ ଉପରେ ଚିଠି ମାଧ୍ୟମରେ ମୋ ପାଖକୁ ଔଷଧ ବା ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ବେଶ୍ ସୁବିବେଚିତ ଉପଦେଶମାନ ଜଣାଉଥିଲେ; ଏବେ ସେ ତାଙ୍କ ନିଜର ଏଭଳି ଏକ ଗୁରୁତର ସମସ୍ୟା ଉପୁଜିଥିବା ବେଳେ ଏକେବାରେ ନୀରବ, ନିର୍ବିକାର ! ଏକ ଶିଶୁସୁଲଭ ସରଳତା ସହ ସେ ସବୁକିଛି ଉପଭୋଗ କରୁଛନ୍ତି – ତାଙ୍କର ନେତ୍ରଯୁଗଳ ଓ ମୁଖମଣ୍ଡଳରେ ଭାସି ଉଠିଛି ମନ୍ଦମଧୁର ହାସ୍ୟର ଦୀପ୍ତି ଏବଂ ସମଗ୍ର ଶରୀରଟିରେ ଦେବପ୍ରତିମ ଔଜଲ୍ୟ ।''

('Twelve years with Sri Aurobindo', pp. 5 - 8)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଭଗବାନ୍ ମାନବିକ ଦର୍ଶନ ମଧ୍ୟରେ ଆବଦ୍ଧ ନୁହନ୍ତି – ମୂଳତତ୍ତ୍ୱ ଓ ଲୀଳାର କ୍ଷେତ୍ରରେ ସେ ମୁକ୍ତ ।

– ଶ୍ରୀମା

# ଶ୍ରୀମାଙ୍କ ସହ କଥୋପକଥନ

*''ମନ ଓ ଅନ୍ତରାତ୍ମାର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଚିନ୍ତା ଓ ଅନୁଭବର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ପ୍ରତ୍ୟେକ ବାହ୍ୟକର୍ମ ଓ ଗତିରେ ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଜୀବନ ଓ ପରିବେଶର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ– ଏହିସବୁ ହେଲା ମହାଲକ୍ଷ୍ମୀଙ୍କର ଦାବି । ... ଯେଉଁଠାରେ ପ୍ରେମ ଓ ସୌନ୍ଦର୍ଯ୍ୟ ନାହିଁ ବା ପ୍ରକାଶିତ ହେବାକୁ ଚାହେଁ ନାହିଁ, ସେଠାକୁ ସେ ଆସନ୍ତି ନାହିଁ ।''*

– ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା - ୪୭)

ଶ୍ରୀମା : ଯେଉଁଠାରେ ପରିବେଶ, ପରିସ୍ଥିତି, ବାତାବରଣ ଜୀବନଧାରଣର ଧାରା ଏବଂ ସର୍ବୋପରି ଆନ୍ତର ମନୋଭାବଗୁଡ଼ିକ ପୂରାପୂରି ନିମ୍ନସ୍ତରର, କୁତ୍ସିତ, ସ୍ଥୂଳ, ଅହଂପୂର୍ଣ୍ଣ ଓ କଦାକାର ସେଠାରେ ପ୍ରେମ ଆସିବା ପାଇଁ କୁଣ୍ଠିତ ହୁଏ, ଅର୍ଥାତ୍ ସେଠାରେ ପ୍ରେମ ବରାବର ନିଜକୁ ପ୍ରକାଶିତ କରିବା ପାଇଁ ଦ୍ୱିଧାଗ୍ରସ୍ତ ହୁଏ ଓ ସାଧାରଣତଃ ବେଶୀ ସମୟ ରହେ ନାହିଁ । ସୌନ୍ଦର୍ଯ୍ୟକୁ ବାସ କରିବା ପାଇଁ ଦେବାକୁ ହେଲେ ତା'ର ବାସୋପଯୋଗୀ ସୌନ୍ଦର୍ଯ୍ୟପୂର୍ଣ୍ଣ ଏକ ନିବାସସ୍ଥଳୀ ପ୍ରୟୋଜନ । ମୁଁ ବାହ୍ୟ ଜିନିଷଗୁଡ଼ିକ ବିଷୟରେ କହୁ ନାହିଁ – ପ୍ରକୃତରେ ଏକ ବାସଭବନ ବା ଆସବାବ, ଉପକରଣ ଆଦି କଥା କହୁ ନାହିଁ – ମୁଁ କହୁଛି ଏପରି ଏକ ଯଥାର୍ଥ ଆନ୍ତର ମନୋଭାବ ବିଷୟରେ, ଏପରି କିଛି ବିଷୟରେ ଯାହାର ଭିତରଟା ସୁନ୍ଦର, ମହତ୍, ସୁସଙ୍ଗତିପୂର୍ଣ୍ଣ ଓ ନିଃସ୍ୱାର୍ଥପର । ସେହିଠାରେହିଁ ପ୍ରେମର ଆସିବା ପାଇଁ ଓ ବାସ କରି ବରାବର ରହିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଥାଏ । କିନ୍ତୁ ଯେଉଁ ମୁହୂର୍ତ୍ତରେ ଏହା ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ପାଇଁ ଚେଷ୍ଟା କରେ ତତ୍‌କ୍ଷଣାତ୍, ସେହି ସଙ୍ଗେ ସଙ୍ଗେ ତାହା ସହିତ ଏପରି ସବୁ ନିମ୍ନତର କୁତ୍ସିତ ଜିନିଷଗୁଡ଼ିକର ଅପମିଶ୍ରଣ ହୁଏ ଯେ ଏହା ଆଉ ରହିପାରେ ନାହିଁ, ଛାଡ଼ି ଦୂରେଇ ଯାଏ । ଏହାହିଁ ଶ୍ରୀଅରବିନ୍ଦ କହିଛନ୍ତି, ଏହା 'ପ୍ରକାଶିତ ହେବାକୁ ଚାହେଁ ନାହିଁ'– ଏହା ମଧ୍ୟ କୁହାଯାଇ ପାରେ ଯେ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଏହା ସେହି ପ୍ରକାଶ ପାଇଁ ଦୁଃଖ ଓ ବ୍ୟଥା ଅନୁଭବ କରେ । ମନୁଷ୍ୟମାନେ ବରାବର ଅଭିଯୋଗ କରନ୍ତି ଯେ ପ୍ରେମ ସେମାନଙ୍କ ସହିତ ସ୍ଥାୟୀ ହୋଇ ରହୁ ନାହିଁ, କିନ୍ତୁ ପ୍ରକୃତରେ ଏପରି ଘଟେ ପୂରାପୂରି ସେମାନଙ୍କ ନିଜ ଦୋଷରୁ । ସେମାନେ ଏହି ପ୍ରେମ ପାଇଁ ଏପରି ଏକ ଜଘନ୍ୟ ଜୀବନ ଆଣି ଦିଅନ୍ତି, ତହିଁରେ ଏତେସବୁ ବୀଭତ୍ସତା ଓ ଏତେ ଅଶ୍ଳୀଳତା ମିଶାଇ ଦିଅନ୍ତି, ଏତେସବୁ ହୀନ, ସ୍ୱାର୍ଥପର, ମଳିନ ବିକୃତିସବୁକୁ ସ୍ଥାନ ଦିଅନ୍ତି, ଯେଉଁଥିରେ ବିଚାରା ପ୍ରେମର ଆଉ ସେଠି ରହିବା ସମ୍ଭବ ହୁଏ ନାହିଁ । ଯଦି ବି ସେମାନେ ଏହାକୁ ପୂରାପୂରି ହତ୍ୟା କରିବା ପାଇଁ ସମର୍ଥ ହୁଅନ୍ତି ନାହିଁ, ସେମାନେ ଏହାକୁ ସଂପୂର୍ଣ୍ଣ ବ୍ୟାଧିଗ୍ରସ୍ତ ଓ ରୁଗ୍ଣ କରି ଦିଅନ୍ତି । ଯାହାଫଳରେ ଏହାର ସେଠାରୁ ପଳାଇଯିବା ଛଡ଼ା ଅନ୍ୟକିଛି ଉପାୟ ରହେ ନାହିଁ । ଲୋକମାନେ ଅଭିଯୋଗ କରନ୍ତି ଯେ ପ୍ରେମ ହେଉଛି ଅସ୍ଥାୟୀ ଓ କ୍ଷଣିକ । କିନ୍ତୁ ସତ କହିବାକୁ ଗଲେ ସେମାନେ ଅତ୍ୟନ୍ତ କୃତଜ୍ଞ ରହିବା ଉଚିତ ଯେ ସେମାନେ ଏହାପାଇଁ ଦେଇଥିବା ଜଘନ୍ୟ ବୀଭତ୍ସତାର ଆବାସସ୍ଥଳୀ ସତ୍ତ୍ୱେ ଏହା ସେମାନଙ୍କ ଭିତରେ ପ୍ରକାଶ ପାଇଥିଲା ।

('' 'ମା' ବହି ପ୍ରସଙ୍ଗରେ''ରୁ ସଂଗୃହୀତ, ପୃଷ୍ଠା : ୯୮-୯୯) ❑

# ଜିଜ୍ଞାସା ଓ ଆଲୋକପାତ

## ରାମକୃଷ୍ଣ ଦାସ

***ପ୍ରଶ୍ନ :*** *ଘରୁ ବହୁତ ଆଶା ନେଇ ଆସିଥିଲି ଏହି ସାଧନାଳୟ (ଓଡ଼ିଶା)ରେ ରହି ଶାନ୍ତିରେ ସାଧନା କରିବି ବୋଲି । ପ୍ରଥମ କେଇ ମାସ ଖୁବ୍ ଭଲରେ ଶାନ୍ତିରେ କଟିଗଲା । ଏବେ ମୁଁ ଦେଖୁଛି ଏଠାରେ ସାଧକ ଭାଇମାନେ ମୋତେ ଭଲପାଉ ନାହାନ୍ତି । ମୋ କାର୍ଯ୍ୟରେ ତଥା ବ୍ୟବହାରରେ ସେମାନେ ସନ୍ତୁଷ୍ଟ ନୁହନ୍ତି । ପରିଚାଳକଙ୍କ ବ୍ୟବହାର ଉଚିତ ମନେ ହେଉ ନାହିଁ । ମନରେ ଅଶାନ୍ତି, ନାନା ପ୍ରକାର ଦ୍ୱନ୍ଦ୍ୱ, ଅବିଶ୍ୱାସ, ରାଗ, ଈର୍ଷା ମୋତେ ବିବ୍ରତ କରି ପକାଉଛି । ଶରୀର ବି ଅସୁସ୍ଥ ରହୁଛି । ପୂର୍ବେ ମୋର ଶ୍ରୀମାଙ୍କ କାର୍ଯ୍ୟ ପ୍ରତି ଆଗ୍ରହ ଥିଲା । ଏବେ ସେ ଆଗ୍ରହ ଆଉ ନାହିଁ ।*

*ମୁଁ ଭାବୁଛି ଆଶ୍ରମରେ ଅଥବା ଅରୋଭିଲ୍‌ରେ କିଂବା ଅନ୍ୟ କେଉଁ ସ୍ଥାନରେ କିଛି ମାସ ରହିବି । ମନ ଶାନ୍ତ ହୋଇ ଗଲେ ପୁନରାୟ ଏଠାକୁ ଚାଲି ଆସିବି । ଏହି ବିଚାର କ'ଣ ଠିକ୍ ନୁହେଁ ?*

**ଉତ୍ତର :** କଦାପି ଠିକ୍ ନୁହେଁ । ମନର ଏହି ଧାରଣା ଯୋଗମାର୍ଗର ପ୍ରତିକୂଳ ତଥା ବିପରୀତ । ଏହି ବାଧାସବୁ ଆସିଛନ୍ତି ନିଜ ସତ୍ତାରେ ଦୁର୍ବଳତା ଥିବା ଯୋଗୁଁ । ଦୁର୍ବଳ ଭାଗ ସବଳ ଏବଂ ରୂପାନ୍ତରିତ ହେଲେ ଏହିସବୁ ବାଧା ଆସିବେ ନାହିଁ । ଏହିସବୁ ବାଧାରୁ ରକ୍ଷା ପାଇବା ସକାଶେ ଅନ୍ୟ ସ୍ଥାନକୁ ଯିବାର ଅର୍ଥ ହେବ, ଏହାର ରହସ୍ୟ ଆମ ଚେତନାରେ ଅଜ୍ଞାତ ହୋଇ ରହିଥିବା ଯୋଗୁଁ । ଏହି ଅଜ୍ଞତାର ସୁଯୋଗ ନେଇ ବିରୋଧୀ ଶକ୍ତିମାନେ ଦୁଇ ଗୁଣ ବଳରେ ସେ ସ୍ଥାନରେ ବି ନାନା ଭାବେ ଆକ୍ରମଣ କରିବେ । ଏହି କାରଣରୁ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଯିବାରେ ସମସ୍ୟାର ସମାଧାନ କରି ପାରିବା ନାହିଁ, – ବିରୋଧୀ ଶକ୍ତିର ବଳ ବଢ଼ିବାରେ ସାହାଯ୍ୟ କରିବା ।

ଏଠାରେ ଶ୍ରୀମା'ଙ୍କ ବାଣୀଟି ଉଦ୍ଧୃତ କରାଗଲା :

"But if someone comes and says, 'I have many difficulties outside, I can't manage to overcome these difficulties, I want to come here because it will help me', I say, 'No, no, it will be *much* more difficult here; your difficulties will increase *considerably*.' And that is what it means, because they are no longer isolated difficulties; they are collective difficulties.

"So in addition to your own personal difficulty you have all the frictions, all the contacts, all the reactions, all the things which come from outside. As a test. Exactly on the weak point, the thing that's most difficult to solve; it is there that you will hear from someone the phrase which was just the one you did not want to hear; someone will make towards you that gesture which was exactly the one which could shock you; you find yourself facing a circumstance, a movement, a fact, an object, anything at all – just the things which... 'Ah, how I should have liked this not to happen !' And it's that which will happen. And more and more. Because you do not do your yoga for yourself alone. You do the yoga for everybody – without wanting to – automatically.' "

(CWM : Vol. 7, P. 411)

ଅର୍ଥାତ୍ –

''ଯେତେବେଳେ କୌଣସି ବ୍ୟକ୍ତି ଏଠାକୁ ଆସନ୍ତି ଏବଂ ମୋତେ କହନ୍ତି, 'ବାହାରେ ମୋତେ ବହୁତ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ହେଉଛି, ତାହା ମୁଁ ଅତିକ୍ରମ କରିପାରୁ ନାହିଁ, ଏଠାକୁ ଚାଲି ଆସିବାକୁ ଚାହେଁ, କାରଣ ଏଠାରେ ରହିଲେ ମୁଁ ବହୁତ ସାହାଯ୍ୟ ପାଇବି', ମୁଁ ଉତ୍ତର ଦିଏ, 'ନା, ନା, ଏଠାରେ ବେଶୀ ଅସୁବିଧାର ସମ୍ମୁଖୀନ ହେବ,

ଅସୁବିଧା ଅନେକ ପରିମାଣରେ ବୃଦ୍ଧି ପାଇବ' । କାରଣ ଏହି ବାଧାବିପତ୍ତି ପୃଥକ୍ ଭାବେ ରହିବ ନାହିଁ, ସାମୂହିକ ବାଧାବିପତ୍ତି ସହ ତୁମର ବାଧାବିପତ୍ତି ମିଶିଯିବ ।

''ତେଣୁ ଏଠାରେ ସକଳ ପ୍ରକାର ଦ୍ୱନ୍ଦ୍ୱ, ସଂସ୍ପର୍ଶ, ପ୍ରତିକ୍ରିୟା ଯାହାସବୁ ପରୀକ୍ଷାସ୍ୱରୂପ ବାହାରୁ ଆସେ – ଠିକ୍ ଯେଉଁ ଭାଗରେ ତୁମେ ଦୁର୍ବଳ ଥିବ, ତାହାରି ଉପରେ, ତୁମର ସବୁଠାରୁ ଅଧିକ ସଂବେଦନଶୀଳ ଅଙ୍ଗ ଉପରେ । ଏଠାରେ ଠିକ୍ ସେହି ଶବ୍ଦ, ସେହି ବାକ୍ୟାଂଶ ଶୁଣିବାକୁ ପାଇବ, ଯାହା ତୁମେ କେବେ ବି ଶୁଣିବାକୁ ଚାହିଁ ନ ଥିବ । ଆଉ ଲୋକେ ଏଠାରେ ଏମିତି ବ୍ୟବହାର କରିବେ, ଯେଉଁଥିରେ ତୁମେ ଠିକ୍ ଅପମାନିତ ହେବ । ତୁମେ ବାରଂବାର ଏପରି ପରିସ୍ଥିତି, ଏପରି ବିଷୟ, ଏପରି ଘଟଣାର ସମ୍ମୁଖୀନ ହେବ – ସେ ଯାହା ବି ହେଉ – ଯାହାକୁ କି ତୁମେ କେବେ ବି ଘଟିବା ପାଇଁ ଇଚ୍ଛା କରୁ ନ ଥିବ । ଆଉ ଠିକ୍ ସେହି କଥା ହିଁ ଘଟିବ ଏବଂ ବେଶୀ ବେଶୀ ଘଟିବ, କାରଣ ତୁମେ କେବଳ ନିଜ ପାଇଁ ଯୋଗ-ସାଧନା କରୁ ନାହଁ, ବରଂ ତୁମ ଅଜ୍ଞାତସାରରେ, ସ୍ୱତଃସ୍ଫୂର୍ତ୍ତଭାବେ ପ୍ରତ୍ୟେକଙ୍କ ପାଇଁ ଯୋଗସାଧନା କରୁଛ ।''

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ଭଗବତ୍ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତି ।

ଆମ ଶରୀରର ତାମସିକତା, ଜଡ଼ତା, ଆଳସ୍ୟ, ନିଦ୍ରାଦି ତଥା ପ୍ରାଣର ବାସନା, କାମନା, କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଅହଂ, ସ୍ୱାର୍ଥ ଏବଂ ମନର ବିଚାର, କଳ୍ପନା, ଧାରଣାଦି ଭଗବତ୍ ବିରୋଧୀ । ଏସବୁ ସର୍ବଦା ନିଜ କାମନାବାସନା ପୂର୍ଣ୍ଣ କରିବାକୁ ଚାହାଁନ୍ତି । ଏସବୁ ସୃଷ୍ଟି ଆରମ୍ଭରୁ ଅଧିକାର କରି ଆସୁ ଅଛନ୍ତି । ଭଗବତ୍ ଶକ୍ତିର ଶାସନକୁ ପସନ୍ଦ କରନ୍ତି ନାହିଁ । ଏହି ସକାଶେ ନାନା ପ୍ରକାର ବାଧା ସୃଷ୍ଟି କରନ୍ତି ।

ସାଧକ ଜୀବନରେ ଏହି ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରି ଯୋଗମାର୍ଗରେ ପ୍ରବେଶ କଲେ ଭାଗବତୀ ଶକ୍ତିର ସ୍ପର୍ଶ ସାଧକର ଅନ୍ତରାତ୍ମା ତଥା ମନର ଉଚ୍ଚତର ଭାଗ ପାଏ । ସେ ସମୟରେ ସାଧକକୁ ସମସ୍ତଙ୍କର ବ୍ୟବହାର ଭଲ ଲାଗେ । ସେ ମଧ୍ୟ ସମସ୍ତଙ୍କୁ ଭଲ ପାଏ । ମା'ଙ୍କ କାର୍ଯ୍ୟରେ ଉତ୍ସାହ ପାଏ । କାର୍ଯ୍ୟ କରିବା ଶକ୍ତି ମଧ୍ୟ ବୃଦ୍ଧି ହୁଏ; ଶାନ୍ତି, ପ୍ରସନ୍ନତା ଆସେ । ସେ ଖୁସିରେ ସାଧନା ରୂପେ କର୍ମ କରେ ।

କିନ୍ତୁ ଭାଗବତୀ ଶକ୍ତି ସାଧକର ଜାଣତରେ ବା ଅଜାଣତରେ କ୍ରମଶଃ ତା'ର ନିମ୍ନତର ଅଶୁଦ୍ଧ ଭାଗକୁ ରୂପାନ୍ତର କରିବା ସକାଶେ ସ୍ପର୍ଶ କରେ, ବିଶେଷତଃ ଦୁର୍ବଳ ଭାଗକୁ । ସ୍ପର୍ଶ ପାଇବା ମାତ୍ରେ ଏସବୁ ସାପ ଲାଙ୍ଗୁଡ଼ରେ ହାତ ଦେବା ସଦୃଶ ଫଁ କରି ଉଠନ୍ତି ଏବଂ ହତାଶା, ନିରାଶା, ସନ୍ଦେହ, ଅବିଶ୍ୱାସ, କାମ, କ୍ରୋଧାଦି ଦୋଷ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ବା ସାଧକର ସାଧନାରେ ପଥରୋଧ କରି ଛିଡ଼ା ହୁଅନ୍ତି । ଏହା ପଶ୍ଚାତରେ ଥାଏ ବିରୋଧୀ ଶକ୍ତି । ସାଧକର ଧୈର୍ଯ୍ୟ, ନିଷ୍ଠା, ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା, ଉତ୍ସାହ ଆଦି ପରୀକ୍ଷା କରିବା ସକାଶେ ତଥା ଏସବୁକୁ ବୃଦ୍ଧି ଏବଂ ଆଧାରକୁ ଦୃଢ଼ କରିବା ସକାଶେ ଭାଗବତୀ ଶକ୍ତି ଏହି ପ୍ରତିକୂଳ ଅବସ୍ଥାର ପ୍ରବେଶ କରିବା ମାର୍ଗକୁ ରୁଦ୍ଧ କରନ୍ତି ନାହିଁ । କିନ୍ତୁ ସାହାଯ୍ୟ କରିବା ସକାଶେ ସାଧକର ଆବାହନକୁ ଅପେକ୍ଷା କରି ଛିଡ଼ା ହୋଇ ଥାଆନ୍ତି । ଏହିସବୁ ବିରୋଧୀ ପ୍ରବୃତ୍ତି ପ୍ରଥମରେ ସାଧକର ବୁଦ୍ଧି ଏବଂ ଅନ୍ତରାତ୍ମା ମଧ୍ୟରେ ପରଦା ପକାଇ ଦିଅନ୍ତି । ଅନ୍ତରାତ୍ମାର ପ୍ରଭାବ ବୁଦ୍ଧିରେ ନ ପଡ଼ିଲେ ବୁଦ୍ଧି ଠିକ୍-ଭୁଲ୍, ଯଥାର୍ଥ-ଅଯଥାର୍ଥ ନିର୍ଣ୍ଣୟ କରିବାକୁ ସମର୍ଥ ହୁଏ ନାହିଁ । ଅଧିକାଂଶ କ୍ଷେତ୍ରରେ ଯଥାର୍ଥ ବସ୍ତୁ ନିଜ ବୁଦ୍ଧିରେ ଅଯଥାର୍ଥ ପ୍ରତୀତ ହୁଏ ।

ଏହାଛଡ଼ା ସେହି ବିରୋଧୀ ଶକ୍ତିର ପ୍ରେରଣାରେ ବହୁତ କ୍ଷେତ୍ରରେ ଅନ୍ୟଠାରୁ ପ୍ରତିକୂଳ ଘଟଣା ଶୁଣିବାକୁ ହୁଏ; ପ୍ରତିକୂଳ ବ୍ୟବହାର ଅନ୍ୟଠାରୁ ମିଳେ; ପ୍ରତିକୂଳ ଖବର ବି ଅନ୍ୟମାନେ ଦିଅନ୍ତି । ନିଜ ସ୍ୱଭାବର ପ୍ରତିକୂଳ ଅନ୍ୟର କାର୍ଯ୍ୟ ବି ସମ୍ମୁଖକୁ ଆସେ । ନିଜ ସତ୍ତାର ଦୋଷତ୍ରୁଟି ସହିତ ବିଶ୍ୱର ପ୍ରତିକୂଳ ଶକ୍ତି – ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ମଧ୍ୟ ସାଧକକୁ ଆକ୍ରମଣ କରନ୍ତି । କାରଣ ଏହି ଯୋଗର ସାଧନା ହିଁ ବ୍ୟକ୍ତିଗତ ହେବା ସତ୍ତ୍ୱେ ବିଶ୍ୱଗତ । ନିଜର ମନ-ପ୍ରାଣ-ଶରୀର ସହିତ ବିଶ୍ୱତତ୍ତ୍ୱ ଜଡ଼ିତ । ବ୍ୟକ୍ତିଗତ ରୂପାନ୍ତରରେ ହିଁ ବିଶ୍ୱତତ୍ତ୍ୱର ରୂପାନ୍ତର ନିହିତ । ବିଶ୍ୱ ପ୍ରକୃତିର ରୂପାନ୍ତର ଛଡ଼ା ବ୍ୟକ୍ତି ପ୍ରକୃତିର ରୂପାନ୍ତର ହୋଇ ପାରିବ ନାହିଁ । ନଦୀ ସ୍ରୋତର ପୁଷ୍କରିଣୀ ସହିତ ସମ୍ବନ୍ଧ ସଦୃଶ ବିଶ୍ୱ ପ୍ରକୃତି ସହିତ ବ୍ୟକ୍ତି ପ୍ରକୃତିର ସମ୍ବନ୍ଧ ଥାଏ । ଏହି ଆକ୍ରମଣ ଯୋଗୁଁ ସାଧକ ନିଜ ଦୋଷତ୍ରୁଟିକୁ ଦେଖିପାରେ ନାହିଁ । ଅନ୍ୟର ଦୋଷତ୍ରୁଟି ସ୍ପଷ୍ଟଭାବେ ଦେଖେ । ଏପରିକି କେବେ କେବେ ଅନ୍ୟର ଅଳ୍ପ ଦୋଷତ୍ରୁଟିକୁ ପାହାଡ଼ ସଦୃଶ ଦେଖେ । କେବେ କେବେ ଅନ୍ୟର ଗୁଣ ବି ତାକୁ ଦୋଷ ସଦୃଶ ପ୍ରତୀତ ହୁଏ ।

ପ୍ରତ୍ୟେକ ସାଧକର ସାଧନା ମାର୍ଗରେ ଏହିପରି ବାଧା ନିଜ ସତ୍ତାର ତୟାରି ଅନୁସାରେ ଅଳ୍ପ ବା ବହୁ ପରିମାଣରେ ନିଶ୍ଚୟ ଆସେ । ଏଥିରୁ ଜଣେ ବି ସାଧକ ବାଦ୍ ଯାଆନ୍ତି ନାହିଁ । ପ୍ରଥମ ଆକ୍ରମଣ ହୁଏ ଭୟଙ୍କର । କାରଣ ସାଧକ ଅଭ୍ୟସ୍ତ ନ ଥିବା ଯୋଗୁଁ ପ୍ରଥମ ଆକ୍ରମଣ ଭୟଙ୍କର ପ୍ରତୀତ ହୁଏ ।

ସାଧକ ଯୋଗର ଏହି ରହସ୍ୟ ଯେପର୍ଯ୍ୟନ୍ତ ନ ବୁଝିବ, ଠିକ୍ ପ୍ରଣାଳୀରେ ତା'ର ଯୋଗ-ସାଧନା ଚାଲିବ ନାହିଁ । ବିରୋଧୀ ଶକ୍ତିଙ୍କ ସକାଶେ ତାହାର ଦ୍ୱାର ସର୍ବଦା ଉନ୍ମୁକ୍ତ ରହିବ ।

ସାଧକ ଏହିସବୁ ବାଧାରୁ ଅପେକ୍ଷାକୃତ ସହଜରେ ମୁକ୍ତ ହେବା ସକାଶେ ଭାଗବତୀ ଶକ୍ତିର ପୂର୍ଣ୍ଣ ସାହାଯ୍ୟ ପାଏ । ଏହି ରହସ୍ୟ ସହଜରେ ବୁଝିପାରେ ଯେତେବେଳେ ସେ ମାତୃଶକ୍ତି ଉପରେ ପୂର୍ଣ୍ଣ ବିଶ୍ୱାସ, ନିଷ୍ଠା ଓ ନିର୍ଭରତା ରଖିପାରେ ଏବଂ ତାଙ୍କରି ଚରଣରେ ନିଜକୁ ସମର୍ପଣ କରେ; ଅର୍ଥାତ୍ ପୂର୍ଣ୍ଣ ସମର୍ପଣ କରିବା ସକାଶେ ଦୃଢ଼ ସଂକଳ୍ପ କରେ । ତେବେ ଯାଇ ଭାଗବତୀ ଶକ୍ତି ତାକୁ ସେହିପରି ସାହାଯ୍ୟ କରନ୍ତି, ଯେପରି ଛୋଟ ଶିଶୁକୁ ମା କୋଳରେ ନେଇ କଠିନ ମାର୍ଗ ପାର ହୁଏ । ଏହି ଯୋଗର ଚାବି ହେଉଛି ଶ୍ରୀମାଙ୍କ ଉପରେ ନିର୍ଭରତା ରଖିବା । ବ୍ୟକ୍ତି ଯଦି ସାଧନା ଆରମ୍ଭରୁ ମା'ଙ୍କ ଉପରେ ନିର୍ଭରତା ରଖେ ତେବେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ବିରୋଧୀ ଶକ୍ତିର ଯେତେ କୌଶଳ, ଛଳକପଟ, ଆକ୍ରମଣ ହେଲେ ମଧ୍ୟ ସେ ବିଚଳିତ ନ ହୋଇ ମାତୃଶକ୍ତିର ସାହାଯ୍ୟରେ ସେସବୁର ସମ୍ମୁଖୀନ ହୁଏ ଏବଂ ସେସବୁର ଆକ୍ରମଣକୁ ଅତିକ୍ରମ କରି ସାଧନା ମାର୍ଗରେ ଅଗ୍ରସର ହୁଏ । ଯଦି ସାଧକ ପ୍ରଥମରୁ ଶ୍ରୀମାଙ୍କ ଉପରେ ଦୃଢ଼ ବିଶ୍ୱାସ ନ ରଖିଥାଏ, ତଥାପି ଲକ୍ଷ୍ୟରେ ଯଦି ପହଞ୍ଚିବା ସକାଶେ ଦୃଢ଼ ସଂକଳ୍ପ ସହ ସାଧନାରେ ଲାଗି ରହେ ତେବେ ମା'ଙ୍କ ଉପରେ ବିଶ୍ୱାସ ଭରସା ଆସେ ଏବଂ ଯୋଗର ରହସ୍ୟ ମଧ୍ୟ ବୁଝିପାରେ । ଏହା ନ ହେବା ପର୍ଯ୍ୟନ୍ତ ସାଧକର ଦ୍ୱାର ବିରୋଧୀ ଶକ୍ତିଙ୍କ ପ୍ରତି ଉନ୍ମୁକ୍ତ ରହିଥାଏ ଏବଂ ବାରଂବାର ବାଧାବିପତ୍ତି ମଧ୍ୟ ଆସୁଥାଏ ।

ସାଧକ ଯଦି ଏହି ରହସ୍ୟ ବୁଝିପାରେ ତେବେ ବାହାରର କୌଣସି ଘଟଣା ବା କୌଣସି ବ୍ୟକ୍ତିକୁ ଏହି ବାଧାବିଘ୍ନର କାରଣ ବୋଲି ଭାବେ ନାହିଁ; ରୂପାନ୍ତର ହେବା ସକାଶେ ଏସବୁ ସାମନାକୁ ଆସିଛନ୍ତି ବୋଲି ଜାଣିପାରେ; ବ୍ୟକ୍ତି ବା ସ୍ଥାନ ଉପରେ ଦୋଷାରୋପ କରେ ନାହିଁ; ନୀରବରେ 'ମା' — ଏହି ନାମ ସ୍ମରଣ କରେ । ଏହିସବୁ ପ୍ରତିକୂଳ ପ୍ରବୃତ୍ତିକୁ ସେ ମା'ଙ୍କ ଚରଣରେ ସମର୍ପଣ କରେ । ଫଳରେ ବିରୋଧୀ ଶକ୍ତିର ଆକ୍ରମଣ ଅଧେ ଦୁର୍ବଳ ହୋଇପଡ଼େ ଏବଂ ସାଧକର ଦୁର୍ବଳ ଭାଗକୁ ମା'ଙ୍କ ଶକ୍ତି ଆସ୍ତେ ଆସ୍ତେ ରୂପାନ୍ତର କରେ । ଏହିପରି କଲେ ବିରୋଧୀ ଶକ୍ତିର ଆକ୍ରମଣ, ବାଧାବିଘ୍ନ ସାଧକର ସାଧନାରେ ସାହାଯ୍ୟ କରେ; ସାଧନା ମାର୍ଗରେ ସାଧକକୁ ଶୀଘ୍ର ଶୀଘ୍ର ଅଗ୍ରସର କରାଇ ଦିଏ । ଏହି ଘଟଣାରେ ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ବଢ଼େ; ସମର୍ପଣ, ଅଭୀପ୍ସା ତୀବ୍ର ହୁଏ ତଥା ପରବର୍ତ୍ତୀ ଆକ୍ରମଣ ଏହା ଅପେକ୍ଷା ଦୁର୍ବଳ ହୋଇ ଆସେ ।

ସାଧକ ଏହି ରହସ୍ୟ ନ ବୁଝି ଘଟଣା, ପରିସ୍ଥିତି — ଏପରି ବ୍ୟବହାରର କାରଣ ବ୍ୟକ୍ତି ବୋଲି ମନେ କରେ, ବ୍ୟକ୍ତି ଉପରେ ଦୋଷାରୋପ କରେ, ସ୍ଥାନ ବା ଆଶ୍ରମକୁ ପ୍ରତିକୂଳ ଭାବେ । ତେବେ ଏହା ଦ୍ୱାରା ବିରୋଧୀ ଶକ୍ତିର ବଳ ବହୁତ ବଢ଼ିଯାଏ, ଏହାପରେ ସେସବୁ ଦୁଇ ଗୁଣ ଶକ୍ତିରେ ଆକ୍ରମଣ କରନ୍ତି । ବ୍ୟକ୍ତି ଯଦି ସେ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଯାଏ ତେବେ ବିରୋଧୀ ଶକ୍ତିକୁ ଆହୁରି ସୁବିଧା ମିଳେ । ସେହି ସ୍ଥାନରେ ବହୁ ପ୍ରକାର ବାଧାବିଘ୍ନ ସୃଷ୍ଟି କରନ୍ତି । ସେଠାରେ ସେ ଶାନ୍ତିରେ ରହିପାରେ ନାହିଁ । ଦୁର୍ଭାଗ୍ୟବଶତଃ ସାଧକ ଯଦି ଘରକୁ ଫେରିଯାଏ, ତେବେ ସେଠାରେ ବି ଆହୁରି ଅଧିକ ଅଶାନ୍ତି ଅନୁଭବ କରେ । ତା'ର ଅନ୍ତରାତ୍ମା ଜାଗ୍ରତ ହୋଇଥିଲେ ସେ ବିଷୟ ବାସନାରେ ସନ୍ତୁଷ୍ଟ ହୋଇପାରେ ନାହିଁ । ନିମ୍ନ ପ୍ରକୃତି ଶୁଦ୍ଧ ନ ହୋଇଥିବାରୁ ଅଧ୍ୟାତ୍ମ ମାର୍ଗ ଭୟାବହ ଲାଗେ । ଶେଷକୁ ସାଧକ ଏ କୂଳ ହୁଏ ନାହିଁ କିଂବା ସେ କୂଳ ହୁଏ ନାହିଁ । ଶେଷ ଜୀବନ ଦୁର୍ବିଷହ ହୋଇଉଠେ ।

ଯେଉଁମାନଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ନ ଥାଏ, କେବଳ ପ୍ରାଣର ଆବେଗ ଅଥବା କୌଣସି ବିଶେଷ କାରଣବଶତଃ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ଆସିଥାଏ, ତା'ର ଯଦି ଅନ୍ତରାତ୍ମା ଜାଗ୍ରତ ହୋଇଯାଏ ଏବଂ ସେ ଯୋଗର ରହସ୍ୟ ବୁଝି ଆଚରଣ କରେ ତେବେ ଅଧ୍ୟାତ୍ମ ମାର୍ଗରେ ରହିଯାଏ । ଯଦି ଅନ୍ତରାତ୍ମା ଜାଗ୍ରତ ନ ହୁଏ, ତେବେ ସେ ନିଶ୍ଚୟ ଗାର୍ହସ୍ଥ୍ୟାଶ୍ରମକୁ ଫେରିଯାଏ ଏବଂ କୌଣସି ମତେ ଜୀବନ ନିର୍ବାହ କରିନିଏ । କିନ୍ତୁ ଯାହାର ଅନ୍ତରାତ୍ମା ଜାଗ୍ରତ ହୋଇଥାଏ ସେ ଗାର୍ହସ୍ଥ୍ୟାଶ୍ରମରେ କଦାପି ଶାନ୍ତିରେ ରହିପାରେ ନାହିଁ ।

ସାଧକ ବାହାର ଘଟଣା, ଅନ୍ୟର ବ୍ୟବହାରରେ ସମ୍ପୂର୍ଣ୍ଣ ରୂପେ ନୀରବ ତଥା ଉଦାସୀନ ରହିବା ଉଚିତ । ସାଧକକୁ ଦିଆଯାଇଥିବା କାର୍ଯ୍ୟକୁ ମା'ଙ୍କ ସେବା, ଲକ୍ଷ୍ୟ ପ୍ରାପ୍ତିର ସାଧନ

ଭାବରେ ଆନ୍ତରିକତା ସହ ସମ୍ପନ୍ନ କରି ମା'ଙ୍କୁ ସମର୍ପଣ କରିବ । ନିର୍ଦ୍ଦିଷ୍ଟ କାର୍ଯ୍ୟ ନ ଥିଲେ ଅନ୍ୟ କାର୍ଯ୍ୟ କରିବ । ବସି ରହିବ ନାହିଁ । ବସି ରହିଲେ ନାନା ପ୍ରକାର ଚିନ୍ତା ଆସିବ । କିଛି ସମୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କର । କିଛି ସମୟ ଧ୍ୟାନ କର । କିଛି ସମୟ ବ୍ୟାୟାମ କର । 'ମା', ଏହି ନାମ ସବୁ ସମୟରେ ଜପ କର । ଆଶ୍ରମର ସମସ୍ତ ନିୟମ ପାଳନ କର । ନିୟମ ନ ମାନି ବିଶୃଙ୍ଖଳା ସୃଷ୍ଟି କରିବା ଯୋଗର ପ୍ରତିକୂଳ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । ଲକ୍ଷ୍ୟ ସିଦ୍ଧି ନ ହେବା ପର୍ଯ୍ୟନ୍ତ ବ୍ୟକ୍ତି କଦାପି ସୁଖ ଶାନ୍ତିରେ ରହିପାରେ ନାହିଁ । ଜନ୍ମ ମରଣ ଚକ୍ରରେ ଭ୍ରମୁ ଥାଏ ।

ବର୍ତ୍ତମାନ ବହୁତ ସୁଯୋଗ । ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ସାଧକ ତା' ପ୍ରତି ଉନ୍ମୁକ୍ତ ରହିଲେ ସାଧକ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରିବ ଏବଂ ସାଧକକୁ ସର୍ବପ୍ରକାର ସାହାଯ୍ୟ ମଧ୍ୟ କରିବ । ସାଧକର ମନ-ପ୍ରାଣ-ଶରୀରର ରୂପାନ୍ତର ବିଶେଷଭାବେ ଅଗ୍ରଗତି କଲେ କ୍ରମଶଃ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର କମ୍ ହେବାକୁ ଲାଗିବ । କିଛି ସାଧକମାନଙ୍କର ଶରୀର ରୂପାନ୍ତର ହେଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ଯୋଗ ଦ୍ୱାରା ସାଧକର କଲ୍ୟାଣ ସଙ୍ଗେ ସଙ୍ଗେ ସଂସାରର କଲ୍ୟାଣ ସାଧିତ ହୁଏ । ଏପରି ସୁଯୋଗ ସଂସାର ଆରମ୍ଭରୁ କେବେ ବି ପୃଥିବୀକୁ ଆସି ନ ଥିଲା । ଆମ୍ଭେମାନେ ସାବଧାନ ହୋଇ ମା'ଙ୍କ ଆଶ୍ରୟ ପୂର୍ଣ୍ଣ ରୂପେ ତଥା ନିଷ୍ଠାର ସହିତ ଗ୍ରହଣ କଲେ, ତାଙ୍କରି କୃପାରୁ ନିଜର ଅହଂ, ସ୍ୱାର୍ଥ ଚିହ୍ନି ପାରିବା ଏବଂ ତାଙ୍କରି ସାହାଯ୍ୟରେ, ତାଙ୍କରି କୃପାରେ ସେସବୁ ରୂପାନ୍ତରିତ ହେବେ ଏବଂ ଆମେ ଲକ୍ଷ୍ୟ ଆଡ଼କୁ ଅଗ୍ରଗତି କରିପାରିବା ।

(କ୍ରମଶଃ)

('ଶ୍ରୀଅରବିନ୍ଦ-କର୍ମଧାରା', ଅକ୍ଟୋବର ୧୯୭୮,
ପୃଷ୍ଠା. ୨ - ୪ରୁ ଗୃହୀତ) ❑

## ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମ ଶିବିର – ୨୦୨୨

ଚଳିତବର୍ଷ ମେ ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୭୫ତମ ଗ୍ରୀଷ୍ମକାଳୀନ ସୁହୃଦ୍ ଶ୍ରମ ଶିବିର ଭଦ୍ରକ ଜିଲ୍ଲାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦୋଳପଦାଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଅଛି । ଏଥିରେ ପ୍ରତ୍ୟହ ଶ୍ରମଦାନ ସହ 'ଦିବ୍ୟ ଜୀବନ' ଗ୍ରନ୍ଥ ଅଧ୍ୟୟନ କରାଯିବ । ଏଥିପାଇଁ ଶିବିରାର୍ଥୀ ଦେୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନର ସୂଚନା :**

ଟ୍ରେନ୍ ଯୋଗେ : ଭଦ୍ରକ ରେଳ ଷ୍ଟେସନରୁ ଅଟୋରେ ୫ କି.ମି. ଆସି ଭଦ୍ରକ ବନ୍ତଛକ ବସ୍‌ଷ୍ଟାଣ୍ଡରୁ ଆନନ୍ଦପୁର ରାସ୍ତାରେ ୧୪ କି. ମି. ବରହମ୍ପୁର ବସ୍ ଷ୍ଟପେଜ୍ ଠାରୁ ୨.୫ କି. ମି. ଚାଲି ଚାଲି ଆସିଲେ ଦୋଳପଦାରେ ପହଞ୍ଚିବେ କିଂବା ଭଦ୍ରକରୁ ୨୦ କି. ମି. ଦୂର ବନ୍ତ ବସ୍ ଷ୍ଟପେଜ୍‌ରୁ ଅଟୋରେ ଆସି ପହଞ୍ଚି ପାରିବେ ।

ଯେଉଁମାନେ ଆନନ୍ଦପୁର ଆଡୁ ଆସିବେ ସେମାନେ ବନ୍ତ (୨୫ କି. ମି.)ରେ ପହଞ୍ଚି ଅଟୋରେ ଆସି ପାରିବେ ।

ବି. ଦ୍ର. – ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରି ପାରନ୍ତି ।
ମୋବାଇଲ ନଂ : ଅଶୋକ ଖୁଣ୍ଟିଆ – ୮୮୯୫୧୩୦୩୫୯, ୮୪୫୭୮୩୦୭୦୭
ବାଣୀ ଅପା – ୯୮୬୧୫୬୯୨୬୪, ୮୩୨୮୯୮୩୬୩୯, ଅନିଲ ଭାଇ – ୯୨୩୭୦୫୦୪୮୪

ସିନ୍ଧୁରୁ ବିନ୍ଦୁଏ :

# ବିମର୍ଷ ବିଜୟ

## ସନ୍ତୋଷ ରଥ

ଗଗନ ପବନ କମ୍ପେ ଘନ ଘନ
ବର୍ଷୁଛି ବହ୍ନି ତୁହାକୁ ତୁହା,
ଗର୍ଜେ କମାଣ ଧୂମାଳ ଅୟନ
ଶରଣ ନିମନ୍ତେ ନ ମିଳେ ରାହା । (୧)

ସମୃଦ୍ଧ ସହର ବିଜନ ବିସ୍ତର
ସୁଡ଼ଙ୍ଗ ହୁଅଇ ଆଶ୍ରୟସ୍ଥଳ,
ରହିଲେ ବି କାହିଁ ନ ମିଳଇ ତ୍ରାହି
ଭିକ୍ଷା ଥାଳ ଧରି ଭ୍ରମୁଛି କାଳ । (୨)

ରୁଧିର ପିପାସା ପିଶାଚର ତୃଷା
ମେଣ୍ଟି ନାହିଁ କେବେ ସମର ନିଶା,
ଗଢ଼ା ଇମାରତ୍ ହୁଏ ଧୂଳିସାତ୍
ସମରେ ନ ମିଳେ ଶାନ୍ତିର ଦିଶା । (୩)

ଲିଭିଛି ସିନ୍ଦୂର ଭାଲପଟୁ କା'ର
ଛେଉଣ୍ଡ ହେଉଛି ଅଚିରେ କେହି,
ନ ହୋଇ ନିଧନ ଦହେ ଅପଘନ
ଶୋକ ଜର ଜରେ କମ୍ପୁଛି ମହି । (୪)

ଶରଣ ଶିବିରେ ଶରଣାର୍ଥୀ ମେଳେ
ନ ମେଣ୍ଟଇ ତୃଷା ଉଦର ଜ୍ୱାଳା,
ଦିନୁ ଦିନ ବିତେ ଅରାତି ସଂଘାତେ
ତୁଟି ଯାଏ ଆଶା ଜୀବନ ଭେଳା । (୫)

ଶୋଣିତରେ ଭିଜା ସମରର ଧ୍ୱଜା
ଦଂଶନ ଆଶାରେ ଆହତ ରୋଷ,
ଦୁର୍ଜୟ ଲାଳସା ରିକ୍ତ ପରିଭାଷା
ହତଶିରୀ ହୁଏ ଆତ୍ମିକ ସ୍ୱର୍ଶ । (୬)

ହେଉ ବା ବିଜୟ ଅବା ପରାଜୟ
ସମର ଯାତନା ଯମ ଯନ୍ତ୍ରଣା,
ଧ୍ୱଂସ ସ୍ତୂପ ତଳେ ଦିକ୍ ଦିକ୍ ଜଳେ
ଆରଣ୍ୟକ କ୍ଷୁଧା ଶତ୍ରୁ ଗଞ୍ଜଣା । (୭) ❑

"War is a dangerous teacher and physical victory leads often to a moral defeat."

(CWSA, Vol. 25, p. 52) – Sri Aurobindo

ଅର୍ଥାତ୍, ''ଯୁଦ୍ଧ ଏକ ମାରାତ୍ମକ ଶିକ୍ଷାଦାତା ଏବଂ ଭୌତିକ ବିଜୟ ପ୍ରାୟତଃ ଏକ ନୈତିକ ପରାଜୟର କାରଣ ହୋଇଥାଏ ।''

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କର କଥା ଆଜି ଦେଶ ବିଦେଶରେ ଚାରିଆଡ଼େ ଶୁଣାଯାଉଛି । ଅଧିକରୁ ଅଧିକ ଲୋକ ତାଙ୍କ ସାଧନା, ଉପଦେଶ ଓ ଅମୃତମୟ ବାଣୀ ଶୁଣିବାକୁ ଉତ୍ସାହ ପ୍ରକାଶ କରୁଛନ୍ତି । ନିରୁଦ୍ଦିଷ୍ଟ ଜୀବନ ଯେପରି ତାଙ୍କର ଉପଦେଶ ଓ ସାଧନାର କଥା ଶୁଣି ଶାନ୍ତି, ସରସତା ଓ ଆନନ୍ଦ ଅନୁଭବ କରୁଅଛି । କେହି କେହି ଏକଥା ଉପଲବ୍ଧି କରୁଛନ୍ତି ଯେ ପୃଥିବୀରେ ଗୋଟିଏ ସୁବର୍ଣ୍ଣମୟ ଯୁଗ ଆସୁଅଛି । ସମସ୍ତଙ୍କ ମଧ୍ୟରେ ଦେବତାଙ୍କର ଜନ୍ମ ହେବ । ଏହି ସ୍ୱର୍ଣ୍ଣମୟ ଯୁଗର ଶ୍ରୀଅରବିନ୍ଦ ହେଲେ ସୂତ୍ରଧର, ନବଯୁଗର ପଥଦ୍ରଷ୍ଟା । ମାନବ ସମାଜର କ୍ରମ-ବିବର୍ତ୍ତନ ପଥରେ ତାଙ୍କର ସାଧନା ଓ ଅତୁଳନୀୟ ଦାନର କଥା କହିବା ପୂର୍ବରୁ ତାଙ୍କର ସଂକ୍ଷିପ୍ତ ଜୀବନୀ ସମ୍ବନ୍ଧରେ ଏଠାରେ ସର୍ବସାଧାରଣଙ୍କୁ ପରିଚୟ କରାଇ ଦେବା ।

ସେତେବେଳେ ଭାରତବର୍ଷର ଏକ ବଡ଼ ଦୁର୍ଦ୍ଦିନ ଅବସ୍ଥା । ଦେଶରେ ଗୋଟାଏ କଳା ପର୍ଦ୍ଦା ଚାରିଆଡ଼େ ଟାଣି ହୋଇଯାଇଛି । ପାଶ୍ଚାତ୍ୟ ଧନଲୋଲୁପ ବ୍ୟବସାୟୀମାନେ ଏ ଦେଶକୁ ବେପାର କରିବାକୁ ଆସି ଦେଶ ଅଧିକାର କରି ବସିଲେ । ସ୍ୱାଧୀନତାର ପ୍ରଥମ ଅଗ୍ନିଶିଖା ୧୮୫୭ ସାଲରେ ସିପାହୀମାନଙ୍କର ଗୌରବମୟ ଆନ୍ଦୋଳନ ଫଳରେ ଜାଗ୍ରତ ହେଲା ସତ, ତଥାପି କାଳର ନିର୍ମମ ଆଘାତ ଓ ଦମନ ଫଳରେ ତାହା ପ୍ରାୟ ଚିରଦିନ ପାଇଁ ଲିଭିଗଲା । ଭାରତବର୍ଷ ଯେ ପର ପଦାନତ ହେଲା, ଶୃଙ୍ଖଳର ବେଡ଼ି ପିନ୍ଧି ବନ୍ଦୀ ହୋଇ ରହିଲା, ଏଥିରେ ଆଉ ସନ୍ଦେହ ରହିଲା ନାହିଁ । କ୍ରମଶଃ ଏହି ବିଦେଶୀ ପ୍ରଭାବ, ବିଦେଶୀ ପରିବେଶ ଓ ଅନୁକରଣର ଫଳ ଏତେ ବେଶୀ ହେଲା ଯେ ଦେଶର ଅନ୍ତର୍ନିହିତ ଆଧ୍ୟାତ୍ମିକତା, ଧର୍ମ, ସଂସ୍କୃତି, ଚିନ୍ତାଧାରା କ୍ରମଶଃ ତମିସ୍ରାର ଅତଳ ଗହ୍ୱରରେ ଲିଭି ଯିବାକୁ ବସିଲା । ଭାରତର ଶାଶ୍ୱତ ଆତ୍ମା ଯେପରି ଗ୍ଳାନି, ଅପମାନ ଓ ଅବସାଦର ଗଭୀର ଅନ୍ଧକାର ମଧ୍ୟରେ ମ୍ରିୟମାଣ ହୋଇ ପଡ଼ିଲା । ଠିକ୍ ଏହି ସମୟରେ ପୃଥିବୀରେ ନବଯୁଗକୁ ଆହ୍ୱାନ କରି ପୁଣ୍ୟଭୂମି ଭାରତ ଓ ସନାତନ ଧର୍ମର ଉତ୍ଥାନ ନିମିତ୍ତ ଭୁବନ ବିଦିତ ମହାପୁରୁଷଗଣ ଜନ୍ମଗ୍ରହଣ କଲେ । ଭାରତର ଜାଗରଣ ହେଲା ସୁପ୍ତ ସିଂହର ଜାଗରଣ ତୁଲ୍ୟ । ସର୍ବତ୍ର ସନାତନ ଧର୍ମର ଅମର ବାଣୀ ପ୍ରଚାରିତ ହେବାକୁ ଲାଗିଲା । ଯେଉଁ ମହାପୁରୁଷଗଣ ଦେଶର ଏହି ସଙ୍କଟ କାଳରେ ଜନ୍ମଗ୍ରହଣ କରି ତାହାର ଅନ୍ତର୍ନିହିତ ଶାଶ୍ୱତ ଶକ୍ତିକୁ ଜାଗ୍ରତ କରାଇ ଥିଲେ – ସେମାନଙ୍କ ମଧ୍ୟରେ ଧର୍ମକ୍ଷେତ୍ରରେ ସର୍ବପ୍ରଧାନ ହେଲେ ରାଜା ରାମମୋହନ ରାୟ, ଶ୍ରୀରାମକୃଷ୍ଣ ପରମହଂସ, କେଶବ ଚନ୍ଦ୍ର ସେନ, ସ୍ୱାମୀ ବିବେକାନନ୍ଦ, ଦୟାନନ୍ଦ ସରସ୍ୱତୀ ଏବଂ ଜାତୀୟତା କ୍ଷେତ୍ରରେ ସୁବିଖ୍ୟାତ ମରହଟ୍ଟା ନେତା ବାଳ ଗଙ୍ଗାଧର ତିଳକ, ବିପିନ ଚନ୍ଦ୍ର ପାଲ, ବଙ୍କିମ ଚନ୍ଦ୍ର, ଲାଲ ଲଜପତ୍ ରାୟ ଏବଂ ଏହି ଉଭୟ କ୍ଷେତ୍ରରେ ଧର୍ମ ଓ ଜାତୀୟତାକୁ ଏକତ୍ର ଧାରଣ କରି ଏକ ସୁମହାନ ଅଲୌକିକ ଐଶ୍ୱର୍ଯ୍ୟ ସହ ଜନ୍ମଗ୍ରହଣ କଲେ ଶ୍ରୀଅରବିନ୍ଦ ।

ଶ୍ରୀଅରବିନ୍ଦ ୧୮୭୨ ସାଲ ଅଗଷ୍ଟ ୧୫ ତାରିଖରେ କଲିକତାରେ ଜନ୍ମ ଗ୍ରହଣ କରିଥିଲେ । ସେ ହୁଗୁଳି ଜିଲ୍ଲାର କଣ୍ୟଘର ନାମକ କ୍ଷୁଦ୍ର ସହରର ସୁପ୍ରସିଦ୍ଧ ଘୋଷ ପରିବାରରେ ଜନ୍ମଗ୍ରହଣ କରିଥିଲେ । କଣ୍ୟଘର କଲିକତାର ଉତ୍ତରକୁ ଏଗାର ମାଇଲ ଦୂରରେ ଓ ହୁଗୁଳି ନଦୀର ପଶ୍ଚିମ ତୀରରେ ଅବସ୍ଥିତ । ଏହି ପରିବାରରେ ପ୍ରାୟ ୧୮୪୦ ଖ୍ରୀଷ୍ଟାବ୍ଦରେ କୃଷ୍ଣଧନ ଘୋଷ ଜନ୍ମ ଗ୍ରହଣ କରିଥିଲେ । କୃଷ୍ଣଧନ ଘୋଷ କଲିକତାର ମେଡ଼ିକାଲ କଲେଜରୁ ପାଠ ଶେଷ କରି ଉଚ୍ଚଶିକ୍ଷା ନିମିତ୍ତ ବିଲାତ ଯାଇଥିଲେ । ବିଲାତରୁ ଫେରି ଆସି କୃଷ୍ଣଧନ ଘୋଷ ଭାରତୀୟ ମେଡ଼ିକାଲ ସର୍ଭିସରେ ଭର୍ତ୍ତି ହେଲେ ଏବଂ ସିଭିଲ ସର୍ଜନ ହିସାବରେ ଖୁବ୍ ସୁଖ୍ୟାତି ଅର୍ଜନ କରିଥିଲେ । କୃଷ୍ଣଧନ ବିଲାତରୁ ଫେରିବା ପରେ ପ୍ରାୟଶ୍ଚିତ୍ତ କ୍ରିୟା ନ କରିବାରୁ ସ୍ୱୀୟ ଗ୍ରାମ କଣ୍ୟଘରରୁ ବିତାଡ଼ିତ ହୋଇ ଥିଲେ ଏବଂ ନିଜର ଘରବାଡ଼ି ମଧ୍ୟ ବିକ୍ରି କରି ଦେଇଥିଲେ । ଶ୍ରୀଯୁକ୍ତ ଘୋଷ ଦେଓଘରର ଋଷି ରାଜନାରାୟଣ ବୋଷଙ୍କର କନ୍ୟା ଶ୍ରୀମତୀ ସ୍ୱର୍ଣ୍ଣଲତାଙ୍କୁ ବିବାହ କରିଥିଲେ ।

ଶ୍ରୀଅରବିନ୍ଦ ଏହି ସୁବିଖ୍ୟାତ ଘୋଷ ପରିବାରରେ କୃଷ୍ଣଧନ ଘୋଷ ଓ ସ୍ୱର୍ଣ୍ଣଲତାଙ୍କର ତୃତୀୟ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । କୃଷ୍ଣଧନ ଘୋଷ ସମ୍ପୂର୍ଣ୍ଣ ବିଦେଶୀ ମନୋଭାବାପନ୍ନ ବ୍ୟକ୍ତି ଥିଲେ । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାକୁ

ସେ ଖୁବ୍ ପସନ୍ଦ କରୁଥିଲେ । ଅନ୍ୟ ପକ୍ଷରେ ସେ ଅତ୍ୟନ୍ତ ଦୟାଳୁ ଏବଂ ଉଦାର ବ୍ୟକ୍ତି ଥିଲେ । ସେ ତାଙ୍କର ପୁତ୍ରମାନଙ୍କୁ ବିଦେଶୀ ଶିକ୍ଷାରେ ଦୀକ୍ଷିତ କରାଇବାକୁ ବରାବର ଇଚ୍ଛୁକ ଥିଲେ । ସେ ଶ୍ରୀଅରବିନ୍ଦଙ୍କୁ ଅତି ପିଲାଦିନରୁ ପାଞ୍ଚବର୍ଷ ବୟସରେ ଦାର୍ଜିଲିଙ୍ଗ୍ ଲରେଣ୍ଟୋ କନ୍‌ଭେଣ୍ଟ୍ ସ୍କୁଲ୍‌କୁ ପାଠ ପଢ଼ିବାକୁ ପଠାଇ ଦେଇଥିଲେ । ଦାର୍ଜିଲିଙ୍ଗ୍ କନ୍‌ଭେଣ୍ଟ୍ ସ୍କୁଲରେ କେବଳ ଇଂରେଜ ବାଳକବାଳିକାମାନେ ଅଧ୍ୟୟନ କରୁଥିଲେ । ଶ୍ରୀଅରବିନ୍ଦ ସେହିମାନଙ୍କ ମଧ୍ୟରେ ରହି ବିଦ୍ୟା ଶିକ୍ଷା କରିବାକୁ ଲାଗିଲେ । ଏହି ସମୟରେ ଶ୍ରୀଅରବିନ୍ଦଙ୍କର ଶିକ୍ଷକଗଣ ତାଙ୍କ ବୁଦ୍ଧିମତ୍ତା ଓ ସୁମଧୁର ପ୍ରକୃତିରେ ବିଶେଷ ପ୍ରୀତ ହୋଇଥିଲେ ।

୧୮୭୯ ସାଲରେ ଡକ୍ଟର କୃଷ୍ଣଧନ ଘୋଷ ନିଜର ସନ୍ତାନଗଣଙ୍କୁ ବିଦେଶରେ ଶିକ୍ଷାଦେବା ନିମିତ୍ତ, ସ୍ୱୀୟ ତିନି ପୁତ୍ର ବିନୟଭୂଷଣ, ମନମୋହନ ଓ ଶ୍ରୀଅରବିନ୍ଦ ଏବଂ ପତ୍ନୀ ସ୍ୱର୍ଣ୍ଣଲତାଙ୍କୁ ସଙ୍ଗରେ ଧରି ବିଲାତ ଯାତ୍ରା କଲେ । ମାଞ୍ଚେଷ୍ଟରରେ ଡ୍ରୁଏଟ୍ ନାମକ ଏକ ଇଂରେଜ ପରିବାରରେ ତିନି ଭାଇଯାକ ବାସ କରିବାକୁ ଲାଗିଲେ ଏବଂ ସେମାନଙ୍କର ସମସ୍ତ ଭାର ଡ୍ରୁଏଟ୍ ଦମ୍ପତିଙ୍କ ଉପରେ ଅର୍ପଣ କରି କୃଷ୍ଣଧନ ଘୋଷ ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ । ବିନୟଭୂଷଣ ଓ ମନମୋହନ ମାଞ୍ଚେଷ୍ଟରର ଗ୍ରାମାର୍ ସ୍କୁଲରେ ବିଦ୍ୟାଧ୍ୟୟନ କଲେ । ମିଷ୍ଟର ଡ୍ରୁଏଟ୍ ଏବଂ ତାଙ୍କର ପତ୍ନୀ ଶ୍ରୀଅରବିନ୍ଦଙ୍କ ବୁଦ୍ଧି ଓ ବିଚକ୍ଷଣତାରେ ମୁଗ୍ଧ ହୋଇ ତାଙ୍କୁ ଶିକ୍ଷା ଦେବାକୁ ଲାଗିଲେ । ଡ୍ରୁଏଟ୍ ସାହେବ ଲାଟିନ୍ ଭାଷାରେ ସୁପଣ୍ଡିତ ଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ଲାଟିନ୍ ଭାଷା ଅତି ଉତ୍ତମ ରୂପେ ଶିଖାଇ ଦେଲେ । ତତ୍ପରେ ୧୮୮୫ ସାଲରେ, ଶ୍ରୀଅରବିନ୍ଦଙ୍କୁ ଯେତେବେଳେ ତେର ବର୍ଷ ବୟସ, ଲଣ୍ଡନର ସେଣ୍ଟ ପଲ୍ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଅରବିନ୍ଦଙ୍କର ଚରିତ୍ର ଏବଂ ବୁଦ୍ଧିମତ୍ତାରେ ମୁଗ୍ଧ ହୋଇ ତାଙ୍କୁ ସ୍ୱୟଂ ଗ୍ରୀକ୍ ଭାଷା ଶିଖାଇବାକୁ ଲାଗିଲେ ଏବଂ ଅଳ୍ପ ଦିନ ଭିତରେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଇ ଦେଲେ ।

୧୮୮୯ ଖ୍ରୀଷ୍ଟାବ୍ଦରେ ଶ୍ରୀଅରବିନ୍ଦ ପ୍ରାଚୀନ ସାହିତ୍ୟରେ ପାରଦର୍ଶିତାର ସହିତ ବୃତ୍ତି ଲାଭ କରି କେମ୍ବ୍ରିଜର କିଙ୍ଗ୍‌ସ କଲେଜକୁ ପଢ଼ିବାକୁ ଗଲେ । ସେଠାରେ ସେ ଦୁଇବର୍ଷ କାଳ ବିଦ୍ୟାଧ୍ୟୟନ କରିଥିଲେ ।

ଶ୍ରୀଅରବିନ୍ଦ ତାଙ୍କ ସ୍କୁଲ ଜୀବନରେ ପ୍ରାଚୀନ ସାହିତ୍ୟ ଅଧ୍ୟୟନରେ ଖୁବ୍ ସମୟ ଦେଇଥିଲେ । କିନ୍ତୁ ସେଣ୍ଟ୍‌ପଲ୍‌ରେ ଶେଷ ତିନିବର୍ଷ ଧରି ସେ ଏ ଦିଗରେ ସେତେ ନଜର ଦେଇ ନଥିଲେ । କାରଣ ସେ କ୍ଲାସର ବାହାରେ ସାଧାରଣ ପାଠ୍ୟାଭ୍ୟାସ ଦିଗରେ, ବିଶେଷତଃ ଇଂରେଜ ସାହିତ୍ୟ, କାବ୍ୟ, ଉପନ୍ୟାସ, ଫରାସୀ ସାହିତ୍ୟ ଏବଂ ଇଉରୋପର ପ୍ରାଚୀନ ଯୁଗ, ମଧ୍ୟଯୁଗ ଓ ବର୍ତ୍ତମାନ ଇତିହାସ ପଢ଼ାରେ ପ୍ରାୟ ସମସ୍ତ ସମୟ ଦେଉଥିଲେ । ଏହି ସମୟରେ କେମ୍ବ୍ରିଜ୍‌ରେ ସେ ଜର୍ମାନୀ ଭାଷା, ଇଟାଲୀ ଭାଷା ଏବଂ ସ୍ୱଳ୍ପ ସ୍ପାନିସ୍ ଭାଷା ଶିକ୍ଷା କରିଥିଲେ । ଏହି ସମୟରେ ଶ୍ରୀଅରବିନ୍ଦ ବହୁ କବିତା ଲେଖୁଥିଲେ, କାରଣ ସ୍କୁଲ ପଢ଼ାଶୁଣା କରିବାରେ ତାଙ୍କୁ ଖୁବ୍ କମ୍ ସମୟ ଲାଗୁଥିଲା । ସ୍କୁଲ ପାଠ ତାଙ୍କୁ ଖୁବ୍ ସହଜ ବୋଧ ହେଉଥିଲା । ସେହି ସମୟରେ ସେ ଗୋଟିଏ ବର୍ଷ ଗ୍ରୀକ୍, ଲାଟିନ୍ କବିତା ଲେଖାରେ କିଙ୍ଗସ୍ କଲେଜର ସବୁ ପୁରସ୍କାର ଲାଭ କରିଥିଲେ । କେମ୍ବ୍ରିଜ୍‌ରେ ଶ୍ରୀଅରବିନ୍ଦ ଟ୍ରାଇପସ୍ ପରୀକ୍ଷାରେ ପ୍ରଥମ ଭାଗରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ବହୁ ଉଚ୍ଚ ସ୍ଥାନ ଲାଭ କରିଥିଲେ । ତା'ପରେ ତାଙ୍କର କେମ୍ବ୍ରିଜ୍‌ରେ ମାତ୍ର ଦୁଇବର୍ଷ ପଢ଼ିବାକୁ ବାକି ଥିବାରୁ ସେ ବି. ଏ. ଉପାଧି ଲାଭ କରିବାକୁ ଅପେକ୍ଷା କରି ନଥିଲେ । ଦରଖାସ୍ତ କରିଥିଲେ ତାଙ୍କୁ ବି. ଏ. ଉପାଧି ମିଳି ଥାଆନ୍ତା, ମାତ୍ର ସେ ତାହା କରି ନଥିଲେ ।

୧୮୯୦ ସାଲରେ ଶ୍ରୀଅରବିନ୍ଦ ଆଇ. ସି. ଏସ୍ ପରୀକ୍ଷାରେ ଉଚ୍ଚ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହେଲେ । ସେ ଏହି ପରୀକ୍ଷାରେ ଗ୍ରୀକ୍ ଓ ଲାଟିନ୍ ଭାଷାରେ ବହୁତ ବେଶୀ ନମ୍ବର ରଖିଥିଲେ ଏବଂ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶ୍ରୀଅରବିନ୍ଦଙ୍କର କିନ୍ତୁ ଚାକିରି କରିବାକୁ ଆଦୌ ଇଚ୍ଛା ନଥିଲା କି ସେଥିପାଇଁ ପ୍ରଲୁବ୍ଧ ନଥିଲେ । କିନ୍ତୁ ଏପରି ଇଚ୍ଛା ବିରୋଧରେ ତାଙ୍କର ଆତ୍ମୀୟବର୍ଗ ଘୋର ପ୍ରତିବନ୍ଧକ ଥିଲେ । ଶ୍ରୀଅରବିନ୍ଦ ଏହି ଆଇ. ସି. ଏସ୍ ଚାକିରିରୁ ମୁକ୍ତ ହେବାକୁ ଉପାୟ ଖୋଜୁଥିଲେ । ସେଥିପାଇଁ ଆଇ. ସି. ଏସ୍‌ର ଶେଷ ପରୀକ୍ଷା ଘୋଡ଼ାଚଢ଼ାରେ ସେ ଅବହେଳା କରି ଅକୃତକାର୍ଯ୍ୟ ହେଲେ । ପୁଣି ଥରେ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସୁଯୋଗ ମିଳିଥିଲା, ମାତ୍ର ସେ ବିଳମ୍ବ କରିବାରୁ ତାଙ୍କର ନାମ ଭାରତୀୟ ସିଭିଲ ସର୍ଭିସ୍ ତାଲିକାରୁ କାଟି ଦିଆଗଲା । ଅସଲ କଥା ହେଲା ଶ୍ରୀଅରବିନ୍ଦ ଏହି ଚାକିରି କରିବାକୁ ଆଦୌ ଚାହୁଁ ନଥିଲେ, ସେଥିପାଇଁ ସେ ଖସି ପଳାଇବାର ବାହାନା ଖୋଜୁଥିଲେ ।

ଶ୍ରୀଅରବିନ୍ଦ ବିଲାତରେ ମୋଟ ଚଉଦ ବର୍ଷ କାଳ ଥିଲେ ଏବଂ ତାଙ୍କର ରହଣିର ଶେଷ ଆଡ଼କୁ ତାଙ୍କ ପିତା ଆର୍ଥିକ

ସାହାଯ୍ୟ ପଠାଇବାରେ ବହୁତ ଅବହେଳା କଲେ । ଏଥିପାଇଁ ବେଳେ ବେଳେ ତିନି ଭାଇଯାକ ବହୁ କଷ୍ଟରେ ଏପରିକି ଉପବାସରେ ମଧ୍ୟ ଦିନ କଟାଇ ଥିଲେ । ତଥାପି ଶ୍ରୀଅରବିନ୍ଦ ନିଜର ବୃତ୍ତି ଯୋଗୁଁ ଏବଂ ମିତବ୍ୟୟିତା ଫଳରେ କୌଣସିମତେ ଚଳି ଯାଉଥିଲେ ।

ଶ୍ରୀଅରବିନ୍ଦଙ୍କୁ ଯେତେବେଳେ ଏଗାର ବର୍ଷ ବୟସ ସେତେବେଳେ ତାଙ୍କର ପ୍ରବଳ ବିଶ୍ୱାସ ଜନ୍ମିଲା ଯେ ଜଗତରେ ଏକ ବିପ୍ଳବ ଓ ବିପର୍ଯ୍ୟୟର ସମୟ ଆସୁଛି ଏବଂ ସେଥିରେ ହୁଏତ ତାଙ୍କୁ ଏକ ପ୍ରଧାନ ଭୂମିକା ନେବାକୁ ହେବ । ତାଙ୍କ ପିତାଙ୍କର ଚିଠିପତ୍ରରୁ ସେ ଭାରତରେ ଇଂରେଜ ଶାସନର ଯାନ୍ତ୍ରିକ ଓ ନିର୍ମମ ସ୍ୱରୂପର ଏକ ଚିତ୍ର ଦେଖିବାକୁ ପାଉଥିଲେ । ଭାରତୀୟ ସମ୍ବାଦପତ୍ରରେ ଯେଉଁଠାରେ ଇଂରେଜମାନଙ୍କ କର୍ତ୍ତୃତ୍ୱ ତଥା ନିର୍ଯାତନାର ବର୍ଣ୍ଣନା ଥାଏ, ତାଙ୍କ ପିତା ସେହି ସ୍ଥାନରେ ଦାଗ ଦେଇ ପଠାଇ ଦେଉଥିଲେ । ଏଥିପାଇଁ ବାଲ୍ୟକାଳରୁ ଶ୍ରୀଅରବିନ୍ଦଙ୍କ ମନରେ ଭାରତରେ ଇଂରେଜୀ ଶାସନ ବିରୁଦ୍ଧରେ ଗୋଟାଏ ବିଦ୍ୱେଷ ଭାବ ରହି ଆସୁଥିଲା । ସ୍ୱଦେଶର ମୁକ୍ତି ସାଧନ ନିମିତ୍ତ ହୁଏତ ସେ ଏହିଠାରୁ ସୂଚନା ପାଇଥିଲେ । କେମ୍ବ୍ରିଜ୍ ସାହିତ୍ୟ ମଜଲିସରେ ସେ ବିପ୍ଳବାତ୍ମକ ଭାଷଣମାନ ଦେଉଥିଲେ ଏବଂ ପରେ ସେ ସେହି ମଜଲିସର ସମ୍ପାଦକ ହୋଇଥିଲେ । ଏଥିପାଇଁ ଇଂରେଜ ସରକାର ତାଙ୍କୁ ଭାରତୀୟ ସିଭିଲ ସର୍ଭିସ୍‌ରେ ଅନ୍ତର୍ଭୁକ୍ତ କରାଇବାକୁ ନାରାଜ ଥିଲେ । ଏହି ସମୟରେ ଭାରତୀୟମାନଙ୍କର ଗୋଟିଏ ଗୁପ୍ତ ସମିତିରେ ସେ ବରାବର ଯୋଗ ଦେଉଥିଲେ । ଏହି ସମିତିର ନାମ ଥିଲା ''ପଦ୍ମ ଓ ତରବାରି'' (Lotus & Dagger) ।

ଏହି ସମିତିର ସଭ୍ୟମାନେ ପ୍ରତିଜ୍ଞା କରିଥିଲେ ଯେ ସେମାନେ ଭାରତବର୍ଷକୁ ଫେରିଗଲେ ଦେଶରୁ ବିଦେଶୀ ହଟାଇବା ପାଇଁ ପ୍ରତ୍ୟେକେ ଗୋଟିଏ ଗୋଟିଏ କର୍ମଭାର ଗ୍ରହଣ କରିବେ । କିନ୍ତୁ ଏହି ସମିତି ଅନ୍ତୁଡ଼ିଶାଳରେହିଁ ମରିଗଲା ଏବଂ ସଭ୍ୟମାନେ ନିଜ ନିଜ ପଥରେ ଚାଲିଗଲେ । ବ୍ୟକ୍ତିଗତ ଭାବରେ ଯେଉଁମାନେ ଏହି ସମିତିର ପଣ ରକ୍ଷା କରିଥିଲେ ସେଥି ମଧ୍ୟରୁ ଶ୍ରୀଅରବିନ୍ଦହିଁ ସର୍ବ ପ୍ରଧାନ ।

ଶ୍ରୀଅରବିନ୍ଦ ଯେତେବେଳେ ଆଇ. ସି. ଏସ୍ ପରୀକ୍ଷାରେ ପ୍ରତ୍ୟାଖ୍ୟାତ ହେଲେ ସେତେବେଳେ ବରୋଦାର ମହାରାଜା ଲଣ୍ଡନରେ ଥିଲେ । ସାର୍ ହେନେରୀ କଟନ୍ ନାମକ ଜନୈକ ସାହେବ ତାଙ୍କୁ ମହାରାଜଙ୍କ ପାଖକୁ ନେଇ ପରିଚିତ କରାଇ ଦେଇଥିଲେ । ମହାରାଜା ଶ୍ରୀଅରବିନ୍ଦଙ୍କ ବିଦ୍ୟା, ବୁଦ୍ଧିରେ ମୁଗ୍ଧ ହୋଇ ତାଙ୍କୁ ବରୋଦା ଷ୍ଟେଟ୍ ସର୍ଭିସ୍‌ରେ ଯୋଗଦାନ କରିବା ପାଇଁ ଅନୁରୋଧ କଲେ ।

୧୮୯୩ ଖ୍ରୀଷ୍ଟାବ୍ଦରେ ଶ୍ରୀଅରବିନ୍ଦ ଇଂଲଣ୍ଡ ପରିତ୍ୟାଗ କରି ସ୍ୱଦେଶକୁ ବାହୁଡ଼ିଲେ । ସେତେବେଳେ ତାଙ୍କର ବୟସ ମାତ୍ର ଏକୋଇଶି ବର୍ଷ । ସେ ଚଉଦ ବର୍ଷ କାଳ ବିଦେଶରେ ରହି ପାଶ୍ଚାତ୍ୟର ସଭ୍ୟତା, ସଂସ୍କୃତି, ଇତିହାସ ସହିତ ଘନିଷ୍ଠ ଭାବରେ ପରିଚିତ ହୋଇଥିଲେ । ସେ ଏତେ ଅଳ୍ପ ଦିନରେ ଅନନ୍ୟ ସାଧାରଣ ପାଣ୍ଡିତ୍ୟ ଓ ମନୀଷାର ଅଧିକାରୀ ହୋଇ ଇଉରୋପର ପ୍ରଧାନ ଭାଷା ଇଂରେଜୀ, ଫ୍ରେଞ୍ଚ୍, ଜର୍ମାନ୍, ଗ୍ରୀକ୍, ଲାଟିନ୍, ସ୍ପାନିସ୍, ଇଟାଲିୟାନ୍ ପ୍ରଭୃତିରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ୟୁରୋପର କଳା ଓ ସଂସ୍କୃତିରେ ତାଙ୍କର କି ଗଭୀର ଜ୍ଞାନ ଥିଲା ତାହା ତାଙ୍କର ପରବର୍ତ୍ତୀ ଜୀବନରେ ଲିଖିତ ଗ୍ରନ୍ଥମାନଙ୍କରୁ ବେଶ୍ ପରିଚୟ ମିଳେ । ସ୍ଥୂଳରେ କହିବାକୁ ଗଲେ, ସେ ଯେପରି ଏହି ଚଉଦ ବର୍ଷ କାଳ ପାଶ୍ଚାତ୍ୟ ଦେଶରେ ରହି ପାଶ୍ଚାତ୍ୟର ସମସ୍ତ ପ୍ରତିଭାର ଅକ୍ଷୟ ଭଣ୍ଡାରକୁ ନିଜର କରି ନେଇଥିଲେ ।

(କ୍ରମଶଃ)

❑❑❑

ମୋର ସକଳ ସନ୍ତାନମାନଙ୍କୁ, ସେମାନେ ପୃଥିବୀର ଯେ କୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୁମକୁ ପ୍ରଦାନ କରୁଛି ଏବଂ କହୁଛି, ''ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୁମ ସହ ସବୁବେଳେ ରହିବ ।''

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୧)

## ମହେନ୍ଦ୍ରନାଥ ସ୍ୱାଇଁ

**ଅଭୟ ପାଦ :**

ଜାନୁଆରୀ ୬, ୧୯୧୪ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି –

"THOU art the one and only goal of my life and the centre of my aspiration, the pivot of my thought, the key of the synthesis of my being. And as Thou art beyond all sensation, all feeling and all thought, Thou art the living but ineffable experience, the Reality lived in the depths of the being but untranslatable in our poor words; and it is because human intelligence is powerless to reduce Thee to a formula that some, a little disdainfully, label "sentiment" the knowledge that it is possible to have of Thee, but it is surely as far from sentiment as it is from thought. So long as one has not attained this supreme Knowledge, one has no solid basis or lasting centre for one's mental and emotional synthesis, and all other intellectual constructions can only be arbitrary, artificial and vain.

"Thou art eternal silence and perfect peace in what we are able to perceive of Thee.

"Thou art all the perfection we must acquire, all the marvels to be realised, all the splendour to be manifested.

"And all our words are but children's babblings when we venture to speak of Thee.

"In silence is the greatest reverence."

''ହେ ପ୍ରଭୁ ! ମୋ ଜୀବନର ପ୍ରଥମ ତଥା ଏକମାତ୍ର ଲକ୍ଷ୍ୟ ହେଉଛନ୍ତି ଆପଣ ଏବଂ ମୋ ଅଭୀପ୍ସାର କେନ୍ଦ୍ରସ୍ଥଳ, ମୋ ଚିନ୍ତାର କେନ୍ଦ୍ରବିନ୍ଦୁ, (ଆପଣଙ୍କୁ କେନ୍ଦ୍ରକରି ତା' ଚତୁପାର୍ଶ୍ୱରେ ଘୂରୁଛନ୍ତି) ମୋ ସତ୍ତାର ସମନ୍ୱୟର ଚାବିକାଠି । ଯେହେତୁ ଆପଣ ସକଳ ପ୍ରକାର ଶିହରଣର ଅତୀତ, ସମସ୍ତ ଅନୁଭବ ଏବଂ ସକଳ ଚିନ୍ତାର ଊର୍ଦ୍ଧ୍ୱରେ, ଆପଣ ହେଉଛନ୍ତି ଜୀବନ୍ତ କିନ୍ତୁ ଅବର୍ଣ୍ଣନୀୟ ଅନୁଭବ – ଆପଣଙ୍କର ଦିବ୍ୟ ବାସ୍ତବତା ସତ୍ତାର ଗଭୀରତମ ପ୍ରଦେଶରେ ବାସ କରୁଛନ୍ତି କିନ୍ତୁ ଆମର କ୍ଷୁଦ୍ର ଅକୁଳାଣ ଶବ୍ଦସକଳ ସେ ସମସ୍ତଙ୍କୁ ଅନୁବାଦ କରିବାରେ ଅସମର୍ଥ ବା ଯଥେଷ୍ଟ ନୁହଁନ୍ତି; ଏବଂ ଏହାର କାରଣ ହେଉଛି ମଣିଷର ବୁଦ୍ଧି ଏତେ ଶକ୍ତିହୀନ ଯେ ତାହା ଆପଣଙ୍କୁ କମ୍ କରି (reduce) କୌଣସି ସୂତ୍ରରେ ପକାଇ ଦେଇ ପାରିବ ନାହିଁ, ଏତେ ଟିକିଏ ଅବମାନନା ମଧ୍ୟ କରିପାରିବ ନାହିଁ, ଆପଣଙ୍କୁ ପାଇବାର ସମ୍ଭାବନା ନିମନ୍ତେ ତା' ପାଖରେ ଯେଉଁ ଜ୍ଞାନ ଅଛି ସେଥିରେ ''Sentiment'' ବା ''ଭାବପ୍ରବଣତା''ର ମୋହରଟିଏ ମଧ୍ୟ ଲଗାଇ ଦେଇ ପାରିବ ନାହିଁ, କିନ୍ତୁ ଏକଥା ନିଶ୍ଚିତ ଯେ ସେହି ସମ୍ଭାବନା ଯାହା ମନର ଚିନ୍ତା ତଥା ଭାବନାରୁ ଜାତ ତାହା ଭାବପ୍ରବଣତାର ବହୁ ଦୂରରେ ଅବସ୍ଥିତ । ଯେପର୍ଯ୍ୟନ୍ତ ଜଣେ ଏହି ସର୍ବୋତ୍ତମ ଜ୍ଞାନକୁ ପ୍ରାପ୍ତ ହୋଇ ନାହିଁ ସେପର୍ଯ୍ୟନ୍ତ ତା'ର ଦୃଢ଼ ଭିତ୍ତିଭୂମିଟିଏ ଅଥବା ମାନସିକ ଏବଂ ଭାବପ୍ରବଣତାର ସମନ୍ୱୟ ନିମନ୍ତେ ଅଧିକ ଦିନ ତିଷ୍ଠି ରହିପାରିବା ଭଳି କେନ୍ଦ୍ରଟିଏ ମଧ୍ୟ ସୃଷ୍ଟି ହୋଇ ପାରିବ ନାହିଁ, ଏବଂ ଅନ୍ୟ ସମସ୍ତ ବୌଦ୍ଧିକ ଗଠନ କେବଳ ମାତ୍ର ସ୍ୱୈରାଚାରିତା, କୃତ୍ରିମତା ଏବଂ ନିଷ୍ଫଳତାରେ ପରିଣତ ହୋଇଯିବ ।

''ହେ ପ୍ରଭୁ, ଆପଣଙ୍କର ଚିରନ୍ତନ ନୀରବତା ଓ ପୂର୍ଣ୍ଣ ପ୍ରଶାନ୍ତି ଭିତରେ ଆମେ ଯେପରି ତୁମକୁ ଅବଲୋକନ କରିବାକୁ ସକ୍ଷମ ହେଉ ।

''ଆପଣ ହେଉଛନ୍ତି ସକଳ ପ୍ରକାରର ପୂର୍ଣ୍ଣତା ଯାହାକୁ



କୃତ୍ରିମ, ଯଥେଚ୍ଛାଚାରୀ ଓ ନିରର୍ଥକ

ଆମେ ନିଶ୍ଚୟ ପ୍ରାପ୍ତ କରିବୁ, ଆପଣଙ୍କର ସମସ୍ତ ଅଲୌକିକତାକୁ ଆମେ ଅନୁଭବ କରିବୁ, ଆପଣଙ୍କର ସକଳ ଜ୍ୟୋତିର୍ମୟତାକୁ ଆମେ ଅଭିବ୍ୟକ୍ତ କରିବୁ ।

''ହେ ପ୍ରଭୁ, ଆପଣଙ୍କ ବିଷୟରେ କିଛି କହିବା ନିମନ୍ତେ ଆମେ ଯେତେବେଳେ ଦୁଃସାହସ କରୁ; ଆମର ଭାଷା, ଆମ କଥା କେବଳ ମାତ୍ର ଛୋଟ ଶିଶୁର ଅସ୍ପଷ୍ଟ ଦରୋଟି କଥା ପରି ବୋଧହୁଏ ।

''ନୀରବତା ଭିତରେ ସର୍ବୋତ୍ତମ ସମ୍ମାନ ବିଦ୍ୟମାନ ।''

ମନେହୁଏ ମାନବସମାଜ ନିମ୍ନଗାମୀ ହେଉଛି । ଗଦାଗଦା ପୁସ୍ତକ ଲେଖା ଚାଲିଛି, ମାତ୍ର ଏହାର ମୂଲ୍ୟ କେଉଁଠି ? ଅନେକ ଚେଷ୍ଟା ସତ୍ତ୍ୱେ ପୃଥିବୀ କାହିଁକି ଦୁଃଖକଷ୍ଟର ପଥରେ ଆଗକୁ ବଢୁଛି ? ଏହିସବୁ କଥାର ସମାଧାନ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନା ଜାନୁଆରୀ ୬, ୧୯୧୪ ମସିହାରେ ଉଲ୍ଲେଖ କରିଛନ୍ତି । ଶ୍ରୀମା କହୁଛନ୍ତି ଯେ ସମସ୍ତ କାର୍ଯ୍ୟର କେନ୍ଦ୍ରବିନ୍ଦୁ ସ୍ୱୟଂ ପରମ ପ୍ରଭୁ । ଧାନ ଅମଳ ଖଳା ମଝିରେ ମେରିଟିଏ ବା ଖମ୍ବଟିଏ ଥାଏ; ସେହି ଖମ୍ବକୁ କେନ୍ଦ୍ରକରି ବଳଦମାନେ ପରସ୍ପର ଯୋଚା ହୋଇ ବୁଲନ୍ତି, ବାରଂବାର ବୁଲିବା ଫଳରେ ସେମାନଙ୍କ ପାଦରେ ଧାନ ହଳାସବୁ ଦଳିଚକଟି ହୋଇ ଧାନ, ନଡ଼ା, କୁଟା ରୂପରେ ଅଲଗା ହୋଇଯାଏ । ସେହିପରି ଆମ ସମସ୍ତଙ୍କର ଚିନ୍ତା ଓ ଭାବନା ପ୍ରଭୁଙ୍କ ଚାରିପଟରେ ବେଙ୍ଗଳା ପଡୁଛନ୍ତି, ଅର୍ଥାତ୍ ଘୂରି ବୁଲୁଛନ୍ତି ଏବଂ ତାହା ଫଳରେ ଆମ ଚେତନାରେ ଥିବା ଅଳିଆ ଆବର୍ଜନା ବାହାରି ଯାଇ ତାହା ବିଶୁଦ୍ଧ ହେଉଅଛି । ତାହାହିଁ ଆମ ଚେତନାର ସମନ୍ୱୟ । ଆମକୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ନିକଟରୁ ଯାହା ମିଳୁଛି ସେଥିରେ ଭାବପ୍ରବଣତାର ଚିହ୍ନବର୍ଣ୍ଣ ନାହିଁ, ତାହା ହେଉଛି ଜୀବନ୍ତ ଏବଂ ଅବର୍ଣ୍ଣନୀୟ ଅନୁଭବ, ତାକୁ ବର୍ଣ୍ଣନା କରିବାକୁ ଆମ ପାଖରେ ଶବ୍ଦ ନାହିଁ ବା ଉପଲବ୍ଧ ଶବ୍ଦମାନେ ଯଥେଷ୍ଟ ନୁହଁନ୍ତି ।

ମଣିଷ ତଥା ତା'ର ବୁଦ୍ଧି ''intelligence'' ଏତେ ଶକ୍ତିଶାଳୀ ନୁହେଁ ଯେ ଆମେ ପ୍ରଭୁଙ୍କ ବିଷୟରେ କିଛି କହିପାରିବା; ଯାହା କହିଲେ ମଧ, ଯେତେ ପ୍ରଶଂସା ଗାନ କରି ତପ, ଜପ, ଧାରଣା, ମନନ, କୀର୍ତ୍ତନ କଲେ ମଧ ପ୍ରଭୁଙ୍କ ପ୍ରତି ତାହା ଅବମାନନା ପରି ହେବ; ସେଥିପାଇଁ ଆମ ଜ୍ଞାନରେ ଆମେ ''Sentiment'' ବା ସମ୍ବେଦନଶୀଳତାର ଛାପଟିଏ ମାରି ଦେଇଛୁ ଏବଂ କହି ବୁଲୁଛୁ ପ୍ରଭୁଙ୍କୁ ଛାଡ଼ି ଆମେ ରହି ପାରିବୁ ନାହିଁ । ଭାବିଛୁ ଏହିପରି କହି ଦେଲେ, ଆଚରଣ କଲେ ପ୍ରଭୁଙ୍କୁ ପ୍ରାପ୍ତ ହୋଇଯିବୁ । କିନ୍ତୁ ଆମର ପୂଜାପଦ୍ଧତି, ଆରାଧନା ସବୁକିଛି ଗୋଟିଏ ଉଦ୍ଦେଶ୍ୟରେ କରାଯାଉଛି, ଯାହାକୁ କୁହାଯାଏ ''Mammon worship'', ଅର୍ଥାତ୍ କିଛି ପାଇବା ଆଶାରେ କରାଯାଉଥିବା ଆରାଧନା । ଦିନ ଥିଲା ଈଶ୍ୱରଙ୍କ ଉପସ୍ଥିତିକୁ ଅସ୍ୱୀକାର କରୁଥିବା ବ୍ୟକ୍ତିଟିଏ ରାତିରେ ଶୋଇପାରୁ ନଥିଲା, ଭୟରେ ଥରୁଥିଲା । କିନ୍ତୁ ବର୍ତ୍ତମାନର ଅତ୍ୟାଧୁନିକ ଜଗତର ଲୋକମାନେ ଏହା କରୁଛନ୍ତି ମୁକ୍ତ ଭାବରେ, ଖୋଲାଖୋଲି ଭାବରେ ଏବଂ କେବଳ ଧନସମ୍ପତ୍ତିରେ ସମୃଦ୍ଧଶାଳୀ ହେବା ପାଇଁ ଇଚ୍ଛା କରି ଏହା କରୁଛନ୍ତି । ଏହି ବସ୍ତୁକୁ ଅନାଦର ବା ''Materialistic denial'' କରି କେବଳ ନିଜ ଅହଂକାରକୁ ଦୃଢ଼ କରିବା ପାଇଁ ଇଚ୍ଛା କରି ଆମେ ଯେଉଁ କାର୍ଯ୍ୟ କରୁଛେ ତା'ର ପରିଣାମ ଆମକୁ ଭୋଗିବାକୁ ପଡୁଛି । ଦିନ ଆସିବ ଆମେ ଯେଉଁମାନେ ଖାଲି ପାଇବା ଆଶାରେ ଭଗବାନଙ୍କୁ ଡାକୁଛେ – ତା'ର ପରିଣାମ ସ୍ୱରୂପ ଆମ ପାଦତଳର ମାଟି ଖସି ଯାଇପାରେ, ଆମେ ନିମ୍ନଗାମୀ ହୋଇ ଯାଇପାରୁ ।

ସୁତରାଂ ଯଦି ଆମ ଜ୍ଞାନ ଆଧ୍ୟାତ୍ମିକ ଭାବନାଶୂନ୍ୟ ଏବଂ ସର୍ବୋତ୍ତମ ଜ୍ଞାନରହିତ ହୋଇ ରହେ, ତେବେ ସେସମସ୍ତରେ ପୂର୍ଣ୍ଣଚ୍ଛେଦ ଟାଣି ଆମକୁ ଦିବ୍ୟଜନନୀ ଶ୍ରୀମା ଏବଂ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଶରଣ ପଶିବାକୁ ପଡ଼ିବ । ଶ୍ରୀମା କହୁଛନ୍ତି ଯେ ଯଦି ଆମେ ଏହା ନ କରୁ ତାହା ହେଲେ ଆମର ସକଳ ''intellectual constructions can only be arbitrary, artificial and vain.'' । ଆମର ବୁଦ୍ଧିଦୀପ୍ତ ଜ୍ଞାନର ସୌଧ କେବଳ ସ୍ୱେଚ୍ଛାଚାରିତା, କୃତ୍ରିମତା ଏବଂ ନିଷ୍ଫଳତାରେ ପୂର୍ଣ୍ଣ ହୋଇଯିବ ।

ଏ ସମ୍ପର୍କରେ ଆଶ୍ରମର ଜନୈକ ସାଧକଙ୍କ ଜୀବନରେ ଘଟିଥିବା ପ୍ରତ୍ୟକ୍ଷ ଅନୁଭୂତି ସମ୍ବନ୍ଧରେ ନିମ୍ନରେ ଆଲୋଚନା କରିବା । ''ଏମ୍'' ନାମକ ଜନୈକ ସାଧକ ଭକ୍ତ ଆଶ୍ରମରେ ଆସି ୧୯୬୮ ମସିହାରେ ଦିବ୍ୟଜନନୀ ଶ୍ରୀମାଙ୍କ ପାଦତଳେ ଆଶ୍ରୟ ନେଲେ । ଆଶ୍ରମରେ ତାଙ୍କର ଅବସ୍ଥାନରେ ଶ୍ରୀମା ମୋହର ଲଗାଇ ଦେଲା ପରେ ବାହାରେ ରହୁଥିବା କୌଣସି ଏକ ବ୍ୟକ୍ତି ତାଙ୍କୁ ଧମକପୂର୍ଣ୍ଣ ଚିଠିମାନ ଲେଖିବାକୁ ଲାଗିଲେ । ଦିନେ 'ଏମ୍' ନଳିନୀଦା'ଙ୍କ ପାଖକୁ ଯାଇ ସବୁକଥା କହିଲେ ଏବଂ ପଚାରିଲେ, ''ଦାଦା, ମୁଁ ସେହିସବୁ ଚିଠିର ସମୁଚିତ ପ୍ରତ୍ୟୁତ୍ତର ଦେଇ ଦେବି କି ?'' ନଳିନୀଦା' ତାଙ୍କଠାରୁ ସବୁକଥା ଧୈର୍ଯ୍ୟର ସହିତ ଶୁଣିଲେ ଏବଂ କହିଲେ, ''ମୁଁ ମା'ଙ୍କ

ନିକଟରେ ତୁମ କଥା ନିବେଦନ କରି ଦେବି ଏବଂ ମା କ'ଣ କହିଲେ, ତୁମକୁ ଜଣାଇ ଦେବି ।'' ନଳିନୀଦା'ଙ୍କର ଏହିପରି ଶିଶୁସୁଲଭ କଥା ଏବଂ ମା'ଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରତା ଭାବ ତାଙ୍କୁ ଖୁବ୍ ପ୍ରଭାବିତ କଲା । ତା' ପରଦିନ ସକାଳେ ନଳିନୀଦା' ତାଙ୍କୁ ଡାକି କହିଲେ : ''The Mother said, 'Do not take delivery of the letters.' '' ''ମା କହିଲେ, 'ଚିଠି ଆସିଲେ ତାହା ଗ୍ରହଣ କର ନାହିଁ ।' '' 'ଏମ୍' ମା'ଙ୍କର ଆଦେଶ ଅନୁସାରେ ଚିଠିଗୁଡ଼ିକୁ ଆଉ ଗ୍ରହଣ କଲେ ନାହିଁ; ତତ୍ପରେ ଚିଠି ଆସିବା ବନ୍ଦ ହୋଇଗଲା । କିଛି ସପ୍ତାହ ପରେ ନଳିନୀଦା 'ଏମ୍'ଙ୍କୁ ପଚାରିଲେ, ''ସେହି ପ୍ରକାର ଚିଠି କ'ଣ ଏବେ ଆସୁଛି ?'' 'ଏମ୍'ଙ୍କର ଉତ୍ତର, ''ନାହିଁ ଦାଦା ।'' Nalini-da remarked, ''He has been outwitted.'' – ''ତାଙ୍କର ଦୁଷ୍ଟବୁଦ୍ଧି ଆଉ କାମ କଲା ନାହିଁ ।''

ଥରେ 'ଏମ୍' ସ୍ୱପ୍ନ-ଦର୍ଶନରେ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଦେଖିଲେ । ତାହା ହେଲା – ଶ୍ରୀଅରବିନ୍ଦ ତାଙ୍କୁ ପଚାରୁଛନ୍ତି, ''I am going out, won't you come ?'' ''ମୁଁ ବାହାରକୁ ଯାଉଛି, ଆପଣ ମୋ ସହିତ ଆସିବେ କି ?'' ଏହିକଥା ଶ୍ରୀଅରବିନ୍ଦ 'ଏମ୍'ଙ୍କର ମାତୃଭାଷାରେ କହିଲେ ଏବଂ ତାଙ୍କୁ 'ଆପ୍' ବା 'ଆପଣ' ବୋଲି ସମ୍ବୋଧନ କଲେ – ଯାହା ଏକ ସମ୍ମାନସୂଚକ ସମ୍ବୋଧନ । ଏହାଦ୍ୱାରା 'ଏମ୍' ଅଭିଭୂତ ହୋଇ ପଡ଼ିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ହାତଯୋଡ଼ି ବିନୟପୂର୍ଣ୍ଣ ସ୍ୱରରେ କହିଲେ, ''ପ୍ରଭୁ ଆପଣ ମୋତେ କାହିଁକି ''ଆପ୍'' ସମ୍ବୋଧନ କରୁଛନ୍ତି ?'' ତତ୍କ୍ଷଣାତ୍ ପ୍ରଭୁ ଶ୍ରୀଅରବିନ୍ଦ ଆପଣାର ଏକ ଅଭୟ ପାଦକୁ ବଢ଼ାଇ ଦେଲେ ଏବଂ ପାଦତଳେ ଉପବେଶନ କରିଥିବା 'ଏମ୍'ଙ୍କ କାନ୍ଧ ଉପରେ ରଖି ଅଳ୍ପ ଟିକିଏ ଚାପିଦେଲେ । ପ୍ରଭୁଙ୍କ ଦିବ୍ୟ-ପଦସ୍ପର୍ଶ ତାଙ୍କ ହୃଦୟରେ ଏକ ଅବର୍ଣ୍ଣନୀୟ ଆନନ୍ଦ ଏବଂ ଅଫୁରନ୍ତ ଶକ୍ତିର ପ୍ଲାବନ ସୃଷ୍ଟି କଲା । ସକାଳୁ ଉଠି 'ଏମ୍' ତାଙ୍କ ପତ୍ନୀଙ୍କୁ କହିଲେ, ''ଶୀଘ୍ର ବାହାରି ପଡ଼, ଯିବା ।'' ସହଧର୍ମିଣୀ ଆଶ୍ଚର୍ଯ୍ୟଚକିତ ହୋଇ ପଚାରିଲେ, ''କୁଆଡ଼େ ଯିବା ?'' 'ଏମ୍'ଙ୍କ ଉତ୍ତର ''ମୁଁ ଜାଣି ନାହିଁ ।'' କିନ୍ତୁ କିଛି କ୍ଷଣ ପରେ ତାଙ୍କୁ ଏକ ସୁସମ୍ବାଦ ପ୍ରାପ୍ତ ହେଲା । ତାହା ହେଲା – ''ଦିବ୍ୟ ଜନନୀ ଶ୍ରୀମା ତୁମ ଉପରେ ଆଶ୍ରମ ବାହାରକୁ କୌଣସି ଏକ ସ୍ଥାନକୁ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ମାରକୀ ବା ଦେହାଂଶର ଯାତ୍ରା ସମୟରେ ଦେହାଂଶ ରଖା ଯାଇଥିବା ପବିତ୍ର ବାକ୍ସ (ସାକ୍ରେଡ୍ କାସ୍‌କେଟ୍)ର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରିଛନ୍ତି ।''

ଏହି ସମ୍ବାଦ ଶ୍ରବଣ କଲାପରେ 'ଏମ୍'ଙ୍କର ଶରୀରରେ ଦିବ୍ୟ-ଶିହରଣ ସୃଷ୍ଟି ହେଲା । ତାଙ୍କ ଚକ୍ଷୁ ଦ୍ୱୟରୁ ପ୍ରବାହିତ ହେଉଥିଲା ଦିବ୍ୟାନନ୍ଦର ଅଶ୍ରୁଧାରା ଏବଂ କର୍ଣ୍ଣପଥରେ ବାରଂବାର ଗୁଞ୍ଜରିତ ହେଉଥିଲା ପ୍ରଭୁ ଶ୍ରୀଅରବିନ୍ଦଙ୍କର ସେହି ଦିବ୍ୟ ସ୍ୱର, ''I am going out, won't you come ?''

(How they came to Sri Aurobindo and The Mother ପୁସ୍ତକର ପୃଷ୍ଠା, ୧୦୯)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother.
(୨) Musing on the Mother's Prayers and Meditations, Vol. 1 – Shyam Kumari.
(୩) How they came to Sri Aurobindo and the Mother by Shyam Kumari.

> ମିଥ୍ୟାର ରାଜତ୍ୱ ଶେଷ ହେବାର ସମୟ ଆସିଯାଇଛି ।
> ଏକମାତ୍ର ସତ୍ୟ ମଧ୍ୟରେ ରହିଛି ପରିତ୍ରାଣ ।
> ୨୫.୧୨.୭୧ — ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୮)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

ମନେପଡ଼େ ସେତେବେଳେ ରାତି ଦୁଇଟା ହେବ, ମୋର ଚକ୍ଷୁ ଲୋତକରେ ଭରା, କଲମ ମୁନ ଦେଇ ବାହାରି ଚାଲିଛି :

''ତୁମେ ସେଇ ଦେବଦେବ, ଆଦିଦେବ ! ଆସିଲ ଅବତରି
ଯୁଗ ସନ୍ଧିକ୍ଷଣରେ ଜୀବଙ୍କୁ ଯୁଗେ ଯୁଗେ କରିବାକୁ ଉଦ୍ଧାର
ଧନ୍ୟ କରି, ଧରାତଳ କେତେଥର କେତେ ରୂପ ଧରି ।
କରୁଣାରେ ସିକ୍ତ କରି, ତୀର୍ଥ କରି, ଧୂଳି ବସୁଧାର,
ସ୍ଖଳନ ବିହୀନ ପଥେ ଉତ୍ଥାନର ଆଣିଲ ସନ୍ଧାନ
ଜୀବନକୁ ଭାଙ୍ଗି ପୁନଃ ରୂପ ଦେବାକୁ, ଗଢ଼ିବାକୁ ପୁଣି,
ମାନବ ସମ୍ମୁଖେ ଖୋଲି ଜୀବନର ଆଦର୍ଶ ମହାନ୍ ।
ମାନବରୂପୀ ହେ ତୁମେ ଏ ଯୁଗର ପୂର୍ଣ୍ଣ ଅବତାର !
ତୁମେହିଁ ପ୍ରଭୁଙ୍କ ପ୍ରଭୁ, ତୁମେ ସେଇ ପରମ ନିଧାନ,
ତୁମେ ସେ ପରମ ଧାମ, ପରମ ସେ ଦେବସାରାତ୍ସାର,
ତୁମେ ପରମାର୍ଥ ସେଇ ପରାତ୍ପର ସର୍ବଶକ୍ତିମାନ୍,
ପରମ ବିଧାନ ତୁମେ, ହେ ପରମ ଆତ୍ମୀୟ ଆତ୍ମାର ।
ଜୀବର ଗତିର ଗତି, ନିର୍ଭରର ସୂଚିତ ନିର୍ଭର,
ଅନୁମନ୍ତା, ସାକ୍ଷୀ ତୁମେ, ତୁମେ ମହା ଅଗ୍ନି ଅନିର୍ବାଣ ।
ଧର୍ମର ସକଳ ଧର୍ମ, ହେ ସିଦ୍ଧିର ସ୍ୱର୍ଗୀୟ ସ୍ୱାକ୍ଷର,
ସକଳ ଜ୍ଞାନର ଜ୍ଞାନ, ହେ ଗୁରୁର ଗୁରୁ ଗରୀୟାନ୍ ।
ସର୍ବବେଦ, ସର୍ବକାଳ, ସର୍ବଭୂତ, ସର୍ବମୂଳାଧାର,
ସର୍ବୋତ୍ତମ ସର୍ବମୟ, ସର୍ବଜୀବେ ନିତ୍ୟ ଅଧିଷ୍ଠାନ ।
ତୁମେହିଁ ରୂପର ରୂପ, ରୂପାତୀତ ବିଶ୍ୱବିଧାତାର,
ସକଳ ଉତ୍ସର ଉତ୍ସ, ହେ ଅନାଦି, ଆଦି, ଅବସାନ !''

ଏଇ କବିତାର ଭିତର ଦେଇ ତଥା ତାହାରି ସୋପାନ ଧରି, ସେଇ ଅନ୍ଧକାରର ଅନ୍ତଃସ୍ଥଳ ଭିତରୁ ଉଠି ବାହାରି ଆସିବାର ପଥ ପ୍ରସ୍ତୁତ କରି ଦେଲେ ଶ୍ରୀମାଶ୍ରୀଅରବିନ୍ଦ । ଏବଂ ସେ ଦୁହେଁ ସେଇ ଦୁର୍ଭେଦ୍ୟ ଘୋର ତିମିରମଣ୍ଡିତ ଶର୍ବରୀର ଅଭିଶପ୍ତପୁରୀର ପାଷାଣ ପ୍ରାଚୀର ଭାଙ୍ଗି, ମୋ ଜୀବନର ଭୀଷଣରୁ ଭୀଷଣତମ ଦୃଷ୍ଟିର ଅନ୍ତରାଳରେ ଥିବା ଯବନିକାକୁ ଉଠାଇ ଦେଇ ମୋତେ ନେଇ ଆସିଲେ ଆଲୋକ ରାଜ୍ୟକୁ – ସେଇ ନିଦାରୁଣ କଠିନ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାର ପଥ ମୋର ଉନ୍ମୋଚନ କରିଦେଲେ । ଏଇ କବିତାଟିର ଲେଖା ମଧ୍ୟ ଦେଇ ମୋ' ଜୀବନଯାପନର ସେଇ ଅତି ଭୟଙ୍କର ଦୁଃସହ ଅବସ୍ଥାର ପରିସମାପ୍ତି ଘଟେ । ଫେରି ଆସିଲି ପୁଣି ମୁଁ ଶ୍ରୀମା'ଙ୍କର ଚିର ସୁଶୀତଳ ସୁବିଶାଳ ବକ୍ଷର ଅଜସ୍ର ଆଶୀର୍ବାଦ ଭରା ସ୍ନେହ ନୀଡ଼କୁ, – ସେଇ ''ଓଁ ଆନନ୍ଦମୟି, ଚୈତନ୍ୟମୟି, ସତ୍ୟମୟି ପରମେ''ଙ୍କର ଶ୍ରୀଚରଣ ଛାୟାକୁ ।

ଏଇ କବିତାଟିକୁ ପୂରାପୂରି ଶେଷ କରିବାକୁ କେତେ ଦିନ ବା କେତେ ମାସ ଲାଗିଥିଲା ତାହା ମୋର ଠିକ୍ ମନେ ନାହିଁ । ତେବେ ମନେ ଅଛି, କବିତାଟି ଶେଷ ହେବା ପରେ ଏହାକୁ ଶ୍ରୀମା ଆଶ୍ରମ ପ୍ରେସରୁ ଏକ ପୁସ୍ତିକା ଆକାରରେ ଛପାଇ ଆଣିଥିଲେ ଏବଂ ସକାଳେ ଯେତେବେଳେ ସେ ଆମମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବାକୁ ତଳକୁ ଆସନ୍ତି, ସେଇ ସମୟରେ ସେ ଦିନେ ସ୍ୱ-ହସ୍ତରେ ବହିଗୁଡ଼ିକୁ ସମସ୍ତଙ୍କୁ ବିତରଣ କରିଥିଲେ । ପୁସ୍ତିକାଟିର ନାମ ଦିଆ ହେଲା ''ଶ୍ରୀଅରବିନ୍ଦ ପ୍ରଣାମ'' । ସେତେବେଳେ ଏଇ କବିତାଟିହିଁ ଥିଲା ମୋର ଜୀବନର ଜୀବନ । ଦିନରାତି ଅତିବାହିତ ହୋଇ ଚାଲୁଥିଲା ଚକ୍ଷୁର ଲୋତକ ସଙ୍ଗେ ଲେଖନୀର ମୁନ ଦେଇ ଯେଉଁ ଲେଖା ବାହାର ହେଉଛି ତାକୁ ନେଇ । ମୁଁ ସେତେବେଳେ ଅନ୍ୟ ମଣିଷଟିଏ – କେବଳ ଯନ୍ତ୍ର । ଆଉ କିଛିର ଅସ୍ତିତ୍ୱ ସହ ଯୋଗାଯୋଗ ଯେପରି ଛିନ୍ନ ହୋଇ ଯାଇଥିଲା; ମୁଁ ଡୁବି ଯାଇଥିଲି ଏହାରି ପ୍ରେରଣାର ଗଭୀରତାକୁ । ଯେପରି ସେ ଏକ ଅନ୍ୟ ଜଗତ୍ ।

ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରେ ଦେଖିଲି ଶ୍ରୀମା ତାଙ୍କର କାର୍ଯ୍ୟ ସେଇ ଏକା ଭାବରେ ନିରନ୍ତର କରି ଚାଲିଛନ୍ତି, କୌଣସି ଦିନହିଁ ତାଙ୍କର କୌଣସି ବ୍ୟତିକ୍ରମ ଦେଖା ଯାଇନି;

୧୯୭୩ ସାଲ – ତାଙ୍କର ଶରୀର ରକ୍ଷା ପର୍ଯ୍ୟନ୍ତ । ତାଙ୍କର ପ୍ରତିଟି କାର୍ଯ୍ୟ ଥିଲା ଏକ ଏକ ନିଖୁଣ ପରମାଶ୍ଚର୍ଯ୍ୟ କୀର୍ତ୍ତିର ନିଦର୍ଶନ ! ତାଙ୍କର ପ୍ରତି ପଦପାତ, କଥା, କାର୍ଯ୍ୟକଳାପ, ନିଦ୍ରାଯିବା (ଅବଶ୍ୟ ଶୁଣିଛି ସେ କେତେ ଟିକେ ଶୁଅନ୍ତି)ଠାରୁ ଆରମ୍ଭ କରି ଯାହାକିଛି କରୁଥିଲେ ତା’ ମଧ୍ୟରେ ଦେଖା ଯାଉଥିଲା ସ୍ୱର୍ଗୀୟ ପବିତ୍ରତା ଓ ସୌନ୍ଦର୍ଯ୍ୟ ଯେପରି ପୂର୍ଣ୍ଣ ରୂପ ଧାରଣ କରି ରହିଛି । ତ୍ରୁଟି ବୋଲି କୌଣସି ଜିନିଷ ତାଙ୍କୁ ଜଣା ନ ଥିଲା । ସେ ଥିଲେ ଯେପରି ମୂର୍ତ୍ତିମତୀ ପୂର୍ଣ୍ଣତା (Perfection) । ତାଙ୍କ ସ୍ପର୍ଶ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ମିଳୁଥିଲା ଦିବ୍ୟତାର ସ୍ପର୍ଶ । ତାଙ୍କ ନୟନଯୁଗଳକୁ କିଛିକ୍ଷଣ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ କିଂବା ଚକ୍ଷୁ ସହ ଚକ୍ଷୁ ମିଳାଇ ରଖିଲେ ଧ୍ୟାନମଗ୍ନତା ସ୍ୱତଃ ଆପଣାଛାଏଁ ଆସି ଯାଉଥିଲା । ପ୍ରତି ଛୋଟ ଛୋଟ, ଅତି ତୁଚ୍ଛ ଜିନିଷ ବୋଲି ଯାହା ଆମେ ଭାବୁ, ସେସବୁଥିରୁ ଆରମ୍ଭ କରି ଯେକୌଣସି ବିଷୟରେ ତାଙ୍କୁ ପ୍ରଶ୍ନ କରା ହେଉଥିଲା, ଆଉ ତା’ର ଯାହା ଉତ୍ତର ସେ ଦେଉଥିଲେ ସେସବୁ ଶୁଣି ଆମମାନଙ୍କର ମନରେ ଏଇ ଭାବହିଁ ଭରି ଉଠୁଥିଲା – କି ଗଭୀରତମ ରୂପେ ସର୍ବ ଜ୍ଞାନ ଭଣ୍ଡାରର ଅଧିକାରୀ ସେ ! ଯାହାଙ୍କୁ କୌଣସି କିଛି ଅଜଣା ନାହିଁ, ନାହିଁ ଅବୋଧ୍ୟତା ମଧ୍ୟ କୌଣସିଟିରେ । ଏତତ୍ ବ୍ୟତୀତ ଯେତେବେଳେ ସେ ତାଙ୍କର ସ୍ନେହାଲିଙ୍ଗନର ମଧ୍ୟକୁ ଟାଣି ନେଇ ଶିର ଚୁମ୍ବନ କରି ଆଶୀର୍ବାଦ କରୁଥିଲେ – କି ଯେ ଅବର୍ଣ୍ଣନୀୟ ଆନନ୍ଦଧାରାରେ କେଉଁ ଦିଗକୁ ସେ ସମସ୍ତ ମନ, ପ୍ରାଣ ଏବଂ ଶରୀରକୁ ଶିହରିତ କରି ଭସାଇ ନେଇ ଯାଉଥାଏ – କେଉଁ ସୀମାକୁ, ତା’ର ଠିକଣା କିଏ ବା କହିପାରିବ ! ଗଭୀର କୃତଜ୍ଞତାର ଆବେଶରେ ଅନୁଭୂତି ଜାଗ୍ରତ ହେଉଥିଲା – ଆହାଃ ! ସେଇ ଶ୍ରୀଚରଣ ତଳେ ମଥା ରଖି ଯଦି ପଡ଼ି ରହି ପାରି ଥାଆନ୍ତି, ମୁଣ୍ଡ ଆଉ ଉଠେଇବାକୁ ହୁଅନ୍ତା ନାହିଁ ! ଏପରି ଦିବ୍ୟତାର କେତେସବୁ ସ୍ପଷ୍ଟ ପ୍ରମାଣ ପ୍ରକାଶ ପାଇ ଥାଆନ୍ତା ।

ଶେଷ କରିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କର ‘‘ସାବିତ୍ରୀ’’ରୁ କେତୋଟି ଧାଡ଼ି ଉଦ୍ଧୃତ କରିବାକୁ ପ୍ରାଣ ଚାହୁଁଛି :

“Someone came infinite and absolute.
A being of wisdom, power and delight.”

(Savitri, P. 312)

*

“The Mother of all godheads and all strengths
Who, mediatrix, binds earth to the Supreme.”

(Savitri, P. 313)

*

“Alone her hands can change
Time’s dragon base.”

(Savitri, P. 314)

*

“She is the golden bridge, the wonderful fire.”

(Savitri, P. 314)

*

ଦେଖାଗଲା ଆଶ୍ରମ ସବୁ ଦିଗରୁ ଉନ୍ନତତର ହୋଇ କ୍ରମଶଃ ବଡ଼ ହୋଇ ଉଠୁଛି । ଶେଷରେ ଲୋକସଂଖ୍ୟା ଏତେ ବେଶୀ ବଢ଼ିଗଲା ଯେ ଶ୍ରୀମା ୧୯୭୨ ସାଲରେ ଶ୍ରୀଅରବିନ୍ଦଙ୍କର ଶତବାର୍ଷିକୀର ପରେ ଆଶ୍ରମରେ ଆଉ କାହାକୁ ନୂତନ କରି ଗ୍ରହଣ କରିବା ବନ୍ଦ କରି ଦେବାକୁ ବାଧ୍ୟ ହେଲେ ।

ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇ ଏଥର ଶେଷ କରୁଛି ମୋର ‘‘କ’ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ’’ – ମୋତେ ପଙ୍କ ମଧ୍ୟରୁ ଉଦ୍ଧାର କରିବାର ଉପାୟ ସ୍ୱରୂପ ଯେଉଁ କବିତାଟି ସେମାନେ ମୋତେ ଉପହାର ଦେଇଛନ୍ତି ସେଇଟିକୁ ଏଥିସହ ଅର୍ପଣ କରି ।

(ସମାପ୍ତ)

ଅନୁବାଦ : ଶୁଭ୍ରା ଦାସ ❑

ତୁମର ସମସ୍ତ ସମସ୍ୟାକୁ ଭଗବାନଙ୍କ ଉପରେ ଛାଡ଼ି ଦିଅ ଏବଂ ସେ ତୁମକୁ ସକଳ ବିପତ୍ତିରୁ ଉଦ୍ଧାର କରିବେ ।

– ଶ୍ରୀମା

# ସମତା ସମ୍ପର୍କରେ

## (୨)

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ସମତା' ବା 'ସମତ୍ୱବୋଧ' (EQUANIMITY) ହେଉଛି ଅନ୍ୟତମ । ଶ୍ରୀମା ଆଇବେରିସ୍ (Iberis) ପୁଷ୍ପକୁ ସମତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଅଭିହିତ କରିଛନ୍ତି । ଅପରିବର୍ତ୍ତନୀୟ ଅକ୍ଷୟ ଶାନ୍ତି ଓ ସ୍ଥିରତା(Immutable peace and calm)ର ଅନ୍ୟ ନାମ ହେଲା 'ସମତା' ।

ନିମ୍ନଲିଖିତ ଆଲୋଚନାଟିରେ ''ସମତା'' ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ବିଗତ ସଂଖ୍ୟାରେ ସମତାର ସଂଜ୍ଞା ନିରୂପଣ କରାଯାଇ ତାହାର ପ୍ରକାରଭେଦ ଓ ବିଭାଗୀକରଣ ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଥିଲା । ଏହି ଆଲୋଚନାଟିରେ ସାଧନା କ୍ଷେତ୍ରରେ ସମତାର ଗୁରୁତ୍ୱ, ତାହା ସାଧନ କରିବା ଲାଗି ଆବଶ୍ୟକ ସର୍ତ୍ତାବଳୀ ଓ ସାଧନାର ବିଭିନ୍ନ ପର୍ଯ୍ୟାୟ ବା ମାର୍ଗ ବିଷୟରେ ସଂକ୍ଷିପ୍ତ ଆଲୋଚନା ଉପସ୍ଥାପନ କରାଯାଉଛି ।

ଶ୍ରୀଅରବିନ୍ଦଙ୍କ ରଚିତ 'Synthesis of Yoga' (ଯୋଗ ସମନ୍ୱୟ) ଉତ୍ତରାର୍ଦ୍ଧରେ 'ସମତାର ପୂର୍ଣ୍ଣତା' ଶୀର୍ଷକ ପ୍ରବନ୍ଧରେ ଏହାର ପ୍ରାଞ୍ଜଳ ବର୍ଣ୍ଣନା ରହିଛି । ସେଥିରୁ କିଛି ଅଂଶର ମର୍ମାର୍ଥ ନିମ୍ନରେ ପ୍ରଦତ୍ତ କରାଗଲା ।

ପରିପୂର୍ଣ୍ଣ ସମତାର ଉପଲବ୍ଧି ହେଉଛି ଆଧ୍ୟାତ୍ମିକ ସିଦ୍ଧିର ସର୍ବପ୍ରଥମ ଆବଶ୍ୟକତା । ଏହି ସିଦ୍ଧି ଶବ୍ଦଟିକୁ ଯେଉଁ ଅର୍ଥରେ ଆମେ ଯୋଗରେ ବ୍ୟବହାର କରିଥାଉ, ତଦ୍ୱାରା ଆମେ ଏକ ନିମ୍ନତର ଅଦିବ୍ୟ ପ୍ରକୃତି ମଧ୍ୟରୁ ଏକ ଉଚ୍ଚତର ଦିବ୍ୟ ପ୍ରକୃତିକୁ ଉନ୍ନୀତ ହେବା ଅର୍ଥରେ ବୁଝିଥାଉ । ଏହା ଉଚ୍ଚତର ଆତ୍ମିକ ସତ୍ତାଟିକୁ ପରିଗ୍ରହଣ କରି ଅନ୍ଧକାରମୟ ତଥା ଖଣ୍ଡିତ ନିମ୍ନତର ଆତ୍ମିକ ସତ୍ତାକୁ ଫୋପାଡ଼ି ଦେବାକୁହିଁ ବୁଝାଇଥାଏ । ଅର୍ଥାତ୍ ଆମର ଅପୂର୍ଣ୍ଣ ସ୍ଥିତିଟିକୁ ଆମର ଯଥାର୍ଥ ଚୈତନ୍ୟମୟ ବ୍ୟକ୍ତିତ୍ୱଟିର ଅଖଣ୍ଡିତ ତଥା ଆଲୋକମୟ ପୂର୍ଣ୍ଣତା ମଧ୍ୟକୁ ରୂପାନ୍ତରିତ କରି ଦେବାକୁହିଁ ବୁଝାଇଥାଏ । ...

... ଆମ ଆତ୍ମା ତଥା ପ୍ରକୃତିର ଉପଲବ୍ଧ ଏକ ପରିପୂର୍ଣ୍ଣ ସମତାକୁ ଆମେ ଏପରି ଏକ ସାଧନ ବୋଲି କହିପାରିବା, ଯାହା ଦ୍ୱାରା ଆମେ ବିକ୍ଷୁବ୍ଧ ଓ ଅଜ୍ଞାନଗ୍ରସ୍ତ ବାହ୍ୟ ଚେତନାଟି ମଧ୍ୟରୁ ସ୍ୱର୍ଗର ଏକ ଅନ୍ତଃରାଜ୍ୟଟି ମଧ୍ୟକୁ ଫେରି ଆସି ପାରିବା ଏବଂ ଚେତନାର ଶାଶ୍ୱତ ରାଜ୍ୟଗୁଡ଼ିକର,– 'ରାଜ୍ୟଂ ସମୃଦ୍ଧଂ' – ଅଧିକାରୀ ହୋଇ ପାରିବା, ଅର୍ଥାତ୍ ମହାନତା, ଆନନ୍ଦ ତଥା ଶାନ୍ତିର ଅଧିକାରୀ ହୋଇ ପାରିବା । ଯୋଗ କ୍ଷେତ୍ରରେ ଏହି ଆତ୍ମ-ସମୃଦ୍ଧିମୂଳକ ବିଭାବଟି ଆମଠାରୁ ସମତାର ଯେଉଁ ସାଧନାଟି ଦାବି କରୁଛି, ନିଜକୁ ଦିବ୍ୟପ୍ରକୃତି ମଧ୍ୟକୁ ଉନ୍ନୀତ କରି ନେଇ ଯିବାକୁହିଁ ଆମେ ତାହାର ପରିଣାମ ଓ ସମୁଦାୟ ଅବସର ବୋଲି ଜାଣିବା ।

ଆମ ସତ୍ତାର ସମୁଦାୟ ଉପାଦାନଟିକୁ ଆତ୍ମାର ଉପାଦାନରେ ବଦଳାଇ ଦେବାକୁ ହେଲେ ଆତ୍ମାର ଏକ ପରିପୂର୍ଣ୍ଣ ସମତା ଏବଂ ଶାନ୍ତିକୁହିଁ ସେଥିପାଇଁ ଅପରିହାର୍ଯ୍ୟ ସାଧନ ରୂପେ ଗ୍ରହଣ କରିବାକୁ ହେବ । ଯଦି ଆମ ଭିତରେ ଆତ୍ମାର ସମତା ନଥାଏ ଏବଂ ପ୍ରକୃତିର ପ୍ରେରକ ଶକ୍ତିଗୁଡ଼ିକର କ୍ଷେତ୍ରରେ ମଧ୍ୟ ଯଦି ଏକ ସମତା ନଥାଏ ତେବେ ଯେକୌଣସି ଦିବ୍ୟକ୍ରିୟା ଏପରିକି ପୂର୍ଣ୍ଣଭାବେ ଦୋଷମୁକ୍ତ ମାନୁଷୀ କ୍ରିୟା ମଧ୍ୟ ଅସମ୍ଭବ ହୋଇ ରହିଥିବ । ନିଜକୁ ପରିପୂର୍ଣ୍ଣ କରିବା ଲାଗି ଇଚ୍ଛା କରୁଥିବା ବ୍ୟକ୍ତି ଏହି ମାନୁଷୀ ଭୂମିଗତ ଅଜ୍ଞାନର ଅହଂ-ପ୍ରେରିତ ଓ ପକ୍ଷପାତଯୁକ୍ତ ବିଚାର ତଥା ପ୍ରେରଣାଗୁଡ଼ିକରୁ ବାହାରି ଆସି ଆପଣାକୁ ପ୍ରସାରିତ କରି ଦେବାକୁ ପଡ଼ିବ ଓ ଆପଣାକୁ ଏହି ପରମ ସମତାର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ଗଢ଼ି ତୋଳିବାକୁ ହେବ ।

ସାଧକ ଆପଣା କାର୍ଯ୍ୟଟିକୁ ପୂର୍ଣ୍ଣଭାବେ ସିଦ୍ଧ କରିବାକୁ ହେଲେ, ସେହି କାର୍ଯ୍ୟରେ ସ୍ଥାୟୀ ଓ ଅବିଚଳ ହୋଇ ରହିବାକୁ ହେଲେ, ଯଥାର୍ଥରେ ଦିବ୍ୟ ହୋଇ ରହିବାକୁ ହେଲେ, ଚିଦ୍‌ଗତ ସମତାକୁହିଁ ଆଧାର କରି ଅଗ୍ରସର ହେବାକୁ ପଡ଼ିବ; ସକଳ

ସତ୍ତା ସହିତ ଆପଣାକୁ ଶାନ୍ତ, ନୈର୍ବ୍ୟକ୍ତିକ ଏବଂ ସମଭାବରେ ଏକାତ୍ମ କରି ରଖିବାକୁ ପଡ଼ିବ ।

''କେବଳ ଆତ୍ମାର ଭୂମିରେ ନୁହେଁ, ପ୍ରକୃତିର ଭୂମିରେ ମଧ୍ୟ ଏକ ପରିପୂର୍ଣ୍ଣ ସମତାର ଉପଲବ୍ଧିକୁ ଆମେ ଆତ୍ମ-ପରିପୂର୍ଣ୍ଣତାର ଯୋଗ (Yoga of self-perfection)ର ଏକ ସର୍ତ୍ତ ବୋଲି ଗ୍ରହଣ କରିବା । ଆମର ସଂବେଗମୟ ତଥା ପ୍ରାଣିକ ସତ୍ତା ଉପରେ ବିଜୟ ଲାଭ କରିବାକୁହିଁ ଅବଶ୍ୟ ସେହି ସମତା ଲାଭର ସର୍ବପ୍ରଥମ ପଦକ୍ଷେପ ବୋଲି କୁହାଯିବ । କାରଣ ସେହି ସଂବେଗମୟ ଏବଂ ପ୍ରାଣିକ ସତ୍ତା ମଧ୍ୟରେହିଁ ପ୍ରବଳତମ ବିକ୍ଷୁବ୍ଧତା, ଅସମତା, ବିଶୃଙ୍ଖଳା ଏବଂ ଦାସତ୍ୱର ଦୁର୍ଦାନ୍ତତମ ଯାବତୀୟ ଶକ୍ତି ତଥା ଆମ ଅପୂର୍ଣ୍ଣତାର ସର୍ବାଧିକ ଅତ୍ୟାତୁର ଦାବିଟିର ବୀଜଗୁଡ଼ିକ ନିହିତ ହୋଇ ରହିଛି । ବିଶୁଦ୍ଧିକରଣ ଏବଂ ସ୍ୱତନ୍ତ୍ରତା ଦ୍ୱାରାହିଁ ଆମ ପ୍ରକୃତିର ଏହିସବୁ ଭାଗରେ ସମତା ପ୍ରତିଷ୍ଠା ସମ୍ଭବ ହୋଇ ପାରିବ । ପ୍ରାଣିକ ବାସନାର ଏପରି ପ୍ରବଳ ଆବେଗଗୁଡ଼ିକର ଆଧିପତ୍ୟକୁ ତଥା ଆତ୍ମା ଉପରେ ବାସନାଗୁଡ଼ିକର ପ୍ରଚଣ୍ଡ ପ୍ରଭୁତ୍ୱରୁ ମୁକ୍ତ ହେବାର ଅର୍ଥ ହେଉଛି ଏକ ଶାନ୍ତ ତଥା ସମତାଯୁକ୍ତ ହୃଦୟର ଅଧିକାରୀ ହେବା ଏବଂ ବିଶ୍ୱଗତ ଚେତନାର ପ୍ରସାରିତ ଓ ସମତାଯୁକ୍ତ ଦୃଷ୍ଟିଟି ଦ୍ୱାରା ଅନୁଶାସିତ ହୋଇ ରହିଥିବା ଏକ ପ୍ରାଣତତ୍ତ୍ୱର ଉପଲବ୍ଧି କରିବା ।''

[ଯୋଗସମନ୍ୱୟ (ଉତ୍ତରାର୍ଦ୍ଧ), ପୃ. ୨୫୧-୨୫୩]

''ପୂର୍ଣ୍ଣଯୋଗର ଜଣେ ସାଧକ ଲାଗି କର୍ମକ୍ଷେତ୍ରରେ ମଧ୍ୟ ଏହି ସମସ୍ଥିତି ଅର୍ଜନ କରିବାର ଏକ ବିଶେଷ ଆବଶ୍ୟକତା ରହିଛି । ପ୍ରଥମତଃ, ଦିବ୍ୟକର୍ମର ବିଧାନଟି ଉପରେ କୌଣସି ପକ୍ଷପାତ ଅଗ୍ରରୁଚି ବା ବ୍ୟକ୍ତିଗତ କାମନାକାଙ୍କ୍ଷାର ଉଗ୍ର ଦାବିଗୁଡ଼ିକୁ ନେଇ ଲଦି ଦେବାର କୌଣସି ଅପପ୍ରୟାସ ନକରି ତାକୁ ସେହି ସମତାଯୁକ୍ତ ଅନୁମତି ଓ ସମବୁଦ୍ଧିର ବିକାଶ କରିବାକୁ ପଡ଼ିବ, ଯାହାକି ସେହି ବିଧାନଟି ପ୍ରତି ପ୍ରତିସ୍ପନ୍ଦନ ଜଣାଇ ପାରିବ । ଯେଉଁ ଜ୍ଞାନପୂର୍ଣ୍ଣ ନୈର୍ବ୍ୟକ୍ତିକତା ଓ ପ୍ରଶାନ୍ତ ସମତା ଓ ବିଶ୍ୱାତ୍ମକତା (universality) ସକଳ ବସ୍ତୁକୁ ସେହି ପରମ ଦିବ୍ୟତା ଓ ଏକମେବ ସତ୍ତାର (one existence) ଅଭିବ୍ୟକ୍ତି ବୋଲି ପ୍ରତ୍ୟକ୍ଷ କରିପାରେ, ସେ ବସ୍ତୁଗୁଡ଼ିକର ଗତିବିଧିରେ କଦାପି କ୍ରୋଧାନ୍ୱିତ ହୁଏ ନାହିଁ, ବିକ୍ଷୁବ୍ଧ ବା ଅଧୀର ହୋଇଯାଏ ନାହିଁ; କିଂବା ଅନ୍ୟପକ୍ଷରେ ଉତ୍ତେଜିତ ହୋଇପଡ଼େ ନାହିଁ, ଅତ୍ୟୁତ୍ସୁକ ହୁଏ ନାହିଁ ବା ଅବିବେକୀ ଭାବରେ ଅତିବ୍ୟଗ୍ର ବି ହୁଏ ନାହିଁ; ମାତ୍ର ବିଧାନଟିର ପାଳନ ଯେ ଅବଶ୍ୟହିଁ କରିବାକୁ ପଡ଼ିବ, ସେ ତାହା ହୃଦୟଙ୍ଗମ କରିପାରେ, ସମୟର ଗତିବେଗକୁ ସମ୍ମାନ ଦେଖାଏ, ସହାନୁଭୂତି ସହିତ ସକଳ ବସ୍ତୁ ତଥା ସତ୍ତାର ବାସ୍ତବ ଭୂମିଟିକୁ ନିରୀକ୍ଷଣ କରି ଦେଖିପାରେ ଓ ବୁଝିପାରେ, ପୁନଶ୍ଚ ବର୍ତ୍ତମାନର ପ୍ରତୀତିଟି ପଛରେ ରହିଥିବା ସେଗୁଡ଼ିକର ଅନ୍ତର୍ନିହିତ ତାତ୍ପର୍ଯ୍ୟଗୁଡ଼ିକୁ ମଧ୍ୟ ସେ ଦେଖିବାକୁ ଉଦ୍ୟତ ରହିଥାଏ ଏବଂ ଅନାଗତ ସମ୍ମୁଖ ଆଡ଼କୁ ଅନାଇ ସେଗୁଡ଼ିକର ଦିବ୍ୟ ସମ୍ଭାବନାଗୁଡ଼ିକ ଉନ୍ମୋଚିତ ହୋଇ ଯାଉଥିବାର ବି ଦେଖିଥାଏ; — ଆପଣାକୁ ପରମ ଦିବ୍ୟସତ୍ତାଙ୍କର ଗୋଟିଏ ଗୋଟିଏ ପରିପୂର୍ଣ୍ଣ ସାଧନ ରୂପେ ପ୍ରସ୍ତୁତ କରି ରଖି ଯେଉଁମାନେ କର୍ମ କରିବାକୁ ଇଚ୍ଛା କରିବେ ସେମାନଙ୍କଠାରୁ ଏହି କଥାଟିହିଁ ଦାବି କରାଯାଇଥାଏ ।''

— ଶ୍ରୀଅରବିନ୍ଦ

[ଯୋଗ ସମନ୍ୱୟ (ଉତ୍ତରାର୍ଦ୍ଧ), ପୃ. ୨୫୪-୨୫୫]

ସମତାର ଗୁରୁତ୍ୱ କେବଳ ଯୋଗ-ଜୀବନ ଲାଗି ଉଦ୍ଦିଷ୍ଟ ନୁହେଁ । ସାଧାରଣ ମାନୁଷୀ ଜୀବନରେ ମଧ୍ୟ ତାହାର ଆବଶ୍ୟକତା ରହିଛି ।

ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

''But even a human perfection cannot dispense with equality as one of its chief elements and even its essential atmosphere.''

(*Synthesis of Yoga,* page-701)

''ମାତ୍ର ଏପରିକି ଯେକୌଣସି ମାନୁଷୀ ସିଦ୍ଧିରେ ମଧ୍ୟ ସମତାକୁହିଁ ଆପଣାର ଏକ ଅନ୍ୟତମ ମୁଖ୍ୟ ଉପାଦାନ ରୂପେ ଅବଶ୍ୟ ଗ୍ରହଣ କରିବାକୁ ପଡ଼ିବ ଏବଂ ଏପରିକି ଆପଣାର ଅସଲ ପରିବେଶଟି ରୂପେ ଗ୍ରହଣ କରିବାକୁ ପଡ଼ିବ ।''

ଯେକୌଣସି କ୍ଷେତ୍ରରେ ପରିପୂର୍ଣ୍ଣତା ଅର୍ଜନ କରିବା ଲାଗି ସର୍ବପ୍ରଥମ ଆବଶ୍ୟକତା ହେଲା ଏକ ପରିପୂର୍ଣ୍ଣ ସମଭାବ ।

ଆଧ୍ୟାତ୍ମିକ ଚେତନାର ମୁଖ୍ୟ ଆଧାର ହେଲା ସମଭାବାପନ୍ନତା । ବୈରାଗ୍ୟ ବା ସନ୍ନ୍ୟାସ ମନୋଭାବ ନେଇ ସାଧନାରତ ବ୍ୟକ୍ତିମାନେ ଯାହାସବୁ ସମଚିତ୍ତ ରକ୍ଷା କରିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ଥାଏ ସେସବୁଥିରୁ ଦୂରରେ ରହନ୍ତି । ସେମାନେ ଏକାନ୍ତବାସ ପସନ୍ଦ କରନ୍ତି, ସଂସାର ଓ ଜୀବନଠାରୁ ସମ୍ପର୍କ ଛିନ୍ନ କରି ଦେଇଥା'ନ୍ତି । କିନ୍ତୁ ପୂର୍ଣ୍ଣଯୋଗର ସାଧକମାନଙ୍କ ପାଇଁ ସଂସାର ତ୍ୟାଗ କରିବା ଅନିବାର୍ଯ୍ୟ ନୁହେଁ,

ଅଥଚ ସମଭାବ ରକ୍ଷା କରିବା ଅପରିହାର୍ଯ୍ୟ ହୋଇ ରହିଥାଏ । କାରଣ ସେମାନଙ୍କର ଲକ୍ଷ୍ୟ ହେଲା ସମଗ୍ର ପାର୍ଥିବ ଚେତନା ଓ ସ୍ୱଭାବର ଆମୂଳ ପରିବର୍ତ୍ତନ ଓ ରୂପାନ୍ତର ତଥା ପାର୍ଥିବ ଜଗତରେ ଦିବ୍ୟଜୀବନର ସ୍ଥାପନ । ସେଥିଲାଗି ସମତା ଗୁଣଟି ସେମାନଙ୍କ ଲାଗି ଏକ ଅମୋଘ ଅସ୍ତ୍ର ଓ ରକ୍ଷାକବଚ ପରି କାର୍ଯ୍ୟ କରିଥାଏ । ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ପଦକ୍ଷେପରେ ପରିପୂର୍ଣ୍ଣ ସମତା ରକ୍ଷା ନ କଲେ ଯୋଗ ପଥରେ କ୍ଷତାକ୍ତ ଓ ପଥଚ୍ୟୁତ ହୋଇଯିବାର ସମ୍ଭାବନା ଭରି ରହିଥାଏ ।

**ସମତାର ତାତ୍ପର୍ଯ୍ୟ ଶ୍ରୀମଦ୍ ଭଗବଦ୍ ଗୀତାରେ :**

ଶ୍ରେଷ୍ଠ ଯୋଗଶାସ୍ତ୍ର ଶ୍ରୀମଦ୍ ଭଗବଦ୍ ଗୀତା ''ସମତ୍ୱହିଁ ଯୋଗ'' ବୋଲି ଘୋଷଣା କରିଛି । ଏହି ଶାସ୍ତ୍ରରେ ବର୍ଣ୍ଣିତ ଯୋଗକୁ 'ସମତାର ଯୋଗ' ବୋଲି ଅଭିହିତ କରାଯାଏ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି :

''ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।''
(୨/୪୮)

''ହେ ଧନଞ୍ଜୟ ! ଯୋଗଯୁକ୍ତ ହୋଇ, ଫଳାକାଂକ୍ଷା ତ୍ୟାଗ କରି ଏବଂ ସିଦ୍ଧି ଓ ଅସିଦ୍ଧିକୁ ସମାନ ଜ୍ଞାନ କରି ତୁମେ କର୍ମ କର । ଏଇ ପରି ସମଚିତ୍ତତାକୁହିଁ ଯୋଗ ବୋଲି କୁହାଯାଏ ।''

''କାର୍ଯ୍ୟେ ସର୍ବଦା ଦିଅ ମନ ଈଶ୍ୱରେ କରି ସମର୍ପଣ
ମୁଁ କର୍ମୀ ବୋଲି ନ ବିଚାର ସିଦ୍ଧି ଅସିଦ୍ଧି ସମକର,
ଏ ସମଜ୍ଞାନେ ଯୋଗକରି ଉତ୍ତମ ଯୋଗୀ ହୁଅ ତୁହି ।''

ଶ୍ରୀମଦ୍ ଭଗବଦ୍ ଗୀତାରୁ ସମତା ସମ୍ପର୍କିତ କେତୋଟି ଶ୍ଳୋକ ନିମ୍ନରେ ଉଦ୍ଧାର କରାଗଲା ।

''ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ।।''
(୬/୭)

ଅର୍ଥାତ୍, ରାଗ ତଥା ଆସକ୍ତି ଓ ଦ୍ୱେଷରୁ ମୁକ୍ତ ଯୋଗୀଙ୍କର ଶୁଦ୍ଧ ଜୀବାତ୍ମା ଶୀତ-ଗ୍ରୀଷ୍ମ, ସୁଖ-ଦୁଃଖ, ନିନ୍ଦା-ସ୍ତୁତି, ମାନ-ଅପମାନ ଦ୍ୱାରା ବିକ୍ଷୁବ୍ଧ ନହୋଇ ସମାହିତ ଅବସ୍ଥାରେ ଥା'ନ୍ତି । ଏପରି ଜିତେନ୍ଦ୍ରିୟ ଯୋଗୀ ଦ୍ୱନ୍ଦ୍ୱାତୀତ ଅବସ୍ଥାରେ ପ୍ରତିଷ୍ଠିତ ହୋଇ ରହିଥା'ନ୍ତି ।

''ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ।।''
(୬/୮)

ଅର୍ଥାତ୍, ଯିଏ ଜ୍ଞାନ-ବିଜ୍ଞାନ ତୃପ୍ତାତ୍ମା, ଅର୍ଥାତ୍ ଯାହାଙ୍କର ମନ ଶାସ୍ତ୍ର ଉପଦେଶଲବ୍ଧ ଜ୍ଞାନ ଓ ପରୋକ୍ଷ ଅନୁଭୂତି ଦ୍ୱାରା ପରିତୃପ୍ତ, ନିର୍ବିକାର, ଜିତେନ୍ଦ୍ରିୟ, ରୂପ-ରସାଦି ବିଷୟ ସଂସ୍ପର୍ଶରେ ଆସି ମଧ୍ୟ ନିର୍ବିକାର ଚିତ୍ତ, ଯିଏ ମାଟି, ପଥର ଓ ସୁନାକୁ ସମାନ ଦୃଷ୍ଟିରେ ଦେଖନ୍ତି ସେହିଁ ସମତା-ସିଦ୍ଧ ପୁରୁଷ ଅଟନ୍ତି । ସେ ବ୍ରହ୍ମରେ ପ୍ରତିଷ୍ଠିତ ହୋଇ ରହିଥା'ନ୍ତି । ସେ ବ୍ରହ୍ମବିଦ୍ ଅଟନ୍ତି । ଯିଏ ବ୍ରହ୍ମଙ୍କୁ ଜାଣେ, ସେହିଁ ସମତା ରକ୍ଷା କରିବାରେ ସର୍ବଦା, ସର୍ବତ୍ର ସମର୍ଥ ହୋଇଥାଏ ।

ପୁନଶ୍ଚ

''ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।।''
(୫/୧୮)

ଅର୍ଥାତ୍, ବିଦ୍ୟା ଓ ବିନୟସମ୍ପନ୍ନ ତଥା ସତ୍ତ୍ୱଗୁଣଯୁକ୍ତ ବ୍ୟକ୍ତି ଯେ କି ବ୍ରାହ୍ମଣଙ୍କଠାରେ, ଗୋରୁ, ହସ୍ତୀ, କୁକୁର ଓ ଚଣ୍ଡାଳଠାରେ ମଧ୍ୟ ବ୍ରହ୍ମଙ୍କୁ ଦର୍ଶନ କରନ୍ତି, ସେହିଁ ସମଦର୍ଶୀ ଅଟନ୍ତି । ଯିଏ ସମତା-ସିଦ୍ଧ ସେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର, ଚଣ୍ଡାଳ, କୁକୁର, ପଶୁ, ପକ୍ଷୀ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ ।

''ବିଦ୍ୱାନ ବିନୟୀ ବ୍ରାହ୍ମଣ । ଗୋରୁଚଣ୍ଡାଳ ହସ୍ତୀ ଶ୍ୱାନ ।।
ଏ ସର୍ବ ଜ୍ଞାନୀ ସମ ଦେଖେ । କାହାଠି ପ୍ରଭେଦ ନ ରଖେ ।।''

ଏଠାରେ ମହାଭାରତରେ ବର୍ଣ୍ଣିତ ଗୋଟିଏ କିମ୍ବଦନ୍ତୀ ସ୍ମୃତିପଟରେ ଉଭାସିତ ହୁଏ –

କୁରୁକ୍ଷେତ୍ରର ମହାସମର ସମାପ୍ତ ହେଲା ପରେ ଶ୍ରୀକୃଷ୍ଣ ଦ୍ୱାରକା ଫେରୁଥା'ନ୍ତି । ପଥ ମଧ୍ୟରେ ମହର୍ଷି ଉତ୍ତଙ୍କଙ୍କ ସହ ତାଙ୍କର ସାକ୍ଷାତ୍ ହେଲା । ମହର୍ଷି ଗୌତମଙ୍କର ପ୍ରିୟ ପଟ୍ଟଶିଷ୍ୟ ରୂପେ ପରିଚିତ ମହର୍ଷି ଉତ୍ତଙ୍କ ସ୍ୱୟଂ ଜଣେ ମହାନ୍ ତପସ୍ୱୀ ଓ ସିଦ୍ଧ ପୁରୁଷ ଥିଲେ । ସେ ତାଙ୍କର ଯୋଗଶକ୍ତି ଦ୍ୱାରା ମହାଭାରତ ଯୁଦ୍ଧର ସମସ୍ତ ବୃତ୍ତାନ୍ତ ଜାଣି ପାରିଥା'ନ୍ତି । ସେ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କଲେ : ''ଆପଣ ସକଳ ବିଶ୍ୱବ୍ରହ୍ମାଣ୍ଡର ହର୍ତ୍ତା, କର୍ତ୍ତା, ବିଧାତା ହୋଇ ମଧ୍ୟ ଏହି ସାମାନ୍ୟ କୁରୁପାଣ୍ଡବ ଯୁଦ୍ଧକୁ ଏଡ଼ାଇ ଦେଇ ପାରିଲେ ନାହିଁ ? ଏତେ ଲୋକକ୍ଷୟର ଓ ତଦ୍‌ଜନିତ ଦୁଃଖଯନ୍ତ୍ରଣାର କ'ଣ ଆବଶ୍ୟକ ଥିଲା ?'' ଶ୍ରୀକୃଷ୍ଣ ତାଙ୍କ

ଉତ୍ତରରେ କହିଥିଲେ, ''ଲୋକ ସଂଗ୍ରହ ଓ ଦୁଷ୍କୃତମାନଙ୍କ ବିନାଶ କରିବା ହେଲା ଏହି ଅବତାର ଗ୍ରହଣର ଲକ୍ଷ୍ୟ । ନ୍ୟାୟ ଓ ଧର୍ମ ସଂସ୍ଥାପନ କରିବା ଲାଗି ଧ୍ୱଂସ ଅନିବାର୍ଯ୍ୟ ହୋଇ ରହିଥିଲା । ବିଧିର ବିଧାନକୁ କିଏ ବା ବିରୋଧ କରିପାରିବ ?'' ଏହିପରି ବୁଝାଇ ଶ୍ରୀକୃଷ୍ଣ ମହର୍ଷି ଉତ୍ତଙ୍କଙ୍କ ଅନୁରୋଧ କ୍ରମେ ବିଶ୍ୱରୂପ ଦର୍ଶନ କରାଇଥିଲେ । ଅର୍ଜୁନ, ଭୀଷ୍ମଙ୍କ ସମେତ ମହର୍ଷି ଉତ୍ତଙ୍କ ଥିଲେ ତୃତୀୟ ବ୍ୟକ୍ତି ଯିଏକି ବିଶ୍ୱରୂପ ଦର୍ଶନ କରିବା ସୁଯୋଗ ପ୍ରାପ୍ତ କରିଥିଲେ । କୁରୁସଭାରେ ଦୁର୍ଯ୍ୟୋଧନ ଯଦିଓ ବିଶ୍ୱରୂପ ଦର୍ଶନ କରିଥିଲା, ତେବେ ତାକୁ ଯାଦୁବିଦ୍ୟା ବୋଲି ତାଚ୍ଛଲ୍ୟ କରି ଗ୍ରହଣ କରି ନଥିଲା ।

ତତ୍ପରେ ମହର୍ଷି ଉତ୍ତଙ୍କଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ବରଯାଚନା କରିଥିଲେ । ମହର୍ଷି ଉତ୍ତଙ୍କ କହିଲେ, ''ମୋର କୌଣସି ବରର ଆବଶ୍ୟକତା ନାହିଁ । ତେବେ ଆପଣଙ୍କ ଅନୁଗ୍ରହକୁ ଅଗ୍ରାହ୍ୟ କରିବା ଅନୁଚିତ ଓ ଦୋଷାବହ । ତେଣୁ ଆପଣ ଯଦି ମୋ ଉପରେ ସନ୍ତୁଷ୍ଟ ତେବେ ମୋତେ ଏପରି ବର ପ୍ରଦାନ କରନ୍ତୁ ଯଦ୍ଦ୍ୱାରା ମୁଁ ଯେତେବେଳେ ଜଳ ପାଇଁ ପ୍ରାର୍ଥନା କରିବି ମୁଁ ତାହା ତତ୍କ୍ଷଣାତ୍ ପ୍ରାପ୍ତ କରିପାରିବି । ମୋ ପାଇଁ ଏହା ନିତାନ୍ତ ଆବଶ୍ୟକ, କାରଣ ଯେଉଁ ମରୁ ଅଞ୍ଚଳରେ ମୋର ନିବାସ ସେଠାରେ ସର୍ବଦା ଜଳର ଅଭାବ ରହିଥାଏ । ଶ୍ରୀକୃଷ୍ଣ 'ତଥାସ୍ତୁ' କହି ଦ୍ୱାରକା ଫେରିଗଲେ । ମହର୍ଷି ଉତ୍ତଙ୍କ ମଧ ବର ସମ୍ପର୍କରେ ପୂରା ଭୁଲିଗଲେ । ଦିନେ ମହର୍ଷି ଉତ୍ତଙ୍କ ମରୁ ପଥ ଦେଇ କୌଣସି ସୁଦୂର ଗ୍ରାମାଞ୍ଚଳକୁ ଯାତ୍ରା କରୁଥିବା ଅବସରରେ ଅତିଶୟ ତୃଷାର୍ତ୍ତ ହୋଇ ପଡ଼ିଲେ । ଏହି ବିସ୍ତୀର୍ଣ୍ଣ ମରୁଭୂମିରେ ଜଳ କେଉଁଠୁ ବା ପାଇବେ ? ତୃଷାରେ ଡହଳ ବିକଳ ହୋଇ ଏଣେ ତେଣେ ଜଳ ଅନ୍ୱେଷଣରେ ଦୌଡ଼ୁଥିଲା ବେଳେ ମହର୍ଷି ଉତ୍ତଙ୍କଙ୍କର ଶ୍ରୀକୃଷ୍ଣ ଦେଇଥିବା ବର କଥା ମନେ ପଡ଼ିଲା । ସେ ଏକାଗ୍ର ହୋଇ ଜଳ ପାଇଁ ପ୍ରାର୍ଥନା କଲେ । ହଠାତ୍ ଦେଖିଲେ ଜଣେ ଶିକାରୀ ଚଣ୍ଡାଳ ଗୋଟିଏ ଜଳଭରା ମୃଗଚର୍ମ ମୁଣ୍ଡିଧରି ତାଙ୍କ ସମ୍ମୁଖରେ ଠିଆ ହୋଇଛି । ଋଷିଙ୍କୁ ତୃଷାର୍ତ୍ତ ଦେଖି ସେ ଜଳ ଯାଚିଲା । ଚଣ୍ଡାଳକୁ ଦେଖି ମହର୍ଷି ଉତ୍ତଙ୍କଙ୍କର ପୂର୍ବଜନ୍ମର ସଂସ୍କାରସବୁ ମନେ ପଡ଼ିଗଲା । ତେଣୁ ବ୍ୟାଧରୂପୀ ଚଣ୍ଡାଳ ବାରଂବାର ଜଳ ଯାଚନା କରିବା ସତ୍ତ୍ୱେ ସେ ରୋକଠୋକ ଜଳଗ୍ରହଣ କରିବା ଲାଗି ଅସ୍ୱୀକାର କରି ଦେଲେ । ଚଣ୍ଡାଳ ତତ୍କ୍ଷଣାତ୍ ଅଦୃଶ୍ୟ ହୋଇଗଲା । ମହର୍ଷି ଉତ୍ତଙ୍କ ଭାବିଲେ – ଏହି ବିସ୍ତୀର୍ଣ୍ଣ ଦିଗନ୍ତ ବିସ୍ତାରୀ ମରୁଭୂମିରେ ହଠାତ୍ ଜଳ ନେଇ କିଏ ଆବିର୍ଭୂତ ହୋଇପାରେ ? ସେ ନିଶ୍ଚୟ କୌଣସି ଦେବତା କିଂବା ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରେରିତ କୌଣସି ଦେବଦୂତ ହୋଇ ପାରନ୍ତି । ସେ ସୁଯୋଗଟିଏ ହରାଇ ଏପରି ଭୁଲ୍‌ଟିଏ କରିଥିବାରୁ ଅନୁତାପ କଲେ ଓ ପଶ୍ଚାତାପ ଅଗ୍ନିରେ ନିଜ ଶରୀରକୁ ଦଗ୍ଧ କରିଦେବା ଲାଗି ଧ୍ୟାନମଗ୍ନ ହେଲେ । ସେତିକିବେଳେ ଶ୍ରୀକୃଷ୍ଣ ପ୍ରକଟ ହୋଇ ଏପରି ଆତ୍ମାହୁତିରୁ ନିବୃତ୍ତ କରାଇ କହିଲେ ଯେ ତାଙ୍କରି ନିର୍ଦ୍ଦେଶରେହିଁ ସ୍ୱୟଂ ଇନ୍ଦ୍ରଦେବ ଚଣ୍ଡାଳ ରୂପ ଧାରଣ କରି ଅମୃତ ନେଇ ଆସିଥିଲେ ତାଙ୍କର ତୃଷା ନିବାରଣ କରିବା ନିମନ୍ତେ । କିନ୍ତୁ ଅଜ୍ଞାନ-ଗ୍ରସ୍ତ ହୋଇ ଏବେ ବି ସମଭାବାପନ୍ନ ହୋଇ ନଥିବା ଦେଖି ସ୍ୱର୍ଗକୁ ଫେରି ଗଲେ । ଯିଏ ବ୍ରହ୍ମନିଷ୍ଠ ସେ ଚଣ୍ଡାଳ-ବ୍ରାହ୍ମଣ, ଧନୀ-ଦରିଦ୍ର, ମୂର୍ଖ-ପଣ୍ଡିତମାନଙ୍କ ମଧ୍ୟରେ ପ୍ରଭେଦ ବା ଭିନ୍ନତା ଦେଖେ ନାହିଁ; ସମସ୍ତଙ୍କ ଭିତରେ ସେହି ବ୍ରହ୍ମଙ୍କ ଉପସ୍ଥିତିକୁହିଁ ଅନୁଭବ କରିଥାଏ । ତେବେ କରୁଣା ପରବଶ ହୋଇ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ ସେହି ମରୁଭୂମିରେ ବର୍ଷା କରିବା ଲାଗି । ମରୁଭୂମିରେ ମେଘ ଦେଖାଦେଲା, ବର୍ଷା ହେଲା ଓ ମହର୍ଷି ଉତ୍ତଙ୍କ ତୃଷ୍ଣା ନିବାରଣ କରି ସମତ୍ୱ ଅର୍ଜନ କରିବା ଲାଗି ତପସ୍ୟାରତ ହେଲେ । ଏବେ ବି ଯେତେବେଳେ ମରୁପ୍ରଦେଶରେ ଆକାଶରେ ମେଘ ଦେଖାଯାଏ ତାହାକୁ ''ଉତ୍ତଙ୍କ ମେଘ'' (Uttank's cloud) ବୋଲି କୁହାଯାଏ । ତେବେ ''ପଣ୍ଡିତାଃ ସମଦର୍ଶିନଃ'' । ପରବର୍ତ୍ତୀ ଶ୍ଳୋକରେ କୁହାଯାଇଛି :

''ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥'' (୫/୧୯)

ଏହି ଶ୍ଳୋକଟିରେ 'ସମଂ ବ୍ରହ୍ମ' ବିଷୟଟି ଉପସ୍ଥାପନ କରାଯାଇଛି, ବ୍ରହ୍ମଜ୍ଞାନ ପ୍ରାପ୍ତ ହେଲେ କିପରି ସମଭାବ ପ୍ରତିଷ୍ଠିତ ହୁଏ – ସେହି ଫଳଶ୍ରୁତିର ବର୍ଣ୍ଣନା କରାଯାଇଛି । ''ସର୍ବଂ ଖଲ୍ୱିଦଂ ବ୍ରହ୍ମ''– ଏହି ଉପଲବ୍ଧି ପ୍ରାପ୍ତ କରିଥିବା ଯୋଗୀଙ୍କର ଦ୍ୱୈତବୋଧ ରହେ ନାହିଁ, ବହୁତ୍ୱ ବୋଧ ରହେ ନାହିଁ, ଚେତନାରେ ଐକ୍ୟବୋଧହିଁ ପ୍ରତିଷ୍ଠିତ ହୋଇ ରହିଥାଏ । ଯେଉଁମାନଙ୍କର ଏହି ସମ-ବ୍ରହ୍ମଙ୍କର ଅନୁଭୂତି ହୁଏ ସେମାନେହିଁ ପ୍ରକୃତରେ ସମଦର୍ଶୀ । ସେ ପ୍ରିୟ ବସ୍ତୁର ପ୍ରାପ୍ତିରେ ଉଲ୍ଲସିତ ହୁଅନ୍ତି ନାହିଁ କିଂବା ଅପ୍ରିୟ ବସ୍ତୁ ପ୍ରାପ୍ତିରେ ଉଦ୍‌ବିଗ୍ନ ହୁଅନ୍ତି ନାହିଁ । ବ୍ରହ୍ମଜ୍ଞାନୀହିଁ ସମତା-ସିଦ୍ଧ ହୁଏ । ବ୍ରହ୍ମ ଉପଲବ୍ଧି ହେଲେହିଁ ସମତ୍ୱ ପୂର୍ଣ୍ଣତା ପ୍ରାପ୍ତ କରେ ।

ପୁନଶ୍ଚ,

''ସୁହୃନ୍‌ମିତ୍ରାର୍ଯୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ।।''

(୬/୯)

ଅର୍ଥାତ୍, ସୁହୃଦ୍, ମିତ୍ର, ଶତ୍ରୁ, ଉଦାସୀନ, ଘୃଣ୍ୟ ମଧ୍ୟସ୍ଥ ସାଧୁ-ଅସାଧୁ, ପାପୀ ଓ ପୁଣ୍ୟାତ୍ମା – ଏ ସମସ୍ତଙ୍କ ପ୍ରତି ଯାହାର ସମାନ ବୁଦ୍ଧି ଅର୍ଥାତ୍ ବ୍ରହ୍ମଦୃଷ୍ଟିରେ ସମସ୍ତଙ୍କୁ ଯିଏ ସମଭାବରେ ଦେଖନ୍ତି, ସେହିଁ ଶ୍ରେଷ୍ଠ ପୁରୁଷ ଅଟନ୍ତି ଅର୍ଥାତ୍ ସେହିଁ ଯଥାର୍ଥରେ ବ୍ରହ୍ମଜ୍ଞ ଅଟନ୍ତି । ଯେହେତୁ ଆମେ ସକଳ ବସ୍ତୁରେ ସେହି ଏକ ପରଂବ୍ରହ୍ମ ପରମାତ୍ମାଙ୍କର ଭିନ୍ନ ଭିନ୍ନ ଅଭିବ୍ୟକ୍ତି ବୋଲି ଜାଣିପାରିବା; ତେଣୁ ଆମର ଆତ୍ମାର ଭୂମିରେ କୁତ୍ସିତ ତଥା ସୁନ୍ଦର ପ୍ରତି, ପଙ୍ଗୁ ତଥା ପୂର୍ଣ୍ଣାବୟବ ପ୍ରତି, ସଭ୍ୟ ତଥା ଅସଭ୍ୟ ପ୍ରତି, ସୁଖକର ତଥା ଅସୁଖକର ପ୍ରତି, ଶୁଭ ତଥା ଅଶୁଭ ପ୍ରତି ଅବଶ୍ୟ ଏକ ସମଭାବ ରହିପାରିବ । ଏଠାରେ କଦାପି କୌଣସି ଘୃଣା ନଥିବ, ଅବଜ୍ଞା ନଥିବ ବା ଜୁଗୁପ୍‌ସା ନଥିବ; ବରଂ ତା' ବଦଳରେ ଯାବତୀୟ ବସ୍ତୁକୁ ସେମାନଙ୍କର ଯଥାର୍ଥ ସ୍ୱଭାବରେ ଓ ସେମାନଙ୍କର ବିନିଯୁକ୍ତ ଯଥାର୍ଥ ସ୍ଥାନଟିରେ ଦେଖିବାକୁ ସମର୍ଥ ହେଉଥିବା ଏକ ସମତାଯୁକ୍ତ ଦୃଷ୍ଟି ରହିଥିବ ।

ଯଦି ଆମ ଭିତରେ ସମତାଭାବ ନଥାଏ ତେବେ ତାହାହିଁ ପ୍ରମାଣିତ କରେ ଯେ ଏପର୍ଯ୍ୟନ୍ତ ଆମେ ଅଜ୍ଞାନତାରୁ ମୁକ୍ତ ହୋଇ ନାହୁଁ । ଏପରି ପରିସ୍ଥିତିରେ ଆମେ ଅସଲ ରହସ୍ୟଗୁଡ଼ିକୁ ବୁଝିବା ଲାଗି ଅସମର୍ଥ ହୋଇ ରହିଥିବା – କାରଣ ଆମର ଅନ୍ତର୍ଦୃଷ୍ଟିଟି ସେତେବେଳେ ବିକଶିତ ହୋଇ ନଥାଏ ।

ପୁଣି କୁହାଯାଇଛି –

''ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।।''

(୬/୩୨)

ଉପରୋକ୍ତ ଶ୍ଳୋକର ଅର୍ଥ ହେଲା –

ହେ ଅର୍ଜୁନ ! ଯିଏ ନିଜ ସହିତ ତୁଳନା କରି ସର୍ବଜୀବଙ୍କଠାରେ ସୁଖ ବା ଦୁଃଖକୁ ସମଭାବରେ ଦେଖନ୍ତି ସେହି ଯୋଗୀ ଶ୍ରେଷ୍ଠ ବୋଲି ମୋର ଅଭିମତ ।

ବିଶ୍ୱ ସହିତ ଏକାତ୍ମବୋଧ ଏକ ଦୁର୍ଲଭ ଅବସ୍ଥା । ଏହି ଅବସ୍ଥାରେ ପହଞ୍ଚିଲେ ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ଯୋଗୀ କେବଳ ବିଶ୍ୱମାନବର ନୁହେଁ, ସକଳ ପ୍ରାଣୀଙ୍କର ସୁଖଦୁଃଖ ନିଜ ଅନ୍ତରରେ ଅନୁଭବ କରି ସମସ୍ତଙ୍କ ଦୁଃଖସୁଖ ସହ ନିଜକୁ ଓତପ୍ରୋତଭାବେ ଜଡ଼ିତ ରଖନ୍ତି । ଆଉ ମଧ୍ୟ ଯେଉଁଠାରେ ଦୁଃଖ ସେହିଠାରେ ତାହାର ପ୍ରତିକାର ପାଇଁ ସେ ନିଜକୁ ବିନିଯୋଗ କରନ୍ତି । ଅନ୍ୟର ପାଦରେ କଣ୍ଟାଟିଏ ଫୁଟିଗଲେ ମଧ୍ୟ ସେହି ବେଦନା ଆପଣା ଅନ୍ତରରେ ଅନୁଭବ କରନ୍ତି । ଆତ୍ମ-ସ୍ୱରୂପ ବ୍ରହ୍ମଙ୍କୁ ସର୍ବଭୂତରେ ଦର୍ଶନ କରି ବ୍ରହ୍ମଜ୍ଞାନ ପ୍ରାପ୍ତ କରିଥିବା ଯୋଗୀଙ୍କୁ ଏହି ''ସର୍ବଂ ଖଳୁମିଦଂ ବ୍ରହ୍ମ'' ଅନୁଭୂତିହିଁ ବିଶ୍ୱପ୍ରେମିକ କରିଥାଏ । ସେତେବେଳେ ତାଙ୍କର ପରିଧିଟି ବିଶ୍ୱବ୍ୟାପକ ହୋଇଯାଏ । ଜଗତର ସବୁ ଦୁଃଖର ସ୍ପନ୍ଦନ ସେହି ମୁକ୍ତାତ୍ମା ନିଜ ହୃଦୟରେ ଅନୁଭବ କରନ୍ତି । ଜୀବର ଐହିକ ଓ ପାରତ୍ରିକ ସମସ୍ତ ଦୁଃଖର ନିବୃତ୍ତି ପାଇଁ ଜୀବନ ଉତ୍ସର୍ଗ କରନ୍ତି । ଏହି ପ୍ରେମ ହିତବାଦଭିତ୍ତିକ ବା ହିତୈଷଣା (Altruism ବା Philanthropy) ନୁହେଁ । ଏହା ବିଶ୍ୱପ୍ରେମ, ଆତ୍ମ-ଜ୍ଞାନରେ ବିଶ୍ୱସେବା – ବ୍ରହ୍ମ ରୂପେ ଜୀବସେବା ଓ ତା'ରି ମାଧ୍ୟମରେ ଆତ୍ମାନନ୍ଦର ଆସ୍ୱାଦନ ।

''ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।।''

(୬/୨୯)

ଯୋଗରେ ସ୍ଥିତ ବ୍ୟକ୍ତି ସର୍ବତ୍ର ସମବ୍ରହ୍ମଙ୍କୁ ଦର୍ଶନ କରି ଆତ୍ମାକୁ ସର୍ବଭୂତରେ ଅଭେଦ ରୂପେ ଦର୍ଶନ କରନ୍ତି । ଆତ୍ମା ଅବିଦ୍ୟାକୃତ ଦେହାଦି ପରିଚ୍ଛେଦ ଶୂନ୍ୟ । ସେ ଆପଣା ମଧ୍ୟରେ ଯେପରି ଅଛନ୍ତି ଅନ୍ୟ ସକଳଙ୍କ ମଧ୍ୟରେ ଠିକ୍ ସେହିପରି ଅଛନ୍ତି । ଆତ୍ମା ଅଭିନ୍ନ । ଦେହଗୁଡ଼ିକ କେବଳ ଭିନ୍ନ ଭିନ୍ନ । ଯୋଗାରୂଢ଼ ବ୍ୟକ୍ତି ଏହି ଉପଲବ୍ଧି ପ୍ରାପ୍ତ କରିଥା'ନ୍ତି । ଉତ୍ତମ ଯୋଗୀପୁରୁଷ ସକଳ ଜୀବଙ୍କୁ ବ୍ରହ୍ମମୟ ଭାବି ସମଦୃଷ୍ଟିରେ ଦେଖିଥା'ନ୍ତି ।

''ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।''

(୬/୩୦)

ଯିଏ ମୋତେ (ଅର୍ଥାତ୍ ପରମେଶ୍ୱରଙ୍କୁ) ସର୍ବତ୍ର ଦେଖନ୍ତି ଏବଂ ମୋ'ଠାରେ (ବ୍ରହ୍ମଙ୍କ ମଧ୍ୟରେ) ବା ପରମେଶ୍ୱରଙ୍କ ମଧ୍ୟରେ ସମସ୍ତଙ୍କୁ ଅବସ୍ଥିତ ଥିବା ଦେଖନ୍ତି ମୁଁ (ପରମେଶ୍ୱର) ସେହି ଆତ୍ମ-ଏକତ୍ୱଦର୍ଶୀଙ୍କର ଅଦୃଶ୍ୟ ହୁଏ ନାହିଁ ଏବଂ ସେ ମଧ୍ୟ ମୋର ଅଦୃଶ୍ୟ ହୁଅନ୍ତି ନାହିଁ ।

ସର୍ବଭୂତରେ ଆତ୍ମା ରୂପେ ସ୍ଥିତ ପରମେଶ୍ୱର ପରଂବ୍ରହ୍ମଙ୍କୁ ଉପାସନା କରି ଯୋଗୀପୁରୁଷ ଆତ୍ମ-ଜ୍ଞାନ ଲାଭ

କରିଥାଏ । ଉତ୍ତମ ଯୋଗୀ ସର୍ବତ୍ର, ସର୍ବକ୍ଷଣରେ ସେହି ପରମେଶ୍ୱରଙ୍କୁହିଁ ଦର୍ଶନ କରିଥା'ନ୍ତି । ପରମେଶ୍ୱର ମଧ୍ୟ କୃପା ଦୃଷ୍ଟିରେ ତାଙ୍କୁ ଦର୍ଶନ ଦେଇ ଅନୁଗୃହୀତ କରିଥା'ନ୍ତି । ଏହି ଅବସ୍ଥାରେ ଏକାତ୍ମ ଜ୍ଞାନ ଯୋଗୁଁ ପରମାତ୍ମାଙ୍କ ସଙ୍ଗେ କୌଣସି ବିଚ୍ଛେଦ ହୁଏ ନାହିଁ । କୌଣସି ବ୍ୟବଧାନ ରହେ ନାହିଁ । 'ସୋଽହଂ'ର ଉପଲବ୍ଧି ହୁଏ । 'ସର୍ବଂ ଖଳୁମିଦଂ ବ୍ରହ୍ମ'ର ଉପଲବ୍ଧି ହୁଏ ।

ଜଗତେ ଯେତେ ଜୀବ ଜାତ । ବ୍ରହ୍ମ ସମସ୍ତ ଦେହେ ସ୍ଥିତ ॥
ତେଣୁ ସମସ୍ତେ ଏକ ସମ । ଦେଖଇ ସେ ଯୋଗୀ ଉତ୍ତମ ॥
ଯେ ମୋତେ ସର୍ବତ୍ର ଦେଖଇ । ସଭିଙ୍କୁ ମୋ'ଠାରେ ଦେଖଇ ॥
ସେ ନୋହେ ଅଦୃଶ୍ୟ ମୋହର । ମୁଁ ନୋହେ ଅଦୃଶ୍ୟ ତାହାର ॥
ସେ ଯୋଗୀ ଆତ୍ମଜ୍ଞାନ ପାଇ । ସର୍ବତ୍ର ମୋତେ ସେ ଦେଖଇ ॥
ଶ୍ରୁତି ବୋଲଇ ଏ ବଚନ । ଭଗବାନ୍ ଏ ତ୍ରିଭୁବନ ॥

**ସମଭାବ ପ୍ରତିଷ୍ଠା କରିବା ନିମିତ୍ତ ଉପାୟ ଓ ସର୍ତ୍ତାବଳୀ :**

୧. ସମଭାବ ପ୍ରତିଷ୍ଠା ଲାଗି ସର୍ବପ୍ରଥମ ଆବଶ୍ୟକତା ହେଲା ଶାନ୍ତି ଓ ସ୍ଥିରତା । ଜଣେ ଯେତିକି ଅଧିକ ଶାନ୍ତ ଓ ସ୍ଥିର ରହିବ ତା'ର ସମଭାବ ସେତିକି ଅଧିକ ବୃଦ୍ଧି ପ୍ରାପ୍ତ ହେବ । ସମତା ହେଉଛି ଯାବତୀୟ ଆଧ୍ୟାତ୍ମିକ ଶକ୍ତିମତ୍ତା ଯାହାକି ଯଥାର୍ଥ ଭାବରେ ଦୃଢ଼ ହୋଇ ରହିଥିବାର ଆଧାରଶିଳା । ଆପଣା ଅନ୍ତର୍ଗତ ଶାନ୍ତି ଓ ସ୍ଥିରତାକୁ ଭଙ୍ଗ କରିବା ଲାଗି କଦାପି ପ୍ରଶ୍ରୟ ଦିଆଯିବ ନାହିଁ । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସର ସହ ଉର୍ଦ୍ଧ୍ୱରୁ ଶାନ୍ତି ଓ ଅନ୍ତର୍ଗତ ଶାନ୍ତିକୁ ଆବାହନ କରି ନେଇ ଆସିବାକୁ ହେବ । କାରଣ ଶାନ୍ତି ଓ ସ୍ଥିରତା ବିନା ସମଭାବ ରକ୍ଷା କରିବା ସମ୍ଭବ ହୁଏ ନାହିଁ । ଅବଶ୍ୟ ଅପର ପକ୍ଷେ ସମଭାବ ରକ୍ଷା ନ କଲେ ଜଣେ ଶାନ୍ତ ଓ ସ୍ଥିର ରହିପାରେ ନାହିଁ । ଏ ତିନୋଟି ବିଷୟ – ଶାନ୍ତି, ସ୍ଥିରତା ଓ ସମତା ପରସ୍ପରର ପରିପୂରକ ।

୨. ଅହଂ ପ୍ରସୂତ ଯାବତୀୟ ରାଜସିକ ତଥା ପ୍ରାଣିକ ଗତିବୃତ୍ତି, ଯଥା – ହିଂସା, କ୍ରୋଧ, ଗର୍ବ, ଈର୍ଷା, ଅସୂୟା, ଉତ୍ତେଜନା, କାମନା-ବାସନା ଇତ୍ୟାଦି ଯାହାକିଛି ସମଭାବର ପ୍ରତିକୂଳ ବା ବିରୋଧୀ ସେସବୁକୁ ନିଃଶେଷରେ ପ୍ରତ୍ୟାଖ୍ୟାନ କରିବାକୁ ହେବ । ତତ୍ ସଙ୍ଗେ ସଙ୍ଗେ ପ୍ରତିକୂଳ ଶକ୍ତି ଓ ପ୍ରତିକୂଳ ପରିସ୍ଥିତି ଓ ପରିବେଶଗୁଡ଼ିକୁ ନିଜର ଅଗ୍ରଗତିର ସହାୟକ ରୂପେ ବିନିଯୋଗ କରିବାକୁ ହେବ । ସେସବୁ ପ୍ରତି ଏକ ସକାରାତ୍ମକ ମନୋଭାବ ପୋଷଣ କରିବାକୁ ହେବ ।

୩. ଅନ୍ତରରେ ଦିବ୍ୟ-ସାନ୍ନିଧ୍ୟକୁ ଅବିଚ୍ଛିନ୍ନ ଭାବେ ବଜାୟ ରଖିବାକୁ ହେବ । ନିରନ୍ତର ଅଭ୍ୟାସ କରିବା ଦ୍ୱାରା ଏହା ସମ୍ଭବ ହୁଏ ।

''The constant presence of the Mother comes by practice;'' (CWSA Vol. 32, p. 172)

୪. ଦୈନନ୍ଦିନ ଜୀବନରେ ଯେକୌଣସି କାର୍ଯ୍ୟ କଲାବେଳେ, ଏପରିକି ଖାଇବା, ଶୋଇବା, କଥା କହିବା ଆଦି ସାଧାରଣ କର୍ମ କଲାବେଳେ ମଧ୍ୟ ଆନ୍ତର ସତ୍ତା ବା ଚୈତ୍ୟସତ୍ତା ସହ ସମ୍ପର୍କ ରକ୍ଷା କରିବାକୁ ହେବ । ଅର୍ଥାତ୍ ସର୍ବଦା ଅନ୍ତର୍ମୁଖୀ ହୋଇ ରହିବାକୁ ପଡ଼ିବ । ସେଥିଲାଗି ଦିବ୍ୟଜନନୀ ଶ୍ରୀମା କହିଛନ୍ତି –

''Live within, do not be shaken by external circumstances.''

(MCW Vol. 14, p. 232)

ଅର୍ଥାତ୍, ''ଅନ୍ତରରେ ବାସ କର, ବାହ୍ୟ ଘଟଣାବଳୀ ଦ୍ୱାରା ପ୍ରଭାବିତ ହୁଅ ନାହିଁ ।''

୫. ପୂର୍ଣ୍ଣ ସମତା ପ୍ରତିଷ୍ଠା କରିବା ଲାଗି ତିନୋଟି ବିଷୟର ଆବଶ୍ୟକତା ରହିଛି । ପ୍ରଥମଟି ହେଲା ପୂର୍ଣ୍ଣ ଆତ୍ମଦାନ (self-giving); ଭଗବାନଙ୍କ ନିକଟରେ ଆନ୍ତର ସତ୍ତାଗୁଡ଼ିକର ନିଃଶେଷ ସମର୍ପଣ । ଦ୍ୱିତୀୟ କଥା ହେଲା ଉର୍ଦ୍ଧ୍ୱରୁ ସ୍ଥିରତା ଓ ଶାନ୍ତିକୁ ଅବତରଣ କରି ନେଇ ଆସିବା । ତୃତୀୟଟି ହେଲା ଯାବତୀୟ ଅଗ୍ରରୁଚି, ଅହଂପ୍ରସୂତ ରାଜସିକ ଗତିବୃତ୍ତି ଓ ଅନୁଭବଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ।

୬. ସବୁଠୁ ଫଳପ୍ରଦ ଉପାୟ ହେଲା ପରମ ଦିବ୍ୟ-ସତ୍ତାଙ୍କର ସହ ଐକ୍ୟ ବା ତାଦାତ୍ମ୍ୟ ପ୍ରତିଷ୍ଠା କରିବା । ଏହା ସମ୍ଭବ ହୁଏ ପରମ ଦିବ୍ୟସତ୍ତାଙ୍କ ନିକଟରେ ନିଜକୁ ନିଃଶେଷରେ ସମର୍ପଣ କରିବା ଦ୍ୱାରା । ଏହି ଉପାୟଟି ଯେତିକି ଫଳପ୍ରଦ ସେତିକି କଷ୍ଟସାଧ୍ୟ ମଧ୍ୟ । ଆମର ଦୃଢ଼ ପ୍ରତ୍ୟୟ ରହିଥିବା ଆବଶ୍ୟକ ଏଇ ଯେ ଆମର ଅଜ୍ଞାନତା, ଦୋଷଦୁର୍ବଳତା ଓ ବିରୋଧୀ ଶକ୍ତିମାନଙ୍କ ଆକ୍ରମଣ ସତ୍ତ୍ୱେ, ପ୍ରତୀୟମାନ ହେଉଥିବା ବିଫଳତା ସତ୍ତ୍ୱେ ପରମ ଦିବ୍ୟସଂକଳ୍ପ କଦାପି ବିଫଳ ହୁଏ ନାହିଁ । ଈଶ୍ୱର ଯାହା କରନ୍ତି ତାହା ସର୍ବଦା ପ୍ରାଣୀର ମଙ୍ଗଳ ସକାଶେ । ଆମର ଅର୍ନ୍ତଦୃଷ୍ଟିର ଅଭାବ ଯୋଗୁଁ ଆମେ ତାହା

ଅନୁଭବ ବା ଉପଲବ୍ଧି କରିପାରୁ ନାହୁଁ । ସେଥିଲାଗି ଦିବ୍ୟ ଜନନୀ ଶ୍ରୀମାଙ୍କର ଅମର ବାଣୀ ହେଲା –

''The Divine alone is the support that never fails.'' (CWM, Vol. 14, p. 14)

''ଦିବ୍ୟପରମ ସତ୍ତାହିଁ ଏକମାତ୍ର ଆଶ୍ରୟ ଯିଏ କଦାପି ନିରାଶ କରନ୍ତି ନାହିଁ ।''

(କ୍ରମଶଃ)

❑❑❑

# ଅନନ୍ତ ଯାତ୍ରା ପଥେ

## ଦୀପ୍ତି ମିଶ୍ର

ସନ୍ଧ୍ୟା ଦୀପ ଆଲୁଅରେ ଖୋଜେ ମୁଁ ତୁମକୁ
ତୁମ ରୂପର କମନୀୟତା ଛାଇଯାଏ ମୋ ମୁହଁ ସାରା
ସତେ କି ମୁଁ ତୁମ କୋଳରେ ଛୋଟ ଶିଶୁଟିଏ ...
ଘୁମେଇ ପଡ଼ିଛି ପ୍ରଶାନ୍ତିର ଏକ ସୁଖ ନିଦ୍ରାରେ ...
ଭିତରୁ ଭାସି ଆସୁଛି ମୁଠାଏ
ମାଟିର ମୋହ ଭରା
ଶିଶୁ ଲୋରିର ମଧୁବୋଳା ମଧୁର ରାଗିଣୀ ।...

ପାହାନ୍ତି ରାତିର ପବନରେ
ଖୋଜେ ମୁଁ ତୁମଠୁ ଅବିରତ ଜୀବନ
ବଞ୍ଚିବାର ଅସରନ୍ତି ଆବେଗ
ଆଉ ତୁମ ଉଦାର ସ୍ୱର୍ଶ ହାତ ଚକିତ କରେ ମୋତେ ...
ଯେତେବେଳେ ତୁମ ନିବିଡ଼ ଆଶ୍ଳେଷ
ନିଶ୍ଚିନ୍ତ ଆଶ୍ରୟଟିଏ ହୋଇଉଠେ ମୋ ଜୀବନର
ଖାଲି ମୁହୂର୍ତ୍ତକ ପାଇଁ ନୁହେଁ
ଯୁଗ ଯୁଗାନ୍ତର ପାଇଁ । ...

ସକାଳର ଉଦୟୀ ଅରୁଣ
ଯେତେବେଳେ ବିଚ୍ଛୁରିତ କରନ୍ତି
ତାଙ୍କର ପ୍ରଥମ କିରଣ
ସେଇ ସୁନେଲି କିରଣରେ ଖୋଜେ
ମୁଁ ତୁମର ମଧୁମୟ ରୂପର ଝଲକ । ...
ଯେଉଁ ସ୍ନିଗ୍ଧ ରୂପ ମୋତେ
ଦେଇପାରେ ଶୀତଳ ଛାଇର ଏକ ସବୁଜ ସମ୍ଭାବନା
ଏକ ପରମ ପ୍ରେମମୟ ଭବିଷ୍ୟତର
ନିରଙ୍କୁଶ ସୁନ୍ଦର ନୂତନ ପୃଥିବୀରେ
ପାଦ ପକାଇବା ପାଇଁ ନିଶ୍ଚିତ ପଥର ପରିକଳ୍ପନା । ...

ମଧ୍ୟାହ୍ନର ରୌଦ୍ରତାପରେ
ମୁଁ ଅନୁଭବ କରେ ତୁମ କଣ୍ଠରୁ
ଝରୁଥିବା ବଜ୍ର ଗମ୍ଭୀର ଧ୍ୱନି
ବୀର ଯୋଦ୍ଧାର ଚାଲିବାରେ ନାହିଁ ପୂର୍ଣ୍ଣଚ୍ଛେଦ ...
ପଥ ହେଉ ବନ୍ଧୁର, ପଙ୍କିଳ
ଅବା ହେଉ ମସୃଣ, ସରଳ
ଯାତ୍ରା ଯେ ଅସରନ୍ତି ଭୂମିରୁ ଭୂମାକୁ ...
ଜୀବର ପରମ ସହ ମିଳନ,
ଏ ଜୀବନ ଜୀଇଁବାର ଯଥାର୍ଥ ଲକ୍ଷ୍ୟ ।

ଅପରାହ୍ଣର ଲମ୍ବା କିରଣରେ ମୁଁ ଭୁଲି ଯାଏ ନିଜକୁ
ଅନୁଭବ କରେ ତୁମର ଛାଇ ସାନ୍ତ୍ୱନା
ନିର୍ବିଘ୍ନରେ ପାଏ ତୁମର ଇନ୍ଦ୍ରଧନୁର ରଙ୍ଗ
ଯାହା ମୋ ପାଇଁ ଦିବ୍ୟ ପସରାଟିଏ ସାଜି
ଆନନ୍ଦର ଅନନ୍ୟ ଅନୁଭବକୁ
କରି ଦିଏ ଜୀବନର ସାରକଥା
ଐଶ୍ୱର୍ଯ୍ୟର ସାଥୀ ହୋଇ ମୋର
ପାଶେ ପାଶେ ରହିଛ ତ ତୁମେ
ସୁନ୍ଦର ପୂର୍ଣ୍ଣଚ୍ଛେଦଟିଏ ହୋଇ ।

ତେଣୁ ଯାତ୍ରାହିଁ ତ ଜୀବନ ଆଉ
ଜୀବନଟା ଏକ ଅନନ୍ତ ଯାତ୍ରା ...
ମୋହମୁକ୍ତ ମାୟାହୀନ ପଥଚଲା,
ଜନନୀ ଗୋ ! ଏତିକି ବୁଝିବାରେ କେତେ ଯେ ପରୀକ୍ଷା
ଆବୋରି ବସିଛି ମୋତେ ...
କେଉଁଠୁ ଆରମ୍ଭ ତାହା କେଉଁଠି ବା ଶେଷ
ଯାହା ଅଟେ ଏଇ ଜୀବନର ଏକ ଦିବ୍ୟ ପ୍ରତୀକ୍ଷା । ❑

# କବି ନିଶିକାନ୍ତ
## (୨୦)

ଆଜକେ ଆମାର୍ ଜୀବନ କପୋଲ୍ ତୁମି'
ଆମାୟ୍ ଆବାର୍ ଜନ୍ମ ଦିଲେ ତୁମି,
ରକ୍ତେ ନବୀନ ସଞ୍ଜୀବନୀ ବାଜେ । ...
ଜନ୍ମଦିନେ କି ଦେବ ଆଜ୍ ବଲୋ ?
ତୋମାର୍ ଦେଓୟା ଜନ୍ମ ତୋମାୟ ଦିଲାମ୍ ।...
ଆମାର୍ ସକଲ୍ ସତ୍ତା ସମର୍ପିଲାମ୍ ।
('ଜନ୍ମଦିନ' : ଅଳକାନନ୍ଦା କାବ୍ୟଗ୍ରନ୍ଥ) — ନିଶିକାନ୍ତ

ନିଶିକାନ୍ତଙ୍କର ନିଜସ୍ୱ ଉକ୍ତିରେ : 'ଆମି ତୋମାର୍ (ମା'ଙ୍କର) ଚିର-କିଶୋର କବି' । ପୂର୍ବ ଅଧ୍ୟାୟରେ ଆମେ ଜାଣିଛୁ ଯେ ନିଶିକାନ୍ତଙ୍କର ୨୪ ଏପ୍ରିଲ ୧୯୫୬ରେ ନବଜନ୍ମ ଲାଭ ହେଲା । ବ୍ୟାଧିବନ୍ଧନ ଭିତରେ ରହି ମହାଶକ୍ତିଙ୍କର ଶରଣ ପଶି ବିଭାସିତ ମୁକ୍ତ ମହାକାଶରେ ଜୀବନ ତାଙ୍କର ପୁନର୍ବାର ହୋଇ ଉଠିଲା ଜ୍ୟୋତିର୍ମୟ ପ୍ରାଣୋଚ୍ଛ୍ୱାସମୟ । ତାଙ୍କର ନିତ୍ୟ ନୈମିତ୍ତିକ ଜୀବନଧାରା ସ୍ୱଚ୍ଛନ୍ଦ ହୋଇ ଉଠିଲା । ମାଇଲ ପରେ ମାଇଲ ପଦବ୍ରଜରେ ମଧ୍ୟାହ୍ନରେ, ବେଶୀଭାଗ ରାତ୍ରିରେ, କେବେ କେବେ ସାରା ରାତି ବିତାଇବାକୁ ଲାଗିଲେ । ଫଳରେ ୧୯୬୦ର ମଧ୍ୟଭାଗରେ ତାଙ୍କର ଯକ୍ଷ୍ମାରୋଗର ପ୍ରକୋପ ବଢ଼ିଲା । ସମସ୍ତେ ଭାବି ନେଇଥିଲେ ରୋଗୀ ଏଥର ନିଶ୍ଚିତ ରୂପେ ଚିର ବିଦାୟ ନେବେ ।

ଏମିତି ରୋଗୀଙ୍କୁ ତାଙ୍କ ଘରେ ରଖି ଚିକିତ୍ସା କରିବା ଅସମ୍ଭବ । ତେଣୁ ବାଧ୍ୟ ହୋଇ ଶ୍ରୀମା ତାଙ୍କୁ ଜିପ୍‌ମର ହସ୍‌ପିଟାଲ୍‌କୁ ପଠାଇବାର ସିଦ୍ଧାନ୍ତ ନେଲେ । ରୋଗୀ ମଧ୍ୟ ସୁବୋଧ ବାଳକ ସଦୃଶ ମା'ଙ୍କ ବ୍ୟବସ୍ଥା ମାନିନେଲେ ।

ହସ୍‌ପିଟାଲ୍‌ରେ ତାଙ୍କୁ ସାଧାରଣ ତାମିଲ ରୋଗୀମାନଙ୍କ ସହିତ (ଜେନେରାଲ୍ ୱାର୍ଡ୍‌ରେ) ବେଶ୍ କେତେ ମାସ ଧରି ରହିବାକୁ ପଡ଼ିଥିଲା । ଦିନରାତି ତାଙ୍କର ଚାରିପାଖରେ ରୋଗୀଙ୍କ ଯନ୍ତ୍ରଣାର କନ୍ଦାକଟା, ବିକଟ ଚିତ୍କାର, ମୃତ୍ୟୁ ପରେ ସମ୍ପର୍କୀୟମାନଙ୍କର କରୁଣ କ୍ରନ୍ଦନରୋଳ ଚାଲିଥିବା ବେଳେ ନିଶିକାନ୍ତ ନିର୍ବିକାର ଚିତ୍ତରେ ଭୋଳାନାଥଙ୍କ ସଦୃଶ ବିଛଣାରେ ବସି ରହିଥା'ନ୍ତି । ସୂକ୍ଷ୍ମ-ଦର୍ଶନ କରିବା ତାଙ୍କର ଜନ୍ମଗତ ଗୁଣ ସହିତ ରସିକତା ଥିଲା ତାଙ୍କର ଜନ୍ମଗତ ସ୍ୱଭାବ — ଏକାଧାରରେ କହିବାକୁ ଗଲେ ରସରାଜ, ରସିକ ଚୂଡ଼ାମଣି !

ଭାଗ୍ୟକୁ ସେ ଭଲ ତାମିଲ ଭାଷା ଜାଣିଥିଲେ ଏବଂ ତଦ୍ଦ୍ୱପରି ଆଶ୍ରମର ରୋଗୀ ସମ୍ମାନାସ୍ପଦ : ତେଣୁ ଡାକ୍ତର ଓ ନର୍ସମାନଙ୍କ ସହିତ ଖୁବ୍ ଅଳ୍ପ ଦିନ ଭିତରେ ମଧୁର ସମ୍ପର୍କ ଗଢ଼ିଉଠିଲା । ଏହା ସାଙ୍ଗକୁ ଖ୍ରୀଷ୍ଟିଆନ ନର୍ସମାନଙ୍କ ସହିତ ତାଙ୍କର ରସିକତା ଖୁବ୍ ଉପଭୋଗ୍ୟ ହୋଇ ଉଠିଲା । ସେମାନଙ୍କୁ ନେଇ ତାମିଲ, ଇଂରାଜୀ, ହିନ୍ଦୀରେ ସରଳ ଓ ବେଶ୍ ଉପଭୋଗ୍ୟ ଛୋଟ ଛୋଟ କବିତାସବୁ ଲେଖି ସମସ୍ତଙ୍କୁ ହସାଇ ହସାଇ ବେଦମ କରି ଦେଉଥିଲେ ।

କବି ସେମାନଙ୍କୁ ନେଇ ସଙ୍ଗୀତର ବାର ବାର ଘୋଷା ସଦୃଶ କହୁଥିଲେ : ''ଦେଖ, ଶମନ ମୋତେ ସମନ ପଠାଇଛି, ମୃତ୍ୟୁ ପରେ ମୁଁ ଶ୍ରୀମା'ଙ୍କର ଗ୍ରୀନ୍ ଗ୍ରୁପ୍‌ରେ ଫେରି ଆସିବାକୁ ଚାହେଁ । ତୁମମାନଙ୍କ ଭିତରୁ କିଏ ବିବାହିତା ବା ବିବାହ-ସଙ୍କଳ୍ପିତା — ମୋତେ କୁହ, ଯାହାର ସନ୍ତାନ ହୋଇ ମୁଁ ଆସିପାରେ ?'' ସେମାନଙ୍କ ମଧ୍ୟରୁ କେରଳର ଜଣେ ନର୍ସ ହସ୍‌ପିଟାଲ୍‌ର ଜଣେ ବଙ୍ଗାଳୀ ଡାକ୍ତରଙ୍କର ବାଗ୍‌ଦତ୍ତା ଥିଲେ । ତାଙ୍କୁ ନେଇ ସଙ୍ଗେ ସଙ୍ଗେ ଏକ ସଙ୍ଗୀତ ରଚନା କଲେ । ସମସ୍ତେ ଶୁଣି ହସି ହସି ବେଦମ୍ —

"Our sister Mathews still moving with
virginal splendour,
Like a beautiful goose without a gander."
(goose – ମାଈ ପାତିହଂସ; gander – ପାତିହଂସ)

ଅନ୍ୟ ଏକ ଜଣଙ୍କୁ ଲକ୍ଷ୍ୟ କରି (ପ୍ରସଙ୍ଗ ଅଜଣା) ଗୋଟିଏ ଗଜଲ୍ ରଚନା କଲେ :

''ଆ ଗୟି ମେରି ପିୟାରୀ ବସରେ କି ଗୁଲ୍,
ଇସ୍ ଦିଲ୍‌ମେ ଗାନେ ଲଗା ବାଂଲାକା ବୁଲ୍‌ବୁଲ୍ ।''

ଏହିସବୁ ସରସ ଆବହାଓଆ ସୃଷ୍ଟି ହେବା ଫଳରେ କେବଳ ଡାକ୍ତର ଓ ନର୍ସମାନଙ୍କ ମହଲରେ ହସକୌତୁକ ଓ ଆନନ୍ଦର ଢେଉ ଖେଳୁ ନଥିଲା; ପରିବେଶରେ, ସମଗ୍ର ୱାର୍ଡ୍‌ରେ ଶଯ୍ୟାଶାୟୀ ଯନ୍ତ୍ରଣାକ୍ଲିଷ୍ଟ ରୋଗୀମାନଙ୍କ ଭିତରେ ମଧ୍ୟ ଏହା

ସଞ୍ଚରି ଯାଉଥିଲା; ତଦ୍ଦ୍ୱାରା ହସ୍‌ପିଟାଲ୍‌ର ନୂତନତ୍ୱବିହୀନ ବିରକ୍ତିକର ଜୀବନଧାରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖା ଦେଇଥିଲା । କିନ୍ତୁ ନିଶିକାନ୍ତଙ୍କର ସଙ୍କଟ ମୁହୂର୍ତ୍ତରେ ସମଗ୍ର ପରିବେଶରେ ଦେଖା ଦେଉଥିଲା ଏକ ଅନ୍ୟ ଧରଣର ଶାନ୍ତ ସମାହିତ ସମବେତ ଆନ୍ତରିକ ନୀରବ ପ୍ରାର୍ଥନାର ଆବହାଉଆ ।... ଏଥର ମଧ୍ୟ ସେ ଆରୋଗ୍ୟ ଲାଭ କରି ଘରକୁ ଫେରିଲେ ।

ଘରକୁ ଆସିବା ପରେ ନିଶିକାନ୍ତଙ୍କର ନୈଶ-ଭ୍ରମଣ ପ୍ରାୟ ବନ୍ଦ କରି ଦିଆଯାଇଥିଲା । ଦିନବେଳା ଆଶ୍ରମର ବିଭିନ୍ନ ବିଭାଗକୁ କାମରେ ଗାଡ଼ି ଯାଉଥିବା ବେଳେ ବାଟରେ ଭେଟିଲେ ସେ ସେଥିରେ ବସି ବୁଲି ଆସୁଥିଲେ । ଥରେ ଏମିତି ଗାଡ଼ିରେ ଯାଉ ଯାଉ ବାଟରେ ଦୁର୍ଘଟଣା ଘଟିଲା । ଦୁର୍ଘଟଣାରେ ଅଳ୍ପକେ ସେ ବଞ୍ଚିଗଲେ ସତ କିନ୍ତୁ ଭୀଷଣ ଭାବରେ ଆଘାତ ପାଇଲେ । ତୁରନ୍ତ ସମସ୍ତେ ଆମ୍ବୁଲାନ୍‌ସ ଆଣି ତାଙ୍କୁ ଉଠାଇ ନେଲେ । ଡାକ୍ତରଙ୍କୁ ସେ ସମସ୍ତ ଘଟଣା ତାମିଲରେ ବୁଝାଇ ଦେଲେ ।

ଡାକ୍ତର : (କଥାଛଳରେ ତାଙ୍କୁ ପଚାରିଲେ) ଆପଣ ଏତେ ଭଲ ତାମିଲ କେଉଁଠୁ ଶିଖିଲେ ?

ନିଶିକାନ୍ତ : 'ମୀନ୍ ମାର୍କେଟ' (ଅର୍ଥାତ୍, ମାଛ ହାଟରୁ) ।

ଡାକ୍ତର ଓ ଉପସ୍ଥିତ ଅନ୍ୟମାନେ ହସି ହସି ବେଦମ୍ !

ଏହି ମୋଟର ଦୁର୍ଘଟଣାକୁ ନେଇ ସେ ଏକ ରସାତ୍ମକ କବିତା ଲେଖିଥିଲେ । ସମୟଟି ଥିଲା ଶରତ କାଳ, ପୂଜାର ଠିକ୍ ପୂର୍ବ ସମୟ । ଏଥର ଦୁର୍ଗତିନାଶିନୀ ଦୁର୍ଗା ତାଙ୍କୁ ରକ୍ଷା କରିଥିବାରୁ ତାଙ୍କୁ ଅର୍ଘ୍ୟ ସ୍ୱରୂପ ଏହି କବିତା ରଚନା : 'ମୋଟର ଦୁର୍ଘଟଣାର ଅର୍ଘ୍ୟ' । ସେଥିରୁ ଦୁଇଟି ପଂକ୍ତି –

''ବଲେନ୍ ଅସ୍ଥି ବିଶାରଦ ମୃଦୁ ହେସେ,
'ବେଁଚେ ଗେଲେ କବି, ଅଳ୍ପେର୍ ଜନେଇ;
ମରଣେର ଫାଁଡ଼ା କେଟେ ଘାଡ୍ ଘେଁଷେ,
ପ୍ୟାରାଲିସିସେର୍ ଶଙ୍କାଓ ଆର୍ ନେଇ ।'...
ଗଭୀର ରାତ୍ରି; ନାର୍ସେରା ଘୁମ୍ ଯାୟ;
ବତ୍ରିଶ୍ ଦିନ୍ ଶିର୍ ଦାଁଡ଼ା ଖାଡ଼ା ରେଖେ –
ସୋଜା ହୟେ ବସେ ରହେଛି ଅନିଦ୍ରାୟ
ଆଁଧାରେ ଜେଗେଛି ଆଲୋର୍ ସ୍ୱପନ ଦେଖେ ।''...

ନିଶିକାନ୍ତଙ୍କର ଏମିତି ଆଶୁ ରସାତ୍ମକ କବିତା ପ୍ରଚୁର ରହିଛି । ତାଙ୍କର ବାଲ୍ୟବନ୍ଧୁ ବନବିହାରୀଙ୍କୁ ଲିଖିତ ଏକ ପଦ୍ୟ-ପତ୍ର :

''ତୁମି ଆମାର୍ ବାଲ୍ୟବନ୍ଧୁ, ହେ ବନବିହାରୀ,
ତୋମାକେ ଆମାର୍ କାବ୍ୟ ତାଇ ଦିତେ ପାରି ।
ଆର୍ କେହ ନା ପଢୁକ୍, ତୁମି ତା' ପଢ଼ିଓ,
ମାଝେ ମାଝେ ମସ୍ୟଲୋଭୀ କବିରେ ସ୍ମରିଯୋ ।...''

ଆଶ୍ରମର ବନ୍ଧୁମାନଙ୍କ ପାଇଁ ନିଶିକାନ୍ତ 'ଜନ୍ମଦିନରେ ଉପହାର' କବିତା ରଚନା କରିବାର ରୀତି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅବ୍ୟାହତ ରଖିଥିଲେ । ଏହି କବିତାଗୁଡ଼ିକ ମାଧ୍ୟମରେ ପରିଲକ୍ଷିତ ହୁଏ ଅଗ୍ରଜମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଏବଂ ଅନୁଜ ଓ ସମସାମୟିକମାନଙ୍କ ପ୍ରତି ଅନାବିଳ ସ୍ନେହ । ବରେଣ୍ୟ ନଳିନୀକାନ୍ତ ଗୁପ୍ତଙ୍କୁ ତାଙ୍କ ଜନ୍ମଦିନରେ ଲିଖିତ କବିତାରୁ କିଛି :

''ତୁମି ଅଗ୍ରଜତମ ପଥିକ, ତୁମି ଆମାଦେର୍ ପ୍ରିୟ
ପୂର୍ଣ୍ଣ ଯୋଗେର୍ ପାନ୍ଥ !
ମୋଦେର୍ ସାଧନ-ସରଣୀ ତୋମାର୍ ପ୍ରତିପଦେ ବରଣୀୟ
ହେ ସାଧକ ଅକ୍ଳାନ୍ତ ।''

*

''ଅତିମାନସେର୍ ଅଧିଦେବୀ ଆର୍ ଅତିଦେବତାର ସାଥେ
ତୁମି ଯେ ଅବିଚ୍ଛିନ୍ନ,
ନବସୃଷ୍ଟିର୍ ଗୋଧୂଳି-ଲଗ୍ନେ ସୁବର୍ଣ୍ଣ ସନ୍ଧ୍ୟାତେ
ଯୁଗଲେର୍ ପଦଚିହ୍ନ
ତୋମାର୍ ପ୍ରଥମ ପନ୍ଥା ଦେଖାଏ
ତବ ରଚନାର୍ ଇନ୍ଦୁଲେଖାୟ,
ହେ ଚନ୍ଦ୍ର ତୁମି ସେଇ ହତେ ଆଜୋ
ତା'ଦେର୍ ମିଳନ ମନ୍ତ୍ରେ କରୋ
ମର୍ତ୍ତ୍ୟ ତିମିର ଲୁପ୍ତ;
ତବ କାଳହୀନ ଜନ୍ମ ଦିବସେ
ନିଶିକାନ୍ତେର୍ ଅର୍ଘ୍ୟ ଧରୋ
ନଳିନୀକାନ୍ତ ଗୁପ୍ତ ।''

(୧୩.୧.୧୯୪୬) – ନିଶିକାନ୍ତ

*

ଏବେ କବିଙ୍କର ରସାତ୍ମକ କ୍ରିୟାକଳାପ ସମ୍ବନ୍ଧେ କିଛି ଆଲୋକପାତ କରୁଛୁ । ପୃଥ୍ୱୀନ୍ଦ୍ରନାଥଙ୍କ ରଚନାରୁ :

''ଶ୍ରୀମା'ଙ୍କର ଛବି ଥିବା ଗୋଟିଏ କ୍ୟାଲେଣ୍ଡର କବିଙ୍କର ଘର କୋଣରେ ଟଙ୍ଗା ହୋଇ ରହିଥାଏ । କବି ଏହାର ନାମ ଦେଇଥିଲେ 'ମାଛୋ ବାଜାରେର ଶ୍ରୀମା' । ଅର୍ଥାତ୍ 'ମାଛ

ବଜାରର ଶ୍ରୀମା' । ନିତି ସକାଳେ ପ୍ରାୟ ଏଗାରଟା ସମୟରେ କବି ଗାଧୁଆ-ପାଧୁଆ ଶେଷ କରି ସେଇ କ୍ୟାଲେଣ୍ଡରରେ ମଥା ଛୁଆଁଇ ପ୍ରଣାମ କରି ଛୋଟ ଥଳିଟିଏ ପକେଟରେ ପୂରାଇ ମାଛ ବଜାରକୁ ଯାଉଥିଲେ । ପ୍ରଣାମ ସମୟରେ ମା'ଙ୍କୁ ପ୍ରାର୍ଥନା ଜଣାଉଥିଲେ – ଆଜି ଯେମିତି ଶସ୍ତାରେ ଭଲ ମାଛ ପାଇବି । ଭକ୍ତିପୂର୍ଣ୍ଣ ମସ୍ତକର ନିତ୍ୟ ସ୍ପର୍ଶରେ କ୍ୟାଲେଣ୍ଡରଟିର ନିମ୍ନାଂଶଟି ତୈଳାକ୍ତ ଓ ମଳିନ ହୋଇଯାଇ ବିଚିତ୍ର ରୂପ ନେଇଥିଲା ।

''କବି ଥରେ ନିଜେ 'ଭିନିଗାର୍' (ତୀବ୍ର ଅମ୍ଳରସ) ପ୍ରସ୍ତୁତ କରିଥିଲେ । ଠିକ୍ ଠିକ୍ ପ୍ରସ୍ତୁତ ହୋଇଛି କି ନା ପରଖିବା ପାଇଁ ପୂରା ଏକ କପ୍ ସେଇ ତରଳ ଅଗ୍ନିସମ ଅମ୍ଳରସକୁ ଗଳାରେ ଢାଳିଦେଲେ । ଫଳରେ ତାଙ୍କୁ ସାରା ଜୀବନ ଭୋଗିବାକୁ ହୋଇଛି ଗ୍ୟାସ୍ଟ୍ରିକ୍ ଅଲ୍‌ସାର୍ । ଦିନେ ମୁଁ ଦେଖିଲି କବି ହାତମୁଠାରେ କିଛି ସବୁଜ ପତ୍ର ଧରିଛନ୍ତି ଏବଂ ସେଥିରୁ ଟିକିଏ ଟିକିଏ ଛିଣ୍ଡାଇ ଚୋବାଉଛନ୍ତି । ମୋତେ ଦେଖି ସେଇ ପତ୍ରରେ ନଜର ଦେଇ କହିଲେ, 'ଗେଣ୍ଡୁ ପତ୍ରରେ ଯଦି ଦେହ ଉପରି ଭାଗର ଘା' ଭଲ ହୋଇଯାଏ, ତେବେ ଦେହ ଭିତରେ ହୋଇଥିବା 'ଅଲ୍‌ସାର୍' ଭଲ ହେବ ନାହିଁ କାହିଁକି ? ମନେହୁଏ ଏହା କାର୍ଯ୍ୟକାରୀ ହେବ !' ''

*

ଥରେ ନିଶିକାନ୍ତ କଥାଛଳରେ ପ୍ରଣବ-ଦା'ଙ୍କୁ କହିଥିଲେ : ''କୁମାର ସ୍ୱାମୀ ନାମରେ ଜଣେ ଶାନ୍ତିନିକେତନର ଛାତ୍ର ସିଂହଳରୁ ନଡ଼ିଆ ଚାରାଟିଏ ଆଣି ଶାନ୍ତିନିକେତନର ବଗିଚାରେ ରୋପଣ କରିଥିଲେ ଏବଂ ଘୋଷଣା କରିଥିଲେ ଯେ ଏହି ଗଛର ପ୍ରଥମ ଫଳସବୁକୁ କବିଗୁରୁଙ୍କୁ ଅର୍ପଣ କରାଯିବ । ଗଛ ବଢ଼ିଲା, ବେଶ୍ ପଇଡ଼ ଫଳିଲା । ମୁଁ ଭାବିଲି, 'ଏହି ପଇଡ଼ସବୁ ତ ଗୁରୁଦେବଙ୍କୁ ଅର୍ପଣ କରାଯିବ, ତେଣୁ ଆମ କପାଳରେ ତ ସିଂହଳର ପଇଡ଼ ପାଣି ଚାଖିବା ସମ୍ଭବ ହେବ ନାହିଁ । ତେଣୁ ଲୁଚି କରି ଗଛକୁ ଉଠି ପଇଡ଼ସବୁରେ ଛୋଟ ଗର୍ତ୍ତଟିଏ କରି ପୂରା କାନ୍ଧିଟିର ପାଣିସବୁ ଚାଖି ନେଇଥିଲି ।...

''ଆଉ ଗୋଟିଏ କଥା ଶୁଣ । ଶାନ୍ତିନିକେତନରେ ଗୁଜରାତରୁ କେତୋଟି ଦୁଧିଆଳୀ ଗାଈ ଅଣାଯାଇ ରଖାଯାଇଥିଲା । କବିଗୁରୁଙ୍କର ପୁତ୍ରବଧୂ ପ୍ରତିମାଦେବୀ ଏହାର ସେବାଯତ୍ନ କରୁଥିଲେ ଏବଂ ଦୁଧ ଦୁହିଁ ଏକ ବଡ଼ ପାତ୍ରରେ ଫୁଟାଇ ରନ୍ଧନଶାଳାରେ ରଖୁଥିଲେ । ରନ୍ଧନଶାଳାର ଦରଜାରେ ଚାବି ଦିଆଯାଉଥିଲା । ମୁଁ କ'ଣ ଭାବିଲି ନା – ଗୁଜରାତି ଗାଈର ଦୁଧ ଚାଖିବା ଆମ କପାଳରେ ତ ମିଳିବ ନାହିଁ – ଏ ଦୁଧ ସବୁ ତ ଗୁରୁଦେବଙ୍କ ସକାଶେ ଧରାବନ୍ଧା । ତେଣୁ କାଇଦା କରି ଲୁଚି ଖୋଲା ଝରକା ଦେଇ ସେଥିରୁ ଦୁଧ କିଛି ଆଣି ପିଇ ଦେଉଥିଲି । ଫଳତଃ ଦେଖାଗଲା ଯେ ଘରଟି ବନ୍ଦ ଥିବା ସତ୍ତ୍ୱେ ଦୁଧପାତ୍ରରୁ ବେଶ୍ କିଛି ଦୁଧ କମିଯାଉଛି ।...''

ନିଶିକାନ୍ତ କିନ୍ତୁ ପ୍ରଣବା-ଦା'ଙ୍କୁ ଏହିସବୁ ଘଟଣାର ବିଚାର କଥା ବର୍ଣ୍ଣନା କରି ନଥିଲେ । ଆମେ ଏବେ ନିଶିକାନ୍ତଙ୍କର ବିଚାର ଦେଖିଥିବା ପ୍ରତ୍ୟକ୍ଷଦର୍ଶୀ ତେଜେନ୍ ମୁଖାର୍ଜୀଙ୍କ ରଚନାରୁ କିଛି ଉଦ୍ଧାର କରୁଛୁ :

''ଶାନ୍ତିନିକେତନରେ ରବୀନ୍ଦ୍ରନାଥଙ୍କର ବିଚାର ସଭା : ସେଦିନ ଉପରଓଳି ପାଞ୍ଚଟାରେ ଅତ୍ୟନ୍ତ କୌତୂହଳୀ ହୋଇ ବଂଧୁ ଉଦୟଙ୍କ ସହିତ କବିଗୁରୁଙ୍କର ବିଚାରସଭା ଦେଖିବାକୁ ଗଲି । ଯାଇ ଦେଖିଲି ବାସଭବନଟିର ବାରଣ୍ଡାରେ ଦଶ, ବାର ଜଣ ଅଳ୍ପ ବୟସ୍କ ବ୍ୟକ୍ତି ବସିଛନ୍ତି, କବିଗୁରୁଙ୍କ ସକାଶେ ଆରାମ ଚେୟାରଟିଏ ରହିଛି । ଶାନ୍ତିନିକେତନର କେତେକ ଛାତ୍ର ଅଗଣାରେ ଛିଡ଼ା ହୋଇଛନ୍ତି । ସେଇ ବାଳକମାନଙ୍କ ଗହଣରେ ଗୋଟିଏ ପାର୍ଶ୍ୱରେ ପ୍ରାୟ ମୋ ବୟସର ଗୋଟିଏ ବାଳକ ଛିଡ଼ା ହୋଇଛି – ବୟସ ବାର କି ତେର ହେବ । ଦେହର ରଙ୍ଗ କଳା, ପତଳା, ମଧ୍ୟମାକୃତି ଗଢ଼ଣବିଶିଷ୍ଟ ଚେହେରା, ମଥାରେ ସାମାନ୍ୟ କୁଞ୍ଚିତ ଚୂଳ ବେକ ପର୍ଯ୍ୟନ୍ତ ଲମ୍ବି ଆସିଛି; ଅଦ୍ଭୁତ ତା'ର ଶାନ୍ତ ସମାହିତ ମୁଖମଣ୍ଡଳ, ଶାନ୍ତ ସ୍ୱପ୍ନିଳ ତା'ର ଢିମା ଢିମା ଚକ୍ଷୁ ଦୁଇଟି । ନିର୍ବିକାର ଭାବରେ ଆକାଶ ଆଡ଼କୁ ଅନାଇ ରହିଛି । ଯେମିତି ସେଇ ମୁହୂର୍ତ୍ତରେ ତା'ର ଚତୁଃପାର୍ଶ୍ୱରେ ଏପରି କିଛି ବସ୍ତୁ ନାହିଁ ଯାହାକି ତା'ର ସେଇ ମୌନ ଦୃଷ୍ଟିକୁ ଆକର୍ଷଣ କରିପାରେ । କାନ ପାଖରେ ଫୁସ୍ ଫୁସ୍ କରି ଉଦୟ ମୋତେ କହିଲେ, 'ସେଇ ଯେ ପିଲାଟି ଗୋଟିଏ ପାଖରେ ନିଆରା ହୋଇ ଛିଡ଼ା ହୋଇଛି, ସିଏ ସୁଧାକାନ୍ତ-ଦା'ଙ୍କର ଛୋଟ ଭାଇ, ନିଶିକାନ୍ତ, ଭାରି ଦୁଷ୍ଟ । ଆଜି ତା'ରି ବିଚାର ହେବ ।'

''କିଛି ସମୟ ପରେ ରବୀନ୍ଦ୍ରନାଥ ପୁତ୍ରବଧୂ ପ୍ରତିମା ଦେବୀଙ୍କ କାନ୍ଧରେ ଗୋଟିଏ ହାତ ରଖି ଘରୁ ବାରଣ୍ଡାକୁ ବାହାରି ଆସି ଆରାମ ଚେୟାରରେ ବସିଲେ । ଉପସ୍ଥିତ ସକଳଙ୍କ ଉପରେ ତାଙ୍କର ସହଜ ହାସ୍ୟମୁଖରେ ଆଖି ବୁଲାଇ ଆଣିଲେ । ନିଶିକାନ୍ତଙ୍କ ଉପରେ ନଜର ପଡ଼ିବା ମାତ୍ରେ କହିଲେ, 'କିରେ, ଏତେ ଦୂରରେ ଛିଡ଼ା ହୋଇ କ'ଣ ଭାବୁଛୁ ? ପାଖକୁ ଆ !'

ନିଶିକାନ୍ତ ପାଖକୁ ଆସିଲା ।

''କବି ତାଙ୍କୁ ପଚାରିଲେ, 'ଆଚ୍ଛା, ବୋହୂ-ମା ଯାହା କହୁଛନ୍ତି, ତା' କ'ଣ ସତ ?'

''ନିଶିକାନ୍ତ କବିଙ୍କ ମୁଖକୁ ଅନାଇ ଅନାବିଳ ଭାବରେ ପ୍ରଶ୍ନ କଲେ, 'ବୋହୂ-ମା କେଉଁ କଥାଟି ଆପଣଙ୍କୁ କହିଛନ୍ତି ? ଦୁଧ କଥା ନା ପଇଡ଼ କଥା – ତା' ତ ଜାଣେନି; ତେଣୁ କେଉଁଟିର ଉତ୍ତର ଦେବି ?'

''କବି ଅନୁଚ୍ଚ ସ୍ୱରରେ ପାଖରେ ଛିଡ଼ା ହୋଇଥିବା ପ୍ରତିମା ଦେବୀଙ୍କୁ ପଚାରିବା ପରେ ନିଶିକାନ୍ତଙ୍କୁ କହିଲେ, 'କହି ପାରିବୁ, ରନ୍ଧନଶାଳାର ଦରଜା ତାଲା ପଡ଼ି ବନ୍ଦ ଥିବା ସତ୍ତ୍ୱେ ଦୁଧ ହାଣ୍ଡିରୁ ଦୁଧ କମିଯାଏ କିପରି ?'

''ନିଶିକାନ୍ତ ତା'ର ଶାନ୍ତ ସହଜ ଗଳାରେ ଉତ୍ତର ଦେଲା – 'ଏ ତ ଖୁବ୍ ସହଜ କଥା ! ଝରକା ଖୋଲା ଥାଏ, ମୁଁ କାଉଁରିଆ କାଠଟିଏ ଝରକାର ଜାଲି ଭିତରେ ଭର୍ତ୍ତି କରି ହାଣ୍ଡିରୁ କିଛି ଦୁଧ ଚୁଷି ଚୁଷି ପିଇଛି ।'

''କବିଙ୍କର ଗମ୍ଭୀର ମୁଖରେ ଚାପା ହସର ମୃଦୁ ଆଭାସ ସମସ୍ତଙ୍କର ନଜରରେ ଆସିଛି । ସେ କହିଲେ, 'ତୁ ଏଇ ଭାବରେ ପିଇଲୁ କାହିଁକି ?'

''– 'ଗୁଜରାଟି ଗାଈର ଦୁଧ କେମିତି ଲାଗେ, ଜାଣିବା ସକାଶେ ।'

''କବି କହିଲେ, 'ଆଚ୍ଛା ! ଏଥର କହ, ପଇଡ଼ କଥା ?'

''– 'କୁମାର ସ୍ୱାମୀ ସିଂହଳୀ ନଡ଼ିଆର ଯେଉଁ ଚାରା ରୋପଣ କରିଥିଲେ, ସେଥିରେ ବେଶ୍ ପଇଡ଼ ଫଳିଛି ଦେଖିଲି । ଭାବିଲି ଏଇସବୁ ପଇଡ଼ ପାଣି ତ ଆପଣ ପିଇବେ; ଆମେ ତ ସିଂହଳର ପଇଡ଼ ପାଣି କେମିତି ତା' ଚାଖି ପାରିବୁ ନାହିଁ । ତେଣୁ ସମସ୍ତଙ୍କ ଅଜାଣତରେ ଶିଢ଼ି ଚଢ଼ି ପଇଡ଼ କଣା କରି କାଉଁରିଆ କାଠି ପୂରାଇ ତା'ର ପାଣି ଚାଖିଥିଲି ।

''ଏଥର ବି କବିଗୁରୁଙ୍କର ମନୋଭାବ ଠିକ୍ ଆଗ ଭଳି । ତା'ପରେ କହିଲେ, 'ଆଚ୍ଛା, ମୁଁ କ'ଣ ଶୁଣିବାକୁ ପାଇଲି, ତୁ କାଳୀପ୍ରସାଦର ଦେହରେ କାଳି ଢାଳି ଦେଇଛୁ ?'

''– 'ଆଜ୍ଞା, ହଁ । ଦେଖୁଥିଲି କଳା ଦେହରେ କାଳି ଢାଳି ଦେଲେ କେମିତି ଦେଖାଯାଏ !'

''ତା'ପରେ କବିଗୁରୁ ସବୁକଥାର ବିଚାର ଗୋଟିଏ ବାକ୍ୟରେ କହିଲେ, 'ହଉ, ଆଉ ଯେମିତି ଏସବୁ କାଣ୍ଡ ଘଟାଇବୁ ନାହିଁ ।' ଏହା କହି କବି ପ୍ରତିମାଙ୍କ ସହିତ ଘରକୁ ପଶିଲେ ।

''ଉଦୟ ମୋ କାନ ପାଖରେ କହିଲା, 'ଦେଖିଲୁ ତ, କବି ତାକୁ ତାଗିଦା କରି କିଛି ବି କହିଲେ ନାହିଁ । ସେଇଥି ପାଇଁ ତା'ର ଦୁଷ୍ଟାମି ଦିନକୁ ଦିନ ବଢ଼ିଚାଲିଛି ।'

''ଛାତ୍ରମାନଙ୍କ ଗହଣରେ କେତେକ ଛାତ୍ର ନିଜ ନିଜ ଭିତରେ କଥା ହେଲେ, 'ନିଶିକାନ୍ତ ପ୍ରତି କବିଗୁରୁଙ୍କର କିଛି ପ୍ରତିକ୍ରିୟା ଲକ୍ଷ୍ୟ କଲ ?'

''ବାରଣ୍ଡାରେ ଉପସ୍ଥିତ ଶିକ୍ଷକବୃନ୍ଦଙ୍କ ଭିତରୁ କେହି ଜଣେ କହିଉଠିଲେ, 'ଗୁରୁଦେବ ଏଇ ପିଲାର ଅମାନିଆ ଢଙ୍ଗ ବା ଅବାଧ୍ୟତାକୁ କେମିତି ସୁଧାରିବେ, ଯଦି ତା' ପ୍ରତି ଏମିତି ମନୋଭାବ ରଖନ୍ତି ?'...

''ଅସଲ କଥାଟି ହେଉଛି ଗୁରୁଦେବ ଏଇ ପିଲାଟିକୁ ଅତ୍ୟନ୍ତ ଭଲ ପାଉଥିଲେ, କାରଣ ଏଇ ବୟସରୁ ସେ ଅଭୂତପୂର୍ବ କବିତାସବୁ ରଚନା କରି ପାରୁଥିଲା ଏବଂ ତା'ର ଏଇ ଅତ୍ୟାଶ୍ଚର୍ଯ୍ୟ ଗୁଣ ଯୋଗୁଁ କବି ତା'କୁ 'ଚାନ୍ଦ କବି' ବୋଲି ସମ୍ବୋଧନ କରୁଥିଲେ ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. ନୀରଦବରଣ : 'ରଚନା-ବିଚିତ୍ରା' (ସାଧକ କବି ନିଶିକାନ୍ତ ପ୍ରସଙ୍ଗେ), ପୃ. ୧୫୪-୫୫

୨. ଡାଲିୟା ସରକାର : 'କବି ନିଶିକାନ୍ତ', ପୃ. ୧୪୮-୫୦

୩. ପୃଥ୍ୱୀନ୍ଦ୍ରନାଥ ମୁଖୋପାଧ୍ୟାୟ : 'ପଣ୍ଡିଚେରୀର ଦିନ୍‌ଗୁଲି', ପୃ. ୪୦, ୧୧୪-୧୫

୪. ଅନୁରାଗ ବନ୍ଦୋପାଧ୍ୟାୟ : 'ଅନନ୍ୟ ନିଶିକାନ୍ତ', ଓଭରମ୍ୟାନ୍ ଫାଉଣ୍ଡେସନ୍, କଲିକତା, ୨୦୧୧

୫. ତେଜେନ୍ ମୁଖାର୍ଜୀ : 'ନିଶିକାନ୍ତ', ଶୁଶ୍ରୁଷା, ଭାଦ୍ର ୧୩୮୦, ପୃ. ୧୭୦-୭୧

୬. Mother India, Dec. 2009, p. 1019 - 20

# ସ୍ମୃତି ଆଲେଖ୍ୟ

[କଥା ପ୍ରସଙ୍ଗରେ **ଶ୍ରୀଅରବିନ୍ଦ** ତାଙ୍କର ସମୀପ୍ୟଧନ୍ୟ ଶିଷ୍ୟମାନଙ୍କ ନିକଟରେ *ନିଜ ବିଷୟରେ* ଓ *ଅନ୍ୟମାନଙ୍କ ବିଷୟରେ* ଯାହାସବୁ ଉଲ୍ଲେଖ କରିଛନ୍ତି ସେଥିରୁ କିଛି ... ।]

### ଶରୀର ଉତ୍‌ଥାପନ

ଥରେ ଆଲିପୁର କାରାଗାରରେ ସେପରି ଘଟିଥିଲା । ସେତେବେଳେ ପ୍ରାଣ ସ୍ତରରେ ମୁଁ ପ୍ରବଳ ଭାବରେ ସାଧନା କରୁଥିଲି ଏବଂ ସର୍ବଦା ମୁଁ ଧ୍ୟାନସ୍ଥ ରହୁଥିଲି । ସେତେବେଳେ ମୋ ମନରେ ସମସ୍ତ କିଛି ବିଷୟରେ ପ୍ରଶ୍ନ ପରେ ପ୍ରଶ୍ନ ଆସୁଥାଏ । ଯଥା, ସିଦ୍ଧି ଓ ଉତ୍ଥାପନ ଇତ୍ୟାଦି କରିବା ସମ୍ଭବ କି ନୁହେଁ ? ତା'ପରେ ଥରେ ହଠାତ୍ ମୋ ଶରୀର ଆପେ ଆପେ ଏପରି ଭାବରେ ଊର୍ଦ୍ଧ୍ୱକୁ ଉତ୍ତୋଳିତ ହେଲା ଯେ ଜଣେ ଇଚ୍ଛା କରି ସେପରି କରି ପାରିବ ନାହିଁ । ଶରୀରର କେବଳ ଗୋଟିଏ ଅଂଶ ଭୂମିକୁ ସ୍ପର୍ଶ କରିଥିଲା ଏବଂ ଅନ୍ୟସବୁ ଅଂଶ କାନ୍ଥରେ ଯାଇ ଆଉଜି ଥିଲେ । ମୁଁ ଭଲ ଭାବରେ ଜାଣିଥିଲି ଯେ ମୁଁ ଇଚ୍ଛାକରି ସେପରି ସବୁ କରି ପାରିବି ନାହିଁ । ଏବଂ ମୁଁ ଅନୁଭବ କରି ଦେଖିଲି ଶରୀରଟି ସେମିତି ଶୂନ୍ୟରେ ଝୁଲି ରହିଲା ଏବଂ ତାହା ବେଶ୍ କିଛି ସମୟ ଧରି ଥିଲା । ମୋତେ କୌଣସି ପ୍ରକାରର କଷ୍ଟ ହେଉ ନ ଥିଲା ।

କାରାଗାରରେ ମୋର ଏହିପରି ଅନେକ ଅସାଧାରଣ (ବା କହିପାର ପାଗଳ) ଅନୁଭୂତି ସବୁ ହୋଇଥିଲା । ସେତେବେଳେ ସର୍ବଦା ପ୍ରାଣଭୂମିରେ ମୋର ସାଧନା ଲାଗି ରହିଥିଲା, ତେଣୁ ସେହି ଜଗତରୁ ବୋଧହୁଏ ମୁଁ ବହୁତ ଶକ୍ତି ପାଉଥିଲି । ଏହିସବୁ ଅନୁଭୂତିଗୁଡ଼ିକ କାଳକ୍ରମେ ଉଭେଇ ଗଲେ, କିନ୍ତୁ ପୁନର୍ବାର ସେମାନେ ଆଉ ଅନୁଭୂତ ହୋଇ ନାହାନ୍ତି ।

### ସ୍ଥୂଳ ବା ଶରୀର ଚେତନାର ସିଦ୍ଧି

ସମୟ ଥିଲା ଯେତେବେଳେ ମୁଁ ଭାବୁଥିଲି ଯେ ସ୍ଥୂଳ ସିଦ୍ଧି ଏକେବାରେ ଅସମ୍ଭବ । କିନ୍ତୁ ଆଲିପୁର ଜେଲରେ ଥିବା ବେଳେ ବହୁ ସମୟ ଧରି ମୋର ଶରୀର ଏପରି ସବୁ ଭଙ୍ଗି ଓ ଅବସ୍ଥାରେ ରହୁଥିଲା ଯେ ସାଧାରଣ ଭାବରେ ଦେଖିଲେ ଏହା ଏକାନ୍ତ ଅସମ୍ଭବ । ପ୍ରକୃତରେ ମୋ ଶରୀର ମାଟିରୁ କେତେ ଇଞ୍ଚ ଉପରକୁ ଉଠିଯାଉଥିଲା । ଏହାକୁହିଁ ଶରୀର ଉତ୍ଥାପନ କୁହାଯାଏ । ତା'ପରେ କିଛିଦିନ ମୁଁ ଅଭ୍ୟାସ କରୁଥିଲି ଅନ୍ୟ ଏକ ପ୍ରକାର ସାଧନା । ମୋ ହାତ ଦୁଇଟି ଶୂନ୍ୟରେ ଝୁଲି ରହିବ, କୌଣସି ଚେଷ୍ଟା ଅଥବା ମାଂସପେଶୀ ବା ସ୍ନାୟୁମାନଙ୍କର କର୍ତ୍ତୃତ୍ୱ ବିନା । ଥରେ ସେପରି ହାତ ଦୁଇଟି ଶୂନ୍ୟରେ ଝୁଲୁଛି ଓ ମୁଁ ଶୋଇ ପଡ଼ିଛି । ଜେଲର ୱାର୍ଡ଼ର୍ ମୋର ଏପରି ଅବସ୍ଥା ଦେଖି ଯାଇ ବଡ଼ ଅଫିସରଙ୍କୁ କହିଲା କି ସେହି ବନ୍ଦୀ ଜଣକ ମରି ଗଲେଣି । ସେମାନେ ଧାଇଁ ଆସି ମୋତେ ଉଠାଇଲେ । ମୋର ସବୁକିଛି ଠିକ୍ ଥିଲା । ମୁଁ କହିଲି ଲୋକଟି ଟିକିଏ ବୋକା ବୋଧହୁଏ ।

### ଊର୍ଦ୍ଧ୍ୱ ଓ ନିମ୍ନ ସ୍ତର

ଥରେ ଏପରି ହୋଇଥିଲା ଯେ ମୋ ଜୀବନର ଏହି କାର୍ଯ୍ୟକୁ ଯେ ପୂର୍ଣ୍ଣ କରିବି ସେପରି ଭାବନାକୁ ଛାଡ଼ି ଦେଇଥିଲି । ସେତେବେଳେ ମୋର ପ୍ରାଣସତ୍ତାରେ ସବୁକିଛି ତତ୍‌କ୍ଷଣାତ୍ ଛାଡ଼ି ଦେବା ପାଇଁ ଦୃଢ଼ ଭାବରେ ଏକ ପ୍ରେରଣା ଆସିଲା । ତା'ପରେ ମୁଁ ଶିଖିଗଲି ଯେ ସମସ୍ତ କିଛି କାର୍ଯ୍ୟ ପାଇଁ ନିଜେ କିଛି ଚେଷ୍ଟା ନ କରି ଭଗବାନଙ୍କ ଉପରେ ଛାଡ଼ିଦେବା ପାଇଁ; କାରଣ ସେପରି ସମର୍ପଣ ହୋଇଥିଲେ ଭଗବାନ୍ ଯାହା ଚାହିଁବେ ତାହାହିଁ କରିବେ ।

ସେତେବେଳେ ପ୍ରାଣସତ୍ତା ଊର୍ଦ୍ଧ୍ୱରେ ରହିଛି ଏବଂ ଶରୀର ସତ୍ତା ନିମ୍ନରେ ଅର୍ଥାତ୍ ବିଷାଦଗ୍ରସ୍ତ । କିନ୍ତୁ ସେପରି ସମୟରେ ମଧ୍ୟ ମୁଁ କେବେ ବିଶ୍ୱାସ ହରାଇ ନ ଥିଲି । ମୁଁ ଜାଣିଥିଲି ଯେଉଁ କାର୍ଯ୍ୟ ସମାହିତ ହେବା ପାଇଁ ଅଛି ତାହା ହେବ ଏବଂ ନିଶ୍ଚିତ ଭାବରେ ହେବ । କିନ୍ତୁ ମୁଁ ଜାଣି ନ ଥିଲି ଯେ ମୋ ଜୀବନ କାଳ ମଧ୍ୟରେ ମୁଁ ତାହା କରି ପାରିବି କି

ନାହିଁ ବା ଅନ୍ୟ କାହା ଦ୍ୱାରା ହେବ । ଅବଶ୍ୟ ମୋର ବିଷାଦଗ୍ରସ୍ତ ଅବସ୍ଥା ଅଧିକ ସମୟ ତିଷ୍ଠିପାରୁ ନ ଥିଲା ।

## ମହର୍ଷି ଓ ଜଗଜ୍ଜନନୀ

ତୁମେ ମହର୍ଷି(ରମଣ ମହର୍ଷି)ଙ୍କ ବିଷୟରେ ଏହି ଗଳ୍ପଟି ଜାଣ କି ? ଥରେ ତାଙ୍କ ନିଜ ଆଶ୍ରମ ଓ ଶିଷ୍ୟମାନଙ୍କ ଉପରେ ବିରକ୍ତ ହୋଇ ସେ ପର୍ବତରେ, ଦୂର ସ୍ଥାନରେ ରହିବେ ବୋଲି ଆଶ୍ରମ ଛାଡ଼ି ଚାଲି ଯାଉଥିଲେ । ସେ ପାହାଡ଼ର ଏକ ସଂକୀର୍ଣ୍ଣ ପଥ ଦେଇ ଚାଲୁଥିଲେ; ଦେଖିଲେ ଜଣେ ବୃଦ୍ଧା ତାଙ୍କ ସମ୍ମୁଖରେ ରାସ୍ତା ବନ୍ଦ କରି ଗୋଡ଼ ଲମ୍ବାଇ ଦେଇ ବସିଛନ୍ତି । ମହର୍ଷି ତାଙ୍କୁ ଅନୁରୋଧ କଲେ ପାଦ ଘୁଞ୍ଚାଇ ନେବାକୁ, ସେ କିନ୍ତୁ ଶୁଣିଲେ ନାହିଁ । ତା'ପରେ ସେ ରାଗିଯାଇ ବୃଦ୍ଧାଙ୍କର ପାଦ ଉପରେ ଡେଇଁ ଚାଲିଗଲେ । ବୃଦ୍ଧା ମଧ୍ୟ ରାଗିଯାଇ କହିଲେ, ''ତୁ କାହିଁକି ଏତେ ବିବ୍ରତ ହେଉଛୁ ? ଅରୁଣାଚଳର ଗୋଟିଏ ସ୍ଥାନରେ ତୁ ବସି ରହି ପାରିବୁ ନାହିଁ ? ଏଣେ ତେଣେ କାହିଁକି ବୁଲିବୁ ? ଯା' ଆଶ୍ରମକୁ ଫେରି ଯାଇ ଶିବଙ୍କର ପୂଜା କର ।''

ତାଙ୍କର କଥାଗୁଡ଼ିକ ମହର୍ଷିଙ୍କ ମନକୁ ପାଇଲା । ସେହିଠାରୁ ସେ ଫେରି ଆସିଲେ । କେତେ ପାଦ ଫେରି ସେ ପଛକୁ ଚାହିଁଲେ; ଦେଖିଲେ ସେଠାରେ କେହି ନ ଥିଲେ । ହଠାତ୍ ତାଙ୍କର ମନକୁ ଆସିଲା ଯେ ସ୍ୱୟଂ ଜଗଜ୍ଜନନୀ ବୃଦ୍ଧା ରୂପରେ ଆସି ତାଙ୍କୁ ଅରୁଣାଚଳରେ ରହିବା ପାଇଁ ନିର୍ଦ୍ଦେଶ ଦେଇଗଲେ ।

ପ୍ରକୃତରେ ସେ ଥିଲେ ଜଗଜ୍ଜନନୀ । ସେ ଇଚ୍ଛା କରିଥିଲେ ଯେ ମହର୍ଷି କୁଆଡ଼େ ନ ଯାଇ ଅରୁଣାଚଳରେହିଁ ରହନ୍ତୁ ।

## ମହର୍ଷି ଓ ମଶା

ମିସେସ୍ କେଲି ଥରେ ମହର୍ଷିଙ୍କୁ ଭେଟିବାକୁ ଯାଇଥିଲେ । ସେ ଧ୍ୟାନ କରିବା ବେଳେ ବହୁତ ମଶା ତାଙ୍କୁ କାମୁଡୁ ଥା'ନ୍ତି । ତେଣୁ ମଶା ତଡ଼ିବାରେହିଁ ସେ ବେଶୀ ମନ ଦେଉଥିଲେ । ଧ୍ୟାନ ପରେ ସେ ଏକଥା ମହର୍ଷିଙ୍କ ନିକଟରେ ଅଭିଯୋଗ କରିଥିଲେ । ମହର୍ଷି ତାଙ୍କୁ କହିଲେ ଯେ, ସେ ଯଦି ମଶା କାମୁଡ଼ା ସହ୍ୟ କରିପାରୁ ନାହାନ୍ତି ତେବେ ଯୋଗ କରିବା ତାଙ୍କ ପକ୍ଷେ ସମ୍ଭବ ହେବ ନାହିଁ ।

ମିସେସ୍ କେଲି ସେକଥାର ଅର୍ଥ ବୁଝି ପାରିଲେ ନାହିଁ । ସେ ଚାହୁଁଥିଲେ ମଶାମାନଙ୍କ ବିନା କାମୁଡ଼ାରେ ଆଧ୍ୟାତ୍ମିକ ଜୀବନ ।

## ପଲ୍ ବ୍ରୁଣ୍ଟନ୍

ପଲ୍ ବ୍ରୁଣ୍ଟନ ସର୍ବଦା ଅନୁଭବ କରନ୍ତି – ଯେପରି ଏକ ଦିବ୍ୟ ଉପସ୍ଥିତି ସଦାବେଳେ ତାଙ୍କ ସହିତ ଅଛି । କିନ୍ତୁ ସେ ସେଇ ଦିବ୍ୟ ଉପସ୍ଥିତିକୁ ଚିହ୍ନି ପାରି ନାହାନ୍ତି । ସେ ମୋ ଫଟୋ ଦେଖି ତାଙ୍କ ଦିବ୍ୟ ଉପସ୍ଥିତି ସହିତ ଏକ କରି ଦେଖି ପାରିଲେ ନାହିଁ । କିନ୍ତୁ ଥରେ ସେ ହଠାତ୍ ଦର୍ଶନରେ ମୋତେ ଦେଖି ଚିହ୍ନି ପକାଇଲେ ଯେ ମୁଁହିଁ ସେହି ପୂର୍ବତନ ଦିବ୍ୟ ଉପସ୍ଥିତି ଥିଲି ।

## ପାବରୀ ଓ ଗଧ

ବରୋଦା ମହାରାଜଙ୍କ ଇଂରାଜୀ ଶିକ୍ଷକ ମିଷ୍ଟର୍ ଇଲିଅଟ୍ ଇଂଲଣ୍ଡରୁ ଆସି ବରୋଦାରେ ପହଞ୍ଚିଥିଲେ । ସେତେବେଳେ ମି. ପାବରୀ ନାମକ ଜଣେ ପାର୍ସି ଅଫିସର ଥିଲେ । ମିଷ୍ଟର୍ ଇଲିଅଟ୍‌ଙ୍କ ଅଦ୍ଭୁତ ଉଚ୍ଚାରଣ ଯୋଗୁଁ ସେ ତାଙ୍କର ଗୋଟିଏ ହେଲେ ଶବ୍ଦ ବୁଝିପାରୁ ନ ଥିଲେ । ତେଣୁ ସଦାବେଳେ ଉତ୍ତର ଦେବା ବେଳେ ''ହଁ'' (yes) ବୋଲି କହି ଚାଲନ୍ତି । ଅର୍ଥାତ୍ ସେ ଯାହା କହନ୍ତି ସେ ''ଇଏସ୍'' କହନ୍ତି । ଥରେ ମି. ଇଲିଅଟ୍ ତାଙ୍କୁ ଏକ ପ୍ରଶ୍ନ ପଚାରିଲେ, ସେ ନିଜ ସ୍ୱଭାବ ଅନୁସାରେ ସେଥିରେ ମଧ୍ୟ କହିଲେ ''ଇଏସ୍'' । ଇଲିଅଟ୍ ରାଗିଯାଇ କହିଲେ ''ମୁଁ ତୁମକୁ ଏକ ଗଧ ବୋଲି ଆଜିଠାରୁ ଭାବିବି କି ?''

ମି. ପାବରୀ ବଡ଼ ନମ୍ର ଭାବରେ କହିଲେ ''ହଁ'' (yes) ।

ସଂଗ୍ରହ : ସବ୍ୟସାଚୀ

❑❑❑

# ଛତ୍ରପତି ଶିବାଜିଙ୍କୁ ଗୁରୁଦତ୍ତ ପ୍ରସାଦ

ଶିବାଜିଙ୍କ ଗୁରୁ ଥିଲେ ସମର୍ଥ ରାମଦାସ । ସେ ଯେ କେବଳ ଜଣେ ଧର୍ମାତ୍ମା ଥିଲେ ତା' ନୁହେଁ, ଥିଲେ ସ୍ୱଦେଶାନୁରାଗୀ । ସେ ସମୟରେ ଭାରତର ଅଧିକାଂଶ ପ୍ରାନ୍ତ ମୋଗଲ ଶାସନର ଅଧୀନସ୍ଥ ଥିଲା । ଲୋକେ ସ୍ୱଧର୍ମର ମୂଲ୍ୟ ମର୍ଯ୍ୟାଦା ଭୁଲି ଯାଇଥିଲେ । ନବାବଙ୍କୁ ଖୁସି କରିବା ଥିଲା ପଦସ୍ଥ କର୍ମଚାରୀଙ୍କ ପେସା ଏବଂ ଏଇ ପଦସ୍ଥ ମୁସଲମାନ କର୍ମଚାରୀଙ୍କୁ ଖୋସାମଦ କରିବା ଥିଲା ଜନତାର ବଞ୍ଚି ରହିବାର ଏକମାତ୍ର ଉପାୟ । ଦେଶବାସୀ ଅନ୍ୟ ଧର୍ମର ଚାଲିଚଳଣ, ସାଜ-ପୋଷାକକୁ ଗ୍ରହଣ କରି ଗର୍ବ ଅନୁଭବ କରୁଥିଲେ । ମୋଟ ଉପରେ ନିଜର ନିଜତ୍ୱ ଉପରୁ, ନିଜ ଧର୍ମ ଉପରୁ ଆସ୍ଥା ତୁଟି ଯାଇଥିଲା । ମୋଗଲମାନେ ଗୋଟିଏ ପରେ ଗୋଟିଏ ରାଜ୍ୟ ଆକ୍ରମଣ କରି ତା' ଉପରେ ଅକ୍ତିଆର କରି ସାରିଥିଲେ, ସମଗ୍ର ଭାରତର ଅଳ୍ପ କେତେକ ଅଞ୍ଚଳ ନିଜର ସ୍ୱାଧୀନ ଅସ୍ତିତ୍ୱକୁ ବଜାୟ ରଖିବାକୁ ପ୍ରାଣପଣ ଚେଷ୍ଟା କରୁଥିଲେ । ଗୁରୁ ରାମଦାସ ଭାରତର ଏ ଅଧଃପତନକୁ ଲକ୍ଷ୍ୟ କରି ଶିବାଜିଙ୍କୁ କହିଥିଲେ – ''ଏହିସବୁ ଯେଉଁ ଆଚରଣ ଭାରତବାସୀଙ୍କଠାରେ ଦେଖୁଛ, ଏହା କ'ଣ କ୍ରୀତଦାସର ଲକ୍ଷଣ ନୁହେଁ ? ଏ ପ୍ରକାର ହୀନମନ୍ୟତା କ'ଣ ପାଇଁ ? ଧର୍ମକୁ ଧାରଣ କରିହିଁ ଏ ଦେଶର ଜନତା ପୁଣି ଥରେ ଏକତାବଦ୍ଧ ହୋଇ ପାରନ୍ତି । ସେଥିପାଇଁ ଭଗବାନ୍ ତୁମକୁ ଛତ୍ରପତି ଭାବରେ ନିର୍ବାଚନ କରିଛନ୍ତି ଏଇ ଧର୍ମକୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରିବାକୁ ତଥା ଧର୍ମଭାବନାର ଉଦ୍ଦୀପନା ଲୋକଙ୍କ ମନରେ ଜଗାଇବାକୁ । ଲୋକ ଚେତନାରେ ଧର୍ମର ଅଭାବହିଁ ସେମାନଙ୍କ ନୈତିକ ବଳକୁ ଭାଙ୍ଗି ଦେଇଛି ଏବଂ ସେମାନଙ୍କ ମନରେ ପୁନରାୟ ଆତ୍ମବିଶ୍ୱାସ ଆଣିବାକୁ ହେଲେ ପ୍ରବଳ ଭାବରେ ଆଧ୍ୟାତ୍ମିକତାର ବନ୍ୟା ବୁହାଇ ଦେବା ଦରକାର ।''

ଗୁରୁଙ୍କ କଥାର ମର୍ମ ଶିବାଜି ବୁଝିଥିଲେ ଓ ସେଇ ଅନୁଯାୟୀ କାର୍ଯ୍ୟ କରୁଥିଲେ । ଥରେ ଅନେକ ଦିନ ଧରି ସେ ତାଙ୍କର ଗୁରୁଙ୍କ ସମୀପକୁ ଯାଇପାରି ନ ଥିଲେ ରାଜକାର୍ଯ୍ୟରେ ବ୍ୟସ୍ତ ରହି । ନିକଟ ଭବିଷ୍ୟତରେ ଯିବାର ସମ୍ଭାବନା ମଧ୍ୟ ନାହିଁ ବୋଲି ବୋଧ କରି ସେ ତାଙ୍କର ବିଶ୍ୱସ୍ତ ଅନୁଚରକୁ ଗୁରୁଙ୍କ ନିକଟକୁ ପଠାଇଲେ । ଗୁରୁ ରାମଦାସ ଅନୁଚର ପାଖରୁ ଶିବାଜିଙ୍କର କର୍ମଭାରର ସଂପୂର୍ଣ୍ଣ ବିବରଣୀ ସଂଗ୍ରହ କଲେ ଓ ତାକୁ ବିଦା କଲାବେଳେ ତା' ହାତରେ ପୁଡ଼ିଆଟିଏ ଦେଲେ ଓ କହିଲେ – ଏଥିରେ କିଛି ପ୍ରସାଦ ରହିଛି, ଏଇଟିକୁ ସିଧା ନେଇ ଶିବାଜିଙ୍କୁ ଦେବ ।

ସେବକଟି ଫେରି ଆସି ପ୍ରଭୁଙ୍କୁ ନିଭୃତରେ ଭେଟି ଗୁରୁଦତ୍ତ ସମ୍ବାଦ ସହ ପ୍ରସାଦ ପୁଡ଼ିଆଟି ଦେଲା । ଶିବାଜି ସନ୍ତର୍ପଣରେ ପୁଟୁଳିଟି ଖୋଲିଲେ ମୁଣ୍ଡରେ ଛୁଆଇଁ ଦେଇ । ମାତ୍ର ଖୋଲି ସାରିବା ପରେ ଏ କ'ଣ ଦେଖୁଛନ୍ତି ? ସେବକଟି ଭୁଲ୍‌ରେ ପ୍ରସାଦ ରଖିଦେଇ ଏଇଟି କେଉଁଠୁ ଉଠାଇ ଆଣି ନାହିଁ ତ ? ତା'ପରେ ଭାବିଲେ ଭଲ କରି ଦେଖେ – ଖଣ୍ଡିଏ ଖୋଳଥିବା ନଡ଼ିଆ, ଟେଳାଏ ମାଟି, କିଛି ଉପଳଖଣ୍ଡ ଆଉ ଶୁଖିଲା ଘୋଡ଼ାଗୁହ କିଛି । ଏଗୁଡ଼ା ଗୁରୁଦେବ କାହିଁକି ପଠାଇବେ ମୋ ପାଖକୁ ? ତଥାପି ଗୁରୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ଥିବାରୁ ଭାବିଲେ, ସେ ତ କେବେ ଭୁଲ୍ କରି ନ ଥିବେ, ବରଂ ମୋରହିଁ ଗ୍ରହଣ କରିବାରେ ଭୁଲ୍ ହୋଇଥିବ ।

ସେ ଭାବିଲେ ଟେଳାଏ ମାଟି – କ'ଣ ହୋଇପାରେ, ଭୂଇଁ ଜନ୍ମଭୂମି, ଏଇ ଜନ୍ମଭୂମି ପ୍ରତି ଶ୍ରଦ୍ଧା ପୋଷଣ କରିବାକୁ ହେବ । ଏ ମାଟି ସମସ୍ତଙ୍କ ମା, ମାତୃଭୂମି, ଏହାକୁ ବିଦେଶୀ ମୋଗଲ ପଠାଣଙ୍କ କବଳରୁ ରକ୍ଷା କରିବାକୁ ହେବ; ଏହାର କୃଷ୍ଟି, ସଂସ୍କୃତି ବିଷୟରେ ଦେଶବାସୀଙ୍କୁ ଅବଗତ କରାଇବାକୁ ହେବ । ଦ୍ୱିତୀୟରେ – କିଛି ଟେକାପଥର ଖଣ୍ଡ, ଏଇଟିର ଅର୍ଥ କ'ଣ ହୋଇପାରେ ? ଏହାକୁ ଯୋଡ଼ି ଯୋଡ଼ି ଅଭେଦ୍ୟ ଦୁର୍ଗ ନିର୍ମାଣ କରାଯାଇପାରେ; ଶତ୍ରୁମାନଙ୍କ ଆକ୍ରମଣରୁ ନିଜର ସୈନ୍ୟମାନଙ୍କ ସୁରକ୍ଷା ଲାଗି ଓ ଆକ୍ରମଣର ନୂଆ ନୂଆ ପଦ୍ଧତିର ପରିକଳ୍ପନା ଓ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ଲାଗି ଏଇ ଦୁର୍ଗ ଆମର ସହାୟତା କରିବ । ସେଇ କଥା ଭାବି ବୋଧହୁଏ ଗୁରୁଦେବ ଉପଳଖଣ୍ଡ ପଠାଇଛନ୍ତି । ଆଉ ଘୋଡ଼ାଗୁହ – ତା'ର ଅର୍ଥ ହୋଇପାରେ ବେଗଗାମୀ ଅଶ୍ୱର ସଂଖ୍ୟା ବଢ଼ାଇବା, ସେମାନଙ୍କୁ କ୍ରୟ କରିବା ଓ ଯତ୍ନନେବା । ଅଶ୍ୱାରୋହୀ ସୈନ୍ୟସଂଖ୍ୟା ବଢ଼ାଇବାକୁ ହେଲେ ଭଲ ଜାତିର ଅଶ୍ୱ ଯେ ଆବଶ୍ୟକ, ମୋର ଗୁରୁ ହୁଏତ ସେଇକଥା ମନରେ ଭାବି ଏହା ପଠାଇଛନ୍ତି । ମୋତେ ସେ ଦିଗରେ ନଜର ଦେବାକୁ

ହେବ । ସବାଶେଷରେ ଏଇ ଖୋଳପା ଥିବା ନଡ଼ିଆ କାହିଁକି ପଠାଇଛନ୍ତି ? ଶଢ଼େଇ ଅର୍ଥ ସୁରକ୍ଷିତ କଠୋର କଠିନ ଆବରଣ, ଶଢ଼େଇ ଭିତରେ ଥିବା ନଡ଼ିଆ, ସସ ଓ ଜଳ – ପ୍ରାଣଦାୟକ, କୋମଳ । ଏଇଟି ହୁଏତ ମୋ ବ୍ୟକ୍ତିତ୍ୱର ପୁଷ୍ଟି ଲାଗି ପଠାଇଛନ୍ତି । ମୋର ବ୍ୟକ୍ତିତ୍ୱ ବାହାରକୁ କଠିନ ମନେ ହେଉଥିବ ଅଥଚ ଦେଶବାସୀଙ୍କ ପ୍ରତି ସ୍ନେହ କୋମଳତା ଅନ୍ତରରେ ରହିଥିବ – ଏହାହିଁ ତ ନାରିକେଳର ସ୍ୱଭାବ । ଏହାଛଡ଼ା ନିଜେ ସୁରକ୍ଷିତ ନ ହେଲେ ମୁଁ ଯେଉଁ ବ୍ରତଟି ଗ୍ରହଣ କରିଛି, ତାହା କାର୍ଯ୍ୟକାରୀ କେମିତି ହେବ ? ସେଥିପାଇଁ ନିଜକୁ ସୁଦୃଢ଼ କରିବାକୁ ହେବ । ସର୍ବାଗ୍ରେ ତ ବ୍ୟକ୍ତିର ପ୍ରସ୍ତୁତି ଓ ନିର୍ମାଣ ଦରକାର, ତାହା ହୋଇ ନ ପାରିଲେ ସେମାନେ ଦେଶମାତୃକାର ସେବକ ରୂପେ ଠିଆ ହେବେ କେମିତି ? ବୀରତ୍ୱ, ସାହସ ସହିତ କୋମଳତାର ମିଶ୍ରଣହିଁ ଯୋଦ୍ଧାକୁ ଗଢ଼ିଥାଏ ।

ଶିବାଜି ଗୁରୁଦତ୍ତ ସମ୍ବାଦଟିର ଅର୍ଥକୁ ସମ୍ୟକ୍ ହୃଦୟଙ୍ଗମ କଲେ ଏବଂ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କଲେ । ଯେପରି ଗୁରୁ ସେଇପରି ତାଙ୍କର ଶିଷ୍ୟ । ଏବେ ବି ତାଙ୍କର ବୀରତ୍ୱ ଓ ଉଦାରତାର କାହାଣୀ ଶୁଣିବାକୁ ମିଳେ, ତାଙ୍କର ମାତୃଭୂମି ପ୍ରତି ଶ୍ରଦ୍ଧା ଓ ପ୍ରୀତି ଦେଶନାୟକମାନଙ୍କୁ ଉଦ୍‌ବୁଦ୍ଧ କରେ ।

ସଂଗ୍ରହ : କୃଷ୍ଣାଦେବୀ

❑❑❑

# ମାଆ, ମାଟି, ମଣିଷ

## ହୃଷୀକେଶ ପଣ୍ଡା

ମାଆ ସିଏ
ମାଟିମନସ୍କ ଚିରକାଳ
ମାଟି ମମତାରେ ବନ୍ଧା
ତା'ର ହୃଦୟ କମଳ ।

ମାଟିକୁ ଖେଳାଇ ଦେଲେ
ଚହଟି ଆସଇ ବାତ୍ସଲ୍ୟର ବାସ୍ନା
ଭୂମିରେ ଭୂମାର ସନ୍ଧାନ ପାଇଁ
ଅହର୍ନିଶ ସେ ଆତ୍ମ ବିଭୋର ।

ମାଟିର ଅନ୍ତଶ୍ଚେତନାରେ
ନିରବଧି ସମାଧିସ୍ଥ ତା'ର ସତ୍ତା
ଅନ୍ତର୍ମୁଖୀ ଅଭୀପ୍ସାର ନିଷ୍କମ୍ପ ସଳିତା ।

ସେହିଁ ଉତ୍‌ପ୍ରେରକ ନବ ସୃଜନର
ପ୍ରଚୋଦନା ନବ ଚେତନାର,
ମାଟିର ଅନ୍ତର ଭେଦି
ଦିବ୍ୟତାକୁ ଖୋଜୁଥିବା
ସେହିଁ ଈଶ୍ୱରଙ୍କ ଚେର ।

ମାଟିର ଗର୍ଭରେ ଅଙ୍କୁରିତ
ବହିର୍ମୁଖୀ ପ୍ରତ୍ୟୟ ବି ସେ
ଅସୀମ ଆଲିଙ୍ଗନରେ
ମାଟିକୁ ଜାବୁଡ଼ି ଧରିଥିବା
ଊର୍ଦ୍ଧ୍ୱଗାମୀ ତାପସ ବି ସେ ।

ଯେତେ ଉଚ୍ଚ ହେଉ ପଛେ
ସ୍ୱର୍ଗର ନିଶୁଣି
ମାଆର ସାହାରା ଲୋଡ଼ା
ମାଟି ପରେ ହେବା ପାଇଁ ଛିଡ଼ା ।

ଆମେ ସବୁ ଭୂମି ପୁତ୍ର, ମାଟିର ମଣିଷ
ମାଆ ଆମ ସୂକ୍ଷ୍ମ ମୂଳାଧାର
ଜାଣତେ ବା ଅଜାଣତେ
ଜନ୍ମେ ଜନ୍ମେ ଖୋଜୁଥିବା
ସେ ମାଆର ଅଭୟ ପଣତ । ❑



## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୬) :

# ଏକଦମ୍ ମୂଳକଥା

## ପ୍ରସାଦ ତ୍ରିପାଠୀ

ପୂର୍ବରୁ ବୃକ୍ଷର ମୂଳ, ଚେର, ଗଣ୍ଡି, ଡାଳ ଇତ୍ୟାଦିର ଉଦାହରଣ ଦିଆଯାଇଥିଲା । ମୂଳ, ଚେର ଇତ୍ୟାଦି ଶକ୍ତ ହୋଇ ବୃକ୍ଷର ଗଣ୍ଡିରୁ ଡାଳ, ପତ୍ର ବାହାରି ସମଗ୍ର ବୃକ୍ଷକୁ ପ୍ରତିଷ୍ଠିତ କରିଦେଲା । ବୃକ୍ଷରେ ପତ୍ର, ଫୁଲ, ଫଳ ବିକଶିତ ହୋଇ ତାକୁ ସୌନ୍ଦର୍ଯ୍ୟରେ ଭରପୂର କରିଦେଲା । ଗୋଟିଏ ଗୋଟିଏ ଫୁଲ ଅତି ସୁନ୍ଦର ହେଲା । ଫଳଗୁଡ଼ିକ ମଧ୍ୟ ଖୁବ୍ ମନୋରମ, ମଧୁର ହେଲା । ଆମ୍ଭେମାନେ ଫୁଲ, ଫଳକୁ ଆହୁରି ସୁନ୍ଦର, ମଧୁର କରିବାକୁ ଚେଷ୍ଟା କଲୁ । କଲୁ ମଧ୍ୟ । ବାହାରେ ଏହା କେଉଁ ଗଛର ଫୁଲ, ଫଳ ବୋଲି କିଏ ପଚାରିଲେ ଆମେ ଆମ ମନ କୁଣ୍ଢେମୋଟ କରି ଉତ୍ତର ଦେଲୁ । ସମାଜରେ ସବୁ ପ୍ରକାରର ପ୍ରଶଂସା ପାଇଲୁ ଏବଂ ସେଥିରେ ଆନନ୍ଦିତ, ଆମୋଦିତ ହେଲୁ । ଆମର ଦୃଷ୍ଟି ଧୀରେ ଧୀରେ ଊର୍ଦ୍ଧ୍ୱକୁ ଉଠିଲା । ଆମେ ନିମ୍ନକୁ ଦେଖିବାକୁ ଭୁଲି ଗଲୁ । ଆମେ ଭାବିଥିଲୁ ଗଛର ମୂଳ ତ ଆପେ ବଞ୍ôବ । ତାକୁ ଆଉ ଦୃଷ୍ଟି ଦେବାର ଆବଶ୍ୟକତା କ'ଣ ? ମାତ୍ର ଆମ ଅଗୋଚରରେ ଆମେ ଫୁଲ, ଫଳକୁ ଆହୁରି ସୁଦୃଶ୍ୟ କରୁ କରୁ ମୂଳକୁ ଧୀରେ ଧୀରେ ଭୁଲି ଗଲୁ । ମୂଳରେ ଉଇ ଲାଗିଲେ, ମୂଷା କାଟିଲେ, ବାହାରୁ କେହି କୁରାଢ଼ିରେ ଚୋଟ ପକାଇଲେ ତଥାପି ଆମର ସେଥିପ୍ରତି ଦୃଷ୍ଟି ରହିଲା ନାହିଁ । ଆମେ ଫୁଲ, ଫଳକୁ ଦେଖି ବିଭୋର ହେଲୁ । ହଠାତ୍ ଦିନେ ଲକ୍ଷ୍ୟକଲୁ ଏତେ ସୁନ୍ଦର ଫୁଟୁଥିବା ଫୁଲଟି କାହିଁକି ମଳିନ ଦିଶୁଛି – ଫଳ ମଧ୍ୟ ଆଉ ଆଗ ଭଳି ମିଠା ଲାଗୁନି । ପତ୍ରଗୁଡ଼ିକ ଝାଉଁଳି ଯାଉଛନ୍ତି । ଧୀରେ ଧୀରେ ଗଛ ମଧ୍ୟ ଦୋହଲିଲା । ଆମେ ପତ୍ରକୁ ସତେଜ ରଖିବା ପାଇଁ ପତ୍ରରେ ପାଣି ଛିଞ୍ôଲୁ । ଫୁଲସବୁ ସୁନ୍ଦର ଦିଶିବା ପାଇଁ ଫୁଲରେ ରଙ୍ଗ ମାରିଲୁ । ଫଳ ମଧୁର ଲାଗିବା ପାଇଁ ସେଥିରେ ମିଠା ବୋଳିଲୁ । ବୃକ୍ଷକୁ ସିଧା କରି ଧରି ରଖିବା ପାଇଁ ଚାରି ଦିଗରୁ ଧରି ଠିଆ ହେଲୁ । ଧରିବା ପାଇଁ ଅଧିକ ଲୋକ ଦରକାର ପଡ଼ିଲେ, ଯାହାକୁ ପାରିଲୁ ଡାକିଲୁ । ଆଦୌ ବୃକ୍ଷ ପ୍ରତି ଶ୍ରଦ୍ଧା ନ ରଖିଥିବା ବ୍ୟକ୍ତିଙ୍କୁ ମଧ୍ୟ ବିକଳରେ ପଡ଼ି ଡାକିଲୁ । ଯେଉଁଠାରେ ତିନି, ଚାରି ଜଣ ମିଶି ବୃକ୍ଷକୁ ଶକ୍ତ କରି ଛିଡ଼ା କରିଥିଲୁ ସେଠାରେ ତିରିଶ, ଚାଳିଶି ଜଣ ମିଶି କରି ଚତୁର୍ଦ୍ଦିଗରୁ ଧରିବାକୁ ଚେଷ୍ଟା କଲୁ । ତଥାପି ଗଛ ଦୋହଲିଲା । ସେତେବେଳେ ଉଦ୍ଭିଦବିତ୍‌ଙ୍କୁ ଖୋଜିଲୁ । ସେ ଆସିଲେ । ଆଉ କିଛି ନଦେଖି ସିଧା ବୃକ୍ଷର ମୂଳକୁ ଚାହିଁଲେ । ତା' ପାଖରେ ଉଇ ହୁଙ୍କା ହୋଇ ସାରିଥାଏ । ତାକୁ ଆଗ ଭାଙ୍ଗି ସଫା କଲେ । ମୂଷାଗାତକୁ ଇଟା ଦେଇ ପୋତି ପକାଇଲେ । ଗଛ ମୂଳରେ ପାଣି ଦେଲେ, ଖତ ଦେଲେ । ଯେଉଁମାନେ ଗଛକୁ ଚାରିକଡ଼ରୁ ଧରିଥିଲେ, ସେମାନଙ୍କୁ ତୁରନ୍ତ ଛାଡ଼ି ଦେବାକୁ କହିଲେ । ଆଉ ଧରିବାର ଆବଶ୍ୟକତା ନାହିଁ ବୋଲି ସୂଚାଇ ଦେଲେ । କହିଲେ, କିଛିଦିନ ପାଇଁ ବୃକ୍ଷର ଉପର ଭାଗକୁ ଅଳ୍ପ ଦୃଷ୍ଟିଦେଇ ମୂଳ ପ୍ରତି ଦୃଷ୍ଟି ଦିଅ । ଗଛ ମୂଳର ଚତୁର୍ଦ୍ଦିଗକୁ ଖୋଳି ସବୁଥିରେ ଆଉ ନୂଆ ମାଟି ଦିଅ । କେତେକେ ତାଙ୍କ କଥା ମାନିଲେ ନାହିଁ । ମାତ୍ର କେତେକ ମାନିଲେ – ହୃଦୟର ସହିତ ମାନିଲେ । ଯେଉଁମାନେ ମାନିଲେ ନାହିଁ ସେମାନେ ଦେଖୁ ଦେଖୁ ତାଙ୍କର ସୁନ୍ଦର ସୁନ୍ଦର ଫୁଲ, ଫଳ ଶୋଭିତ ବିରାଟ ଦ୍ରୁମଟିକୁ ଧୂଳିସାତ୍ କରି ଦେଲେ । ରକ୍ଷା କରି ପାରିଲେ ନାହିଁ । ମାତ୍ର ଯେଉଁମାନେ ଉଦ୍ଭିଦବିତ୍‌ଙ୍କ କଥା ମାନିଲେ ସେମାନେ ତିଳେ ବି ସମୟ ନଷ୍ଟ ନକରି କାମରେ ଲାଗି ପଡ଼ିଲେ ଏବଂ ଏକଦମ୍ ଶୁଖି ଆସୁଥିବା ବିରାଟ ବୃକ୍ଷକୁ ପୁଣି ଉଜ୍ଜୀବିତ କଲେ । କିଛି ଦିନ ସମୟ ଅବଶ୍ୟ ଲାଗିଲା; ମାତ୍ର ପୁନର୍ବାର ବୃକ୍ଷ ସୁସ୍ଥ ସବଳ ହେଲା, ପଲ୍ଲବିତ ହେଲା – ନୂଆ ମାଟି, ଖତ ଇତ୍ୟାଦି ଦିଆ ଯାଇଥିବାରୁ ଅଧିକ ପତ୍ର, ଫୁଲ, ଫଳ ମଧ୍ୟ ଧାରଣ କଲା । ମୂଳକୁ ଭୁଲି ଯାଇଥିବା ତ୍ରୁଟିକୁ ସମସ୍ତେ ହୃଦୟଙ୍ଗମ କଲେ, ଅନୁଭବ କଲେ, ଆଉ ସେପରି ତ୍ରୁଟି ନ କରିବା ପାଇଁ ସଙ୍କଳ୍ପବଦ୍ଧ ହେଲେ ।

ଆମ ଅବସ୍ଥା ଠିକ୍ ଏଇୟାହିଁ ହୋଇଛି । ପାଠଚକ୍ର ଶକ୍ତ ହୋଇ ଶିକ୍ଷାକେନ୍ଦ୍ର ଆରମ୍ଭ ହେବା ପରେ ଆମେ ଶିକ୍ଷାକେନ୍ଦ୍ରର ଅଭିବୃଦ୍ଧି ପାଇଁ ଲାଗି ପଡ଼ିଲୁ । ତା' ସହିତ ପାଠଚକ୍ରକୁ ମଧ୍ୟ ଉଚିତ ଗୁରୁତ୍ୱ ସହକାରେ ଚାଲୁ ରଖିଥିଲେ ଶିକ୍ଷାକେନ୍ଦ୍ରର ଯାବତୀୟ ଅଗ୍ରଗତି ପାଇଁ କିଛି ବିପଦ ରହି ନ'ଥାନ୍ତା । ମାତ୍ର ଆମ ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଆମେ ପାଠଚକ୍ରକୁ

ଭୁଲିଗଲୁ । ସ୍କୁଲକୁ ଯେତିକି ଭଲ କରିବାକୁ ଚେଷ୍ଟା କଲୁ – ଠିକ୍ ସେତିକି ପାଠଚକ୍ରକୁ ଭୁଲିବାକୁ ଲାଗିଲୁ । ଯଦି ସ୍କୁଲ ଏବଂ ପାଠଚକ୍ର ଉଭୟ ଏକ ସମୟରେ, ସମାନ ଗୁରୁତ୍ୱ ସହକାରେ ଚାଲିଥା'ନ୍ତେ ତେବେ ଠିକ୍ ହୋଇଥା'ନ୍ତା । ବିଦ୍ୟାଳୟ ଅନେକ ଚାକଚକ୍ୟରେ ଭରିଗଲା । ଫୁଲ-ଫଳ ଶୋଭା ପାଇଲା ଭଳି ଆମେ ଆମ ପିଲାଙ୍କୁ ନେଇ କେତେକ କାର୍ଯ୍ୟକ୍ରମ କଲୁ, କେତେ ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମସବୁ ହେଲା । ଆମ ପିଲା ବାହାରେ ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାରେ ସବୁ ଭାଗ ନେଲେ – ସେଠାରୁ ପ୍ରଥମ/ଦ୍ୱିତୀୟ ସ୍ଥାନ ପାଇ ପୁରସ୍କାର ବାବଦକୁ କପ୍-ଶିଲ୍ଡ ଆଣିଲେ – ସେସବୁକୁ ଅଧ୍ୟକ୍ଷାଙ୍କ ରୁମ୍‌ରେ କିଂବା ସମ୍ପାଦକଙ୍କ ରୁମ୍‌ରେ ସଜାଇ ରଖିଲୁ । ପିଲାମାନଙ୍କୁ ବୃତ୍ତିକୁ ପଠାଇଲୁ । ଯଦି ବୃତ୍ତିରେ ଭଲ ଫଳ କଲେ ତେବେ ଖବର କାଗଜରେ ଫଟୋ ବାହାର କଲୁ । ଅମୁକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ବୃତ୍ତିରେ ପ୍ରଥମ ହୋଇଛନ୍ତି ବୋଲି ଖବର କାଗଜରେ ପଢ଼ି ଆମେ ଉତ୍‌ଫୁଲ୍ଲ ହେଲୁ । ପିଲାମାନଙ୍କ ମଧ୍ୟରେ ପାଠଚକ୍ର ଜରିଆରେ ବା ସେଠାରୁ ପ୍ରେରଣା ପାଇ ଆମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଅନୁରାଗ ସୃଷ୍ଟି ନକରି ସେମାନେ ପରୀକ୍ଷାରେ କେତେ ଭଲ କରିବେ, କେତେ ଭଲ ଶାରୀରିକ କ୍ରୀଡ଼ା(Sports) କରିବେ, କେତେ ଭଲ ଚିତ୍ର ଆଙ୍କିବେ ଇତ୍ୟାଦି ସବୁ ଚିରାଚରିତ ଧାରାରେ ଶିକ୍ଷା ଦେଇ ଦେଇ ଚାଲିଲୁ । ହଠାତ୍ ଗଛର ଫୁଲ ଅଜଣା କାରଣରୁ ମଉଳି ଗଲା ଭଳି ଆମ ମଧ୍ୟରେ ଦ୍ୱନ୍ଦ୍ୱ ହେଲା । ଆମ ଅପା, ଭାଇ, ପରିଚାଳନା ସମିତି ମଧ୍ୟରେ ଝଗଡ଼ା ହେଲା । ଆମେ ପାଠଚକ୍ରରୁ ସମାଧାନ ନ ଖୋଜି କୋର୍ଟ କଚେରି ଗଲୁ । ଗଛ ହଲିବାକୁ ଆରମ୍ଭ କଲା । ଆମକୁ ଆମ ଶିକ୍ଷାକେନ୍ଦ୍ର ବୁଝେଇଲା । ଆମେ ସାହାଯ୍ୟ ଖୋଜିଲୁ । ଏକଦା ଆମକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଆମେ ଅର୍ଥ ଲୋଭରେ ହେଉ ଅଥବା ବ୍ୟକ୍ତିତ୍ୱର ବାହାନାରେ ହେଉ ଆମ ଭିତରେ ପୂରାଇଲୁ । ସେ ମଧ୍ୟ ଆମ ସହିତ ବୃକ୍ଷକୁ ଧରିବାର ଛଳନା କଲେ । ଧୀରେ ଧୀରେ ଫୁଲସବୁ ମଉଳି ପଡ଼ିଲା, ପତ୍ର ଶୁଖିଗଲା । ଗଛଟି ଖୁବ୍ ଦୁର୍ବଳ ହୋଇ ପଡ଼ିଲା । ସ୍କୁଲର ଫଳାଫଳ ଆଉ ପୂର୍ବପରି ହେଲା ନାହିଁ, ଆଉ ସବୁ ଚାକଚକ୍ୟ ମଧ୍ୟ ଧୀରେ ଧୀରେ ଚାଲିଗଲା । ଆମେ ଯାହାସବୁ ଦେଖି ଖୁସୀ ହେଉଥିଲୁ ଆଉ ସେସବୁ ରହିଲା ନାହିଁ । ତେଣୁ ସ୍ୱାଭାବିକ ଭାବରେ ଆଗ୍ରହ, ଉତ୍ସାହ ଇତ୍ୟାଦି ସବୁ ଲିଭି ଲିଭି ଗଲା ।

ଏଇ ସମୟରେ ପଣ୍ଡିଚେରୀ ଆଶ୍ରମରୁ କେହି ଜଣେ ସାଧକ ଆସି ପହଞ୍ଚିଥା'ନ୍ତି । ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲିବାକୁ ଆସିଥା'ନ୍ତି । ଯେଉଁସବୁ ସ୍ଥାନରେ ସେ ପହଞ୍ଚିଲେ ଅଧିକାଂଶ ସ୍ଥାନରେ ଏଇ ଏକା ସମସ୍ୟା ଦେଖିଲେ । ତାଙ୍କୁ ସମାଧାନ ପାଇଁ ପଚରାଗଲା । ସେ ତୁରନ୍ତ କାରଣ ଖୋଜିଲେ । ଉଦ୍ଭିଦବିତ୍ ଗଛର ମୂଳକୁ ଚାହିଁ ସମାଧାନ ଖୋଜିଲା ପରି ସେ ମଧ୍ୟ ମୂଳ ପାଠଚକ୍ରକୁ ଚାହିଁ ସମାଧାନ ଖୋଜିଲେ । ସେ କହିଲେ ଆପଣଙ୍କର ବିଦ୍ୟାଳୟରୂପୀ ବିରାଟ ବୃକ୍ଷର ଏହି ମୂଳକୁ ଅର୍ଥାତ୍ ପାଠଚକ୍ରକୁ ଉଇ ଖାଇ ସାରିଲାଣି । ପାଠଚକ୍ର ଆଉ ଆଦୌ ହେଉ ନାହିଁ । ଯଦିବା ହେଉଛି ସାମାନ୍ୟ ଭାବରେ ହେଉଛି । ଆଗ ପରି ନିଷ୍ଠା ନାହିଁ । ଯେଉଁଠାରୁ ଉତ୍ସାହ ପାଇ ଆପଣମାନେ ସ୍କୁଲ କରିଥିଲେ, ସେ ଉତ୍ସାହର କେନ୍ଦ୍ର ମରିଯାଇଛି । କାଳବିଳମ୍ବ ନ କରି ସେ ପରାମର୍ଶ ଦେଲେ ପାଠଚକ୍ର କର । ଖୁବ୍ ଭଲ ଭାବରେ କର । ବିଦ୍ୟାଳୟ ଯେମିତି ଚାଲୁଛି ଚାଲୁ । ସେଥିପାଇଁ ଆଉ ବ୍ୟସ୍ତ ହୁଅ ନାହିଁ । ଚାଲ ପାଠଚକ୍ର କରିବା, ପୁଣି ଆଗ ପରି କରିବା । ପ୍ରେରଣାର, ଆଗ୍ରହର, ଉତ୍ସାହର କେନ୍ଦ୍ରକୁ ପୁଣି ସକ୍ରିୟ କରିବା, ସେସବୁ ଅଛି – ସରି ନାହିଁ । ମାତ୍ର ଆମର ସଚେତନତାର ଅଭାବ ଯୋଗୁଁ ଆମକୁ ସବୁକିଛି ଶୁଷ୍କ ମନେ ହେଉଛି । ଖୁବ୍ ନିଷ୍ଠାରେ ପାଠଚକ୍ର କରିବା, ପାଠଚକ୍ର କାର୍ଯ୍ୟକ୍ରମକୁ ବୃଦ୍ଧି କରିବା, ମହିଳାମାନଙ୍କୁ ସଙ୍ଗଠିତ କରିବା; ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଇତ୍ୟାଦି ସମସ୍ତଙ୍କୁ ସ୍ୱତନ୍ତ୍ର ଭାବରେ ସଙ୍ଗଠିତ କରିବା, ତରୁଣମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ଭରିଦେବା, ସେମାନଙ୍କୁ ସୈନିକର ମନୋଭାବରେ ତିଆରି କରିବା, ପାଠଚକ୍ର ଜରିଆରେ ତଥା ଆଧ୍ୟାତ୍ମିକ ଧାରାରେ ବ୍ୟବସାୟ କରିବା, ଆମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ହୋଇ ଚାଲିଯାଇଥିବା ଛାତ୍ରଛାତ୍ରୀମାନଙ୍କୁ ସଙ୍ଗଠିତ କରିବା, ଆମେ ଯେତେ କାର୍ଯ୍ୟକ୍ରମ ବଢ଼ାଇ ବଢ଼ାଇ ଚାଲିବା ଆମ ପାଠଚକ୍ର ସେତେ ଦୃଢ଼ ଓ ଶକ୍ତ ହେବ । ଏହା ଉପରେ ଯେତେ ବଡ଼ ବୃକ୍ଷ ଛିଡ଼ା ହେଲେ ମଧ୍ୟ ଏହା ସମ୍ଭାଳି ପାରିବ । ଖାଲି ଗୋଟିଏ ବିଦ୍ୟାଳୟ ନୁହେଁ ଅନେକ ସଂଖ୍ୟାରେ ଅନୁଷ୍ଠାନ ମଧ୍ୟ ଆମେ ଗଢ଼ିପାରିବା । ଏଇକଥା ଶୁଣୁ ଶୁଣୁ କେତେକ ହତାଶ ବ୍ୟକ୍ତିଙ୍କ ମଧ୍ୟରେ ଆଶାର ସଞ୍ଚାର ହେଲା । ସେମାନେ ମୁହଁ ତଳକୁ ପୋତି ବସିଥିଲେ – ସିଧା ବସି ଚାହିଁଲେ – ବାସ୍ତବରେ ନିଜର ତ୍ରୁଟି କେଉଁଠାରେ ବୁଝି ପାରିଲେ ଏବଂ ପୁଣି ଅନେକ ଆଶା, ଭରସା, ବିଶ୍ୱାସର ସହ କାମରେ ଲାଗି ପଡ଼ିଲେ । ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦ ମହିଳା

ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ, ଯୁବସମାଜ, ଶ୍ରୀଅରବିନ୍ଦ କଳାକେନ୍ଦ୍ର, ଶ୍ରୀଅରବିନ୍ଦ ବିଜ୍ଞାନ ପ୍ରଦର୍ଶନୀ, ଶ୍ରୀଅରବିନ୍ଦ ଆଲୋକ ସେନା, ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ୍, ଶ୍ରୀଅରବିନ୍ଦ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନିକାଲ ଗ୍ରୁପ୍, ଶ୍ରୀଅରବିନ୍ଦ ଓକିଲ ସଙ୍ଘ ପ୍ରଭୃତି ଅନେକ ସଂସ୍ଥାମାନ ଖୋଲିଗଲା । ଅନେକ ଦିନରୁ ପାଣି ପାଇ ନଥିବା ବୃକ୍ଷ ମୂଳରେ ପାଣି, ମାଟି, ସାର ଇତ୍ୟାଦି ଦେବା ଆରମ୍ଭ ହେଲା – ଧୀରେ ଧୀରେ ଶୁଖିଲା ପତ୍ର ଝଡ଼ିଯାଇ ନୂଆପତ୍ର ସବୁ କଅଁଳିଲେ । ଫୁଲ ଧରିଲା, ଫଳ ଫଳିଲା – ବୃକ୍ଷଟି ପୁଣି ଆଗପରି ସୁନ୍ଦର ଦିଶିଲା । ଆମ ଶିକ୍ଷାକେନ୍ଦ୍ରରେ ପୁଣି ସଙ୍ଗତି ଫେରି ଆସିଲା । ଆମେ ସମସ୍ତେ ବୁଝିପାରିଲୁ ଯେ ନିଜ ନିଜ ମଧ୍ୟରେ ଦ୍ୱନ୍ଦ୍ୱ କରି ଆମେ ଆମ ନିଜର ଏବଂ ଅନୁଷ୍ଠାନର ଅନେକ କ୍ଷତି ସାଧନ କରି ସାରିଛୁ । ଆମର ତ୍ରୁଟିକୁ ଜଣାଇ ଦେଇଥିବା ଯୋଗୁଁ ଶ୍ରୀମା'ଙ୍କ ନିକଟରେ କୃତଜ୍ଞତା ଜଣାଇଲୁ – ଆଉ ଭବିଷ୍ୟତରେ ସେପରି ତ୍ରୁଟି ଯେପରି ନହୁଏ ସେଥିପାଇଁ ସଙ୍କଳ୍ପ କଲୁ । ମା'ଙ୍କର ଏକ ବାଣୀ ମନେ ପଡ଼େ –

"But people always think like that, the wrong way up. Always. They take the effect for the cause, they glorify the effect and forget the cause.

"And that is why the world walks on its head with its feet in the air. Quite simply, there is no other reason."

(MCW, Vol. 8, p. 265)

ଅର୍ଥାତ୍, ''ମାତ୍ର ଲୋକମାନେ ସର୍ବଦା ସେହିପରି କରନ୍ତି, ଭ୍ରମାତ୍ମକ ଦିଗରୁ ଆରମ୍ଭ କରିଥା'ନ୍ତି । ପରିଣାମଟିକୁ କାରଣ ବୋଲି ଭ୍ରମ କରନ୍ତି, ପରିଣାମକୁ ମହିମାନ୍ୱିତ କରି ଦେଖନ୍ତି ଏବଂ କାରଣଟିକୁ ପାସୋରି ଦିଅନ୍ତି ।

''ଏବଂ ସେହି କାରଣରୁହିଁ ପୃଥିବୀ ଗୋଡ଼ ଦୁଇଟିକୁ ଉପରକୁ କରି ମୁଣ୍ଡ ଉପରେ ଚାଲିବାରେ ଲାଗିଥାଏ । ସ୍ପଷ୍ଟତଃ, ଏହା ପଛରେ ଅନ୍ୟ କୌଣସି କାରଣ ନାହିଁ ।''

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ମୁକ୍ତିଦାତା ପର୍ସିୟସ୍
## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଉଛି । – ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ପ୍ରସ୍ତାବନା

ସାଗର ବକ୍ଷରେ ବିକ୍ଷୁବ୍ଧ ଉର୍ମିମାଳାର ଅବିରତ ଆନ୍ଦୋଳନ, ଆକାଶ ଘେରି ପ୍ରଚଣ୍ଡ ଝଡ଼ । ପାଲାସ୍ ଏଥିନୀ- ସର୍ବଶକ୍ତିମାନଙ୍କର ଦିବ୍ୟ ଦୁହିତା, ଆବିର୍ଭୂତ ହେଲେ ସ୍ୱର୍ଗ ପଥରେ ! ମସ୍ତକ ଘେରି ତାଙ୍କର ବିଦ୍ୟୁତ୍ ଛଟାର ଅପରୂପ କ୍ରୀଡ଼ା । ସ୍ୱରରେ ଗମ୍ଭୀର ଆଦେଶର ଝଙ୍କାର : ଶିକାର ଲୋଲୁପୀ ଭୟଙ୍କର ନୀଳାଭ ତରଙ୍ଗମାଳାର ଏ ସର୍ବଗ୍ରାସୀ ନୃତ୍ୟ ବନ୍ଦ ହେଉ ଯଥାଶୀଘ୍ର ।

ଦେବୀ ଏଥିନୀଙ୍କର ଶୀତଳ ମର୍ମର ପ୍ରସ୍ତର ଭଳି ଶାନ୍ତ ପଦତଳେ ବିକ୍ଷୁବ୍ଧ ତରଙ୍ଗମାଳା ନୀରବ ହୁଏ । ତାଙ୍କରି ଆଦେଶରେ ଅତଳ ସମୁଦ୍ରର ବନ୍ଧୁର ତଳପରେ ଶଯ୍ୟା ଘେନିଥିବା ଭୀଷଣ ସାଗରାସୁର ପୋସାଇଡ଼ନ୍ ଉତ୍ଥିତ ହୁଏ । ସୁର ଅସୁର ଦୁଇ ଶକ୍ତି ମଧ୍ୟରେ ଚାଲେ ତର୍କ ଯୁଦ୍ଧ । ଏଥିନୀଙ୍କର ଅଭିଳାଷ ଏହି ପାର୍ଥିବ ମରଣଶୀଳ ମଣିଷ ଭୋଗିବ ଶାନ୍ତି-ଆଲୋକର ଐଶ୍ୱର୍ଯ୍ୟ । ପଥଯାତ୍ରୀ ସେ ଯିଏ ବି ହେଉ; ବଣିକ, ସାଧବ ବା ରାଜପୁତ୍ର – ସାଗର ବକ୍ଷରେ ଲୁକ୍କାୟିତ ପ୍ରସ୍ତର-ବକ୍ଷରେ ଧକ୍କାପ୍ରାପ୍ତ ନୌକା-ଭଗ୍ନର ଦୁର୍ଘଟଣାରେ ଧୃତ ହୋଇ ହେବ ନାହିଁ ରକ୍ତଲୋଲୁପୀ ପୋସାଇଡ଼ନ୍‌ର ଆହାର ।

ପୋସାଇଡ଼ନ୍‌ର କିନ୍ତୁ ବିଚକ୍ଷଣ ଯୁକ୍ତିର ତାଚ୍ଛଲ୍ୟ : ଅରାଜକ ବିଶାଳ ସମୁଦ୍ର ପୁଣି ହେବ ବାଣିଜ୍ୟର ପଥ ! ଅସୀମ ସାଗର ଉପରେ କ୍ଷୁଦ୍ରାତ୍ମା ମାନବ କରିବ ଜୟଯାତ୍ରା ! ସାଗରଦେବ ସେ, ବିକ୍ଷୁବ୍ଧ ତରଙ୍ଗରାଜି ତା'ର ସୈନ୍ୟ ସାମନ୍ତ, ଯେଉଁମାନେ ସଂଗ୍ରହ କରି ଆଣନ୍ତି ତା' ନିମନ୍ତେ ମାନୁଷୀ-ବଳି ତା'ର ଲୋହିତ ମନ୍ଦିରକୁ । ଏ ସମସ୍ତ ପ୍ରଚଳିତ ପ୍ରଥାକୁ ବ୍ୟାହତ

କରିବାକୁ ପ୍ରୟାସକାରିଣୀ ଦେବୀ ଏଥିନୀ ଫେରି ଯାଆନ୍ତୁ ତାଙ୍କ ସ୍ୱର୍ଗପଥରେ, ତା'କୁ ଛାଡ଼ି ଦେଇ ତା'ର ଗଭୀର ଅତଳ ସାଗର ଶଯ୍ୟାରେ ।

ଦେବୀ ଏଥିନୀ କିନ୍ତୁ ଦୃଢ଼ ପ୍ରତିଜ୍ଞାବଦ୍ଧା । ଦର୍ପୀ ସେଇ ଅନ୍ଧକାରର ଦେବତାକୁ ସେ ଦିଅନ୍ତି ରଣ-ଆହ୍ୱାନ । ଆଲୋକରେ ତା'ର ଉଲଗ୍ନ ରୂପକୁ ଖୋଲି ଧରିବାର ଧମକ । ପୋସାଇଡ଼ନ୍ କହେ : ଭୟଙ୍କରୀ ଅକ୍ଷତଯୋନୀ ହେ ଦେବ-କୁମାରୀ ! ତୁମ ସହ କରିବି ନାହିଁ ମୁଁ ରଣ ।

ଦେବୀ ଏଥିନୀ କହନ୍ତି : ତେବେ ତୁ ପ୍ରେରଣ କର ତୋ'ର ପ୍ରତିଭୂ, ତାହା ସହ ହେବ ମୋର ପ୍ରତିଭୂର ସଂଗ୍ରାମ । ଅସୁର ପଚାରେ : କିଏ ସେହି ବୀର ପୁରୁଷ ତୁମର ପ୍ରତିଭୂ ? ଉତ୍ତରରେ ଦେବୀ କହନ୍ତି : ନାମ ତା'ର ପର୍ସିୟସ୍ – ଗ୍ରୀସ୍ ଦେବ ଅଲିମ୍ପୟନ୍ ଜିୟସ୍‌ଙ୍କ ଔରସରେ ଡାନାୟଙ୍କ ଗର୍ଭଜାତ ସୁପୁତ୍ର ସେ । ତାଙ୍କ ମାତାଙ୍କ ଗର୍ଭରେ ସେ ସଞ୍ଚାର ଲାଭ କରନ୍ତି ଯେତେବେଳେ ମାତା ତାଙ୍କର ଏକ ପିତ୍ତଳ ନିର୍ମିତ ଦୁର୍ଗରେ ତାଙ୍କ ପିତାଙ୍କ ଦ୍ୱାରା ଥାଆନ୍ତି ବନ୍ଦିନୀ । ପିତା ଲାଭ କରିଥା'ନ୍ତି ଏକ ଭବିଷ୍ୟତ୍ ବାଣୀ – ଡାନାୟ-ସନ୍ତାନ ହେବ ତାଙ୍କ ଜୀବହନ୍ତା । ତେଣୁ କନ୍ୟା ଥାଏ ପିତାଙ୍କ ନିର୍ଦ୍ଦେଶରେ ବନ୍ଦିନୀ । ତାଙ୍କରି ପୁତ୍ର ପର୍ସିୟସ୍ ।

ଅଦୂର ଭବିଷ୍ୟତରେ ଏକ ଯୁଦ୍ଧର ସୂଚନା ଦେଇ ଉଭୟ ଘେନନ୍ତି ପରସ୍ପରଠାରୁ ବିଦାୟ – ଅସୁର ଫେରେ ତା'ର ସାଗର ଶଯ୍ୟାକୁ, ଦେବୀ ହୁଅନ୍ତି ଲୀନ ଆଲୋକ ମଧ୍ୟରେ ।

**ସାଗର ବେଳାର ପାହାଡ଼ ପାର୍ଶ୍ୱେ ...**

ସିରିଆ ରାଜ୍ୟର ସମୁଦ୍ର ବେଳାର ତୀଖ ପାହାଡ଼ର ତଳ । ପଦଚାରଣା କରୁଛି କିଶୋରୀ ଚପଳା ଡାଇମିଡି । ସିରିଆ ରାଜ୍ୟର କିଶୋରୀ ରାଜକନ୍ୟା ଏଣ୍ଡ୍ରୋମିଡ଼ାଙ୍କର ସମବୟସୀ ଖେଳସାଥୀ ପ୍ରିୟ ପରିଚାରିକା । ସାକ୍ଷାତ୍ ହୁଏ ସମୁଦ୍ର ତୀରସ୍ଥ ମନ୍ଦିର ଭୃତ୍ୟ ସାଇରିଅସ୍ ସହ । ତଥାକଥିତ ଜଳ-ଦେବତା ପୋସାଇଡ଼ନ୍‌ଙ୍କର ମନ୍ଦିରରେ ସେବକ ସେ ଦୀର୍ଘ ଅଠର ବର୍ଷ ହେଲା ।

ସାଇରିଅସ୍ ଓ ଡାଇମିଡ଼ି ଉଭୟଙ୍କ ମଧ୍ୟରେ ସମ୍ପର୍କ ବେଶ୍ ମଧୁର । ବାକ୍ୟାଳାପ ଚାତୁର୍ଯ୍ୟପୂର୍ଣ୍ଣ, ଚିତ୍ତାକର୍ଷକ । ସାଇରିଅସ୍ ପଚାରେ କିଶୋରୀ ଡାଇମିଡ଼ିକୁ : ସକାଳେ ସକାଳେ ଏ ଆଡ଼େ ଯେ ! ତୁମ ରାଜକୁମାରୀ କ'ଣ ତୁମ ହାତରେ ପ୍ରେରଣ କରିଛନ୍ତି ପୋସାଇଡ଼ନ୍‌ଙ୍କ ଲାଗି ପ୍ରାତଃ-ଅର୍ଘ୍ୟ ! ଅବା ନାଲି ଗୋଲାପ ପରି ଗଣ୍ଡଦେଶକୁ ତୁମର ସାମୁଦ୍ରିକ ପବନର ଚାବୁକ ମାଡ଼ରେ ନାଲି କରିବା ଅଭିପ୍ରାୟରେ ତୁମର ଏଠାରେ ଆବିର୍ଭାବ ! ଡାଇମିଡ଼ି କହେ : ଆମ ରାଜକୁମାରୀ ସାଗର ଦେବ ପୋସାଇଡ଼ନ୍‌ଙ୍କ ପ୍ରତି ସେତିକି ଯତ୍ନଶୀଳା, ମୁଁ ଯେତିକି ତାଙ୍କର କୁଟିଳ ଭ୍ରୁକୁଟି ପୂଜାରୀ ପଲିଡ଼ନ୍‌ଙ୍କ ପ୍ରତି । ଆଉ ତୁମେ ସାଇରିଅସ୍, ତୁମ ନାଲି ନାକକୁ ସମୁଦ୍ର ହାୱାର ଚାବୁକ ମାଡ଼ରେ ଆହୁରି ନାଲି କରୁଛ ନା ତୁମ ପ୍ରଭୁଙ୍କର ଗଦା ପ୍ରହାରର ଚିହ୍ନକୁ ଶୀତଳେଇବା ଲାଗି ଏଠି ଘୂରି ବୁଲୁଛ ?

ସାଇରିଅସ୍‌କୁ ବିଚାରା ପାହାଡ଼ ଉପରର ମନ୍ଦିର ପ୍ରାଙ୍ଗଣକୁ ବୋହି ନେବାକୁ ହେବ କେତୋଟି ବାଲିଟିଭରା ପାଣି । ପଥର ଦିଅଁକୁ ସେ ଏମିତି ଅଠର ବର୍ଷ ହେଲା ଘଷିଛି, ମାଜିଛି, ଧୋଇଛି, ପୋଛିଚି ଅକ୍ଲାନ୍ତ ପରିଶ୍ରମ କରି । କିନ୍ତୁ ହାୟ ! ନା ତାକୁ ତା'ର ଦେବତା ଦେଇଛନ୍ତି ନୌକା-ଡୁବିରୁ ପ୍ରାପ୍ତ କେଉଁ ମଜ୍ଜମାନା ରାଜକୁମାରୀର ହସ୍ତରୁ ସ୍ଖଳିତ ମଣିମୁକ୍ତା ଖଚିତ ବଳୟ ଖଣ୍ଡିଏ ଅବା ଭେଲ୍‌ଭେଟ ଆଚ୍ଛାଦିତ କେଉଁ ବଣିକର ଫରୁଆଟିଏ ବା ଅମୂଲ୍ୟ ଫୁଲଦାନୀଟିଏ । ସେଇଥିରେ ତ ଆଉ ତା' ଦେବତା ଭିକାରି ହୋଇ ଯାଇ ନ ଥା'ନ୍ତେ – ଅଥଚ ସେତିକି ମୂଲ୍ୟରେ ସେବକ ସାଇରିଅସ୍ କିଣି ପାରିଥା'ନ୍ତା ତା'ର ଚିରବାଞ୍ଛିତ ମୁକ୍ତି ।

ଡାଇମିଡ଼ି ଚେତାଇ ଦିଏ : ସେଇଥି ଲାଗି ତ ! କେଉଁ ପ୍ରଭୁ ଚାହେଁ ତା'ର ବିଶ୍ୱସ୍ତ ଭୃତ୍ୟର ମୁକ୍ତି ?

ସାଇରିଅସ୍‌ର ହୃଦ୍‌ବୋଧ ହୁଏ, ଏତିକି ହେଲେ ଆଗରୁ ଜାଣିଥା'ନ୍ତି ! ତେବେ ତ ଦୀର୍ଘ ଏକ ପକ୍ଷ ତାଙ୍କ ପଶ୍ଚାତକୁ ଅଧୌତ ରଖି ତାଙ୍କୁ ଭୋଗାଇ ଥା'ନ୍ତି ମୁଁ କଣ୍ଡୁପୀଡ଼ା । ମାତ୍ର ଏ ଦେବତାଗୁଡ଼ିକ ତ ପରିହାସ ବୁଝନ୍ତି ନି । ତାଙ୍କ ଘୋଡ଼ାଶାଳାରେ ବଳକା ଦୈତ୍ୟ-ଦାନବମାନଙ୍କୁ ବାନ୍ଧି ରଖିଥା'ନ୍ତି, ଯେଉଁମାନେ କି ତାଙ୍କ ଅପମାନକାରୀଙ୍କୁ ଏକ ହାଲୁକା ପ୍ରାତଃ-ଭୋଜନରେ ବ୍ୟବହାର କରି ନେଇ ପାରନ୍ତି ।

ଏମିତି ମନଖୋଲା ଆଳାପ ଆଲୋଚନା ବେଳେ – ଦୂରରୁ ପାହାଡ଼ ଆରପଟୁ ଶୁଭେ ବହୁ ଲୋକଙ୍କର କୋଳାହଳ । ଦୁହେଁ ଚଞ୍ଚଳ ହୋଇ ଉଠନ୍ତି । ସାଇରିଅସ୍ ପଥର ଉପରେ ଚଢ଼ି ଦେଖେ ଧଳା ଏକ ଜାହାଜ ବନ୍ଧୁର ଶିଳାରେ ବାଜି ଲହୁଣି ଭଳି ଖଣ୍ଡ ଖଣ୍ଡ ହୋଇ ପଡ଼ୁଛି । ନୌକାଯାତ୍ରୀ ଛିଟିକି ପଡ଼ୁଛନ୍ତି ପାଣି ଭିତରେ । ଅଧୀରା ଡାଇମିଡ଼ି ଅନୁରୋଧ ଜଣାଏ ସାଇରିଅସ୍‌କୁ,

ତା'କୁ ପାହାଡ଼ ଉପରକୁ ଚଢ଼ିବାରେ ସାହାଯ୍ୟ କଲେ ସେ ବି ଦେଖନ୍ତା ଦୀର୍ଘ ଅଠର ମାସ ପରେ ଘଟୁଥିବା ଏହି ନୌକା ଦୁର୍ଘଟଣା ।

ସାଇରିଅସ୍ କିନ୍ତୁ କର୍ତ୍ତବ୍ୟପରାୟଣ । ସେ ଧାଇଁ ଯାଏ ତା'ର କୁଟିଳ ଭ୍ରୁକୁଟି ପୁରୋହିତ ନିକଟକୁ ଏହି ସୁସମ୍ବାଦ ଦେବାକୁ ଯେ କ୍ଷୁଧିତ ପୋସାଇଡ଼ନ୍‌ଙ୍କ ଲାଗି ଆୟୋଜନ ହୋଇଥିବା ସଦ୍ୟ ମାଂସାହାର ।

### ସେହି ସାଗର ବେଳାରେ ...

ମେଘଖଣ୍ଡ ମଧ୍ୟରୁ ଅବତରଣ କରନ୍ତି ପର୍ସିୟସ୍ । ପାଦରେ ତାଙ୍କର ପକ୍ଷଯୁକ୍ତ ପାଦୁକା । ତୁଷାର ଶୀତଳ କୁଜ୍‌ଝଟିକାମୟ ଦ୍ୱୀପାବଳିରେ ଯାତ୍ରା କରି କରି ସେ ଆଉ ସହ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି ଅଖଣ୍ଡ ନୀରବତା । ମାନୁଷୀ ଦୁଃଖ-କଷ୍ଟର ଯନ୍ତ୍ରଣା ଭରା ଚିତ୍କାର ଯେପରି ତୁଷାର ରାଜ୍ୟର ନୀରବତାଠାରୁ ତାଙ୍କ ଲାଗି ଅଧିକ କାମ୍ୟ । ଜୀବନ ଚଞ୍ଚଳ ମାନୁଷୀ ସଙ୍ଗ, ପରିଚିତ ଖାଦ୍ୟ ପାନୀୟ, ମଧୁମକ୍ଷିକା ମର୍ମରିତ ଉପତ୍ୟକା – ଏସବୁ ଲାଗି ହୃଦୟରେ ତାଙ୍କର ଜାଗିଛି ପିପାସା । ସିରିଆର ସମୁଦ୍ର ବେଳାରେ ଉପନୀତ ହୋଇ ସେ ସତେକି ମୁଗ୍ଧ । ଠିକ୍ ସେତିକିବେଳେ ମନ୍ଦିର ସେବକ ସାଇରିଅସ୍ ସହ ସେଠାରେ ଉପନୀତ ହୁଅନ୍ତି ସିରିଆର ରାଜପୁତ୍ର ଆୟଲାସ୍ ଓ କିଛି ସୈନ୍ୟସାମନ୍ତ । ଅଦୂରରୁ ଶୁଣନ୍ତି ମାନୁଷୀ ସ୍ୱର । ରାଜପୁତ୍ରଙ୍କ ନିର୍ଦ୍ଦେଶରେ ସେମାନେ ସମସ୍ତେ ନିଜକୁ ଲୁକ୍କାୟିତ କରନ୍ତି ।

ନୌକାଡୁବିରେ ବିନଷ୍ଟ ହୋଇଛି ବହୁ ଜୀବନ, ବହୁ ଧନ । ବିଳମ୍ବରେ ଦୃଷ୍ଟି-ପଥାରୂଢ଼ ଶେଷ ଦୁଇଟି ବଣିକର ଜୀବନ ଉଦ୍ଧାର କରିବାକୁ ସମର୍ଥ ହୋଇଛନ୍ତି ପର୍ସିୟସ୍ । ସେଥିପାଇଁ ସେ ଭଗବତ୍ ସହାୟତାକୁ ପ୍ରଶଂସା କରୁଥିବା ବେଳେ ଉଦ୍ଧାର ପ୍ରାପ୍ତ କିଞ୍ଚିତ ଲୋଲୁପ ବଣିକ ସ୍କର୍ଦ୍ଧସ୍ ବିଳାପ କରୁଛନ୍ତି ତାଙ୍କର ମଜ୍ଜିତ ଧନରତ୍ନ କଥା ଭାବି । ଦ୍ୱିତୀୟ ବଣିକ ଟିରାନାସ୍ କରୁଛନ୍ତି ତାଙ୍କୁ ଭର୍ତ୍ସନା : ଧନ ଯାଇଛି ସତ, କିନ୍ତୁ ଧନୋପାର୍ଜନର ବଳିଷ୍ଠ ଯନ୍ତ୍ର ଏହି ଶରୀର ତ ରହିଛି, ଶରୀରର ପରିଶ୍ରମର ପରିଚାଳକ ମନ ତ ବିଦ୍ୟମାନ । ତେଣୁ ସମ୍ବରଣ କର ତୁମର ସେ ଆତ୍ମଗ୍ଲାନି ।

ପର୍ସିୟସ୍ ବୁଝାନ୍ତି : ତୁମ ଦୁଃଖରେ ମୁଁ ଦୁଃଖୀ । ମୁଁ ବି ପରଦେଶାଗତ ତୁମରି ପରି । ଦିନ ଆଲୁଅରେ ଜ୍ୟୋତିଃ ବିକୀର୍ଣ୍ଣ କରିବା ଯୋଗ୍ୟ ବିପୁଳ ଧନରତ୍ନ ତୁମର ନିମଜ୍ଜିତ ହେଲା ସାଗର ତଳେ । ତଥାପି ସର୍ବସୁନ୍ଦର ଜୀବନ ତ ଫେରି ପାଇଛ, ନିନ୍ଦ ନା ଭଗବାନଙ୍କୁ, ତାଙ୍କ ପ୍ରତି ହୁଅ ଧୈର୍ଯ୍ୟଶୀଳ – କାରଣ ସେ ଭଲ ପାଆନ୍ତି ନାହିଁ ବିଦ୍ରୋହୀକୁ ।

ସ୍କର୍ଦ୍ଧସ ତଥାପି ଅବୁଝା । ଜୀବନକୁ ଯାହାସବୁ ମଧୁର କରନ୍ତି ସେଥିରୁ ବଞ୍ଚିତ ଏକ ଶୂନ୍ୟ ଭିକ୍ଷୁକର ଶରୀରରେ କି ଲାଭ ! ନେଇ ଯାଅ ବି ଏହା ହେ ନିଷ୍ଠୁର, ନିର୍ମମ ସାଗର ଦେବତା ।

''ତୁମର ପ୍ରାର୍ଥନା ହୋଇଛି ଉତ୍ତରିତ, ହେ ବେବିଲନୀୟ ବଣିକ''– ରାଜପୁତ୍ର ଆୟଲାସ୍ କହନ୍ତି ହଠାତ୍ ଗୁପ୍ତ ସ୍ଥାନରୁ ନିର୍ଗତ ହୋଇ ତାଙ୍କ ସୈନ୍ୟସାମନ୍ତଙ୍କ ସହ । ବର୍ଚ୍ଛାମୁନ ଅଗ୍ରସର ହୋଇଛି ଉଦ୍ଧାର-ପ୍ରାପ୍ତ ବଣିକଙ୍କ ବକ୍ଷଦେଶ ପ୍ରତି । ଟିରାନାସ୍ ଶାନ୍ତ ସମାହିତ । ସେ ବିସ୍ମୟ ପ୍ରକାଶ କରନ୍ତି ଦୁର୍ଘଟଣାଗ୍ରସ୍ତ ଜୀବ ପ୍ରତି ଏ କି ନିଷ୍ଠୁର ଆତିଥ୍ୟ ! ଏଇଟି କି ସେହି ଆତିଥ୍ୟ-ବିମୁଖ ଉପକୂଳ ଯେଉଁଠି ଅତିଥି ସ୍ନାନ ପାଏ ତା'ର ଆପଣା ଶରୀରର ଉଷ୍ଣ ଶୋଣିତରେ !

ରାଜପୁତ୍ର ଆୟଲାସ୍ ପ୍ରବୋଧନ୍ତି : ସାଗର-ଦେବ ପୋସାଇଡ଼ନ୍‌ଙ୍କ ମନ୍ଦିରରେ ହେବ ତୁମେ ବଳି । ତୁମର ପଥ ସିଧା ସ୍ୱର୍ଗକୁ ।

ରାଜପୁତ୍ରଙ୍କ ଆଦେଶରେ ଦୁଇ ବଣିକ ହୁଅନ୍ତି ବନ୍ଦୀ । ପର୍ସିୟସଙ୍କୁ ମଧ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦିଅନ୍ତି ରାଜପୁତ୍ର ।

ପର୍ସିୟସ୍ ବାଧା ଦିଅନ୍ତି : ସ୍ଥଗିତ ହୁଅ, ଅପରିଣତ ଦେହୀ ଏସୀୟ ତରୁଣ । ନୁହେଁ ମୁଁ ଦୁର୍ବଳ ହସ୍ତ ଅଥବା କ୍ଷୀଣ ହୃଦୟ । ତୁମେ ଅତି ତରୁଣ, ପୁଲକ, ସୌନ୍ଦର୍ଯ୍ୟମୟ । କେବଳ ଏକ ଆଲିଙ୍ଗନ ବ୍ୟତୀତ ଅନ୍ୟ କୌଣସି ରୂଢ଼ତର ସ୍ପର୍ଶ ଦେଇ ମୁଁ ଅସଜ୍ଜିତ କରିବି ନାହିଁ ତୁମର ସୌର କେଶଭଙ୍ଗ ।

ମୁଗ୍ଧ ରାଜପୁତ୍ର କହନ୍ତି : ତୁମେ ଯିଏ ବି ହୁଅ ହେ ଅଜ୍ଞାତ ! ମୁଁ ବି ଚାହେଁ ତୁମର ସୁନ୍ଦର ହର୍ଷୋଜ୍ଜ୍ୱଳ ଶରୀରକୁ କରିବି ଉଦ୍ଧାର କୃଷ୍ଣ କୃପାଣର ମୁନରୁ । କିନ୍ତୁ ନିରୁପାୟ । ଏହି ସାଗର ବିଧୃତ ଶରୀରକୁ ପାଇବାକୁ ହୁଏ ସାଗର-ଦେବତାଙ୍କ ମନ୍ଦିରରେ ବଳି ।

ପର୍ସିୟସ୍ – ମୁଁ କିନ୍ତୁ ଆସି ନାହିଁ ସାଗର ପଥ ଦେଇ ।

ରାଜପୁତ୍ର ହସି କହନ୍ତି : ଆଉ ତ ନାହିଁ କୌଣସି ପଥ ଏହି ସିରିୟ ଭୂମିକୁ । ହୋଇପାରେ ତୁମର ଏଇ ପକ୍ଷଯୁକ୍ତ ପାଦୁକା ଯେ କି ତୁମକୁ ଉଡ଼ାଇ ଆଣିଛି ଶୂନ୍ୟରେ ।

ବିଜ୍ଞୋଚିତ ଉତ୍ତର ପର୍ସିୟସ୍‌ଙ୍କର : ଏମିତି କେହି ନାହାନ୍ତି କି, ଯେଉଁମାନେ ପାଦ ଥୋଇବା ଲାଗି ପ୍ରୟୋଜନ କରନ୍ତି ନାହିଁ କଠିନ ଭୂମି କିଂବା ଗତି ପାଇଁ ଲୋଡ଼ନ୍ତି ନାହିଁ ଲବଣାକ୍ତ ବନ୍ୟାପ୍ଲାବନ ? ମୁଁ ହୋଇପାରେ ସେଇମାନଙ୍କ ମଧ୍ୟରୁ ଜଣେ ।

ରାଜପୁତ୍ର ଆୟଲାସ୍ : ନା ତୁମେ ହୋଇ ପାରନା ସେମିତି କେହି । ଦେବତାମାନେ ଦେଖିବା ଲାଗି କୃଷ୍ଣକାୟ, ଭୟଙ୍କର । ଆଉ ଯଦି ସେମାନେ ଉଜ୍ଜ୍ୱଳ, ପ୍ରାଚୀନ, ମହାନ୍ ଓ ବୃହତ୍‌କାୟ ହୁଅନ୍ତି, ତୁମେ କିନ୍ତୁ ଉନ୍ମୁକ୍ତ ଓ ସୁନ୍ଦର ସିରିଆର ନୀଳ ଆକାଶ ପରି । ତୁମର ଉଜ୍ଜ୍ୱଳ ପୁରୁଷୋଚିତ ଶରୀର ନୟନାଭିରାମ । ତୁମେ କ'ଣ ଅର୍ଦ୍ଧ ଦେବତା ? ତୁମର ଏକ ତରବାରି କ'ଣ ରୋକି ପାରିବ ଶତ ଶତ ବର୍ଚ୍ଛାକୁ ?

ପର୍ସିୟସ୍ : ତୁମର ସେହି ପ୍ରଶ୍ନର ଉତ୍ତର ଦେବ ମୋ ହସ୍ତର ତରବାରି । ମୁଁ କଥାରେ କ୍ଳାନ୍ତ ।

ସୈନ୍ୟ ପଚାରେ ରାଜପୁତ୍ରଙ୍କୁ ଆଦେଶ ଦିଅ, କରିବି ବନ୍ଦୀ ଏହି ଯୁବକଙ୍କୁ ।

ଆୟଲାସ୍‌ଙ୍କର ଗମ୍ଭୀର ଆଦେଶ : ଏହି ସୌରଦେବଙ୍କର ଜୀବନ ଥାଉ ।

ସୈନ୍ୟ ବାଧାଦିଏ : କିନ୍ତୁ ଏହା ତ ନିଷିଦ୍ଧ ।

ରାଜପୁତ୍ର : କିନ୍ତୁ ମୁଁ ଦିଏ ଅନୁମତି ।

ହଠାତ୍ ସେଠାରେ ଉପସ୍ଥିତ ହୋଇ ଦେବ-ପୁରୋହିତ ପଲିଡ଼ନ୍, ବ୍ୟଙ୍ଗ କରନ୍ତି ରାଜପୁତ୍ରଙ୍କୁ : ସିରିୟନ୍ ଆୟଲାସ୍, କେବେ ବା ସଦୟ ସ୍ୱର୍ଗ ତୁମକୁ ଜଣେ ଦେବତା କରି ଗଢ଼ିଲେ, ଯାହା ଫଳରେ ତୁମେ ପୋସାଇଡ଼ନ୍‌ଙ୍କ ବିରୁଦ୍ଧରେ ତୁମର ଦର୍ପିତ ଆଇନ ଜାରି କରିବ ?

ଉଭୟଙ୍କ ମଧ୍ୟରେ ଚାଲେ ବାକ୍ ଯୁଦ୍ଧ । ଦେବପୂଜକ ଉଦ୍ଧତ ପଲିଡ଼ନ୍ ସୈନ୍ୟଙ୍କୁ ଆଦେଶ ଦିଅନ୍ତି ଉଭୟଙ୍କୁ ବନ୍ଦୀ କରିବାକୁ – ପର୍ସିୟସ୍ ତଥା ତାଙ୍କର ଉଦ୍ଧାରକର୍ତ୍ତା ରାଜପୁତ୍ର ଆୟଲାସ୍‌ଙ୍କୁ ।

ସିରିଆ ରାଜକୁମାରୀ ଏଣ୍ଡ୍ରୋମିଡ଼ାଙ୍କ ପାଣିଗ୍ରହଣାକାଂକ୍ଷୀ ଟାୟାରର ରାଜା ଫିନିୟସ୍ ଦେବପୂଜକ ପଲିଡ଼ନ୍‌ଙ୍କ ସହ ସେଠାରେ ଥାଆନ୍ତି ଉପସ୍ଥିତ । ସୈନ୍ୟସାମନ୍ତଙ୍କ ସହ ପରାମର୍ଶ କରି ସେମାନେ ସ୍ଥିର କରନ୍ତି, ପର୍ସିୟସ୍ ଓ ଆୟଲାସ୍‌ଙ୍କୁ କରାଯିବ ବନ୍ଦୀ ।

ସେତିକିବେଳେ ପର୍ସିୟସ୍ ଖୋଲି ଧରନ୍ତି ତାଙ୍କର ସ୍ୱର୍ଣ୍ଣନିର୍ମିତ ଯୁଦ୍ଧ ଢାଲ । ତହିଁରୁ ନିର୍ଗତ ହୁଏ ଆଖି ଝଲସା ଆଲୋକ ରଶ୍ମି । ତା'ର ଉଜ୍ଜ୍ୱଳତା ସହ୍ୟ କରି ନ ପାରି ଆଖି ଘୋଡ଼ାଇ ପଛଘୁଞ୍ଚା ଦିଅନ୍ତି ସୈନ୍ୟସାମନ୍ତଙ୍କ ସହ ଟାୟାରର ରାଜା ଫିନିଅସ୍ ଓ ଦେବପୂଜକ କୁଟିଳ ପଲିଡ଼ନ୍ ।

ସିରିଆ ରାଜକୁମାର ଚମତ୍କୃତ ହୁଅନ୍ତି ପର୍ସିୟସ୍‌ଙ୍କର ଦେବୋଚିତ ଅସ୍ତ୍ରର ମହିମାରେ । ପରିଚୟ ନିଅନ୍ତି ସେ ଜ୍ୟୋତିର୍ମୟ ସେହି ଅଜ୍ଞାତ ଯୁବାଙ୍କର । ସାଦରେ ନିମନ୍ତ୍ରଣ ଜଣାନ୍ତି ସେ ତାଙ୍କୁ ରାଜ ପ୍ରାସାଦକୁ, ଯେଉଁଠି ସେ ପାଇ ପାରିବେ ତାଙ୍କ ରାଜନ୍ ପିତାଙ୍କର ସହୃଦୟ ଆତିଥ୍ୟ, ଜନନୀଙ୍କର ମାତୃସୁଲଭ ଆଦର-ଯତ୍ନ, ସର୍ବୋପରି କନିଷ୍ଠା ଭଗ୍ନୀ ରାଜକୁମାରୀ ଏଣ୍ଡ୍ରୋମିଡ଼ାଙ୍କର ପୁଲକ ଉଚ୍ଛ୍ୱଳ ସ୍ମିତହାସର ସ୍ପର୍ଶ ଯାହା ତାଙ୍କୁ ନେଇଯିବ ସ୍ୱପ୍ନାତୀତ ଏକ ସୌନ୍ଦର୍ଯ୍ୟମୟ ରାଜ୍ୟକୁ ।

ବିନୀତ ପର୍ସିୟସ୍ କହନ୍ତି, ଏ ସମସ୍ତ ଲାଭ କରି ସେ ନିଶ୍ଚିତ ସୁଖୀ ରହନ୍ତେ ଆୟଲାସ୍‌ଙ୍କ ସହ । କିନ୍ତୁ ସିରିଆ ରାଜ୍ୟରେ ପରିଚିତ ହେବାର ସମୟ ତାଙ୍କର ଅଦ୍ୟାପି ହୋଇନି । ତେଣୁ ସେ ଚାହାନ୍ତି ଏମିତି ଏକ କ୍ଷୁଦ୍ର ଗ୍ରାମ୍ୟ ପରିବେଶ, ଯାହା ହୋଇଥିବ ଉଦ୍ୟାନ-ଶୋଭିତ, ଅପକ୍ୱ ଶସ୍ୟ କ୍ଷେତ୍ରର ସବୁଜିମା ପୂରିତ । କୁକ୍କୁଟର ଡାକରେ ଯେଉଁଠି ଭାଙ୍ଗୁଥିବ ପ୍ରଭାତ ନିଦ୍ରା, ସାଥୀ ସହଚର ଲାଗି ଯେଉଁଠି ଥିବେ ସରଳ ଗ୍ରାମୀଣ ।

ରାଜକୁମାର ତାଙ୍କୁ ଦିଅନ୍ତି ସେମିତି ଏକ ସ୍ଥାନର ଠିକଣା ଯେଉଁଠି ବାସକରେ ତାଙ୍କର ପ୍ରେମାସ୍ପଦା ତରୁଣୀ ସାଇଡ଼ନୀ ।

## ସିରିଆ ରାଜପ୍ରାସାଦରେ ...

ସମୁଦ୍ରବେଳାର ଅଘଟଣ ପ୍ରତ୍ୟକ୍ଷ କରି ରାଜପ୍ରାସାଦର ଅଳିନ୍ଦରେ ତ୍ୱରିତ ପ୍ରବେଶ କରେ ତରୁଣୀ ପରିଚାରିକା ଡାଇମିଡ଼ି । ଅନ୍ତଃପୁରର ବୟସ୍କା ପରିଚାରିକା ପ୍ରକ୍‌ସିଲା ତା'କୁ ଦେଖି ଅଗ୍ନିଶର୍ମା ହୁଏ ଏତେ ବିଳମ୍ବରେ କେଉଁ ଆଡ଼ୁ ବୁଲି ବୁଲି ଆସିଲା ବୋଲି ।

ଡାଇମିଡ଼ି କହେ : ମୋର ଗଳା ପର୍ଯ୍ୟନ୍ତ ଭରି ରହିଛି ତାଜା ଖବର । ତୁମେ ମୋତେ ଚିରି ତାହା ବାହାର କର ।

ପ୍ରକ୍‌ସିଲା ଛୁରୀ ହାତରେ ଦୌଡ଼େ ତାକୁ ଚିରିବା ଅଭିପ୍ରାୟରେ । ଆଉ ଡାଇମିଡ଼ି ଦୌଡ଼ି ଯାଇ ଆତ୍ମଗୋପନ କରୁ କରୁ କହେ : ଓଃ, ତୁମ ଭଳି ଗଦ୍ୟାତ୍ମକ ମଣିଷ ମୁଁ ଆଉ ଦ୍ୱିତୀୟ ଦେଖି ନାହିଁ । ତୁମ ଜନ୍ମ ସସ୍‌ପ୍ୟାନ୍ ଆଉ ଝାଡ଼ୁର ବିବାହରୁ ।

ଏମିତି ତାଚ୍ଛଲ୍ୟ ଓ ଭର୍ତ୍ସନାର ଅଭିନୟ ପରେ ଡାଇମିଡ଼ି ପ୍ରକ୍‌ସିଲାକୁ ଜଣାଏ ଘଟିଥିବା ଘଟଣା କଥା ।

ଏମାନଙ୍କ କଥୋପକଥନ କାଳରେ...

ବସନ୍ତର ବିହଙ୍ଗ ପରି ମୃଦୁପଦପାତରେ ପ୍ରବେଶ କରନ୍ତି କିଶୋରୀ ରାଜକୁମାରୀ ଏଣ୍ଡ୍ରୋମିଡ଼ା । ବିଳମ୍ବ ଯାଏ ଶୋଇ ପଡ଼ିଲେ କି, ପରିଚାରିକା ପଚାରନ୍ତେ ଅତୀନ୍ଦ୍ରିୟ ସ୍ୱପ୍ନ ରାଜ୍ୟରୁ ଉତ୍ଥିତା ରାଜକୁମାରୀ କହନ୍ତି : ସ୍ୱପ୍ନରେ ମୋର ଉଦୟ ହେଲା ସୂର୍ଯ୍ୟ । ଅଲିମ୍ପିଅନ୍ ଜିଅସ୍‌ଙ୍କ ମୁଖ ଭଳି ମୁଖ ସେହି ଦିବ୍ୟ ପୁରୁଷଙ୍କର – ସେ ମୋର ସ୍ୱପ୍ନର ସୂର୍ଯ୍ୟ । ମୋତେ ଦେଖି ମୁଖରେ ତାଙ୍କର ସ୍ମିତ ହସ ଖେଳିଗଲା । ସେ ଥିଲେ ଉଜ୍ଜ୍ୱଳ ତରବାରି-ଧୃତ ଯେଉଁଥିରେ ହତ୍ୟା କରି ପାରିବେ ସେ ଦୈତ୍ୟଦାନବଙ୍କୁ ।

ଡାଇମିଡ଼ି କହେ : ମନେ ହୁଏ ତୁମର ସେ ଉଜ୍ଜ୍ୱଳକାନ୍ତି ବୀର ଦେବପୁରୁଷଙ୍କୁ ମୁଁ ପ୍ରଭାତରେ ସମୁଦ୍ର ବେଳାରେ ସ୍ୱଚକ୍ଷୁରେ ହିଁ ଦେଖିଛି ।

ବିସ୍ମିତା ରାଜକୁମାରୀଙ୍କୁ ପରିଚାରିକା ଡାଇମିଡ଼ି ବର୍ଣ୍ଣନା ଦିଏ ପ୍ରଭାତରେ ପ୍ରତ୍ୟକ୍ଷ କରିଥିବା ସମସ୍ତ ଘଟଣା । କିଶୋରୀ ରାଜକୁମାରୀଙ୍କର ନବନୀତ କୋମଳ ହୃଦୟ ବିଗଳିତ ହୁଏ ବିଦେଶୀ ବଣିକଙ୍କର ଦୁରବସ୍ଥା ଶ୍ରବଣ କରି । ଯେଉଁ ନିଷ୍ଠୁର ଦେବତା ସେମାନଙ୍କର ଶୋଣିତ ପାନରେ ହେବେ ତୁଷ୍ଟ ତାଙ୍କ ଲାଗି ଏଣ୍ଡ୍ରୋମିଡ଼ାଙ୍କ ହୃଦୟ ବିଦାରି ବହିର୍ଗତ ହୁଏ ଘୃଣା ଓ ତାଚ୍ଛଲ୍ୟ ।

ବୟସ୍କା ପରିଚାରିକା ପ୍ରକ୍‌ସିଲା ଭଗବତ୍ ବିଦ୍ରୋହୀ ନ ହେବା ଲାଗି ତାଙ୍କୁ ଉପଦେଶ ଦିଏ ।

ସେଥିପ୍ରତି ଭ୍ରୁପେକ୍ଷ ନ କରି ରାଜକୁମାରୀ ଡାଇମିଡ଼ିକୁ ପଚାରନ୍ତି : ତାଙ୍କୁ କ'ଣ ମୋର ସୂର୍ଯ୍ୟଦେବ ରକ୍ଷା କଲେ ନାହିଁ ?

ତତ୍ପରେ ଡାଇମିଡ଼ି ଆମୂଳଚୂଳ ବର୍ଣ୍ଣନା ଦିଏ ବୀର ପର୍ସିୟସ୍‌ଙ୍କ ସମ୍ବନ୍ଧରେ । ତାଙ୍କରି ଯୁଦ୍ଧ ଫଳକର ଆଲୋକ ସହ୍ୟ କରି ନ ପାରି କିପରି ପଛଘୁଞ୍ଚା ଦିଅନ୍ତି ପୁରୋହିତ ପଲିଡ଼ନ୍, ଟାୟାରର ରାଜା ଫିନିୟସ୍ ଓ ସୈନ୍ୟସାମନ୍ତ । କିନ୍ତୁ ତତ୍ ପୂର୍ବରୁ ରାଜପୁତ୍ରଙ୍କ ଆଦେଶରେ ଉଦ୍ଧାର ପ୍ରାପ୍ତ ବଣିକଦ୍ୱୟ ବନ୍ଦୀ ହୋଇ ରହିଥା'ନ୍ତି ମନ୍ଦିର ମଧ୍ୟରେ ।

ଭାଇ ଆୟଲାସ୍‌ଙ୍କଠାରୁ ସମସ୍ତ ବିବରଣୀ ଶୁଣିବାର ପ୍ରତୀକ୍ଷାରେ ଥିବା ବେଳେ ରାଜକୁମାର ଆସି ଉପନୀତ ହୁଅନ୍ତି ସେଠାରେ ।

ଉତ୍କଣ୍ଠିତା ଭଗିନୀ ପଚାରେ – କାହିଁ ମୋର ସୂର୍ଯ୍ୟ ଦେବତା, ଭାଇ ?

ରାଜକୁମାର : ଭଉଣୀ ମୋର, ସେ ତ ସ୍ୱର୍ଗରେ ।

ଉପସ୍ଥିତା ପରିଚାରିକା ରାଜକୁମାରଙ୍କୁ ବୁଝାଇଦିଏ କାହା କଥା କହୁଛନ୍ତି ରାଜକୁମାରୀ ।

ରାଜକୁମାର କହନ୍ତି – ବାତ-ପ୍ରକମ୍ପିତ ଗୋଲାପ ପୁଷ୍ପ ଭଉଣୀ ଏଣ୍ଡ୍ରୋମିଡ଼ା ମୋର ! ଯଦି ଭଗବାନ୍ ଏ ଯୋଗାଯୋଗ କରନ୍ତେ, ତେବେ ମୁଁ ହୁଅନ୍ତି ବିଶେଷ ଉଲ୍ଲସିତ ।

ଏଣ୍ଡ୍ରୋମିଡ଼ା ଅଭିଯୋଗ ଆଣନ୍ତି ଭାଇଙ୍କ ବିରୁଦ୍ଧରେ – ତାଙ୍କର ସୂର୍ଯ୍ୟ-ଦେବତା ଯେଉଁ ଆତ୍ମା ଦ୍ୱୟକୁ ଉଦ୍ଧାର କରେ, ରାଜକୁମାର କେଉଁ ଅଧିକାରରେ ସେମାନଙ୍କୁ ହତ୍ୟା ଲାଗି ବନ୍ଦୀ କରି ରଖିଲେ ? ତେଣୁ ସେ କ'ଣ ଏବେ ସେମାନଙ୍କୁ ମୁକ୍ତ କରି ପାରିବେ ନି ?

ରାଜକୁମାର କହନ୍ତି : ସୈନ୍ୟ ରୂପେ ମୁଁ ଖାଲି ମୋର କର୍ତ୍ତବ୍ୟ କରିଛି । ଆଉ ତାହା କରିଛି ବାଧ୍ୟ ହୋଇ । ଏବେ ସେମାନେ ପୋସାଇଡ଼ନ୍‌ଙ୍କ ସମ୍ପତ୍ତି । ତାଙ୍କୁ ଉଦ୍ଧାର କରିବା ମୋର ସାଧ୍ୟାତୀତ । ଆଉ ଭଉଣୀ ତୁ ସେମାନଙ୍କ ଲାଗି ଦୁଃଖ କରନା । ସେମାନଙ୍କୁ ଆପଣାର ଭାଗ୍ୟ ଭୋଗିବାକୁ ଛାଡ଼ିଦେ । ଏସବୁ ବିଷୟ ସହିବାକୁ ହୁଏ ଠିକ୍ ପ୍ଲେଗ୍, ନରହତ୍ୟା, ଅଗ୍ନିକାଣ୍ଡ, ଭୂମିକମ୍ପ, ଦୁର୍ଭିକ୍ଷ ଭଳି ଦୁର୍ବିପାକ ତୁଲ୍ୟ ।

କିନ୍ତୁ ଏଣ୍ଡ୍ରୋମିଡ଼ାଙ୍କର ଏକ ଜିଦ୍ : ତୁମେ ସେମାନଙ୍କୁ ଉଦ୍ଧାର କର ଭାଇ, ନ ହେଲେ ମୁଁ କରିବି ।

ଏତିକି କହି ରାଜକୁମାରୀ ଚାଲିଯିବା ପରେ ରାଜକୁମାର ଆୟଲାସ୍‌ଙ୍କୁ ଆହ୍ୱାନ ଆସେ ପିତାଙ୍କ ସାକ୍ଷାତକାର କକ୍ଷକୁ ।

(କ୍ରମଶଃ)

❑❑❑

ନିଜର ଦୁର୍ବଳତା ଓ ମିଥ୍ୟା ଗତିବୃତ୍ତିଗୁଡ଼ିକୁ ଚିହ୍ନି ପାରିବା ଏବଂ ସେମାନଙ୍କଠାରୁ ନିଜକୁ ଦୂରେଇ ନେବା, ଏହାହିଁ ହେଲା ମୁକ୍ତିର ପଥ ।

– ଶ୍ରୀଅରବିନ୍ଦ

ଇତିହାସର କେତୋଟି ମୁହୂର୍ତ୍ତ :

# ସାଧ୍ୟ ଅସାଧ୍ୟ

## ମନୋଜ ଦାସ

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଆଜିର ଗ୍ରୀସ୍ ଭୂଖଣ୍ଡ ଅନେକଗୁଡ଼ିଏ ରାଜ୍ୟରେ ବିଭକ୍ତ ଥାଏ । ତହିଁ ଭିତରୁ ଗୋଟିଏ ହେଲା ମ୍ୟାସିଡ଼ୋନ୍ । ତାକୁ ଶାସନ କରୁଥିଲେ ଜଣେ ଦକ୍ଷ ରାଜା ଫିଲିପ୍ ।

ତାଙ୍କର ପୁତ୍ର ହେଲେ ଇତିହାସର ବିଖ୍ୟାତ ଆଲେକ୍‌ଜାଣ୍ଡାର । ଭାରତରେ ତାଙ୍କୁ ସିକନ୍ଦର ବୋଲି ମଧ୍ୟ କୁହାଯାଏ । ସେ ଦେଶ ପରେ ଦେଶ ଜୟ କରି ଭାରତବର୍ଷ ଭିତରକୁ ମଧ୍ୟ ମାଡ଼ି ଆସିଥିଲେ । ତାଙ୍କ ଅସାଧାରଣ ସାହସ ଯୋଗୁଁ ତାଙ୍କୁ ମହାବୀର ଆଲେକ୍‌ଜାଣ୍ଡାର (Alexander the Great) ନାମରେ ଅଭିହିତ କରାଯାଏ ।

ତାଙ୍କ ଜନ୍ମ ଖ୍ରୀଷ୍ଟପୂର୍ବ ୩୫୬ ମସିହାରେ; ମୃତ୍ୟୁ ୩୨୩ ମସିହାରେ । ୩୩୬ରେ ଅର୍ଥାତ୍ କୋଡ଼ିଏ ବର୍ଷ ବୟସରେ, ପିତାଙ୍କ ମୃତ୍ୟୁ ଅନ୍ତେ ସେ ରାଜଗାଦିରେ ବସିଥିଲେ । ସେ ଜଣେ ଦିଗ୍‌ବିଜୟୀ ହୁଅନ୍ତୁ, ତାଙ୍କ ପିତା ଏକଥା ଚାହିଁ ନଥିବେ । କାରଣ ସେ ଯୁଗର ସବୁଠୁ ବଡ଼ ଗ୍ରୀକ୍ ପଣ୍ଡିତ ଆରିଷ୍ଟୋଟଲ୍‌ଙ୍କୁ ସେ ତରୁଣ ଆଲେକ୍‌ଜାଣ୍ଡାରଙ୍କ ଶିକ୍ଷକ ରୂପେ ନିଯୁକ୍ତ କରିଥିଲେ । ଆରିଷ୍ଟୋଟଲ୍‌ଙ୍କ ଗୁରୁ ଥିଲେ ପ୍ଲାଟୋ । ପ୍ଲାଟୋଙ୍କ ଗୁରୁ ଥିଲେ ସକ୍ରେଟିସ୍ । ସାରା ପାଶ୍ଚାତ୍ୟ ଜଗତର ଚିନ୍ତାଧାରା ଉପରେ ଏହି ତିନିଜଣ ଦାର୍ଶନିକଙ୍କ ପ୍ରଭାବର ପଟାନ୍ତର ନାହିଁ ।

ବିଚିତ୍ର ମଣିଷର ଚରିତ୍ର ! ମହାନ୍ ଦାର୍ଶନିକଙ୍କ ଛାତ୍ର ହେବା ସତ୍ତ୍ୱେ ଜୀବନର ଲକ୍ଷ୍ୟ, ଜନ୍ମ-ମୃତ୍ୟୁର ରହସ୍ୟ ଭଳି ପ୍ରଶ୍ନସବୁ ଉପରେ ମନୋନିବେଶ ନକରି ଆଲେକ୍‌ଜାଣ୍ଡାର ଅନ୍ୟ କେତେକ ଗ୍ରୀକ୍ ରାଜାଙ୍କୁ ଏକତ୍ର କରି ସେତେବେଳର ସମୃଦ୍ଧ ଓ ଶକ୍ତିଶାଳୀ ଦେଶ ପାରସ୍ୟ ଅଭିମୁଖେ ଯୁଦ୍ଧଯାତ୍ରା କଲେ । ସେ ଦେଶର ଶକ୍ତିଶାଳୀ ରାଜା ତୃତୀୟ ଡାରିଆସ୍‌ଙ୍କୁ ପରାଜିତ କରି ରାଜଧାନୀ ପାର୍ସିପୋଲିସ୍ ଧ୍ୱଂସ କରିଦେଲେ । ତା'ପରେ ସେ ଜୟ କଲେ ଇଜିପ୍ଟ । ସେଠାରେ ନିଜ ନାମରେ ଆଲେକ୍‌ଜାଣ୍ଡ୍ରିଆ ନଗରୀ ସ୍ଥାପନ କଲେ ।

ଆମେ ଦେଖୁ ତାଙ୍କ ଚରିତ୍ରରେ ନାନାଦି ପରସ୍ପର ବିରୋଧୀ ଗୁଣର ସମାବେଶ । ସେ ଆରିଷ୍ଟୋଟଲ୍‌ଙ୍କ ଶିଷ୍ୟ ହୋଇଥିବା ଦୃଷ୍ଟିରୁ ଦାର୍ଶନିକମାନଙ୍କ ପ୍ରତି ଶ୍ରଦ୍ଧା ପୋଷଣ କରୁଥିଲେ । ସେତେବେଳେ ଗ୍ରୀସ୍‌ର ଏକ ଅଞ୍ଚଳରେ ରହୁଥିଲେ ଜଣେ ଅଦ୍ଭୁତ ଦାର୍ଶନିକ । ନାମ ତାଙ୍କର ଡାଇଓଜିନିସ୍ । ରାସ୍ତାକଡ଼ରେ, ଗୋଟାଏ ପଥର କୁଣ୍ଡ ଥିଲା ତାଙ୍କ ଘର । ସେ ବିଶ୍ୱାସ କରୁଥିଲେ କି ବାସନା-କାମନାରୁ ମୁକ୍ତ ହେଲେହିଁ ଜଣେ ପ୍ରକୃତ ମୁକ୍ତିର ସ୍ୱାଦ ପାଇପାରିବ । ବାସନା-କାମନାହିଁ ଅସଲ ବନ୍ଧନ ।

ବିଶ୍ୱାସଯୋଗ୍ୟ ଲୋକଙ୍କଠାରୁ ତାଙ୍କ ଖ୍ୟାତି ଶୁଣି ଦିନେ ଆଲେକ୍‌ଜାଣ୍ଡାର ଯାଇ ତାଙ୍କୁ ସାକ୍ଷାତ୍ କଲେ । ସାଥିରେ ଥିଲେ କେତେଜଣ ବିଶିଷ୍ଟ ସାମନ୍ତ ରାଜା ଏବଂ ଅମାତ୍ୟ ।

''ମୁଁ ଆଲେକ୍‌ଜାଣ୍ଡାର । ମୋତେ ଲୋକେ ମହାବୀର ଆଲେକ୍‌ଜାଣ୍ଡାର ବୋଲି କହନ୍ତି !'' ସେ ଏମିତି ଭାବରେ ଦେଲେ ନିଜ ପରିଚୟ ।

''ମୋତେ ଲୋକେ କୁକୁର ଡାଇଓଜିନିସ୍ ବୋଲି କହନ୍ତି''; ଖୁବ୍ ସ୍ୱାଭାବିକ କଣ୍ଠରେ କହିଲେ ଡାଇଓଜିନିସ୍ ।

ଆଲେକ୍‌ଜାଣ୍ଡାର ନିଶ୍ଚୟ ବୁଝି ପାରିଥିବେ ଯେ ଦାର୍ଶନିକ ବାସ୍ତବିକ ତାଙ୍କୁ ବିଦ୍ରୁପ କରୁ ନାହାନ୍ତି । ସେ ଖାଲି ଏତିକି ଜଣାଇ ଦେବାକୁ ଚାହୁଁଛନ୍ତି ଯେ ଲୋକେ କେଉଁ ଦୃଷ୍ଟିରେ ତୁମକୁ ଦେଖୁଛନ୍ତି ତାହା ଉପରେ ତୁମର ପ୍ରକୃତ ଚରିତ୍ର ନିର୍ଭର କରେ ନାହିଁ ।

ଆଲେକ୍‌ଜାଣ୍ଡାରଙ୍କ କେତୋଟି ପ୍ରଶ୍ନର ସହଜ ଉତ୍ତର ଦେଲେ ଦାର୍ଶନିକ । ମହାବୀର ସନ୍ତୁଷ୍ଟ ହେଲେ । ସେ ବଦଳରେ ଦାର୍ଶନିକଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁଲେ ଓ ପଚାରିଲେ, ''ମହାଶୟ ! ମୁଁ ଆପଣଙ୍କ ସୁଖସୁବିଧା ନିମନ୍ତେ କ'ଣ କରିପାରେ କୁହନ୍ତୁ । ଆପଣ ଯାହା ବରାଦ କରିବେ ତାହା କରିବି ।''

ଗୋଟାଏ କୁଣ୍ଡ ଭିତରେ ଦିନରାତି ବିତାଉଥା'ନ୍ତି ଦାର୍ଶନିକ । ପାଖ ପଡ଼ୋଶୀମାନେ ଗରିବ । ସେମାନେ ତାଙ୍କରି ମାମୁଲି ଖାଦ୍ୟରୁ ତାଙ୍କୁ କିଛି କିଛି ଦାନ କରୁଥା'ନ୍ତି । ଆଲେକ୍‌ଜାଣ୍ଡାରଙ୍କ ପାତ୍ରମିତ୍ର ଧରିନେଲେ ଯେ ଦାର୍ଶନିକ

କୋଠାଟିଏ ତଥା ନିଜର ସ୍ୱଚ୍ଛଳ ଜୀବନଧାରଣ ନିମନ୍ତେ କିଛି ସମ୍ପତ୍ତିର ବ୍ୟବସ୍ଥା କରି ନେବେ ।

ସମସ୍ତେ ଅପେକ୍ଷା କରିଥା'ନ୍ତି । କିନ୍ତୁ ଦାର୍ଶନିକ ନିରବ ରହିଥା'ନ୍ତି । ସଭିଏଁ ହୁଏତ ଭାବୁଥିବେ – ଦାର୍ଶନିକ ତାଙ୍କ ଚାହିଦାର ତାଲିକା ମନେ ମନେ ପ୍ରସ୍ତୁତ କରୁଛନ୍ତି ପରା !

ଆଲେକ୍‌ଜାଣ୍ଡାର ଆଉ କେତେ ସମୟ ବା ଅପେକ୍ଷା କରନ୍ତେ ? ସେ ଦାର୍ଶନିକଙ୍କୁ ମନେ ପକାଇ ଦେବା ଢଙ୍ଗରେ କହିଲେ, ''କୁହନ୍ତୁ, ଲୋଡ଼ା କ'ଣ ! ମୋର ଅସାଧ ହୋଇ ନଥିଲେ ଏହି କ୍ଷଣି ତା'ର ବ୍ୟବସ୍ଥା କରିଦେଇ ଯିବି ।''

ମହାବୀରଙ୍କ ସ୍ୱରରେ ଥିଲା ଏହି ଇଙ୍ଗିତ – ମୋର ବା ଅସାଧ କ'ଣ !

ଦାର୍ଶନିକ ଏଥର ତାଙ୍କ ଆଡ଼େ ଅନାଇ କହିଲେ, ''ମୋର ଯାହା ଲୋଡ଼ା ତାହା ତୁମର ସାଧ ନୁହେଁ କି ଅସାଧ ନୁହେଁ । ମୋର ଲୋଡ଼ା ସୂର୍ଯ୍ୟକିରଣ । ସୂର୍ଯ୍ୟହିଁ ତାହା ଯୋଗାଇ ଦେଉଛନ୍ତି; ତାହା ଯୋଗାଇବା ତୁମର ଅସାଧ । କିନ୍ତୁ ମୋ ଆଗରୁ ଟିକିଏ ଘୁଞ୍ଚିଯାଅ । ସେଇଟା ତୁମର ସାଧ ଭିତରେ । ସୂର୍ଯ୍ୟକିରଣ ଏବଂ ମୋ ଭିତରେ ତୁମେ ଅନ୍ତରାୟ ହୋଇ ରହିଛ ।''

ପାତ୍ରମିତ୍ରମାନଙ୍କ ମୁହଁରେ ଫୁଟି ଉଠିଲା ଦାର୍ଶନିକଙ୍କ ପ୍ରତି ବିରକ୍ତି ତଥା ତାଙ୍କ ଭବିଷ୍ୟତ୍ ସମ୍ପର୍କରେ ଆତଙ୍କ । କିନ୍ତୁ ଆଲେକ୍‌ଜାଣ୍ଡାର କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ସେଠାରୁ ଅପସରି ଗଲେ । ଦାର୍ଶନିକଙ୍କ ଉପରେ ସୂର୍ଯ୍ୟକିରଣ ପଡ଼ିଲା ।

''ଧନ୍ୟବାଦ ।'' ଦାର୍ଶନିକ କହିଲେ ।

''ଧନ୍ୟବାଦ !'' ଉତ୍ତରରେ କହିଲେ ଆଲେକ୍‌ଜାଣ୍ଡାର । ତା'ପରେ ଚାଲିବାକୁ ଆରମ୍ଭ କରି ତଥା କଣ୍ଠସ୍ୱର ନିମ୍ନ କରି ସେ ପାତ୍ରମିତ୍ରଙ୍କୁ କହିଲେ, ''ମୁଁ ଯଦି ମହାବୀର ଆଲେକ୍‌ଜାଣ୍ଡାର ହୋଇ ନଥା'ନ୍ତି, ତେବେ ଦାର୍ଶନିକ ଡାଇଓଜିନିସ୍ ହୋଇ ପାରିଥିଲେ ତୃପ୍ତି ଅନୁଭବ କରିଥା'ନ୍ତି !''

('ମନୋଜ ଦାସ ପରିବେଷିତ
ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Mfr: Ayurlabs India, Pondicherry-1, Ph. 0413-2224935 / 9442249355, Email: sales@ayurlabsindia.com

**କ୍ଲାସରେ ଶ୍ରୀମା'ଙ୍କ କାହାଣୀ :**

# ତୁଷାର କଣା ଓ ଲାଲ ଗୋଲାପ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ପରେ ନଳିନୀଦାଙ୍କୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୨ ମସିହା ଅଗଷ୍ଟ ୨୨ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

'ତୁଷାର' ଓ 'ଗୋଲାପ' କେତେଦିନ ଧରି ମନକଷ୍ଟରେ ରହିଲେ । ରାତିରେ ଶୋଇବାକୁ ଯିବାକୁ ମଧ୍ୟ ଇଚ୍ଛା କରନ୍ତି ନାହିଁ । ଏତେ ଦିନ ଧରି ଏହା ଅଭ୍ୟାସରେ ପଡ଼ି ଯାଇଥିଲା । ପ୍ରତି ସନ୍ଧ୍ୟାରେ ତାଙ୍କ ବନ୍ଧୁ ଆସନ୍ତି, ତାଙ୍କ ପାଖରେ ବସି ନିଆଁ ପୋଉଁ ପୋଉଁ କେତେ ଗପ ଶୁଣାନ୍ତି । ସବୁଠାରୁ ମଜା ଥିଲା ଭାଲୁ ସାଙ୍ଗରେ ଖେଳତାମସା କରିବା । ସେମାନେ ତାହା ଉପରେ କେତେ ଅତ୍ୟାଚାର କରିଛନ୍ତି । କିନ୍ତୁ ସେ ବିଚରା ଚୁପ୍ ହୋଇ ସବୁ ସହ୍ୟ କରିଛି, କେବେହେଲେ ରାଗ କରି ନାହିଁ, କେବେ ହେଲେ ବାରଣ କରି ନାହିଁ । ଯେତେବେଳେ କଷ୍ଟ ଲାଗେ ସେ ଛୋଟ ଶିଶୁ ପରି ମଝିରେ ମଝିରେ ଅନୁନୟ କରି କୁହେ ମୋତେ ହାଲିଆ କରି ମାରି ପକାଅନି ! ବର୍ତ୍ତମାନ ସେହିସବୁ କଥା ମନେ ପଡ଼ିଲେ ଏ ଦୁହିଁଙ୍କ ମନରେ ଦୁଃଖ ହୁଏ । ଏଥର ଏ ଦୁହେଁ ଠିକ୍ କରିଛନ୍ତି ଶୀତ ଦିନରେ ଆଉ ଥରେ ବନ୍ଧୁ ଯେତେବେଳେ ଆସିବେ ତାଙ୍କ ପ୍ରତି ଆଉ କୌଣସି ଅତ୍ୟାଚାର କରିବେ ନାହିଁ, ତାଙ୍କୁ ଖୁବ୍ ଭଲ ବ୍ୟବହାର ଦେଖାଇବେ । ପୂରା ଗ୍ରୀଷ୍ମଋତୁର ସବୁ ଗଳ୍ପ ଶୁଣିବେ ।

ଦିନ ପରେ ଦିନ କଟିଯାଏ । କ୍ରମଶଃ ଭାଲୁ କଥା ଏମାନେ ଭୁଲି ଯା'ନ୍ତି । ଆଗ ପରି ମାଆଙ୍କୁ ଘେରି ବସି ସେମାନଙ୍କର ଜୀବନ ଆଗେଇଯାଏ ।

ଦିନେ ମାଆ କହିଲେ, 'ଘରେ ନିଆଁ ଜଳାଇବା ପାଇଁ କାଠ ନାହିଁ । ତୁମେ ଦୁହେଁ ବଣକୁ ଯାଇ କିଛି ଜାଳେଣି କାଠ ସଂଗ୍ରହ କରି ଆଣି ପାରିବ ?' ଏହା ଶୁଣି ଦୁଇ ଭଉଣୀ ବଣକୁ ଛୁଟି ଗଲେ – ସେମାନେ ଯାହାକୁ ବଡ଼ ବଗିଚା କହନ୍ତି । ସେତେବେଳେ ଗ୍ରୀଷ୍ମ ପ୍ରଚଣ୍ଡ । ଚାରିଆଡ଼େ ବହୁତ ଶୁଖିଲା ଡାଳ ଭାଙ୍ଗି ପଡ଼ିଥାଏ । ଏ ଦୁହେଁ ଆଉ ଟିକିଏ ଆଗକୁ ଚାଲିଗଲେ । ନାନା ରକମର ଚଢ଼େଇ ମିଶି ଏକ ସ୍ୱରରେ ଗୀତ ଗାଇବାରେ ଲାଗିଛନ୍ତି । ଛୋଟ ଛୋଟ ପଶୁଦଳ ଏଠାରେ ସେଠାରେ ମନଇଚ୍ଛା ଘୂରି ବୁଲୁଛନ୍ତି । ଏମାନଙ୍କୁ ଦେଖି ସେମାନେ ଭୟ ପାଆନ୍ତି ନାହିଁ । ସେମାନେ ତାଙ୍କର ଚିର ପରିଚିତ ବନ୍ଧୁ, ଏ ଦୁହେଁ ସେମାନଙ୍କର ଭାଷା ବୁଝି ପାରନ୍ତି । ଏମାନେ ଆସି ଗୋଟିଏ ପ୍ରକାଣ୍ଡ ଗଛ ତଳେ ପହଞ୍ଚି ଗଲେ । କିନ୍ତୁ ଏହା କ'ଣ ! ଯେପରି କାହାର ଗଳାର ଆବାଜ, କିଏ ଯେପରି କାନ୍ଦୁଛି । ଘଟଣାଟି କ'ଣ ? ଏମାନଙ୍କର ପ୍ରାଣରେ କୌତୂହଳ ଜାଗି ଉଠିଲା । ଗଛର ପ୍ରକାଣ୍ଡ ଗଣ୍ଡିଟିର ସେପାଖକୁ ଗଲା ପରେ ପ୍ରକୃତ କାଣ୍ଡ-କାରଖାନା ଜଣା ପଡ଼ିଲା । ଗୋଟିଏ ଛୋଟ ବାମନ, ତା'ର ପ୍ରକାଣ୍ଡ ଧଳା ଦାଢ଼ି । ସେହି ଦାଢ଼ିର କିଛି ଅଂଶ ଗୋଟିଏ ଗଛ ଫାଙ୍କରେ ଚାପି ହୋଇ ରହିଯାଇ ଆଉ ବାହାରି ପାରୁ ନଥାଏ । କି ମଜା ! ଏହି ଦୃଶ୍ୟ ଦେଖି ଦୁଇ ଭଉଣୀ ଖିଲି ଖିଲି ହସି ଉଠିଲେ । ଏପରି ଦୃଶ୍ୟ ଦେଖିବା ଏମାନଙ୍କ ଜୀବନରେ ଏହା ହେଉଛି ପ୍ରଥମ ଥର । ଗୋଲାପର ହସ

ସବୁଠାରୁ ବେଶୀ, ଥରେ ଆରମ୍ଭ ହୋଇଗଲେ ତାକୁ ଥମାଇବା ବଡ଼ କଷ୍ଟ । ବାମନଟି ଏମାନଙ୍କର ଏପରି ହସ ତାମସା ଦେଖି ରାଗରେ ଖପା ହୋଇଗଲା । ଅଭିମାନ କରି ସେ କହିଲା 'ମୁଁ ଅସୁବିଧାରେ ପଡ଼ି ମରୁଛି, ଆଉ ତୁମେ ଦେଖି ଖୁବ୍ ମଜା ପାଉଛ ! କିପରି ଟିକିଏ ସାହାଯ୍ୟ କରିବ, ତାହା କରୁ ନାହଁ, ଏ କି ଅକଲ ତୁମର କେଜାଣି !' ତୁଷାର ଗୋଲାପକୁ କହିଲା, 'ଚାଲ ଦୁଇଜଣ ମିଶି ଲୋକଟିର ଦାଢ଼ିକୁ ଗଛ ଫାଙ୍କରୁ ବାହାର କରି ଦେବା, କିନ୍ତୁ ଫାଙ୍କଟି ବା କାହିଁ ?' ଲୋକଟି ଗଛଟିକୁ କରତରେ କାଟୁ କାଟୁ ଅଧାକଟା ହେବା ଅବସ୍ଥାରେ ତାହାର କରତଟି ତଳେ ପଡ଼ିଗଲା ଓ ଗଛର କଟା ହୋଇଥିବା ଫାଙ୍କରେ ଦାଢ଼ି ରହି ଯାଇଥିବା ବେଳେ ଡାଳଟି ପୁଣି ସିଧା ହୋଇଗଲା । ଏଣୁ ତାହା ଆଉ ବାହାରି ପାରୁ ନାହିଁ । ବର୍ତ୍ତମାନ ଆଉ ଉପାୟ କ'ଣ ? ଚଟକରି ତୁଷାର ମଥାରେ ବୁଦ୍ଧି ଖେଳିଗଲା । ତାହାର ପକେଟରେ ଗୋଟିଏ ଛୋଟ କଇଁଚି ଥିଲା । ସେହି କଇଁଚି ବାହାର କରି ଦାଢ଼ିକୁ ଚର୍‌କରି କାଟି ଦେବାରୁ ବାମନ ବାହାରି ଆସିଲା । କିନ୍ତୁ ଏ କି ଅବାକ୍ କାଣ୍ଡ ! ବାମନ ଏମାନଙ୍କୁ ଧନ୍ୟବାଦ ଦେବା, କୃତଜ୍ଞତା ଜଣାଇବା ଦୂରରେ ଥାଉ ଓଲଟା ରାଗି ଗଲା, 'ତୁମେ କ'ଣ କଲ, ମୋର ଏପରି ସୁନ୍ଦର ଦାଢ଼ି ଏତେ କାଟିଦେଇ କମାଇ ଦେଲ ! ତୁମର ଟିକିଏ ହେଲେ ବୁଦ୍ଧି ନାହିଁ ! ଅଣ-ହୁସିଆର ପିଲା ! ବଡ଼ ଅଭଦ୍ର !' ତାହାର କଥା ଶୁଣି ଦୁଇ ଭଉଣୀ ଅବାକ୍ ହେଲେ । ଏପରି ଛୋଟ ବାମନ ଦେଖିବା ଏବଂ ତା'ର ଏପରି ପାଗଳାମି କଥା ଶୁଣିବା ଥିଲା ତାଙ୍କ ଜୀବନର ପ୍ରଥମ ଅନୁଭୂତି ! ଏମାନଙ୍କ ସାମନାରୁ ବାମନ ରାଗରେ ଗରଗର ହୋଇ ଚାଲିଗଲା । ଏମାନେ ଦେଖିଲେ ଯିବା ଆଗରୁ ସେ ତାଙ୍କୁ ପିଠି କରି ଏକ ବସ୍ତା ଟଙ୍କା ଗଛର ଗଣ୍ଡିତଳୁ ଲୁଚାଇ ରଖିଥିବା ଗୋଟିଏ ଗାତରୁ ବାହାର କରି ନେଇ ଚାଲିଗଲା । ଏମାନଙ୍କ ଆଡ଼କୁ ଥରେ ମାତ୍ର ଫେରି ଚାହିଁଲା ନାହିଁ । ଭଦ୍ରତା ଖାତିରିରେ ପଦେ ହେଲେ କଥା କହିଲା ନାହିଁ । ଜାଳେଣି କାଠ ଆଣି ଏ ଦୁହେଁ ଘରକୁ ଫେରି ଆସିଲେ । ସେହି ଛୋଟ ବାମନ ସମ୍ବନ୍ଧରେ ମାଆଙ୍କ ପାଖରେ ବସି କଥାବାର୍ତ୍ତା ହେଲେ । ମାଆ କହିଲେ, 'ସେ ତ ମଣିଷ ନୁହଁ, ତାହା ଠାରୁ ମଣିଷଙ୍କ ପରି ବ୍ୟବହାର ଆଶା କଲେ ଚଳିବ ନାହିଁ । ସେ କୌଣସି ଅପ-ଦେବତାର ପ୍ରତିନିଧି । ସେ ତୁମର କୌଣସି କିଛି କ୍ଷତି କରିବ ନାହିଁ, ଯଦି ତୁମେ ତା'ର ପିଛା ନ ଲାଗିଛ । ଏହାର ଉପକାର କରି କୌଣସି କୃତଜ୍ଞତା ତା' ଠାରୁ ଆଶା କରିବ ନାହିଁ । ଏମାନଙ୍କର କୋଷ୍ଠୀରେ କୃତଜ୍ଞତା ବୋଲି କୌଣସି କଥା ନାହିଁ । ଅବଶ୍ୟ କାହାର ଉପକାର କରି ତାହାଠାରୁ କୃତଜ୍ଞତା ପାଇବାର ଆଶା କରିବା ଉଚିତ ନୁହଁ । ତଦ୍ଦ୍ୱାରା ତୁମର ସତ୍ କର୍ମଟି ବିଶୁଦ୍ଧ ହେବ ନାହିଁ ।'

ଆଉ ଗୋଟିଏ ଦିନର କଥା । ତୁଷାର ସେତେବେଳକୁ ଖୁବ୍ ବଡ଼ ହୋଇ ଗଲାଣି । ମାଆ କହିଲେ, 'ଆଜି ଘରେ ଗୋଟିଏ ହେଲେ ମାଛ ନାହିଁ । ତୁମେ ପାଖ ନଈକୁ ଯାଇ ଜାଲ ପକାଇ କିଛି ମାଛ ଧରି ଆଣିପାରିବ ?' ଗୋଲାପର ଏହିସବୁ କାମରେ ଭାରି ଉତ୍ସାହ । ସେ ତତ୍‌କ୍ଷଣାତ୍ ତାହାର ବଡ଼ ଭଉଣୀକୁ ଡାକି, ବନଶୀ ଓ ଜାଲ ଇତ୍ୟାଦି ଧରି ନଈକୁ ମାଛ ଧରିବାକୁ ଛୁଟିଲା । ବନଶୀ ପକାଇବା ମାତ୍ରେ ଗୋଟିଏ ମାଛ ଜିଆକୁ ଗିଳିଦେଲା । ବୋଧହୁଏ ଖୁବ୍ ବଡ଼ ମାଛଟିଏ । ବନଶୀର ସୂତାକୁ ଖୁବ୍ ଜୋର୍‌ରେ ଟାଣିବାକୁ ଲାଗିଲା । ଏହି ସମୟରେ ଏ ପୁଣି କ'ଣ ? ସେହି ବାମନଟା କିପରି କେଉଁଠାରୁ ଆସି ନଈ କୂଳରେ ପହଞ୍ଚିଗଲା କିଂବା ଏହିଠାରେ ଲୁଚି କରି ବସିଥିଲା, କିଏ ବା ତାହା କହିପାରିବ । ଏତେ ଟିକିଏ ମଣିଷ ! ଯାହାହେଉ ସେକଥା ଛାଡ଼ । କିନ୍ତୁ ତାକୁ ନେଇ ଆଜି ହାଙ୍ଗାମା ଘଟିଲା । ବନଶୀଟିକୁ ଜୋର୍ କରି ଧରି ମାଛଟିକୁ ଉପରକୁ ଟାଣି ଆଣିବା ସମୟରେ ସେହି ବାମନଟି ଆସି ଖପ କରି ମାଛ ସହ ବନଶୀଟିକୁ ଟାଣି ନେଲା । ହଠାତ୍ କ'ଣ ଯେ କିପରି ଘଟିଗଲା ତାହା ଆଦୌ ବୁଝି ହେଲା ନାହିଁ । ଦେଖାଗଲା, ସେହି ମାଛଟିର ମୁହଁ ଭିତରେ ବାମନଟିର ଦାଢ଼ି ପଶି ଯାଇଛି ଓ ସେ ଦାଢ଼ିକୁ ଓଟାରି ଓଟାରି ମାଛ ବାମନକୁ ପାଣି ମଧ୍ୟରେ ବୁଡ଼ାଇ ଦେବାରେ ବସିଲାଣି (ଏହା ଶୁଣିବା ମାତ୍ରେ ପିଲାମାନେ ଠୋ ଠୋ ହୋଇ ହସିବାକୁ ଲାଗିଗଲେ ଓ ଶ୍ରୀମା ମଧ୍ୟ ସେମାନଙ୍କ ସାଙ୍ଗରେ ହସି ଉଠିଲେ, ମାତ୍ର ଗୋଟିଏ ମିନିଟରେ ପୁଣି ସବୁ ଚୁପ୍‌ଚାପ୍) । ତୁଷାର ଆଉ କିଛି ଉପାୟ ନ ଦେଖି ତାହାର କତୁରି ସାହାଯ୍ୟରେ ବାମନର ଦାଢ଼ି କାଟି ଦେବା ମାତ୍ରେ ମାଛଟି ହୁଗୁଳା ହୋଇ ପାଣି ମଧ୍ୟକୁ ପଳାଇ ଗଲା ଓ ବାମନ ସେହି ମାଛର କବଳରୁ ମୁକ୍ତି ପାଇଲା । ତୁଷାରର ଆଉ ମାଛ ଧରିବାର ଉତ୍ସାହ ରହିଲା ନାହିଁ । ଅନ୍ୟ ଦିଗରେ ବାମନଟି ଏ ଦୁହିଁଙ୍କ ଉପରେ ରାଗିଯାଇ ବକାବକି କରିବାରେ ଲାଗି ପଡ଼ିଥାଏ । ସେ ତେଢ଼ାମେଢ଼ା କଥା କହିଲା, 'ଏହି ଝିଅ ଦୁଇଜଣ ବଡ଼ ଅବାଗିଆ ହୋଇ ବଢ଼ିଛନ୍ତି, ଏମାନଙ୍କର ଟିକିଏ ହେଲେ ବୁଦ୍ଧି ନାହିଁ ! ମୋର ଦାଢ଼ିକୁ କାଟି କାଟି ଏକବାରେ ଶେଷ କରି ଦେଲେଣି । ବର୍ତ୍ତମାନ ଏହି ଅସୁନ୍ଦର

ଚେହେରା ନେଇ କିପରି ଲୋକମାନଙ୍କ ଆଗରେ ମୁହଁ ଦେଖାଇବି ?' ତୁଷାର ଓ ଗୋଲାପ ତାକୁ ଗୋଟିଏ ମାତ୍ର ଶବ୍ଦ କହିଲେ ନାହିଁ । ତାଙ୍କର ଯେ ଏଥିରେ ଟିକିଏ ହେଲେ ଦୋଷ ନାହିଁ, ଏହି କଥାକୁ ସେ କାହାକୁ ବା କହିବେ, କିଏ ଅବା ଶୁଣିବ ? ବନଶୀ ଓ ଜାଲ ନେଇ ଦୁହେଁ ଘରକୁ ଫେରି ଆସିଲେ । ସବୁକଥା ଶୁଣି ତାଙ୍କ ମାଆ କହିଲେ, 'ସେହି ବାମନଟିର ଦିନ ପାଖେଇ ଆସିବାର ଦେଖୁଛି, ଖୁବ୍ ହାଙ୍ଗାମା ଆରମ୍ଭ କରି ଦେଇଛି ।'

ଦିନ ଗଡ଼ି ଚାଲିଲା । ଦିନେ ମାଆ ତାଙ୍କ ଦୁଇ ଝିଅଙ୍କୁ କହିଲେ, 'ସିଲାଇ କରିବାର ଛୁଞ୍ଚି ଭାଙ୍ଗିଯାଇଛି, ରେଶମୀ ସୂତା ମଧ୍ୟ ସରି ଯାଇଛି । ତୁମେ ସହରକୁ ଯାଇ କୌଣସି ଦୋକାନରୁ ମୋ ପାଇଁ ଗୋଟିଏ ଛୁଞ୍ଚି ଓ ରେଶମୀ ସୂତା କିଣି ଆଣ ।' ସେ ଦୁହେଁ ପାହାଡ଼ ବାଟ ଧରି ଚାଲିଲେ । ପାହାଡ଼ଟିକୁ ପାର ହୋଇ ବହୁ ଦୂର ଗଲା ପରେ ଛୋଟ ସହରଟିଏ ପଡ଼ିବ । ଯାଉ ଯାଉ ଗୋଲାପ ଚାହିଁ ଦେଖିଲା ଆକାଶରେ ଗୋଟିଏ ପ୍ରକାଣ୍ଡ ଇଗଲ ପକ୍ଷୀ ତାହାର ଦୁଇ ଡେଣା ହଲାଇ ଉଚ୍ଚରେ ଉଡୁଛି । ତାହା ପରେ ହଠାତ୍ ଡେଣା ଦୁଇଟିକୁ ମୋଡ଼ି ଦେଇ ତୀର ବେଗରେ ତଳକୁ ଚାଲି ଆସିଲା । ସେମାନଙ୍କର ପ୍ରାଣରେ ଆହୁରି କୌତୂହଳ ଜାଗି ଉଠିଲା । ଟିକିଏ ଦ୍ରୁତ ପାଦରେ ଆଗେଇ ଯାଇ ଦେଖନ୍ତି ଏହା କ'ଣ ? ଏହି ଯେ ସେହି ଛୋଟ ବାମନଟି, ତାକୁ ଇଗଲ ପକ୍ଷୀ ଗୋଡ଼ରେ ଜାବୁଡ଼ି ଧରିଛି ଏବଂ ଆକାଶକୁ ଉଡ଼ାଇ ନେବା ପାଇଁ ତାହାର ମୁଣ୍ଡ ବାଳକୁ ଥଣ୍ଟରେ ଜାବୁଡ଼ି ଧରିଛି । ବାମନ ନିରୁପାୟ ହୋଇ ବଡ଼ ପାଟିରେ କାନ୍ଦିବାକୁ ଆରମ୍ଭ କରି ଦେଇଥାଏ । ତୁଷାର କହିଲା, 'ଚାଲ ଗୋଲାପ, ଆମେ ଦୁଇଜଣ ମିଶି ଲୋକଟିକୁ ଧରି ଇଗଲ ହାତରୁ ଉଦ୍ଧାର କରିବା ।' ଦଉଡ଼ି ଯାଇ ଦୁଇଜଣଯାକ ସେହି ବାମନର ପିନ୍ଧିଥିବା ଫତେଇର ପକେଟ ଦୁଇଟିକୁ ଖୁବ୍ ଜୋର୍‌ରେ ଟାଣି ଧରିଲେ । ଇଗଲ ଖୁବ୍ ଜୋର୍‌ରେ ଟଣାଟଣି କରି କରି ହାଲିଆ ହୋଇ ଯାଇ ତାକୁ ଛାଡ଼ି ଦେଇ ଉଡ଼ି ପଳାଇ ଗଲା । ବାମନଟି ପୁଣି ଥରେ ଏମାନଙ୍କ ଉପରେ ରାଗିଗଲା । କହିଲା, 'ତୁମେ ଦୁଇଜଣ ଏପରି ବେକାଇଦା ଯେ ଟଣାଟଣି କରି ମୋର ନୂଆ ଫତେଇଟି ଚିରି ନଷ୍ଟ କରିଦେଲ । ଭଦ୍ରଲୋକଙ୍କ ପରି ତ ଧରିପାରି ଥା'ନ୍ତ । କେଉଁଠିକାର ପାଜି, ଅଣ-ହୁସିଆର ଝିଅ ଦୁଇଟା ଆସି ଜୁଟି ଗଲ ।'

ଏମାନେ ମନେ ମନେ ହସିଲେ । ଏଥର ସେମାନେ ଆଘାତ ପାଇଲେ ନାହିଁ । ଆଶ୍ଚର୍ଯ୍ୟ ମଧ୍ୟ ହେଲେ ନାହିଁ । ଏପରି ବ୍ୟାପାର ତ ଏହି ବାମନ ସଙ୍ଗରେ ପ୍ରଥମ ନୁହେଁ । ମନେ ପଡ଼ିଲା ତାଙ୍କ ମାଆଙ୍କର କଥା, ସେ ଯାହା ତାଙ୍କୁ ଆଗରୁ କହିଥିଲେ । ସେ କହିଥିଲେ ପୃଥିବୀରେ ପ୍ରାୟ ସବୁ ସମୟରେ ଏହିପରି ଘଟିଥାଏ । ଯାହାର ଉପକାର କରାଗଲା, ସେ ତାହା ବୁଝିପାରିଲା ନାହିଁ, ଓଲଟା ଅପବାଦ ଦେଲା । ସେଥିରେ ଯଦି ତୁମେ ରାଗିଯିବ ଓ ପ୍ରତିଶୋଧ ନେବାକୁ ଚାହିଁବ, ତାହାର ଅର୍ଥ ତୁମେ ଦୁର୍ବଳ, ତୁମର ପରାଜୟ ହେବ । ତେଣୁ ସବୁ ଜାଗାରେ ରାଗ ବା ଅପମାନ ବୋଧ କର ନାହିଁ । ଅନ୍ତର ମଧ୍ୟରେ ଶାନ୍ତ ଓ ଅବିଚଳିତ ରୁହ । ଅନ୍ତର ପ୍ରେରଣାରେ ଯେତେ ଟିକିଏ ସାହାଯ୍ୟ କରିବାକୁ ଇଙ୍ଗିତ ପାଇବ ତାହା କରି ତୁମ ବାଟରେ ଆଗେଇ ଚାଲିଯାଅ । ବିଦ୍ୱେଷଭାବ ମନ ମଧ୍ୟରେ ଆସିବାକୁ ଦିଅ ନାହିଁ ଏବଂ ସାହାଯ୍ୟ କରିବାର ମାତ୍ରା ଯେପରି ଆବେଗବଶତଃ ବଢ଼ାଇ ନଦିଅ ।

... ମାଆଙ୍କର କଥାଶୁଣି ଏମାନେ ନିର୍ବିକାର ଭାବରେ ସହର ଅଭିମୁଖରେ ଛୁଞ୍ଚି ଓ ସୂତା ଆଣିବାକୁ ଚାଲିଲେ । ଯଥା ସମୟରେ ଫେରି ସେହି ପାହାଡ଼ ପାଖରେ ପହଞ୍ଚିଲା କ୍ଷଣି ସେହି ବାମନଟିର କଥା ମନେ ପଡ଼ିଲା । କିଶୋର ବୟସର କୌତୂହଳ ସେମାନଙ୍କୁ ଚଞ୍ଚଳ କରି ଚାଲିଲା । ଜାଣିବାକୁ ଉତ୍ସାହ ହେଲା ବାମନଟି କେଉଁଆଡ଼େ ଗଲା । ଟିକିଏ ଖୋଜିଲା ପରେ ସେମାନେ ଆବିଷ୍କାର କଲେ, ସେ ପାଖରେ ଥିବା ଗୋଟିଏ ଅଧା ଅନ୍ଧକାର ଗୁମ୍ଫା ନିକଟରେ ବସିଛି । ଚାରି ଦିଗରେ ସେହି ଟଙ୍କା ବସ୍ତାଟିକୁ ବିଛାଇ ଦେଇ ଟଙ୍କା ଗୋଟାଉଛି । ଖୁବ୍ ସନ୍ତର୍ପଣରେ ସେ ସୁନାର ମୋହର ଓ ରୁପାର ଟଙ୍କାଗୁଡ଼ିକୁ ଗଣିବାରେ ଲାଗିଛି । ତୁଷାର ଓ ଗୋଲାପ ସେହି ଜନବିରଳ ଗୋପନ ସ୍ଥାନରେ ଏକବାର ଲୁଚି ରହି ଏପରି ଅବସ୍ଥା ଦେଖୁଛନ୍ତି ଦେଖି ସେହି ବାମନଟି ଖୁବ୍ ବିରକ୍ତ ହେଲା । ଗର୍ଜନ କରି କହିଲା, 'ଏଠାରୁ ସାଙ୍ଗେ ସାଙ୍ଗେ ପଳାଇ ଯାଅ, ନହେଲେ ତୁମକୁ ଆଜି ଆଉ ରକ୍ଷା ମିଳିବ ନାହିଁ ।'... ଠିକ୍ ସେହି ମୁହୂର୍ତ୍ତରେ ଗୋଟିଏ ପ୍ରକାଣ୍ଡ କଳା ଭାଲୁ ସେଠାରେ ଆସି ଉପସ୍ଥିତ ହେଲା । ବାମନଟି ଉଚ୍ଚ ସ୍ୱରରେ ଚିତ୍କାର କରିବା ସହ ଏଣେ ଏକ ବଣୁଆ ଭାଲୁ ହଠାତ୍ ଆସି ଉପସ୍ଥିତ ହେବାର ଦେଖି ଏ ଦୁଇଜଣ ଖୁବ୍ ଡରି ଗଲେ ଓ ଏକମୁହାଁ ହୋଇ ଚମ୍ପଟ ଦେଲେ । ସେତେବେଳକୁ ବାମନଟି ଏକବାରେ ବିପଦରେ ପଡ଼ି ଯାଇଥାଏ । ସେ ସେହି କଳା ଭାଲୁଟିକୁ ବହୁତ ଆକୁତି ମିନତି କରି କହିଲା, 'ମୋତେ

ମାର ନାହିଁ । ହେ ଧର୍ମଅବତାର, ତୁମକୁ ନମସ୍କାର କରୁଛି । ତୁମେ ଏହି ବଣର ରାଜା ଏବଂ ମୁଁ ଏଠାକାର ଗରିବ ପ୍ରଜାଟିଏ । ତୁମ ଠାରୁ ଶକ୍ତିମାନ୍ ଆଉ କିଏ ଏହି ଜଗତରେ ଅଛି । ସେହି ଝିଅ ଦୁଇଟି ଦୌଡ଼ି ପଳାଉଛନ୍ତି, ତାଙ୍କୁ ଯାଇ ଧର । ତୁମର ବହୁତ କିଛି ଲାଭ ହେବ ।'

କିନ୍ତୁ ଭାଲୁଟି ବାମନର ଉପଦେଶ ଓ ଅନୁନୟ କିଛି ଶୁଣିଲା ନାହିଁ । ସେ ରାଗରେ ଗରଗର ହୋଇ ତା' ହାତର ପ୍ରଚଣ୍ଡ ଚାପୁଡ଼ା ଦ୍ୱାରା ସେହି ବାମନର ମୁଣ୍ଡ ଉପରେ ଆଘାତ କଲା, ବାମନର ଛୋଟ ମୁଣ୍ଡଟି ଆଖି ପିଛୁଳାକେ ଖଣ୍ଡ ବିଖଣ୍ଡିତ ହୋଇଗଲା । ଭାଲୁ ତା'ପରେ ଦଉଡ଼ି ଦଉଡ଼ି ଆଗକୁ ଯାଇ ପଳାଉଥିବା ଦୁଇ ଭଉଣୀକୁ ଡାକ ଦେଇ କହିଲା, 'ତୁମର କୌଣସି ଭୟ ପାଇବାର କାରଣ ନାହିଁ, ଏଠାକୁ ଆସ ।' ଏ ଦୁହେଁ ଏଥର ସେହି ବନ୍ଧୁ ଭାଲୁର ଗଳାର ଆବାଜ ଶୁଣି ତାକୁ ଚିହ୍ନି ପାରିଲେ । ମନରେ ସାହସ ବାନ୍ଧି ଫେରି ଆସିଲେ, କିନ୍ତୁ ଏହା କ'ଣ ? ଭାଲୁଟି କେଉଁଠାରେ ? ଏତ ଡଉଲଡାଉଲ ଏକ ସୁନ୍ଦର ରାଜପୁତ୍ର ! ସେ ଆଗେଇ ଆସି କହିଲା, 'ମୁଁ ଆଉ ଭାଲୁ ହୋଇ ରହି ନାହିଁ । ଆଜି ମୁଁ ଭାଲୁ ହେବାରୁ ମୁକ୍ତି ପାଇଛି । ମୋର ଇତିହାସ ଶୁଣ । ପ୍ରକୃତରେ ମୁଁ ଜଣେ ରାଜପୁତ୍ର । ଏହି ବାମନଟି ଅଭିଶାପ ଦେଇ ମୋତେ ଓ ମୋର ଗୋଟିଏ ଭାଇକୁ ଭାଲୁ କରି ଏହି ବଣରେ ରଖିଥିଲା ଏବଂ ଆମର ଟଙ୍କା କଉଡ଼ି ସବୁ ମାରି ନେଇଥିଲା । କଥା ଥିଲା ଯେ ଯେତେ ଦିନ ସେ ବଞ୍ଚି ରହିବ ସେତେ ଦିନ ଆଉ ଆମର ଉଦ୍ଧାର ନାହିଁ । ତେଣୁ ଆଜି ତାକୁ ଶେଷ କରି ଆମେ ଦୁଇ ଭାଇ ମିଶି ନୂତନ ଜୀବନ ଫେରି ପାଇଲୁ ।'

ମହାନନ୍ଦରେ ତୁଷାର ଓ ଗୋଲାପ କହିଲେ, 'ଆସ ଆମ ଘରକୁ ଯିବା । ଶୀତ ଦିନ ତ ଆଉ ବେଶୀ ଡେରି ନାହିଁ । ଆମ ଘରେ ଆସି ତୁମେ ଦୁହେଁ ନିଆଁ ପୁଆଁଇବ ।' ରାଜପୁତ୍ର କହିଲେ, 'ଟିକେ ଏହିଠାରେ ଠିଆ ହୋଇଥାଅ । ମୁଁ ଯାଇ ମୋର ଭାଇକୁ ଡାକି ଆଣେ । ଆମେ ଦୁଇଜଣ ତୁମ ସାଙ୍ଗରେ ଯାଇ ମାଆଙ୍କୁ ନମସ୍କାର ଜଣାଇବୁ । ସେ କି ଭଲ ମଣିଷ !'

ବର୍ତ୍ତମାନ ଆମେ ଗଳ୍ପଟିରେ କେଉଁ ଜାଗାରେ ଆସି ପହଞ୍ଚି ଗଲେଣି, କହିପାରିବ ? ଏକବାରେ ଶେଷରେ ପ୍ରାୟେ ଆସି ପହଞ୍ଚି ଗଲେଣି । ଯେପରି ଆଉ ସବୁ ଗପ ହୋଇଥାଏ, ଏହି ଗପଟି ମଧ୍ୟ ଠିକ୍ ସେହିପରି ଆସି ହେବାକୁ ବସିଲାଣି । ଅର୍ଥାତ୍ 'ମଧୁରେଣ ସମାପୟେତ୍' । ଏହି ସୁନ୍ଦର ଦୁଇ ରାଜପୁତ୍ର ସୁନ୍ଦରୀ କିଶୋରୀ ଦୁହିଁଙ୍କୁ ବିବାହ କଲେ । ସେମାନଙ୍କର ମାଆ ମହାଖୁସି ହେଲେ । ସେ ଏକ ବିରାଟ ଭୋଜିର ବନ୍ଦୋବସ୍ତ କଲେ । ଆଉ ଏହା ପରଠାରୁ ପ୍ରତିଦିନ ସନ୍ଧ୍ୟା ସମୟରେ ନିଆଁ ପାଖରେ ବସି ଗଳ୍ପ ଶୁଣିବାର ହାଟ ବସିବାକୁ ଲାଗିଲା ।

(ସମାପ୍ତ)

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ

❑❑❑

ପୃଥିବୀ-ଇତିହାସରେ ଏପରି ସନ୍ଧିକ୍ଷଣ ସବୁ ଆସେ ଯେତେବେଳେ ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ବସ୍ତୁସକଳକୁ ଅଭିବ୍ୟକ୍ତି ଲାଭ କରିବାକୁ ଯାଉଥିବା ବସ୍ତୁସକଳଙ୍କ ଲାଗି ବାଟ ଛାଡ଼ି ଦେବାକୁ ହୋଇଥାଏ ।... ଆମେ ପୃଥିବୀ ଇତିହାସର ଠିକ୍ ସେଇ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ଠିକ୍ ଯେପରି ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ଜୀବ, ମଣିଷ, ସୃଷ୍ଟି କରି ସାରିଛି, ସେହିପରି ମଧ୍ୟ ବର୍ତ୍ତମାନ ଏହି ମାନସିକତା ମଧ୍ୟରେ ଏକ ଅତିମାନସ ଚେତନା ଓ ବ୍ୟକ୍ତିତ୍ୱ ନେଇ ଆସିବା ଲାଗି ଏକ କେନ୍ଦ୍ରୀଭୂତ କ୍ରିୟା ଚାଲିଛି ।

— ଶ୍ରୀମା

চেতনার দিগ্‌বলয় :

# ଦିବ୍ୟ ଶକ୍ତିକୁ ସ୍ୱୀକାର ଅସ୍ୱୀକାର

***ପ୍ରଶ୍ନ :*** *ମଣିଷ ପରମାତ୍ମାଙ୍କ ଉପସ୍ଥିତି ଅନୁଭବ କରି ତା'ର ଦୁଃଖ ଦୂର କରିବା ପାଇଁ ପ୍ରାର୍ଥନା କରେ; କିନ୍ତୁ ପରବର୍ତ୍ତୀ ସମୟରେ ବିଧାତା ବା ପରମାତ୍ମାଙ୍କୁ ଅସ୍ୱୀକାର କରେ କାହିଁକି ?*

**ଉତ୍ତର :** ଆପଣ ସମ୍ଭବତଃ 'ପରମାତ୍ମା' ଓ 'ବିଧାତା' ଶବ୍ଦ ସଚରାଚର ଦିଅଁ ଅର୍ଥରେ ବ୍ୟବହାର କରୁଛନ୍ତି । ସତରେ ଜଣେ 'ପରମାତ୍ମାଙ୍କ ଉପସ୍ଥିତି' ଅନୁଭବ କରିଥିଲେ ସେ ସେଇ ଶକ୍ତି ଆଗରେ ନିଜ ଦୁଃଖ ଦୂର କଲା ଭଳି ପ୍ରାର୍ଥନା କରିବ ନାହିଁ – କରିପାରିବ ନାହିଁ । ସେତେବେଳେ ସେ ଏକ ଅବର୍ଣ୍ଣନୀୟ ଚେତନାକୁ ଉତ୍ତୀର୍ଣ୍ଣ ହୋଇଥିବ ।

ପ୍ରାୟତଃ ଆମେ ଭଗବାନଙ୍କର କୌଣସି ରୂପ ପାଖରେ ଦୁଃଖ ଦୂର ପାଇଁ ପ୍ରାର୍ଥନା କରୁଁ । ତାହା ସ୍ୱାଭାବିକ । ସାଧାରଣ ଭକ୍ତ ମଧ୍ୟ ତା' ପ୍ରାର୍ଥନା ପୂରଣ ନ ହେଲେ ବିଶ୍ୱାସ ହରାଏ ନାହିଁ; ଯେହେତୁ ସେହି ପ୍ରାର୍ଥନା ଫଳରେ ତା' ଭିତରେ ଭଗବାନଙ୍କ ଉପରେ ବିଶ୍ୱାସ ଗଭୀରତର ହୋଇ ଯାଇଥାଏ । ପ୍ରାର୍ଥନା ପୂରଣ ନ ହେବାର ମହତ୍ତର ହେତୁ ଥାଇପାରେ ବୋଲି ତା' ଅନ୍ତରାତ୍ମା ବୁଝେ – ମନରେ ଦିଅଁଙ୍କ ପ୍ରତି ଅଭିମାନ ଆସିଲେ ମଧ୍ୟ ।

ମଣିଷ ଅନେକ ସମୟରେ କୌଣସି କ୍ଷମତାବନ୍ତ ବ୍ୟକ୍ତି ପାଖକୁ କିଛି ମାଗୁଣି ନେଇ ଯାଏ; ମହାଶୟ ଜଣକ ଯେମିତି ପ୍ରୀତ ହେବେ ସେମିତି କଥା କହେ । କିନ୍ତୁ ତା' ମାଗୁଣି ପୂରଣ ନ ହେଲେ ମହାଶୟଙ୍କ ଉପରୁ ଆସ୍ଥା ହରାଏ । ଆପଣଙ୍କ ପ୍ରଶ୍ନନିହିତ ମଣିଷର ବିଶ୍ୱାସ ଏବଂ ପରବର୍ତ୍ତୀ ପ୍ରତିକ୍ରିୟା ଏହି ପର୍ଯ୍ୟାୟର ବ୍ୟାପାର ହୋଇଥିବା ସମ୍ଭବ ।

ବାସ୍ତବରେ ଆମ ସଭିଙ୍କ ଚେତନାର ଗହନତମ ସ୍ତରରେ ବିଶ୍ୱାସ ଚିରଦିନ ଅବ୍ୟାହତ ରହିଥାଏ । କିନ୍ତୁ ସେ ପରମ ଐଶ୍ୱର୍ଯ୍ୟ ଉପରେ ରହିଥାଏ ପ୍ରସ୍ତ ପରେ ପ୍ରସ୍ତ ଅଜ୍ଞାନତା । ଯିଏ ଆଜି ଭଗବାନଙ୍କ ଉପରେ ବିଶ୍ୱାସ ରହିଛି ବୋଲି କହେ ଏବଂ ପରେ ପୁଣି ବିଶ୍ୱାସ ନାହିଁ ବୋଲି ଘୋଷଣା କରେ, ସେ ସେହି ପ୍ରସ୍ତ ପ୍ରସ୍ତ ଅଜ୍ଞାନତା ଭିତରେହିଁ କିଲିବିଲି ହେଉଛି । ଆପଣାର ଅଜ୍ଞାନ କାମନା ପରିପୂରଣରେ କୌଣସି ଦିଅଁ ତାକୁ ସହାୟତା ଦେଲେ ନାହିଁ ବୋଲି ଧାରଣା ହେଲେ ସେ ଭଗବାନଙ୍କୁ ଅସ୍ୱୀକାର କରେ ।

କିନ୍ତୁ ନିରୀଶ୍ୱରବାଦୀ ରହିଛନ୍ତି – ଯେଉଁମାନେ ସେମାନଙ୍କ ଈଶ୍ୱର-ବିଶ୍ୱାସହୀନତା ସପକ୍ଷରେ ଦାର୍ଶନିକ ଯୁକ୍ତି ଉପସ୍ଥାପନ କରିଛନ୍ତି । ଚାର୍ବାକ୍-ଅନୁରାଗୀଙ୍କ ଠାରୁ ଆରମ୍ଭ କରି ମାର୍କସ୍‌ବାଦୀମାନଙ୍କ ପର୍ଯ୍ୟନ୍ତ ସେମାନେ ବହୁ ଗୋଷ୍ଠୀର ଅନ୍ତର୍ଭୁକ୍ତ ।

ଚେତନାର ବିକାଶ ପଦ୍ଧତିରେ ମଣିଷକୁ ବହୁ ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ । ଦିବ୍ୟଶକ୍ତି ଉପରେ ବିଶ୍ୱାସ, ସନ୍ଦେହ, ସ୍ୱଳ୍ପ-ବିଶ୍ୱାସ, ଅବିଶ୍ୱାସ – ଏ ସମସ୍ତ ଗୋଟିଏ ଗୋଟିଏ ପର୍ଯ୍ୟାୟ । ଗୋଟିଏ ଜନ୍ମକାଳ ଭିତରେ ଜଣକର ଚେତନା ଏହିସବୁ ପର୍ଯ୍ୟାୟ ଦେଇ ଯାଇପାରେ; ପୁଣି ଏ ଜନ୍ମରେ ଅବିଶ୍ୱାସୀ ପରବର୍ତ୍ତୀ ଜୀବନରେ ବିଶ୍ୱାସୀ ହୋଇପାରେ । ଯଦି ଜୀବନର ପ୍ରକୃତ ଲକ୍ଷ୍ୟ କ'ଣ, ସତ୍ୟ କ'ଣ, ଏଭଳି ମୌଳିକ ପ୍ରଶ୍ନମାନ ଆମକୁ ଉଦ୍‌ବେଳିତ କରୁଥିବ, ତେବେ ଏଭଳି ପର୍ଯ୍ୟାୟମାନ ସେ ଦିଗରେ ସେମାନଙ୍କ ଅବଦାନ ଦେଇ ଚାଲିଥିବେ – ଆମେ ସଚେତନ ଥାଉଁ ବା ନ ଥାଉଁ ।

**– ମନୋଜ ଦାସ**

['ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୭୫-୭୬] ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935 / 9442249355
Email :sales@ayurlabsindia.com
Website: www.ayurlabsindia.com

**Vol. LIII, No. 5** **R.N.I. No. 18163/70.**
Navaprakash (Monthly), May, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




### ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**